# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୪/୨୦୨୫ (୧୪ ପୃଷ୍ଠା) Bhubaneswar, Tuesday, January 14/2025 Page 14 ₹ 7.00

www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul

୫୧ଶ ଭାଗ ୫୨ ସଂଖ୍ୟା VOLUME 51 ISSUE 52 ମୂଲ୍ୟ ₹୭/-


# ଓଡ଼ିଶାରେ 'ଆୟୁଷ୍ମାନ' ପାଇଁ ଏମ୍ଓୟୁ

ରାଜ୍ୟର ଆର୍ଥିକ ଅନଗ୍ରସର ପରିବାରକୁ ମାଗଣା ଚିକିତ୍ସା ଯୋଗାଇଦେବା ପାଇଁ ୨୦୧୮ ଅଗଷ୍ଟ ୧୫ରେ ଲାଗୁ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା 'ବିଏସ୍‌କେଓ୍ୱାଇ' (ନୂଆ ନାଁ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା) ଅତୀତ ହେବାକୁ ଯାଉଛି। ଏହା ପରିବର୍ତ୍ତେ ଆସନ୍ତା ଫେବୃଆରୀରୁ ଓଡ଼ିଶାରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ଏଥିପାଇଁ ସୋମବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ କେନ୍ଦ୍ର ସରକାରଙ୍କ ନ୍ୟାଶନାଲ୍ ହେଲ୍‌ଥ ଅଥରିଟି (ଏନ୍‌ଏଚ୍‌ଏ) ସହିତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ରାଜ୍ୟର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଯୋଡ଼ି ହୋଇଯାଇଛି। ଏଥିରେ ରାଜ୍ୟର ୧.୦୩ କୋଟି ପରିବାରର ପ୍ରାୟ ସାଢ଼େ ୩ କୋଟି ଲୋକ ଉପକୃତ ହେବେ। ଏହାସହିତ ରାଜ୍ୟର ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଆୟ ବର୍ଗ(ଗରିବଠୁ ଧନୀ)ର ବରିଷ୍ଠ ନାଗରିକମାନେ ମଧ୍ୟ ଚିକିତ୍ସା ସୁବିଧା ପାଇପାରିବେ। ବର୍ତ୍ତମାନ ରାଜ୍ୟରେ ୨୩,୧୨,୯୭୯ଜଣ ୭୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ଥିବା ଜଣାପଡ଼ିଛି।




ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ ନେଇ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ସୋମବାର କେନ୍ଦ୍ର ସରକାରଙ୍କ ନ୍ୟାଶନାଲ୍ ହେଲଥ ଅଥରିଟି ସହିତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଏକ ବୁଝାମଣା ପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି।

ଭୁବନେଶ୍ୱର,୧୩।୧(ଅନିଲ ଦାସ)

ରାଜ୍ୟ ସରକାର ଆସନ୍ତା ଫେବୃଆରୀରୁ ଆୟୁଷ୍ମାନ ଭାରତ ଲାଗୁ କରିବା ସହ ଏପ୍ରିଲରୁ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାର ଲୋକ, ବିଶେଷକରି ଗ୍ରାମାଞ୍ଚଳର ଲୋକଙ୍କ ଚିକିତ୍ସା କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ। ରାଜ୍ୟର ସ୍ୱାସ୍ଥ୍ୟକ୍ଷେତ୍ରରେ କାୟାକଳ୍ପ ପରିବର୍ତ୍ତନ ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ସ୍ୱାସ୍ଥ୍ୟକ୍ଷେତ୍ରରେ ଯେଉଁ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଉଛି, ତାହା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ☞ପୃଷ୍ଠା-୫

## ଆୟୁଷ୍ମାନ ଯୋଜନାର ଫାଇଦା

- ଉପକୃତ ହେବେ ସାଢ଼େ ୩ କୋଟି
- ୭୦ ବର୍ଷରୁ ଊର୍ଦ୍ଧ୍ୱ ଧନୀ, ଗରିବ ପାଇବେ ମାଗଣା ଚିକିତ୍ସା
- ଦେଶର ପ୍ରାୟ ୩୦ ହଜାର ହସ୍ପିଟାଲରେ ମିଳିବ ଚିକିତ୍ସା ସୁବିଧା
- ମିଳିବ ୧,୯୪୯ ପ୍ରକାର ମେଡିକାଲ ସେବା
- ଡିସ୍‌ଚାର୍ଜ ହେବାପରେ ୧୫ ଦିନ ଯାଏ ମିଳିବ ମେଡିସିନ
- ପ୍ରତ୍ୟେକ ପଞ୍ଚାୟତରେ ହେବ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର
- ନିଯୁକ୍ତ ହେବେ ଯୋଗ ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ







## ସଂକ୍ଷେପରେ

### ଆଇଆଇଟି ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

କୋଲ୍‌କାତା, ୧୩।୧

ଆଇଆଇଟି ଖଡ଼ଗପୁରର ଏକ ହଷ୍ଟେଲ ମଧ୍ୟରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ତୃତୀୟ ବର୍ଷର ଛାତ୍ର ସାଓନ ମଲ୍ଲିକଙ୍କର ଝୁଲନ୍ତା ମୃତଦେହ ଜବତ ହୋଇଛି। ରବିବାର ସାଓନଙ୍କୁ ଭେଟିବା ପାଇଁ ତାଙ୍କ ଅଭିଭାବକ ହଷ୍ଟେଲକୁ ଆସିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ହଷ୍ଟେଲ କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସାଓନଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ସେ ଆତ୍ମହତ୍ୟା କରିବାର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।

### ତିରୁପତି ମନ୍ଦିରର ଲଡ୍ଡୁ ବିତରଣ କେନ୍ଦ୍ରରେ ଅଗ୍ନିକାଣ୍ଡ

ତିରୁମାଲା, ୧୩।୧

ଆନ୍ଧ୍ରପ୍ରଦେଶର ତିରୁମାଲା ତିରୁପତି ମନ୍ଦିରରେ ପୁଣି ଏକ ଦୁର୍ଘଟଣା ଘଟିଛି। ମନ୍ଦିରରେ ଥିବା ଲଡ୍ଡୁ ବିତରଣ କେନ୍ଦ୍ରରେ ନିଆଁ ଲାଗିଯାଇଛି। ନିଆଁ ଲାଗିବା ପରେ ଉକ୍ତ କେନ୍ଦ୍ରରେ ଥିବା ଭକ୍ତ ଏବଂ ମନ୍ଦିରର କର୍ମଚାରୀମାନେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଘଟଣା ସମ୍ପର୍କରେ ସୂଚନା ଦେଇ ତିରୁପତି ଦେବସ୍ଥାନମ ବୋର୍ଡର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ(ଜେଇଓ) କହିଛନ୍ତି, ମନ୍ଦିରରେ ଥିବା ଲଡ୍ଡୁ ବିତରଣ କେନ୍ଦ୍ରର କାଉଣ୍ଟର ନମ୍ବର ୪୭ରେ କମ୍ପ୍ୟୁଟର ସହ ଜଡ଼ିତ ଏକ ୟୁପିଏସ୍ ସିଷ୍ଟମରେ ଶର୍ଟ୍‌ସର୍କିଟ ଘଟି ନିଆଁ ଲାଗିଥିଲା। ସୂଚନା ପାଇ ଅଗ୍ନିଶମ ବାହିନୀ ତୁରନ୍ତ ମନ୍ଦିରରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ ଜାରି ରଖିଛନ୍ତି।

### ନାଇଜେରିଆରେ ୪୦ କୃଷକଙ୍କୁ ହତ୍ୟା

ଡାକାର(ସେନେଗଲ୍), ୧୩।୧

ନାଇଜେରିଆର ବର୍ନୋ ପ୍ରଦେଶରେ ଇସ୍‌ଲାମୀୟ ଆତଙ୍କବାଦୀମାନେ ଅନ୍ୟୂନ ୪୦ କୃଷକଙ୍କୁ ହତ୍ୟା କରିଛନ୍ତି। ବୋକୋ ହାରାମ୍ ସଂଗଠନ ଏବଂ ଇସ୍‌ଲାମିକ୍ ଷ୍ଟେଟ୍ ଗ୍ରୁପ୍ ସହ ଜଡିତ ଏକ ଗୋଷ୍ଠୀର ଆତଙ୍କବାଦୀମାନେ ରବିବାର ଏହି ଆକ୍ରମଣ କରିଥିଲେ ବୋଲି ବର୍ନୋ ଗଭର୍ଣ୍ଣର କହିଛନ୍ତି। ଲୋକମାନଙ୍କୁ ସୁରକ୍ଷିତ ଜୋନ୍‌ରେ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସଶସ୍ତ୍ର ବଳ ଆକ୍ରମଣ ଘଟଣାର ତଦନ୍ତ କରୁଛି।

### ଏଚ୍‌ଏମ୍‌ପିଭି ଆକ୍ରାନ୍ତଙ୍କ ସଂଖ୍ୟା ୧୮ ହେଲା

ଚେନ୍ନାଇ, ୧୩।୧

ପଣ୍ଡିଚେରୀରେ ଆଉ ଜଣେ ଶିଶୁ ହ୍ୟୁମାନ ମେଟାନ୍ୟୁମୋଭାଇରସ(ଏଚ୍‌ଏମ୍‌ପିଭି)ରେ ଆକ୍ରାନ୍ତ ଥିବା ଚିହ୍ନଟ ହୋଇଛନ୍ତି। ପଣ୍ଡିଚେରୀର ଜେଆଇପିଏମ୍‌ଇଆର୍‌ରେ ସେ ଏବେ ଚିକିତ୍ସିତ ହେଉଛନ୍ତି। ଏହି ମାମଲା ସହ ଭାରତରେ ଏଚ୍‌ଏମ୍‌ପିଭି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧୮ରେ ପହଞ୍ଚିଛି। ସେଥିମଧ୍ୟରୁ ଗୁଜରାଟରେ ସର୍ବାଧିକ ୫ ମାମଲା ଚିହ୍ନଟ ହୋଇଛି।

# ୟୁକ୍ରେନ୍ ଯୁଦ୍ଧରେ ଭାରତୀୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୩।୧

ୟୁକ୍ରେନ୍ ବିରୋଧରେ ରୁଷିଆ ପାଖାପାଖି ୩ ବର୍ଷ ହେଲା ଯୁଦ୍ଧ ଚଳାଇଛି। ରୁଷିଆ ସେନାରେ ନିୟୋଜିତ ହୋଇ ଯୁଦ୍ଧ କରୁଥିବା କେତେଜଣ ଭାରତୀୟ ଯୁବକ ଇତିମଧ୍ୟରେ ପ୍ରାଣ ହରାଇଲେଣି। ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ସମ୍ପର୍କୀୟମାନଙ୍କ ଆକୁଳ ନିବେଦନ ସତ୍ତ୍ୱେ ବିଶେଷ ସୁଫଳ ମିଳିନାହିଁ। ଅଧିକ ବେତନ ଓ ଅନ୍ୟାନ୍ୟ ସୁବିଧା ପାଇବା ପ୍ରଲୋଭନରେ ଯାଇଥିବା ଭାରତୀୟମାନଙ୍କୁ ସେଠାରେ ଜବରଦସ୍ତ ସୈନ୍ୟବାହିନୀରେ ଭର୍ତ୍ତି କରାଯାଇ ଯୁଦ୍ଧ କରିବା ପାଇଁ ବାଧ୍ୟ କରାଯାଉଛି। ସେମାନଙ୍କୁ ଫେରାଇଦେବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଦୃଷ୍ଟି



ବିନିଲ ଟି.ବି.

ଆକର୍ଷଣ କରିଥିଲେ ମଧ୍ୟ ସେଠାରେ ଏବେ ବି ବହୁ ଭାରତୀୟ ଯୁବକ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢୁଥିବା ଜଣାପଡ଼ିଛି।

ରୁଷିଆ ସେନାରେ ନିଯୁକ୍ତ ହୋଇ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢୁଥିବା କେରଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ସମ୍ପର୍କୀୟ ଗୁରୁତର ଆହତ ହୋଇଛନ୍ତି। ମୃତକ ବିନିଲ ଟି.ବି. (୨)ଙ୍କ ଘର କେରଳ ଥ୍ରୀଶୁର ଜିଲାର ୱାଡାକ୍କାଞ୍ଚେରୀରେ ହୋଇଥିବାବେଳେ ତାଙ୍କ ସମ୍ପର୍କୀୟ ଜୈନ ଟି.କେ(୨୭) ମଧ୍ୟ ସେହି ଅଞ୍ଚଳର ବାସିନ୍ଦା। ସେମାନଙ୍କୁ

**ସ୍ୱଦେଶ ଫେରିବା ପାଇଁ ବହୁଥର ନିବେଦନ କରି ନିରାଶ ହୋଇଥିଲେ**

ସ୍ୱଦେଶ ଫେରାଇ ଆଣିବା ପାଇଁ ଭାରତ ସରକାରଙ୍କୁ ବହୁବାର ନିବେଦନ କରାଯାଇଥିଲା ବୋଲି ବିନିଲଙ୍କ ସମ୍ପର୍କୀୟ କହିଛନ୍ତି। ଡ୍ରୋନ୍ ଆକ୍ରମଣ ଯୋଗୁ ଉଭୟ ଆହତ ହୋଇଥିବା କିଛିଦିନ ପୂର୍ବରୁ ପରିବାରକୁ ଖବର ମିଳିଥିଲେ ମଧ୍ୟ ସେମାନଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ବିନିଲଙ୍କ ସ୍ତ୍ରୀ ଜୋଇସି ମସ୍କୋସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିବାରୁ ବିନିଲଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଆପ୍ରବାସୀ କେରଳୀମାନଙ୍କ ପାଇଁ କାମ କରୁଥିବା ରାଜ୍ୟ ସରକାରଙ୍କ ସଂସ୍ଥା ନୁର୍କା ରୁଟ୍‌ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିଥ କୋଲାସେରି କହିଛନ୍ତି, ଉକ୍ତ ୨ ଯୁବକଙ୍କୁ ଫେରାଇ ଆଣିବା ପାଇଁ ଆମେ ଗତ ୪ ମାସ ହେଲା ଉଦ୍ୟମ କରୁଥିଲୁ। ରୁଷିଆ ସେନାରେ ପ୍ରକୃତରେ କେତେଜଣ କେରଳୀ ରହିଛନ୍ତି, ତାହାର ଠିକ୍ ତଥ୍ୟ ଜଣାନାହିଁ। ସେମାନେ ବିପଦରେ ଥିବା ନେଇ ଫୋନ୍ କରିବା ପରେ ଘଟଣା ଜଣାପଡ଼ିଥିଲା ବୋଲି କୋଲାସେରି କହିଛନ୍ତି। ବିନିଲ ଏବଂ ଜୈନ ଘରକୁ ଫେରିବା ପାଇଁ ଗତ ସେପ୍ଟେମ୍ବରରୁ ମସ୍କୋସ୍ଥିତ ଭାରତୀୟ ଦୂତାବାସକୁ ଅନେକଥର ନିବେଦନ କରି ନିରାଶ ହୋଇଥିଲେ। ସେମାନଙ୍କୁ ଫ୍ରଣ୍ଟଲାଇନରେ ଯୁଦ୍ଧ କରିବାକୁ ବାଧ୍ୟ କରାଯାଉଥିବାରୁ ଜୀବନ ପ୍ରତି ବିପଦ ଆହୁରି ବଢ଼ିପାରେ ବୋଲି ବିନିଲ ଶେଷ ବାର୍ତ୍ତାରେ କହିଥିଲେ।

# ବାଂଲାଦେଶ କୂଟନୀତିଜ୍ଞଙ୍କୁ ଭାରତର ସମନ

**ବଢୁଛି ସୀମା ବିବାଦ**

ନୂଆଦିଲ୍ଲୀ, ୧୩।୧

ଭାରତ-ବାଂଲାଦେଶ ସୀମାରେ ବିବାଦ ବଢ଼ିବାରେ ଲାଗିଛି। ଏନେଇ ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରଣାଳୟ ରବିବାର ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ସମନ ଜାରି କରିଥିଲା। ଏହାର ଦିନକ ପରେ ଭାରତ ସରକାର ବାଂଲାଦେଶ ଉପଉଚ୍ଚାୟୁକ୍ତ ନୁରାଲ ଇସ୍‌ଲାମଙ୍କୁ ସମନ କରିଛନ୍ତି। ମାଲଦାର ବୈଷ୍ଣବନଗର ଅନ୍ତର୍ଗତ ଶୁକଦେବପୁରରେ ସୀମାନ୍ତ ବାଡ଼ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ସୁରକ୍ଷା ଉଦ୍ଦେଶ୍ୟରେ ସୀମାରେ ବାଡ଼ କରାଯାଉଥିବା ନେଇ ଉଭୟ ସୀମାନ୍ତ ବଳ ବିଏସ୍‌ଏଫ୍ ଏବଂ ବିଜିବି ମଧ୍ୟରେ ବୁଝାମଣା ରହିଛି। ସେମାନଙ୍କ ମଧ୍ୟରେ ନିୟମିତ ଯୋଗାଯୋଗ ହୋଇଥାଏ ବୋଲି ବାଂଲାଦେଶରେ ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମା ଜଣାଇଥିବା ଗଣମାଧ୍ୟମକୁ କହିଛନ୍ତି। ଏହି ବୁଝାମଣା କାର୍ଯ୍ୟକାରୀ ହେବା ସହ ସୀମାପାର ଅପରାଧ ରୋକିବାରେ ସହଯୋଗୀ ଆଭିମୁଖ୍ୟ ରହିବ ବୋଲି ଆଶା କରାଯାଉଥିବା ସେ କହିଥିଲେ। ଅନ୍ୟପକ୍ଷରେ ପୂର୍ବ ସରକାର ସମୟରେ କରାଯାଇଥିବା ଅସମାନ ଚୁକ୍ତିନାମା ଯୋଗୁ ସୀମାନ୍ତ ଉତ୍ତେଜନା ବଢୁଥିବା ବାଂଲାଦେଶ ଗୃହ ବିଭାଗ ଉପଦେଷ୍ଟା ଜାହାଙ୍ଗୀର ଆଲମ୍ ଚୌଧୁରୀ କହିଛନ୍ତି। ସେହି ଚୁକ୍ତିନାମା ଯୋଗୁ ସୀମାରେ ଅନେକ ଜଟିଳତା ଦେଖାଦେଇଥିବା ସେ କହିଛନ୍ତି। ଅନୁପ୍ରବେଶ ରୋକିବା ପାଇଁ ଗତ ସପ୍ତାହରେ ଶୁକଦେବପୁରରେ ବିଏସ୍‌ଏଫ୍ ପକ୍ଷରୁ ତାରବାଡ଼ କରାଯାଉଥିବାବେଳେ ବାଂଲାଦେଶର ସୀମା ସୁରକ୍ଷା ବାହିନୀ (ବିଜିବି) ଏହାର ବିରୋଧ କରିଥଲା। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଗତ ମଙ୍ଗଳବାର ବାଡ଼ କାମ ଆରମ୍ଭ ହୋଇଥିଲେ ମଧ୍ୟ ଉଭୟ ପକ୍ଷ ସେନାର ଫ୍ଲାଗ୍ ମିଟିଂ ପରେ ଏହାକୁ ରୋକାଯାଇଥିଲା।

# ଲସ୍‌ଏଞ୍ଜେଲ୍ସ ବନାଗ୍ନି ମୃତ୍ୟୁସଂଖ୍ୟା ୨୪





ଲସ୍‌ଏଞ୍ଜେଲ୍ସ, ୧୩।୧

କାଲିଫର୍ନିଆର ଲସ୍‌ଏଞ୍ଜେଲ୍ସରେ ଲାଗିଥିବା ଜଙ୍ଗଲ ନିଆଁଜନିତ ମୃତ୍ୟୁସଂଖ୍ୟା ୨୪ରେ ପହଞ୍ଚିଛି। ୧୬ ଜଣ ନିଖୋଜ ଥିବାବେଳେ ଜଳିଯାଇଥିବା ଘରଗୁଡ଼ିକରେ ମଧ୍ୟ ମୃତଦେହ ଥାଇପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ମୃତ୍ୟୁସଂଖ୍ୟା ଯଥେଷ୍ଟ ବଢ଼ିପାରେ ବୋଲି କୁହାଯାଉଛି। ଇତିମଧ୍ୟରେ ୧୨,୩୦୦ରୁ ଊର୍ଦ୍ଧ୍ୱ ଘର ଜଳିଯାଇଥିବାବେଳେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଗଲାଣି। ଏହାକୁ ଆମେରିକା ଇତିହାସରେ ସବୁଠୁ ପ୍ରଳୟଙ୍କରୀ ପ୍ରାକୃତିକ ବିପର୍ଯ୍ୟୟ କୁହାଯାଉଛି। ନିଆଁ ଲିଭାଇବାରେ ସରକାରୀ ବିଭାଗ ବିଫଳ ହୋଇଥିବାବେଳେ ଧନୀ ଲୋକମାନେ ନିଜ ଘରକୁ ରକ୍ଷା କରିବା ପାଇଁ ଘରୋଇ ଅଗ୍ନିଶମ ସେବା ସଂସ୍ଥାକୁ ନିୟୋଜିତ କରିଛନ୍ତି। ଏଥିପାଇଁ ଘଣ୍ଟାକୁ ୨,୦୦୦ ଡଲାର ପୈଠ କରିବାକୁ ପଡୁଛି।

କ୍ରମାଗତ ୭ ଦିନ ହେଲା ଜଙ୍ଗଲ ଜଳିଚାଲିଥିବାବେଳେ ଆଗକୁ ପବନର

**ପବନ ବଢ଼ିବା ପୂର୍ବରୁ ନିଆଁ ଲିଭାଇବାକୁ ଜୋର୍‌ଦାର ଉଦ୍ୟମ**

ବେଗ ଘଣ୍ଟା ପ୍ରତି ୮୦ କିଲୋମିଟର ଏବଂ ସର୍ବାଧିକ ୧୧୩ କିଲୋମିଟରରେ ପହଞ୍ଚିବା ଜାତୀୟ ଜଳବାୟୁ ସେବା ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଫଳରେ ଅଧିକ ଅଞ୍ଚଳକୁ ନିଆଁ ବ୍ୟାପିବା ସମ୍ଭାବନା ରହିଛି। ପବନ ବେଗ ବଢ଼ିବା ପୂର୍ବରୁ ନିଆଁକୁ ଆୟତ୍ତ କରିବା ଲାଗି ଅଗ୍ନିଶମ କର୍ମଚାରୀମାନେ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ନିଆଁ ଲିଭାଇବାକୁ ଅତିରିକ୍ତ ୭୦ଟି ୱାଟର ଟ୍ରକ୍ ପହଞ୍ଚିଥିବା ଲସ୍‌ଏଞ୍ଜେଲ୍ସ ପାଉଣ୍ଟି ଅଗ୍ନିଶମ ମୁଖ୍ୟ ଆନ୍ଥୋନୀ ସି ମାରୋନ୍ କହିଛନ୍ତି। ଲସ୍‌ଏଞ୍ଜେଲ୍ସର ପଶ୍ଚିମ ଭାଗରେ ୨୩,୭୧୩ ଏକର ବନାଗ୍ନିରେ ଜଳିଯାଇଥିବାବେଳେ ସେଥିରୁ ମାତ୍ର ୧୩% ଅଞ୍ଚଳରେ ନିଆଁକୁ ଲିଭାଯାଇପାରିଛି। ସେହିପରି ପୂର୍ବ ଭାଗରେ ୧୪,୧୧୭ ଏକର ଅଞ୍ଚଳ ଜଳୁଥିବା ବେଳେ ଅଗ୍ନିଶମ ବିଭାଗ ୨୭ ଭାଗ ଅଞ୍ଚଳରେ ନିଆଁ ଲିଭାଇଛି।

# ସମୁଦ୍ର ମଝିରୁ ସାଟେଲାଇଟ୍ ଲଞ୍ଚ୍ କଲା ଚାଇନା



ବେଜିଂ, ୧୩।୧

ଚାଇନା ସୋମବାର ପ୍ରଥମଥର ପାଇଁ ସମୁଦ୍ର ମଧ୍ୟରୁ ରକେଟ୍ ଯୋଗେ ସଫଳତାର ସହ କେତେକ ସାଟେଲାଇଟ୍‌କୁ ଉତ୍‌କ୍ଷେପଣ କରିଛି। ବ୍ୟବସାୟିକ ମହାକାଶ ଗବେଷଣାରେ ଏହା ଏକ ଉଲ୍ଲେଖଯୋଗ୍ୟ ପଦକ୍ଷେପ। ଶାଣ୍ଡୋଙ୍ଗ୍ ପ୍ରଦେଶର ହୈୟାଙ୍ଗ ନିକଟ ସମୁଦ୍ରରୁ ଚାଇନାର ସ୍ମାର୍ଟ ଡ୍ରାଗନ୍-୩ ରକେଟ୍ ୧୦ଟି ସେଣ୍ଟିସ୍ପେସ୍-୦୧ ସାଟେଲାଇଟ୍‌କୁ ଲଞ୍ଚ୍ କରିବା ସହ ନିର୍ଦ୍ଦିଷ୍ଟ କକ୍ଷପଥରେ ଅବସ୍ଥାପିତ କରିଛି। ତାଇୟୁଆନ୍ ସାଟେଲାଇଟ୍ ଲଞ୍ଚ୍ ସେଣ୍ଟର ଏହି ମିଶନର ତଦାରଖ କରୁଥିଲା। ସାଟେଲାଇଟ୍ ଲଞ୍ଚ୍ ପାଇଁ ସୁରକ୍ଷା ଦୃଷ୍ଟିରୁ ଏବଂ କମ୍ ଖର୍ଚ୍ଚ ପାଇଁ ହୈୟାଙ୍ଗ ନିକଟ ସାଗରକୁ ଚୟନ କରାଯାଇଥିଲା। ପୃଥିବୀର ନିମ୍ନ କକ୍ଷପଥକୁ କ୍ଷୁଦ୍ର ଉପଗ୍ରହ ପଠାଇବା ପାଇଁ ଚାହିଦା ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଚାଇନା ଏକାଡେମୀ ଅଫ୍ ଲଞ୍ଚ୍ ଭେହିକିଲ୍ ଟେକ୍‌ନୋଲୋଜି ପକ୍ଷରୁ ସ୍ମାର୍ଟ ଡ୍ରାଗନ୍-୩ ରକେଟ ନିର୍ମାଣ କରାଯାଇଥିଲା।

# ଜମ୍ମୁ-କଶ୍ମୀରରେ ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ୬୦% ପାକିସ୍ତାନୀ

ନୂଆଦିଲ୍ଲୀ, ୧୩।୧

ଜମ୍ମୁ-କଶ୍ମୀରରେ ସୁରକ୍ଷାବଳ ସହ ଗୁଳି ବିନିମୟରେ ଗତବର୍ଷ ମୃତ୍ୟୁବରଣ କରିଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୬୦% ହେଉଛନ୍ତି ପାକିସ୍ତାନୀ। ଭାରତର ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ସୋମବାର ଏହି ସୂଚନା ଦେଇଛନ୍ତି। ସେନା ଦିବସର ଠିକ୍ ପୂର୍ବରୁ ଜେନେରାଲ ଦ୍ୱିବେଦୀ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଜମ୍ମୁ-କଶ୍ମୀରରେ ହିଂସାକୁ ବଢ଼ାଇବାରେ ପାକିସ୍ତାନର ସକ୍ରିୟ ଭୂମିକା ରହିଛି। ସମ୍ପ୍ରତି ଜମ୍ମୁ-କଶ୍ମୀରରେ ସକ୍ରିୟ ଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୮୦% ପାକିସ୍ତାନୀ ବୋଲି ସେ କହିଛନ୍ତି। ସେହିପରି ଗତବର୍ଷ ଜମ୍ମୁ-କଶ୍ମୀରର ସୁରକ୍ଷା ପାଇଁ ୧୫ ହଜାରରୁ ଅଧିକ ସୈନ୍ୟଙ୍କୁ ନିୟୋଜିତ କରାଯାଇଥିଲା, ଯାହାର ମହତ୍ୱପୂର୍ଣ୍ଣ ଯୋଗଦାନ ଅଞ୍ଚଳରେ ଚାଲିଥିବା



ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ

ଆତଙ୍କବାଦ ବିରୋଧ ଗତିବିଧିରେ ରହିଥିଲା। ଅନ୍ୟପକ୍ଷରେ ଲାଦାଖରେ ଚାଇନା ସହ ଲାଗି ରହିଥିବା ଲାଇନ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ(ଏଲ୍‌ଏସି) ବିବାଦକୁ ନେଇ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଏଲ୍‌ଏସିର ପରିସ୍ଥିତି ସମ୍ବେଦନଶୀଳ ହୋଇଥିବାବେଳେ ବର୍ତ୍ତମାନ ଏହା ସ୍ଥିର ରହିଛି। ଉକ୍ତ ଅଞ୍ଚଳରେ ବିବାଦକୁ ଦୂର କରିବା ପାଇଁ ପ୍ରୟାସ କରାଯାଉଛି।

# ଜେଡ୍ ମୋଡ଼ ଟନେଲର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ଭୂସ୍ଖଳନ, ହିମ ସ୍ଖଳନରୁ ପର୍ଯ୍ୟଟକଙ୍କୁ ଆଶ୍ୱସ୍ତି ମିଳିବ**

ଶ୍ରୀନଗର, ୧୩।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଜମ୍ମୁ-କଶ୍ମୀରର ସୋନମର୍ଗସ୍ଥିତ ଜେଡ୍ ମୋଡ଼ ଟନେଲ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଜମ୍ମୁ-କଶ୍ମୀର ସମେତ ପୂରା ଭାରତ ପାଇଁ ଏହି ଟନେଲକୁ ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଟନେଲର ଉଦ୍‌ଘାଟନ ସମୟରେ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟନେଲ ମଧ୍ୟ କଶ୍ମୀରର ଗାନ୍ଦରବଲ ଜିଲାର





ଗଗନଗୀର ଓ ସୋନମର୍ଗ ମଧ୍ୟରେ ପ୍ରସ୍ତୁତ କରାଯାଇଛି। ସମୁଦ୍ର ପତ୍ତନଠାରୁ ଏହି ଟନେଲ ୮୬୫୦ ଫୁଟ ଉଚ୍ଚତାରେ ରହିଛି। ଏହି ଟନେଲ ମଧ୍ୟରେ ଉଭୟ ଦିଗରେ ଯାନବାହନ ଯାତାୟାତ କରିପାରିବ। ୬.୫ କି.ମି. ଲମ୍ବା ଜେଡ୍ ମୋଡ଼ ଟନେଲ ଦେଇ ପର୍ଯ୍ୟଟକମାନେ ଅତି ସହଜରେ ବର୍ଷତମାମ ଜମ୍ମୁ-କଶ୍ମୀରର ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ଯାଇପାରିବେ। ଫଳରେ ଭୂସ୍ଖଳନ ଏବଂ ହିମ ସ୍ଖଳନ ସମସ୍ୟାରୁ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଆଶ୍ୱସ୍ତି ମିଳିବ। ୨୭୧୭ କୋଟି ଟଙ୍କା ମୂଲ୍ୟରେ ଏହି ଟନେଲର ନିର୍ମାଣ କରାଯାଇଛି। ଏହି ଅବସରରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଶଂସା କରିଛନ୍ତି। ଜମ୍ମୁ-କଶ୍ମୀରର ଗତ ବିଧାନସଭା ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନିର୍ବାଚନ ଆୟୋଗଙ୍କୁ ଶ୍ରେୟ ଦେଇଛନ୍ତି। ଖୁବ୍‌ଶୀଘ୍ର ପ୍ରଧାନମନ୍ତ୍ରୀ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ପ୍ରଦାନ କରିବେ ବୋଲି ଓମାର ଆଶା ପ୍ରକଟ କରିଛନ୍ତି।

## ଫୁରସତ୍

# ଲୋକଙ୍କ ଏକାପଣ ଦୂର କରି ବାର୍ଷିକ ୬୯ ଲକ୍ଷ ରୋଜଗାର

ଟୋକିଓ

'ଏଲ୍ ଆଣ୍ଡ୍ ଟି' ଚେୟାରମ୍ୟାନ୍ ଏସ୍.ଏନ୍. ସୁବ୍ରମଣ୍ୟନ୍‌ଙ୍କ ସାପ୍ତାହିକ ୯୦ ଘଣ୍ଟା କାମ ମନ୍ତବ୍ୟକୁ ନେଇ ସମ୍ପ୍ରତି ଭାରତରେ ତର୍କ ବିତର୍କ ଲାଗି ରହିଛି। ଏହାରି ମଧ୍ୟରେ ଜାପାନର ଶୋଜି ମୋରିମୋଟୋ(୪୧) ନାମକ ଜଣେ ବ୍ୟକ୍ତି କେବଳ ଲୋକଙ୍କ ସହ କଥା ହୋଇ ବାର୍ଷିକ ୬୯ ଲକ୍ଷ ଟଙ୍କା ରୋଜଗାର କରୁଥିବାର ଘଟଣା ସାମ୍ନାକୁ ଆସିଛି।

ଜାପାନର ଅଧିକାଂଶ ଲୋକ ଏକାପଣର ଶିକାର ହୋଇଥିବାରୁ ଏଠାରେ ଲୋକମାନେ ଭଡ଼ାରେ ନିଜ ପାଇଁ ସାଥୀ ଚୟନ କରି ତାଙ୍କ ସହ ସମୟ ବିତାଇବାକୁ ପସନ୍ଦ କରିଥାନ୍ତି। ଏହିପରି ଏକ ସାଥୀ ଭାବେ ଶୋଜି ଲୋକମାନଙ୍କ ସହ ଭାବ ଆଦାନପ୍ରଦାନ କରି, ସେମାନଙ୍କ ସହ ସମୟ ବିତାଇ ଅର୍ଥ ରୋଜଗାର



ଶୋଜି ମୋରିମୋଟୋ

କରନ୍ତି। ଶୋଜି ପୂର୍ବରୁ ଏକ କମ୍ପାନୀରେ ଚାକିରି କରୁଥିବାବେଳେ ୨୦୧୮ରେ କାର୍ଯ୍ୟରେ ଅବହେଳା କରୁଥିବା ଦର୍ଶାଇ ଉକ୍ତ କମ୍ପାନୀ ପକ୍ଷରୁ ଶୋଜିଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଏହାପରଠାରୁ ଶୋଜି ଏକାପଣର ଶିକାର ଲୋକଙ୍କ ସହ ସମୟ ବିତାଇ ଅର୍ଥ ରୋଜଗାର କରୁଛନ୍ତି।

ଶୋଜି କହିଛନ୍ତି, ତାଙ୍କର ଗୁଣ ଯୋଗୁ ସେ ଖୁବ୍‌ଶୀଘ୍ର ଅପରିଚିତ ବ୍ୟକ୍ତିଙ୍କ ସହ ଭଲଭାବେ ମିଶି ପାରନ୍ତି। ଫଳରେ ଏକାପଣର ଶିକାର ଲୋକମାନେ ତାଙ୍କ ସହ ସମୟ ବିତାଇବାକୁ ପସନ୍ଦ କରନ୍ତି। ତେବେ ଶୋଜି କେବଳ ଲୋକଙ୍କ ସହ ସାକ୍ଷାତ୍ କିମ୍ବା କଥାବାର୍ତ୍ତା କରି ଅର୍ଥ ରୋଜଗାର କରନ୍ତି ନାହିଁ ବରଂ ତାଙ୍କୁ ପ୍ରତିଦିନ ମୋବାଇଲରେ ୧ ହଜାରରୁ ଅଧିକ ଅପରିଚିତ ବ୍ୟକ୍ତିଙ୍କର ଫୋନ୍ କଲ୍ ଆସିଥାଏ। ଫୋନ୍‌ରେ ପ୍ରତି ମିନିଟ୍ ଅନୁଯାୟୀ ସେ ଗ୍ରାହକଙ୍କଠାରୁ ଅର୍ଥ ଗ୍ରହଣ କରିଥାନ୍ତି। ଏହି ବୃତ୍ତିରେ ଲୋକଙ୍କୁ ଭାବନାତ୍ମକ ସମର୍ଥନ ଦେବା ସହ ସେମାନଙ୍କର ଏକାପଣକୁ ଦୂର କରି ସେ ଖୁବ୍ ଖୁସି ଅନୁଭବ କରନ୍ତି ବୋଲି ଶୋଜି କହିଛନ୍ତି। ପ୍ରକାଶ ଯେ, ଜାପାନର ଅନ୍ୟତମ ବଡ଼ ସମସ୍ୟା ଭାବେ ଏକାପଣ ଜଣାଶୁଣା। ଏକାପଣ ଯୋଗୁ ଜାପାନରେ ପ୍ରତି ବର୍ଷ ଅନେକ ଲୋକ ଆତ୍ମହତ୍ୟା କରିଥାନ୍ତି।

### କୁକୁର ଜନ୍ମଦିନରେ ୫ ଲକ୍ଷ ଖର୍ଚ୍ଚ

ଜାମଶେଦପୁର

ସମ୍ପ୍ରତି ସୋସିଆଲ ମିଡିଆରେ ଏପରି ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଜଣେ ମାଲିକାଣୀ ନିଜ ପୋଷା କୁକୁରର ଜନ୍ମଦିନ ପାର୍ଟିରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଝାଡ଼ଖଣ୍ଡର ଜାମଶେଦପୁର ନିବାସୀ ସପନା ରବିବାର ନିଜ ପୋଷା କୁକୁରର ଜନ୍ମଦିନକୁ ବହୁ ଆଡ଼ମ୍ବରରେ ସେଲିବ୍ରେଟ କରିଛନ୍ତି। ଏହି ଅବସରରେ ସେ ନିଜ ପୋଷା କୁକୁର ପାଇଁ କେବଳ ୪୦ ହଜାର ଟଙ୍କା ମୂଲ୍ୟର କେକ୍ କାଟିଥିଲେ। ସେହିପରି ଉକ୍ତ ପାର୍ଟିରେ ସପନା ୩୦୦ ଅତିଥିଙ୍କ ପାଇଁ ବିଳାସପୂର୍ଣ୍ଣ ଭୋଜିର ବ୍ୟବସ୍ଥା ମଧ୍ୟ କରିଥିଲେ। ଏହି ଜନ୍ମଦିନ ଉତ୍ସବ ପାଇଁ ସେ ନିମନ୍ତ୍ରଣ କାର୍ଡ ଛପାଇବା ସହ ଏକ ଡିଜେ ନାଇଟର ଆୟୋଜନ ମଧ୍ୟ କରିଥିଲେ। ପ୍ରତିବର୍ଷ ସେ ନିଜ ପୋଷା କୁକୁରର ଜନ୍ମଦିନ ଏପରି ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି ବୋଲି ସପନା କହିଛନ୍ତି।

# ଏକାଠି କ୍ରିତି, କବୀର

ମୁମ୍ବାଇ

ଅଭିନେତ୍ରୀ କ୍ରିତି ସାନୋନ୍ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ଗତ କିଛି ଦିନ ହେବ ଚର୍ଚ୍ଚାରେ ରହିଛନ୍ତି। କୋଟିପତି ବ୍ୟବସାୟୀ କବୀର ବାହିଆଙ୍କୁ କ୍ରିତି ଡେଟ୍ କରୁଛନ୍ତି ବୋଲି ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଆଲୋଚନା କରୁଛନ୍ତି। ଗତ କିଛି ଦିନ ହେବ କ୍ରିତି ଓ କବୀରଙ୍କୁ ଅନେକଥର ଏକାଠି ଦେଖିବାକୁ ମିଳିଥିଲା। ଉଭୟଙ୍କୁ ବିଭିନ୍ନ ଇଭେଣ୍ଟ ସହ ବିଦେଶରେ ଏକାଠି ଛୁଟି କଟାଉଥିବାର ମଧ୍ୟ ଦେଖିବାକୁ ମିଳିଛି। ତେବେ ବର୍ତ୍ତମାନ ସୁଦ୍ଧା ଦୁହେଁ ସେମାନଙ୍କ ସମ୍ପର୍କକୁ ନେଇ ସର୍ବସାଧାରଣରେ କୌଣସି ଘୋଷଣା କରି ନାହାନ୍ତି।

ସୋମବାର ପୁଣି ଉଭୟଙ୍କର କିଛି ନୂଆ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉକ୍ତ ଫଟୋଗୁଡ଼ିକରେ କ୍ରିତି ଓ କବୀର ପରସ୍ପରର ଖୁବ୍ ନିକଟତର ଥିବା ଦେଖିବାକୁ ମିଳିଛି। ଗୋଟିଏ ଫଟୋରେ ଉଭୟ ଅନ୍ତରଙ୍ଗତାର ସହ ସେଲ୍‌ଫି ନେଉଛନ୍ତି। ସେହିପରି ଅନ୍ୟ ଏକ ଫଟୋରେ ଉଭୟ ସୁଇମିଂପୁଲ ମଧ୍ୟରେ ପରସ୍ପର ସହ ଉପଭୋଗ କରୁଥିବାର ନଜରକୁ ଆସିଛନ୍ତି। ତେବେ ଉକ୍ତ ଫଟୋଗୁଡ଼ିକୁ କ୍ରିତି ଓ କବୀରଙ୍କ ଆଧିକାରିକ ସୋସିଆଲ ମିଡିଆ ହ୍ୟାଣ୍ଡେଲରୁ ପୋଷ୍ଟ କରାଯାଇ ନାହିଁ। କିଛିଦିନ ତଳେ କ୍ରିତି ଏବଂ କବୀରଙ୍କୁ ଏକାଠି ଏକ ହାଇ ପ୍ରୋଫାଇଲ୍ ଇଭେଣ୍ଟରେ ଦେଖିବାକୁ ମିଳିଥିଲା। ସେମାନଙ୍କ ସହ ଅଭିନେତା ବରୁଣ ଶର୍ମା ମଧ୍ୟ ନଜରକୁ ଆସିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପାକିସ୍ତାନୀ ଗାୟକ ରାହତ ଫତେହ ଅଲି ଖାନ୍ ଗୀତ ଗାଉଥିବାର ନଜରକୁ ଆସିଥିଲେ।



କ୍ରିତି ସାନୋନ୍

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୪/୨୦୨୫ | Bhubaneswar, Tuesday, January 14/2025 | ପୃଷ୍ଠା-୧


ପୌଷ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁମାନେ ସୋମବାର ପ୍ରୟାଗରାଜସ୍ଥିତ ଗଙ୍ଗା, ଯମୁନା ଓ ପୁରାଣବର୍ଣ୍ଣିତ ସରସ୍ୱତୀ ନଦୀର ସଙ୍ଗମସ୍ଥଳରେ ବୁଡ଼ ପକାଉଛନ୍ତି।

# ୧ ଡଲାର=୮୬.୬୨ ଟଙ୍କା

**ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସ**

ମୁମ୍ବାଇ,୧୩।୧(ପି.ଟି.)

ପ୍ରାୟ ୨ ବର୍ଷ ମଧ୍ୟରେ ଗୋଟିଏ ଦିନରେ ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସ ଘଟିଛି। ସୋମବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୫୮ ପଇସା ହ୍ରାସ ପାଇ ୮୬ ଟଙ୍କା ୬୨ ପଇସାରେ ପହଞ୍ଚିଛି। ଡଲାରର ମୂଲ୍ୟ ବୃଦ୍ଧି ସାଙ୍ଗକୁ ଅଶୋଧିତ ତୈଳ ଦର ବଢୁଥିବାରୁ ଭାରତୀୟ ମୁଦ୍ରା ନିମ୍ନଗାମୀ ହୋଇଛି। ସୋମବାର ସକାଳେ ଆନ୍ତଃବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୬.୧୨ରୁ ଆରମ୍ଭ ହୋଇ ପରେ ୮୬.୧୧ରେ ରହିଥିଲା। କାରବାର ଶେଷ ବେଳକୁ ୫୮ ପଇସା ଖସି ୮୬.୬୨ରେ ପହଞ୍ଚିଥିଲା। ଗୋଟିଏ ଦିନରେ ଟଙ୍କା ମୂଲ୍ୟ ୫୮ ପଇସା କମିବା ପାଖାପାଖି ୨ ବର୍ଷ ମଧ୍ୟରେ ସର୍ବାଧିକ। ୨୦୨୩ ଫେବୃଆରୀ ୬ରେ ଟଙ୍କା ☞ପୃଷ୍ଠା-୫

**ମକର ଶୁଭେଚ୍ଛା**

ଗଣପର୍ବ ମକର ସଂକ୍ରାନ୍ତି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସଙ୍ଗେସଙ୍ଗେ ସମସ୍ତଙ୍କ ଜୀବନରେ ଭରିଯାଉ ଶାନ୍ତି ଓ ସମୃଦ୍ଧି।

**ଆଜିର ସମ୍ପାଦକୀୟ**

କାନି ବା ହାତ ଧରନି

# ମାସକୁ ମିଳିବ ୨୦ ହଜାର

## ଜରୁରିକାଳୀନ ପରିସ୍ଥିତିରେ ବନ୍ଦୀ ହୋଇଥିବା ସଂଗ୍ରାମୀଙ୍କୁ ଭତ୍ତା

ଭୁବନେଶ୍ୱର,୧୩।୧(ଅନିଲ ଦାସ)

**ସଂଗ୍ରାମୀଙ୍କ ସମସ୍ତ ମେଡିକାଲ୍ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର**

ଦେଶର ଜରୁରିକାଳୀନ ପରିସ୍ଥିତିରେ ମେଣ୍ଟେନାନ୍ସ ଅଫ ଇଣ୍ଟରନାଲ ସିକ୍ୟୁରିଟି ଆକ୍ଟ (ମିସା), ଡିଫେନ୍ସ ଅଫ ଇଣ୍ଡିଆନ (ଡିଆଇଆର) ଏବଂ ଡିଆଇଏସଆଇଆର ଆଇନରେ ବିଭିନ୍ନ ଜେଲରେ ବନ୍ଦୀଥିବା ସଂଗ୍ରାମୀମାନଙ୍କୁ ରାଜ୍ୟ ସରକାର ମାସକୁ ୨୦ ହଜାର ଟଙ୍କାର ପେନ୍‌ସନ ପ୍ରଦାନ କରିବେ।

ସୋମବାର ଏ ନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପେନ୍‌ସନ ସହିତ ସମସ୍ତ ସଂଗ୍ରାମୀମାନଙ୍କ ମେଡିକାଲ ଖର୍ଚ୍ଚ ମଧ୍ୟ ରାଜ୍ୟ ସରକାର ବହନ କରିବେ। ୧ ଜାନୁଆରୀ ୨୦୨୫ ସୁଦ୍ଧା ଜୀବିତ ଥିବା ସମସ୍ତ ସଂଗ୍ରାମୀ ଏହି ପେନ୍‌ସନ ଓ ଚିକିତ୍ସା ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଏ ବିଷୟରେ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ୨୫ ଜୁନ୍ ୧୯୭୫ରୁ ୨୧ ମାର୍ଚ୍ଚ ୧୯୭୭ ପର୍ଯ୍ୟନ୍ତ ଦେଶର ଜରୁରିକାଳୀନ ପରିସ୍ଥିତି ଜାରି ହୋଇଥିଲା। ଏହାକୁ ବିରୋଧ କରି ଅନେକ ସଂଗ୍ରାମୀ ଦେଶର ବିଭିନ୍ନ ଜେଲରେ ବନ୍ଦୀ ହୋଇଥିଲେ।

# ପ୍ରଥମ ଦିନରେ ବୁଡ଼ ପକାଇଲେ ୧.୬୫ କୋଟି

**ମହାକୁମ୍ଭ**

ମହାକୁମ୍ଭ ନଗର,୧୩।୧(ପି.ଟି.)

ଉତ୍ତର ପ୍ରଦେଶର ଧର୍ମନଗରୀ ପ୍ରୟାଗରାଜରେ ସୋମବାର ମହାକୁମ୍ଭ ଆରମ୍ଭ ହେଉଛି। ପୌଷ ପୂର୍ଣ୍ଣିମା ଅବସରରେ ଗଙ୍ଗା, ଯମୁନା ଓ ପୁରାଣବର୍ଣ୍ଣିତ ସରସ୍ୱତୀ ନଦୀର ସଙ୍ଗମସ୍ଥଳରେ ସୋମବାର ପାଖାପାଖି ୧.୬୫ କୋଟି ସାଧୁସନ୍ଥ ଓ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ମହାକୁମ୍ଭ ବେଳେ ସଙ୍ଗମରେ ବୁଡ଼ ପକାଇଲେ ମୋକ୍ଷପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଥିବାରୁ ପ୍ରବଳ ଶୀତ ଓ ଘନ କୁହୁଡ଼ି ସାଙ୍ଗକୁ ବରଫ ଭଳି ଥଣ୍ଡା ପାଣି ସତ୍ତ୍ୱେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଲାଗିରହିଥିଲା।

୪୫ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବିଶ୍ୱର ସର୍ବବୃହତ୍ ମାନବୀୟ ସମାବେଶ ବୋଲି କୁହାଯାଉଛି। ୧୨ ବର୍ଷରେ ଥରେ ପଡୁଥିବା ଆଧ୍ୟାତ୍ମିକତା, ବିଶ୍ୱାସ, ସଂସ୍କୃତି, ଧର୍ମ, ପରମ୍ପରା ଏବଂ ଆଧୁନିକ ପ୍ରଯୁକ୍ତିର ମହାମିଳନ ଏହି ମହାକୁମ୍ଭରେ ଦେଶବିଦେଶରୁ ୪୦ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯୋଗଦେବେ ବୋଲି ଆକଳନ କରାଯାଇଛି। ଦୀର୍ଘ ୧୪୪ ବର୍ଷ ପରେ ଦୁର୍ଲଭ ସ୍ୱର୍ଗୀୟ ସଂଯୋଗ ପଡୁଥିବା ସନ୍ଥମାନେ ଦାବି କରୁଥିବାରୁ ଏଥର ମହାକୁମ୍ଭକୁ ସବୁଠୁ ଶୁଭ ବିବେଚନା କରାଯାଉଛି।

ପୌଷ ପୂର୍ଣ୍ଣିମା ଅବସରରେ ସୋମବାର ଭୋରରୁ ସଙ୍ଗମ ସ୍ଥଳ ଲୋକାରଣ୍ୟ ହୋଇଥିଲା। ଶଙ୍ଖନାଦ ଏବଂ ଭଜନ ସାଙ୍ଗକୁ 'ଜୟ ଗଙ୍ଗା ମୈୟା' ସ୍ଲୋଗାନରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ସାଧୁସନ୍ଥମାନେ ବିଭିନ୍ନ ଗ୍ରୁପ୍‌ରେ ଗଙ୍ଗାକୂଳକୁ ଆସି ବୁଡ଼ ପକାଇଥିଲେ। ବସ୍ ଓ ଟ୍ରେନ୍‌ରେ ଆସିଥିବା ଶ୍ରଦ୍ଧାଳୁ ୧୦ରୁ ୧୨ କିଲୋମିଟର ଚାଲିଚାଲି ଆସି ବୁଡ଼ ପକାଉଥିବା ଦେଖାଯାଇଥିଲା। ସନ୍ଧ୍ୟା ସୁଦ୍ଧା ପ୍ରାୟ ୧.୬୫ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଥିବା ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସ'ରେ ଲେଖିଛନ୍ତି, ଭାରତୀୟ ମୂଲ୍ୟବୋଧ ଓ ସଂସ୍କୃତିକୁ ଭଲ ପାଉଥିବା ବହୁ କୋଟି ଲୋକଙ୍କ ପାଇଁ ଏହା ଅତ୍ୟନ୍ତ ସ୍ୱତନ୍ତ୍ର ଦିବସ। ବିଶ୍ୱାସ, ଭକ୍ତି ଓ ସଂସ୍କୃତିର ପବିତ୍ର ପ୍ରଭାବରେ ଅଗଣିତ ଲୋକେ ମହାକୁମ୍ଭରେ ଏକାଠି ହେବେ। ଏହା ଭାରତର କାଳାତୀତ ସାଂସ୍କୃତିକ ଐତିହ୍ୟର ପ୍ରତୀକ ଏବଂ ବିଶ୍ୱାସ ଓ ସଦ୍‌ଭାବନାର ଉତ୍ସବ ବୋଲି ମୋଦି କହିଛନ୍ତି। ହିମାଳୟରୁ ଭସ୍ମ ଆଭୂଷିତ ସାଧୁଙ୍କ ସମେତ ସମଗ୍ର ଦେଶ ଓ ବିଦେଶରୁ ବହୁ ସାଧୁସନ୍ଥ ସଙ୍ଗମରେ ଏକତ୍ରିତ ହୋଇଛନ୍ତି। ବିଭିନ୍ନ ସମ୍ପ୍ରଦାୟର ସନ୍ଥମାନଙ୍କର ୧୩ଟି ଆଖଡ଼ା କୁମ୍ଭ ମେଳାରେ ସାମିଲ ହୋଇଛି।

ମହାକୁମ୍ଭକୁ 'ଡିଜି-କୁମ୍ଭ'ରେ ପରିଣତ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ସହାୟତାରେ ଏକ ଆପ୍ ଲଞ୍ଚ କରାଯାଇଛି। ସାଧୁସନ୍ଥ, ପର୍ଯ୍ୟଟକ, ଭକ୍ତଙ୍କୁ ସ୍ୱାଗତ କରିବା ଲାଗି ପ୍ରୟାଗରାଜର ୧୦,୦୦୦ ଏକର ବିସ୍ତୃତ ଅଞ୍ଚଳକୁ ସୁସଜ୍ଜିତ କରାଯାଇଛି। ଆଇନ ଶୃଙ୍ଖଳା ପାଇଁ ୫୫ରୁ ଊର୍ଦ୍ଧ୍ୱ ଥାନା ପ୍ରତିଷ୍ଠା କରାଯାଇ ପ୍ରାୟ ୪୫,୦୦୦ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ପାଇଁ ୬,୪୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଦେଶର ବିଭିନ୍ନ ସହରରୁ ପ୍ରୟାଗରାଜକୁ ବିମାନ ଚଳାଚଳକୁ ତ୍ୱରାନ୍ୱିତ କରିଥିବାବେଳେ ରେଲୱେ ପକ୍ଷରୁ ୧୦,୦୦୦ ନିୟମିତ ଓ ୩,୦୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଛି।

# ପୋଷାହାତୀ ମହିନ୍ଦ୍ରାର ମୃତ୍ୟୁ


ପୋଷାହାତୀ ମହିନ୍ଦ୍ରା

ବାରିପଦା,୧୩।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷାରେ ନିୟୋଜିତ ଥିବା ପୋଷା ଦନ୍ତାହାତୀ ମହିନ୍ଦ୍ରାର ମୃତ୍ୟୁ ଘଟିଛି। ରବିବାର ରାତି ୧୦ଟା୩୦ରେ ତା'ର ମୃତ୍ୟୁ ହୋଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ(ଆର୍‌ସିସିଏଫ୍) ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ତେବେ ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ଦୁଇ ଦିନ ହେଲା ସେ ଖାଇବା ପିଇବା ଛାଡ଼ି ଦେଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମହିନ୍ଦ୍ରାର ମୃତ୍ୟୁ ହୋଇଥିବାରୁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ☞ପୃଷ୍ଠା-୫

**ଅଦିନିଆ ବର୍ଷାରେ ଫସଲ କ୍ଷତି**

# ଚାଷୀଙ୍କ ଆକାଉଣ୍ଟକୁ ଗଲା କ୍ଷତିପୂରଣ

ଭୁବନେଶ୍ୱର, ୧୩।୧(ସୁନିତ୍ ମିଶ୍ର)

ଅମଳ ପରବର୍ତ୍ତୀ ଫସଲ କ୍ଷତି ଆକଳନ କାର୍ଯ୍ୟ ଶେଷ ହୋଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ସୁଦ୍ଧା ପ୍ରାୟ ୧ ଲକ୍ଷ କ୍ଷତିଗ୍ରସ୍ତ ପ୍ଲଟ ବାବଦକୁ ମୋଟ ୨୧ କୋଟି ୯୬ ଲକ୍ଷ ଟଙ୍କା କ୍ଷତିପୂରଣ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଦିଆଯାଇଛି। ବୀମା କମ୍ପାନୀଗୁଡିକଙ୍କ ପକ୍ଷରୁ ଏହି କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ଜାରି ରହିଛି।

ସୂଚନାଯୋଗ୍ୟ, ଗତ ଡିସେମ୍ବରରେ ୨ ଥର ଅଦିନିଆ ବର୍ଷା ଯୋଗୁ ରାଜ୍ୟରେ ଖରିଫ ଫସଲ ବିଶେଷକରି କଟାଯାଇ ଜମିରେ ଥିବା ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏଥିଲାଗି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ୭୨ ଘଣ୍ଟା ମଧ୍ୟରେ ଫସଲ ବୀମା ପୋର୍ଟାଲରେ କ୍ଷୟକ୍ଷତିର ସୂଚନା ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଅନୁମତିକ୍ରମେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୂଚନା ପ୍ରଦାନ କରି ନ ଥିବା ଚାଷୀଙ୍କୁ ସୂଚନା ପ୍ରଦାନ ନିମନ୍ତେ ପୁନର୍ବାର ଆଉ ୩ ଦିନ ସୁଯୋଗ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ହୋଇଥିବା ପଞ୍ଜୀକୃତ ☞ପୃଷ୍ଠା-୫

# ଜାପାନରେ ଭୂକମ୍ପ ପରେ ସୁନାମି ସତର୍କତା

ଟୋକିଓ,୧୩।୧

ଜାପାନର ଦକ୍ଷିଣ-ପଶ୍ଚିମ ଭାଗରେ ସୋମବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୯ ଥିବା ପାଣିପାଗ ସଂସ୍ଥା ପକ୍ଷରୁ କୁହାଯିବା ସହ ଉପକୂଳ ଅଞ୍ଚଳରେ ସୁନାମି ସତର୍କ ସୂଚନା ଜାରି ହୋଇଛି। ସ୍ଥାନୀୟ ସମୟ ରାତି ୯ଟା ୧୯ ମିନିଟ୍ ସମୟରେ କ୍ୟୁସୁ ଦ୍ୱୀପ ଏବଂ କୋଚି ପ୍ରାନ୍ତରେ ଭୂକମ୍ପ ଅନୁଭୂତ ହୋଇଥିବାବେଳେ ଏହାର କେନ୍ଦ୍ରସ୍ଥଳ ମିୟାଜାକି ପ୍ରାନ୍ତରେ ରହିଛି। ଭୂକମ୍ପଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ି ନାହିଁ। ତେବେ ଏହାର ପ୍ରଭାବରେ ୩୦ ମିନିଟ୍ ମଧ୍ୟରେ ୧ ମିଟର ଉଚ୍ଚର ସୁନାମି ଆସିପାରେ ବୋଲି ଆକଳନ କରାଯାଇଛି।

# ୟୁଜିସି ଏନ୍‌ଇଟି ପରୀକ୍ଷା ସ୍ଥଗିତ

ନୂଆଦିଲ୍ଲୀ,୧୩।୧

ମକର ସଂକ୍ରାନ୍ତି ଏବଂ ପୋଙ୍ଗଲ ପାଇଁ ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟ (ଏନ୍‌ଇଟି)କୁ ସ୍ଥଗିତ ରଖାଯାଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ସୋମବାର ଏହା ଘୋଷଣା କରିଛି। ପରୀକ୍ଷା ତାରିଖ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଜୁନିୟର ରିସର୍ଚ୍ଚ ଫେଲୋଶିପ୍ ପାଇଁ ଚୟନ ଏବଂ ସହକାରୀ ପ୍ରାଧ୍ୟାପକ ନିଯୁକ୍ତି ପାଇଁ ଯୋଗ୍ୟତା ନିରୂପଣ ନିମନ୍ତେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥାଏ। ପୋଙ୍ଗଲ ସମେତ ବିଭିନ୍ନ ରାଜ୍ୟରେ ଫସଲ ଅମଳକାଳୀନ ଉତ୍ସବ କାରଣରୁ ଏନ୍‌ଇଟି ପରୀକ୍ଷା ସୂଚୀରେ ପରିବର୍ତ୍ତନ କରିବା ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଥିଲେ।

# ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ରାଜଧାନୀରେ ବିକ୍ରି, ୩ ଗିରଫ

ଭୁବନେଶ୍ୱର,୧୩।୧(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବ୍ରାଉନ୍‌ସୁଗାର ବେପାର କରୁଥିବାବେଳେ ଶହୀଦନଗର ପୋଲିସ ୩ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଭରତପୁର ଥାନା ଅନ୍ତର୍ଗତ ସାମପୁର ଅଞ୍ଚଳର ଜିତୁନ ସେଠୀ ଓ ଦିଲ୍ଲୀପ ସେଠୀ। ଅନ୍ୟଜଣେ ହେଲେ ଖୋର୍ଦ୍ଧା ଟାଉନ ଅଞ୍ଚଳର ସର୍ବେଶ୍ୱର ବେହେରା। ସେମାନଙ୍କଠାରୁ ୨୦ ଗ୍ରାମ୍ ବ୍ରାଉନସୁଗାର, ୩୦ ହଜାର ଟଙ୍କା, ମୋବାଇଲ ଏବଂ ଗୋଟିଏ ବାଇକ୍ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ୍ ନ ମିଳିବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଡିଭାଇଡର ଡେଇଁ ପିକ୍‌ଅପ୍‌କୁ ଧକ୍କାଦେଲା କାର୍

**୨ ମୃତ, ୫ ଆହତ**

ଯାଁଳା,୧୩।୧(ବୁଲା ବାରିକ)



୧୬ ନମ୍ବର ଜାତୀୟ ରାଜପଥର ଯାଁଳା ଫାଣ୍ଡି ସମ୍ମୁଖରେ ସୋମବାର ଅପରାହ୍ଣରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ଡିଭାଇଡରକୁ ଡେଇଁ ପିକ୍‌ଅପ୍ ଭ୍ୟାନ୍‌କୁ ଧକ୍କାଦେବାରୁ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଭୁବନେଶ୍ୱର ଲକ୍ଷ୍ମୀସାଗରରେ ରହୁଥିବା ନୟାଗଡ଼ ଜିଲା ଜଗାଙ୍ଗି ସାହିର ହରେନ୍ଦ୍ର ସିଂ (୩୮)। ଅନ୍ୟ ଜଣେ ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ସ୍ଥାନୀୟ ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାମ କରୁଥିବା ଜଣାପଡିଛି। ୫ ଆହତଙ୍କ ମଧ୍ୟରେ ୩ ଜଣ ଅଧ୍ୟାପିକା ରହିଛନ୍ତି।

ସୂଚନା ମୁତାବକ, ଖୋର୍ଦ୍ଧା ହଳଦିଆରୁ ଏକ କାର୍‌ରେ ୩ଜଣ ଅଧ୍ୟାପିକା ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ। ଯାଁଳା ଫାଣ୍ଡି ସମ୍ମୁଖ ରାସ୍ତାରେ କୌଣସି କାରଣରୁ କାର୍‌ଟି ଭାରସାମ୍ୟ ହରାଇ ଡିଭାଇଡର ଡେଇଁ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ପରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଧକ୍କା ଦେଇଥିଲା। ଫଳରେ ଡିଭାଇଡର ଉପରେ ଛିଡ଼ା ହୋଇଥିବା ବ୍ୟକ୍ତି ଏବଂ ଟାଟା ଏସିଇରେ ବସିଥିବା ହରେନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କାର୍‌ରେ ଥିବା ଅଧ୍ୟାପିକାଙ୍କ ସମେତ ୫ଜଣ ଆହତ ହୋଇଥିଲେ। ଦୁର୍ଘଟଣା ଯୋଗୁ ରାଜପଥରେ ପ୍ରାୟ ଘଣ୍ଟାଏ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଇନ୍‌ଫୋସିଟି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ରାସ୍ତାରୁ ହଟାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# କଳା ଧାନ, କଳା ହଳଦୀ ସହ କଳା ଗହମ

ଫୁଲବାଣୀ,୧୩।୧(ରାକେଶ କୁମାର ରାଉତ)

**କନ୍ଧମାଳ ଜିଲାରେ ଆରମ୍ଭ ହୋଇଛି ଅଣପାରମ୍ପରିକ କୃଷି**


କଳା ଗହମ


କଳା ଚାଉଳ

କନ୍ଧମାଳ ଜିଲା ଜୈବିକ ଚାଷ ପାଇଁ ପ୍ରସିଦ୍ଧ। ଏଠାକାର ଜୈବିକ ହଳଦୀ, ଅଦା ସାଙ୍ଗକୁ ପନିପରିବା ନିଜର ଉତ୍କୃଷ୍ଟ ଗୁଣବତ୍ତା ଯୋଗୁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଜିଲାର ଭୌଗୋଳିକ ସ୍ଥିତି, ମୃତ୍ତିକାର ମାନ ଏବଂ ଜଳସେଚନର ସମସ୍ୟା ଯୋଗୁ ଏଠାରେ ଧାନ ଭଳି ପାରମ୍ପରିକ ଚାଷର ଉପଯୋଗିତା ଖୁବ୍ କମ୍ ରହିଛି। ଫଳରେ ଜିଲାର ଚାଷୀ ସାଧାରଣତଃ ପନିପରିବା ଚାଷ ଉପରେ ଅଧିକ ନିର୍ଭର କରନ୍ତି। ସଂରକ୍ଷଣ ଏବଂ ବଜାରଜନିତ ସମସ୍ୟା ଯୋଗୁ ଚାଷୀ ଏଥିରୁ ଆଶାଜନକ ଲାଭ ପାଇପାରୁନି। ଏସବୁକୁ ଦୃଷ୍ଟିରେ ରଖି ଜିଲାରେ ଏବେ ଅଣପାରମ୍ପରିକ ବିକଳ୍ପ କୃଷି ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଜୈବିକ କୃଷିରେ ଅଗ୍ରଣୀ ସାଜିଥିବା କନ୍ଧମାଳ ଆପେକ୍ସସ୍ପାଇସେସ୍ ଆଶୋସିଏଶନ ଫର ମାର୍କେଟିଂ('କସମ') ପକ୍ଷରୁ ଅଣପାରମ୍ପରିକ ଚାଷ ପ୍ରତି ଉଦ୍ୟମ ଜାରି ରହିଛି। ଜିଲାପାଳ ଏହାର ଅଧ୍ୟକ୍ଷ ରହିଥିବା ବେଳେ ସଞ୍ଜିତ ପଟ୍ଟନାୟକ ଏହାର ସମ୍ପାଦକ ଅଛନ୍ତି। କସମ ପକ୍ଷରୁ ତିନୋଟି ବିକଳ୍ପ ତଥା ଅର୍ଥକରୀ ଫସଲ ଉତ୍ପାଦନ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ଏଥି ମଧ୍ୟରେ ରହିଛି କଳା ଧାନ, କଳା ହଳଦୀ ଓ କଳା ଗହମ।

କନ୍ଧମାଳ ହଳଦୀର ଚାହିଦା ସବୁବେଳେ ରହିଛି। ଏଠାରେ ଏବେ ହଳଦୀର ଏକ ସ୍ୱତନ୍ତ୍ର ପ୍ରଜାତି କଳା ହଳଦୀ ଉତ୍ପାଦନ ଆରମ୍ଭ ହୋଇଛି। ଏହି ଚାଷ କରି ଚାଷୀ ଲାଭବାନ ହେଉଛନ୍ତି। କସମ ସମ୍ପାଦକ ପଟ୍ଟନାୟକ କହନ୍ତି, ୨୦୦୬ରେ ଏହି କଳା ହଳଦୀର ବିହନ କେରଳରୁ ଆଣି ଚାଷୀଙ୍କୁ ପ୍ରଦାନ ☞ପୃଷ୍ଠା-୫

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ସ୍ୱନକ୍ଷତ୍ର ଦିବସ, ସ୍ଥାନ: କଳିଙ୍ଗ ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମ୍ୟାଲାର୍ପଣ, ସ୍ଥାନ: ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୮ଟା ୩୦। କବିତା ପାଠୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା ଓ ସାଧାରଣ ସଭା, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀରେ ମାଲ୍ୟାର୍ପଣ, ସ୍ଥାନ: ବାଣୀବିହାର, ମୁଖ୍ୟ ଫାଟକ ପାଖ, ସମୟ: ସକାଳ ୯ଟା।
- ଆଦିବାସୀ ମେଳା, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ମନନ ନାଟ୍ୟ ସଂସ୍ଥାର ପ୍ରତିଷ୍ଠା ଦିବସ ଅବସରରେ ନାଟକ 'ତମେ ଚାଲିଗଲା ପରେ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ଡମଣୀ ପୀଠରେ ମକର ମେଳା, ସ୍ଥାନ: ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ବେରେଣା ଗ୍ରାମ ନିକଟ, ଚୌଦ୍ୱାର ସମୟ: ସକାଳ ୫ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଚାରବାଟିଆ ଜଗନ୍ନାଥ ମନ୍ଦିର, ଚୌଦ୍ୱାର ସମୟ: ସକାଳ ୯ଟା।

### କେନ୍ଦ୍ରାପଡ଼ା
- ଶ୍ରୀବଳଦେବଜୀଉ ମନ୍ଦିରରେ ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ତୁଣ୍ଡୁପଡା ମଠ ଓ ଶନିଶ୍ଚର ମହାଗ୍ରହଙ୍କ ବାର୍ଷିକ ନାମଯଜ୍ଞ, ସ୍ଥାନ: ଦଧିଚି ମୁନୀ ଆଶ୍ରମ ଓ ଜଟିଆ ବାବାଜୀ ମଠ, କଳାବୁଦା, ଗରଦପୁର, ସମୟ: ସକାଳ ୭ଟା।
- ଶ୍ରୀଗଙ୍ଗାମାତାଙ୍କ ପୂଜା ଓ ମେଳା ଉତ୍ସବ, ସ୍ଥାନ: ପାଞ୍ଚଗୋଛିଆ, ସୁନିତି, ମହାକାଳପଡ଼ା, ସମୟ: ସକାଳ ୯ଟା।
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଲାଇ କପ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଅଙ୍ଗୁଲାଇ ହାଇସ୍କୁଲ ଖେଳ ପଡିଆ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସରକାରୀ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତାଳଚୁଆ ଜେଟି, ସମୟ: ପୂର୍ବାହ୍ନ ୧୦ଟା।

### ଜଗତ୍‌ସିଂହପୁର
- ସାହାଡ଼ା ସୁନ୍ଦରୀ ପୀଠରେ ମକର ମେଳା, ଦିନରେ ରାମଲୀଳା ଯାତ୍ରା, ସ୍ଥାନ: ସିହା ଗ୍ରାମ, ଏରସମା ବ୍ଲକ, ସମୟ: ସକାଳ ୭ଟା।
- ମର୍ଣ୍ଣିଂ କ୍ରିକେଟ କ୍ଲବ(ଏମ୍‌ସିସି)ପକ୍ଷରୁ ଦିନିକିଆ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଏମ୍‌ସିସି ଖେଳପଡ଼ିଆ, ଜୟଦେବ ଭବନ ସମ୍ମୁଖ, ବଡ଼ପଡିଆ ପାରାଦୀପ, ସମୟ: ସକାଳ ୮ଟା।
- ବାଉରିଆପାଳନ୍ଦା ବସ୍ତି କମିଟିର ବିସ୍ଥାପନ ସମ୍ପର୍କିତ ବୈଠକ, ସ୍ଥାନ: ବାଉରିଆପାଳନ୍ଦା ପାରାଦୀପ, ସମୟ: ଅପରାହ୍ନ ୪ଟା।

### ଯାଜପୁର
- ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ: ଯାଜପୁର ରୋଡ୍ ମୁଣ୍ଡୋମାଳ ଶିଶୁ ମନ୍ଦିର ପରିସର, ସମୟ: ସକାଳ ସାଢେ ୭ଟା।
- ଜିଲାସ୍ତରୀୟ କୋଷ୍ଟାଲ ହକି ମ୍ୟାଚ, ସ୍ଥାନ: ଯାଜପୁର ହକି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

### ନୟାଗଡ଼
- ମକର ସଂକ୍ରାନ୍ତି ଅବସରରେ ଯାତ୍ରା, ସ୍ଥାନ: ଗୋଡ଼ିପଡ଼ା ନିକଟସ୍ଥ ହରିଡ଼ାବନ୍ଧ ହଟକେଶ୍ୱର ମହାଦେବ ପୀଠ, ସମୟ: ଭୋର ୫ଟା।
- ରାଜ୍ୟସ୍ତରୀୟ ଖଳିସାହି କପ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ମକର ସଂକ୍ରାନ୍ତି ଯାତ୍ରାର ୨ୟ ଦିବସରେ ହୋମ, ସ୍ଥାନ: ନୟାଗଡ଼ ବ୍ଲକ କ୍ରୀଡାଶପୁର ବ୍ରାହ୍ମଣୀ ଦେଇ ପୀଠ, ସମୟ: ମଧ୍ୟାହ୍ନ ୧୨ଟା।

### ବାଲେଶ୍ୱର
- ବ୍ୟାସକବି ଫକୀରମୋହନଙ୍କ ୧୮୩ତମ ଜୟନ୍ତୀ ସମାରୋହ ଓ ପରିଷଦର ୭୮ତମ ବାର୍ଷିକୋତ୍ସବର ଦ୍ୱିତୀୟ ଉତ୍ସବ ଉପଲକ୍ଷେ ପ୍ରଭାତଫେରି, ସମୟ: ସକାଳ ୭ଟା।
- ଶାନ୍ତିଘାଟରେ ମାଲ୍ୟାର୍ପଣ, ସମୟ: ସକାଳ ୯ଟା।
- ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ମକର ବଣ୍ଟନ, ସମୟ: ପୂର୍ବାହ୍ନ ୧୦ଟା।
- ଜୟନ୍ତୀ ଓ ସମ୍ବର୍ଦ୍ଧନା ପର୍ବ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଲୋଚନା ସଭା, ସମୟ: ଅପରାହ୍ନ ୩ଟା।
- ନାଟକ 'ଅପୂର୍ବ ମିଳନ' ପରିବେଷଣ, ସମୟ: ସନ୍ଧ୍ୟା ୬ଟା, ସ୍ଥାନ: ଫକୀରମୋହନ ସାହିତ୍ୟ ପରିଷଦ, ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର।
- ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ମାଣିଖମ୍ବ ୟୁପି ସ୍କୁଲ, ବାଲେଶ୍ୱର, ସମୟ: ଦିବସ ବ୍ୟାପୀ।
- ମଇତାପୁରରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମଇତାପୁର ମେଳନ ପଡ଼ିଆ, ସିମୁଳିଆ, ସମୟ: ଦିବସବ୍ୟାପୀ।
- ଓଡ଼ିଶା ରାପିଡ୍ ଏବଂ ବ୍ଲିଜ୍ ଚେସ୍ ପ୍ରତିଯୋଗିତା ୨୦୨୪-୨୫ର ଉଦ୍‌ଯାପନୀ ଦିବସ, ସ୍ଥାନ: ବାଲେଶ୍ୱର ଷ୍ଟେଶନ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ ଓ ବ୍ୟାସକବି ଜନ୍ମଜୟନ୍ତୀ ପାଳନ, ସ୍ଥାନ: କଣ୍ଡେଶ୍ୱର ଶିବମନ୍ଦିର ପ୍ରାଙ୍ଗଣ, ହଳଦୀପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- 'କୋଶମ୍ବ -୨୦୨୫'ର ଦ୍ୱିତୀୟ ଉତ୍ସବ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ୭୪ତମ ବାର୍ଷିକ ସାର୍ବଜନୀନ ଗଙ୍ଗାମାତା ପୂଜା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଗୁଣ୍ଡୁଣିଆରେ ମକର ଉତ୍ସବ, ସ୍ଥାନ: ଗୁଣ୍ଡୁଣିଆ, ସିମୁଳିଆ, ସମୟ: ସନ୍ଧ୍ୟା ୬ଟା।
- ମକର ମିଳନ-୨୦୨୫, ସ୍ଥାନ: ସିଂଲା ଉଚ୍ଚ ବିଦ୍ୟାଳୟ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ଦପାନାୟକାଣୀ ପୀଠରେ ମକର ମେଳା, ସ୍ଥାନ: ଈଶ୍ୱରପୁର, ତିହିଡ଼ି, ସମୟ: ସକାଳ ୬ଟା।
- ମା' ବଉଳାଶୁଣୀଙ୍କ ପୀଠରେ ମକର ଉତ୍ସବ ଆରମ୍ଭ, ସ୍ଥାନ: ନିଳୋକ, ବନ୍ତ, ସମୟ: ସକାଳ ୭ଟା।
- ବାଲ୍ମିକୀ ମୁନି ମଣ୍ଡପର ପୂଜା ଉତ୍ସବ, ସ୍ଥାନ: ଗୋପାଳପୁର ମୁନିପଡ଼ିଆ, ବାସୁଦେବପୁର, ସମୟ: ସକାଳ ୯ଟା।
- ମକର ମେଳା, ସ୍ଥାନ: କୁଆଁର୍ଦ୍ଧା ଧୂନୀବାଡ଼ି ପୀଠ, ବନ୍ତ, ସମୟ: ସକାଳ ୯ଟା।
- ଗୋପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳଜୀଉ ଗୋଶାଳା, ଭଦ୍ରକ, ସମୟ: ସକାଳ ୯ଟା।
- ସାର୍ବଜନୀନ ଚବିଶ ପ୍ରହର ନାମଯଜ୍ଞ ସମାରୋହ, ସ୍ଥାନ: ଗୁଆଗଡ଼ିଆ, ରାହାସବିହାରୀ ବିଦ୍ୟାମନ୍ଦିର ସାମ୍ନା ପଡ଼ିଆ, ବାସୁଦେବପୁର, ସମୟ: ସକାଳ ୯ଟା।
- ମା' ଶଙ୍ଖାଶୁଣୀଙ୍କ ୧୦ମ ବାର୍ଷିକୋତ୍ସବ, ସ୍ଥାନ: ଗୁଠପଦା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଲକ୍ଷ୍ମୀଧର ପାତ୍ରଙ୍କ ୩୦ତମ ସ୍ମୃତିସଭା, ସ୍ଥାନ: କ୍ଷେଣ୍ଡିରାର ବାଲିପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଦୀନଦୟାଲ ଭବନ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବାରାପୁର ମକର ମହୋତ୍ସବ, ସ୍ଥାନ: ବାରାପୁର ମିନିଷ୍ଟାଡିୟମ୍ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ୧୦୨ ତମ ମକର ମହୋତ୍ସବ-୨୦୨୫, ସ୍ଥାନ: ମନ୍ଦାରୀ ଭଜନାମୁନି ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ମା' ଗଙ୍ଗାମାତାଙ୍କ ପୂଜା ମହୋତ୍ସବ, ସାଧାରଣ ସଭା, ସ୍ଥାନ: ଗଙ୍ଗାମାତା ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା

### କେନ୍ଦୁଝର
- ଗଡ଼ଚଣ୍ଡୀ ପୀଠରେ ମକରମେଳା ଓ ଯଜ୍ଞ ଉତ୍ସବ, ସ୍ଥାନ: ଗଡ଼ଚଣ୍ଡୀ, ସୁନ୍ଦରପାଳ, ସମୟ: ସକାଳ ୭ଟା।
- ପଡିଆରୀପଲ୍ଲି ଗୋବର୍ଦ୍ଧନ ପର୍ବତ ସିଦ୍ଧ ଗୁମ୍ଫାରେ ମକର ମେଳା ଓ ରାମ ଚରିତ ମାନସ ପାଠ, ସ୍ଥାନ: ସିଦ୍ଧଗୁମ୍ଫା ମଠ, ପଡ଼ିଆରୀପଲ୍ଲି, ସମୟ: ସକାଳ ୭ ଟା।
- ଚକ୍ରତୀର୍ଥ ମଠ ମକର ସଂକ୍ରାନ୍ତି ଉପଲକ୍ଷେ ଭଜନ କୀର୍ତ୍ତନ, ସ୍ଥାନ: କାଠକଟା, ଛେନାପଦି, ସମୟ: ସକାଳ ୮ଟା ଓ ସନ୍ଧ୍ୟା ୬ ଟା।
- ମକର ମେଳାର ଶୁଭାରମ୍ଭ, ମା'ଙ୍କ ପୂଜାର୍ଚ୍ଚନା, ସ୍ଥାନ: ଆମ୍ବୋ, ଛେନାପଦି, ସମୟ: ସକାଳ ୯ ଟା ଓ ସନ୍ଧ୍ୟା ୬ ଟା।
- ମୁଖ୍ୟମନ୍ତ୍ରୀଙ୍କ ମକର ବୁଡ଼, ପରମେଶ୍ୱର ଶିବ ଓ ଆନନ୍ଦେଶ୍ୱର ମହାଦେବଙ୍କ ଦର୍ଶନ, ସ୍ଥାନ: ପାଟଣା ମୁଖ୍ୟାଳୟ ବୈତରଣୀ ନଦୀର ଅନୁସୟା ଘାଟ, ସମୟ: ପୂର୍ବାହ୍ନ ୧୦ ଟା ୪୦।
- ମା' ଶେରାବାଲିଙ୍କ ଜାଗରଣ ଉତ୍ସବ, ସ୍ଥାନ: ଭକ୍ତି ସେବା ସଂଘ ପରିସର, ବଡ଼ବିଲ, କେନ୍ଦୁଝର, ସମୟ: ସନ୍ଧ୍ୟା ୭ ଟା।

### ମୟୂରଭଞ୍ଜ
- ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ସମାରୋହ, ସ୍ଥାନ:ମହର୍ଷି ପବ୍ଲିକ ସ୍କୁଲ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- କବିତା ପାଠୋତ୍ସବ, ସ୍ଥାନ:ମହର୍ଷି ପବ୍ଲିକ ସ୍କୁଲ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଶୀର୍ଷା ଟୁସୁ ମହୋତ୍ସବ କମିଟି ଆନୁକୂଲ୍ୟରେ ଟୁସୁ ମେଳା,ସ୍ଥାନ:ଶୀର୍ଷା ମେରୁମଠ, ସୁବର୍ଣ୍ଣରେଖା ତଟ,ସମୟ: ପୂର୍ବାହ୍ନ ୧୧ଟା।
- ମକର ମେଳା, ସ୍ଥାନ: ସିଂହଟିଆ ବଡ଼ସାହି ବ୍ଲକ,ସମୟ:ଅପରାହ୍ନ ୩ଟା।
- ଟୁସୁ ମୂର୍ତ୍ତି ଗ୍ରାମ ପରିକ୍ରମା, ସ୍ଥାନ:ମାର୍କେଟ ସାହି, ଚିତ୍ରଡ଼ା, ମୋରଡ଼ା. ସମୟ: ଅପରାହ୍ନ ୩ଟା।
- ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ:ପାରିଆଉଡ଼ା,ଶୀର୍ଷାପାଳ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।

### ଗଞ୍ଜାମ
- ମହର୍ଷି ଦୟାନନ୍ଦ ବୈଦିକ ଯୋଗାଶ୍ରମର ବାର୍ଷିକ ଉତ୍ସବ,ସ୍ଥାନ:ବୁଗୁଡ଼ା, ଆଶ୍ରମ ପରିସର, ସମୟ:ସକାଳ ୭ଟା।
- ହରି ହର ଭେଟ କାର୍ଯ୍ୟକ୍ରମ, ସ୍ଥାନ:ବାଲିପଦର,ମକର ପଡ଼ିଆ, ସମୟ:ଅପରାହ୍ନ ୧ଟା।

### ଢେଙ୍କାନାଳ
- ଢେଙ୍କାନାଳରେ ମଗଜି ମହୋତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ସମୟ: ଅପରାହ୍ନ ୫ଟା।
- ବ୍ୟାସକବି ଫକିର ମୋହନ ଜୟନ୍ତୀ ଓ ମକର ମିଳନ, ସ୍ଥାନ: ଲେଖକ ସଂସଦ ଶାଣ୍ଡିଲ୍ୟ ବସନ୍ତ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଯାସକବି ଫକିର ମୋହନ ଜୟନ୍ତୀ ଓ ମକର ମିଳନ, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ଚାଉଳିଆ ଖମାର, ସମୟ: ପୂର୍ବାହ୍ନ ସାଢେ ୧୦ଟା।

### ରାୟଗଡ଼ା
- ମକର ସଂକ୍ରାନ୍ତି ଉପଲକ୍ଷେ ସ୍ୱତନ୍ତ୍ର ଉତ୍ତରା ଦର୍ଶନ, ସ୍ଥାନ: ଭେଙ୍କଟେଶ୍ୱର ମନ୍ଦିର, ଜେକେପୁର, ସମୟ: ସକାଳ ୬ରୁ ସନ୍ଧ୍ୟା ୬ ଟା।
- ବ୍ରାହ୍ମଣ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବତୋଟା, ଗୁଣପୁର, ସମୟ: ସକାଳ ୯ଟା ୩୦।
- ଆରଏସ୍‌ଏସ୍‌ର ମକର ମିଳନ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୩ ଟା।
- ବ୍ୟାସ କବି ଫକୀର ମୋହନଙ୍କ ଜୟନ୍ତୀ ପାଳନ, ସ୍ଥାନ: କଳ୍କୀ ନଗର, ଗୁଣପୁର, ସମୟ: ଅପରାହ୍ନ ୫ଟା।

### ନବରଙ୍ଗପୁର
- ଫକୀର ମୋହନ ଜୟନ୍ତୀ, ମକର ମିଳନ, ସ୍ଥାନ: ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### ସମ୍ବଲପୁର
- ସଙ୍କଟ ମୋଚନ ହନୁମାନ ମହାଯଜ୍ଞ, ସ୍ଥାନ: ବୁଢ଼ାହିଲ ସ୍ଥିତ ଶ୍ରୀହନୁମାନ ମନ୍ଦିର, ସମୟ : ସକାଳ ୭ଟା।
- ମକର ମିଳନ ପୂଜାର୍ଚ୍ଚନା ଓ ମିଳନ କାର୍ଯ୍ୟକ୍ରମ, ସ୍ଥାନ : ଠେମରା ଗ୍ରାମ, ସମୟ : ସକାଳ ୯ଟା।
- ସମ୍ବଲପୁର ଯୁଥ ପକ୍ଷରୁ କାଇଟ ଫେଷ୍ଟିଭାଲ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ଯୋଗ ପରିବାର ପକ୍ଷରୁ ଚାରମଳି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ : ସିନ୍ଦୁରପଙ୍କ ନିକଟସ୍ଥ ପିତାବଳି ମନ୍ଦିର, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ଗୀତା ଜ୍ଞାନଯଜ୍ଞ, ସ୍ଥାନ : ଦଧିବାମନ କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା।
- ବିଶ୍ୱାତ୍ମ ଚେତନା ପରିଷଦ ଆୟୋଜିତ ଶ୍ରୀମଦ୍ ଭାଗବତ ସାଧାୟ ସତ୍ର କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ଅପରାହ୍ନ ୫ଟା ୩୦ରୁ ରାତି ୮ଟା ୩୦।

### ସୁବର୍ଣ୍ଣପୁର
- ଅଷ୍ଟ ପ୍ରହର ନାମଯଜ୍ଞ ଅଧିବାସ, ସ୍ଥାନ: ନୂଆଁଗଡ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ବାଗବର ହନୁମାନ ଛକ, ବୀରମହାରାଜପୁର ବ୍ଲକ, ସମୟ:ସକାଳ ୭ଟା।
- ତରଭା ବରିଷ୍ଠ ନାଗରିକ କମିଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମାରଓ୍ୱାଡି ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା।

### ଝାରସୁଗୁଡ଼ା
- ସଂକ୍ରାନ୍ତି ଓ ଷୋଳ ଉପଚାର ପୂଜା, ସ୍ଥାନ: ବଡ଼ମାଳ ହନୁମାନ ମନ୍ଦିର, ସମୟ: ସକାଳ ୭ଟା।
- ମକର ସଂକ୍ରାନ୍ତି ଉପଲକ୍ଷେ ସୁନ୍ଦରା କାଣ୍ଡ ପଠନ ଓ ଷୋଳ ଉପଚାର ପୂଜା, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ୮ଟା।
- ମକର ସଂକ୍ରାନ୍ତି ପୂଜା ଓ ରାମାୟଣ ପାଠ, ସ୍ଥାନ: ବୃନ୍ଦାମାଲ ଶିବ ମନ୍ଦିର, ସମୟ: ସକାଳ ୮ଟା।

### ସୁନ୍ଦରଗଡ଼
- ମହେଶଡିହି ମକରମେଳା, ହରିହରଭେଟ କାର୍ଯ୍ୟକ୍ରମ, ସ୍ଥାନ: ମହେଶଡିହି ଜଗନ୍ନାଥ ମନ୍ଦିର ପରିସର, ସୁନ୍ଦରଗଡ, ସମୟ:ଅପରାହ୍ନ ୪ଟା
- ମକରମେଳା, ସ୍ଥାନ: ହେମଗିର, ମାଲିପଡା,ସମୟ: ସକାଳ ୯ଟା।
- ମକରମେଳା, ସ୍ଥାନ: ମୁଣ୍ଡେରକ୍ଷେତ, ସମୟ:ସକାଳ ୯ଟା।

### ରାଉରକେଲା
- ସୁବର୍ଣ୍ଣରେଖାର ବାର୍ଷିକ ଉତ୍ସବ, ସ୍ଥାନ: ବ୍ୟାସ ଭବନ, ବାସନ୍ତୀ କଲୋନୀ, ସମୟ: ସକାଳ ୯ଟା।
- ମହାବୀର ମାନସ ପରିଷଦ ପକ୍ଷରୁ ରାମାୟଣ ପାଠର ୩ୟ ସନ୍ଧ୍ୟା, ସ୍ଥାନ: ମିଟକୁନ୍ଦରୀ, ସମୟ: ପୂର୍ବାହ୍ନ ୧୦ଟା।
- ସରଣା କ୍ଲବ ପକ୍ଷରୁ ମକର ମିଳନ, ସ୍ଥାନ: ସେକ୍ଟର-୧, ସମୟ: ପୂର୍ବାହ୍ନ ୧୦ଟା।
- ଧାମରା ସଂଘର ୩୬ତମ ବାର୍ଷିକୋତ୍ସବ ଓ ପାରମ୍ପରିକ ମକର ମିଳନ, ସ୍ଥାନ: ଛେଣ୍ଡ ଧାମରା ସଂଘ, ସମୟ: ପୂର୍ବାହ୍ନ ୧୧ଟା।

### ଦେବଗଡ଼
- ମକର ଯାତ୍ରା ଉତ୍ସବ କଂସର ମକରହୁଲ, ସ୍ଥାନ: ତିଲେଇବଣି ବ୍ଲକ, କଂସର ଗ୍ରାମ, ସମୟ: ସକାଳ ୫ଟା।
- ଶ୍ରୀଶ୍ରୀ ହନୁମାନ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରଜାମୁଣ୍ଡା ଗ୍ରାମ, ସମୟ: ପୂଜାରମ୍ଭ ସକାଳ ୯ଟା।
- ମକର ସଂକ୍ରାନ୍ତି ଉପଲକ୍ଷେ ମକରଧ୍ୱଜ ଶୃଙ୍ଗରେ ଭକ୍ତ ବାନ୍ଧିବେ ମାନସିକ ଧ୍ୱଜା: ସ୍ଥାନ: ମକରଧ୍ୱଜ ଶୃଙ୍ଗ ପର୍ବତ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ହନୁମାନ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ: ରଜାମୁଣ୍ଡା ଗ୍ରାମ, ସମୟ: ଅପରାହ୍ନ ୧ଟା।
- ମକର ମେଳା ଉତ୍ସବ ଅବସରରେ ପ୍ରସାଦ ସେବନ, ସ୍ଥାନ: କଂସର ଗ୍ରାମ, ସମୟ: ଅପରାହ୍ନ ୧ଟା।

### ବୌଦ୍ଧ
- ଶ୍ରୀରାମଲୀଳା ନାଟ୍ୟ ସଂସଦର ରାମଲୀଳା ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ରାମଲୀଳା ମୈଦାନ, (ରଘୁନାଥ ମନ୍ଦିର) ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ୩୦ ମିନିଟ।

# ଜବତ ଟ୍ରଲରରୁ ମୃତ ଅଲିଭରିଡଲେ କଇଁଛ ଉଦ୍ଧାର

**୮ ମତ୍ସ୍ୟଜୀବୀଙ୍କୁ ଖସାଇନେଲେ ଘଟଣା**

- ତାଳଚୁଆ ସାମୁଦ୍ରିକ ଥାନାରେ ଏତଲା
- ଟ୍ରଲର ମାଲିକ କୋର୍ଟ ଚାଲାଣ
- ଆଉ ଏକ ଟ୍ରଲର ସହ ୧୩ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧୩।୧
(ଭସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଭିତରେ ଟ୍ରଲର ମାଲିକମାନେ ବେଧଡ଼କ ଭାବେ ମାଛ ମାରିବା ସହ ଆତଙ୍କରାଜ ଚଳାଇଛନ୍ତି। ଅଲିଭରିଡଲେ କଇଁଛଙ୍କ ଲାଗି କଟକଣା ସତ୍ତ୍ୱେ ଏହାକୁ ସେମାନେ ଖାତିର କରୁନାହାନ୍ତି। ସେମାନେ ମାଛ ସହ କଇଁଛ ମଧ ମାରୁଛନ୍ତି। ବନ ବିଭାଗ ରବିବାର ଚଣ୍ଡୀ ତାରିଣୀ -୩ ଟ୍ରଲରକୁ ଜବତ କରିଥିବା ବେଳେ ସେଥିରୁ ୪୦ କେଜି ଓଜନର ଗୋଟିଏ ମୃତ ଅଲିଭରିଡଲେ କଇଁଛ ଉଦ୍ଧାର ହୋଇଛି। ସମୁଦ୍ର ଭିତରେ ବନ ବିଭାଗ ପାଟ୍ରୋଲିଂ ଟିମକୁ ବୁଡ଼ାଇ ମାରି ଦେବାକୁ ଉଦ୍ୟମ କରିଥିବା ଟ୍ରଲର ଓ ଟ୍ରଲର ମାଲିକଙ୍କ ବିରୋଧରେ ବନ ବିଭାଗ ପକ୍ଷରୁ ତାଳଚୁଆ ସାମୁଦ୍ରିକ ଥାନାରେ ଏତଲା ଦେଇଛି। ବନ ବିଭାଗର ଏତଲା ଆଧାରରେ ପୋଲିସ ତଦନ୍ତକୁ ଜୋରଦାର କରିବା ସହ ଚଣ୍ଡୀ ତାରିଣୀ–୩ ଟ୍ରଲରର ମାଲିକ ଅବିନାଶ କୁମାର ନାୟକଙ୍କୁ ମହାକାଳପଡ଼ା ବ୍ଲକର ଶାସନପେଟାରୁ ଗିରଫ କରିଛି।

ଗହୀରମଥା ରେଞ୍ଜର ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି ତାଳଚୁଆ ସାମୁଦ୍ରିକ ଥାନାରେ କରିଥିବା ଅଭିଯୋଗ ମୁତାବକ ରବିବାର ତାଙ୍କ ସହ ଅନ୍ୟ ୧୩ଜଣ ମିଳିତ ଭାବେ ପାଟ୍ରୋଲିଂ କରୁଥିବାବେଳେ ବେଆଇନ ଭାବେ ମାଛ ମାରୁଥିବା ଟ୍ରଲରକୁ ଜବତ କରୁଥିଲେ। ଏହି ସମୟରେ ଟ୍ରଲର ଡ୍ରାଇଭର ମାଧବାନନ୍ଦ ମଲିକ ଭିଏଚଏଫ୍ ମାଧ୍ୟମରେ ଟ୍ରଲର ମାଲିକ ଅବିନାଶଙ୍କୁ ସୂଚନା ଦେଇଥିଲେ। ଅବିନାଶଙ୍କ ନିର୍ଦ୍ଦେଶକ୍ରମେ ସେହି ପାଖରେ ବେଆଇନ ଭାବେ ମାଛ ମାରୁଥିବା ଅନ୍ୟ ଏକ ଚାନ୍ଦି ତାରିଣୀ ଟ୍ରଲର, ୨ ଗୋଟି ଜଳଦେବୀ ନାମକ ଟ୍ରଲର ଓ ଅନ୍ୟ ୨ଟି ଟ୍ରଲର ମିଳିତ ଭାବେ ବନ ବିଭାଗ ପାଟ୍ରୋଲିଂ ଟ୍ରଲରକୁ ବାଡ଼େଇ ବୁଡ଼େଇ ଦେବାକୁ ଉଦ୍ୟମ କରିଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଜବତ ହୋଇଥିବା ଚଣ୍ଡୀ ତାରିଣୀ–୩ ଟ୍ରଲରରୁ ୮ ଜଣ ମତ୍ସ୍ୟଜୀବୀ ମାଧବାନନ୍ଦ ମଲିକ, ମହତା ମଲିକ, ମନୋଜ ମଲିକ, ବୁଗା ମଲିକ, ଅଭୟ ମଲିକ, ଶ୍ୟାମ ମଲିକ, ମହନ୍ତ ମଲିକ ଓ ଅନ୍ୟ ଜଣଙ୍କୁ ଜୋର ଜବରଦସ୍ତି ଛଡ଼ାଇ ନେଇଥିଲେ। ପାଟ୍ରୋଲିଂ ଟ୍ରଲରରେ ଥିବା ୨ ଜଣ ଫରେଷ୍ଟର ଗୋଟିଏ ଲେଖାଏ ଫାଙ୍କା ଗୁଳି ଚାଳନା କରିଥିଲେ। ଫଳରେ ଟ୍ରଲରଗୁଡ଼ିକ ପାଟ୍ରୋଲିଂ ଟ୍ରଲର ଓ ଜବତ ଟ୍ରଲରକୁ ଛାଡ଼ି ପଳାଇଥିଲେ। ଜବତ ଟ୍ରଲରରେ ରହିଯାଇଥିବା ଜଣେ ଅଭିଯୁକ୍ତ, ମାଲିକଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଜବତ ଚଣ୍ଡୀ ତାରିଣୀ ଟ୍ରଲରରୁ ୨ଟି ଜିପିଏସ୍, ୩ଟି ଭିଏଚ୍‌ଏଫ, ୧୧ଟି ଟ୍ରଲିଂ ନେଟ, ଗୋଟିଏ ମୃତ ଅଲିଭରିଡଲେ କଇଁଛ ଓ ୨୦ କୁଇଣ୍ଟାଲ ମାଛ ଜବତ କରାଯାଇଛି। ବନ ବିଭାଗ ପକ୍ଷରୁ ଏତଲା ପାଇବା ପରେ ପୋଲିସ ତଦନ୍ତକୁ ଜୋରଦାର କରିଛି। ଘଟଣା ପରେ ଟ୍ରଲର ମାଲିକ ଅବିନାଶ କୁମାର ନାୟକ ବାଲେଶ୍ୱରରୁ ଆସି ଶାସନପେଟାଠାରେ ଥିବା ଗହୀରମଥା ରେଞ୍ଜ କାର୍ଯ୍ୟାଳୟ ବାହାରେ ବୁଲୁଥିଲେ। ପୋଲିସ ମୋବାଇଲ ଟ୍ରାକିଂ କରି ଅବିନାଶଙ୍କୁ ଉଠାଇ ନେଇଥିଲା। ରବିବାର ଘଟଣା ପରେ ଏସିଏଫ୍ ମାନସ କୁମାର ଦାସଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ସୋମବାର ମଧ ଗଭୀର ସମୁଦ୍ରରେ ପାଟ୍ରୋଲିଂକୁ ଜୋରଦାର କରିଛି। ରବିବାର ବନବିଭାଗ ପାଟ୍ରୋଲିଂ ଟିମ ଟ୍ରଲରକୁ ସମୁଦ୍ର ଭିତରେ ବୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିବା ୫ ଟ୍ରଲରକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଓ ବନବିଭାଗ ଚଢ଼ାଉ ଜାରି ରଖିଛନ୍ତି। ସୋମବାର ମା'ଦୁର୍ଗା ନାମକ ଟ୍ରଲରକୁ ଜବତ କରାଯାଇଥିବା ବେଳେ ସେଥିରେ ଥିବା ୧୩ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ସମସ୍ତ ମତ୍ସ୍ୟଜୀବୀ ବାଲେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି। ଜବତ ଟ୍ରଲରରୁ ଭିଏଚ୍‌ଏଫ୍ ୩ଟି, ଗୋଟିଏ ଜିପିଏସ୍, ଗୋଟିଏ ଫିସ୍‌ଫାଇଣ୍ଡର, ଟ୍ରଲିଂ ନେଟ ୧୧ଟି, ୨ଟି ମୋବାଇଲ ଫୋନ୍ ସହ ୭ କୁଇଣ୍ଟାଲ ୨୦ କେଜି ସାମୁଦ୍ରିକ ମାଛ ଜବତ କରାଯାଇଥିବା ବନ ବିଭାଗ ସୂଚନା ଦେଇଛି।



ସୋମବାର ଜବତ ମା' ଦୁର୍ଗା ଟ୍ରଲର ଓ ଗିରଫ ହୋଇଥିବା ୧୩ ମତ୍ସ୍ୟଜୀବୀ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରିବେ। ଅର୍ଥ ସଙ୍କଟ ସାଙ୍ଗକୁ ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। ପୂର୍ବ ପରିକଳ୍ପିତ ଯୋଜନା ଅନୁଯାୟୀ କର୍ମ କରିଚାଲିଲେ ଉପକୃତ ହୋଇପାରିବେ। ମାତ୍ରାଧିକ ଭ୍ରମଣଜନିତ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ସୃଷ୍ଟିହେବା ଆଶଙ୍କା ରହିଛି।

**ବୃଷ** ଆତ୍ମୀୟଙ୍କ ସାହାଯ୍ୟ, ସହାନୁଭୂତି ଦ୍ୱାରା ସମସ୍ୟାର ସମାଧାନ ହେବ। ଅଭାବ ପୂରଣ ଦିଗରେ ସହକର୍ମୀଙ୍କ ସହଯୋଗ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବ। କୌଣସି ଆନୁଷ୍ଠାନିକ କାର୍ଯ୍ୟ ମାଧ୍ୟମରେ ସାମାଜିକ ସ୍ତରରେ ପ୍ରତିଷ୍ଠା ଓ ପ୍ରଶଂସା ପାଇପାରନ୍ତି। ପାରିବାରିକ ଜୀବନରେ ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ।

**ମିଥୁନ** ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହ କର୍ମକ୍ଷେତ୍ରରେ ପଦସ୍ଥଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇବେ। ଗୃହ ନିର୍ମାଣ, ଜମିଜମା କାରବାର ଦିଗରେ ତତ୍ପର ରହିବେ। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି ଓ ପାରିବାରିକ ଦିଗଟି ଅନୁକୂଳ ରହିବ। ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଶିଳ୍ପ, ଗୃହ ନିର୍ମାଣ, ପରିବହନ, ବାଣିଜ୍ୟ, ବ୍ୟବସାୟ ଏପରିକି ଯୋଗାଣ କାରବାରରେ ଉନ୍ନତି କରିବେ। ବିବାଦୀୟ ଘଟଣା, କଚେରି ମାମଲା, ଜମିଜମା କାରବାର ଓ ଚୁକ୍ତିପତ୍ର ସମ୍ପର୍କିତ ସମସ୍ୟା ସମାଧାନ ହୋଇପାରେ।

**ସିଂହ** ବିଭିନ୍ନ ସମସ୍ୟା ବିଜଡ଼ିତ ରହିବା କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ। କଳା, କ୍ରୀଡ଼ା, ସଙ୍ଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମରେ ନିୟୋଜିତ ହେବେ। ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନିଜନିତ ସ୍ଥଗିତ କାମ ପାଇଁ କୈଫିୟତ ଦେବାକୁ ପଡ଼ିପାରେ। ସାଧାରଣ ଯୁକ୍ତିତର୍କକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବା ଆଶଙ୍କା ରହିଛି।

**କନ୍ୟା** କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ ସାମାଜିକ ସ୍ତରରେ ସୁସମ୍ପର୍କ ଅକ୍ଷୁଣ୍ଣ ରହିବ। ସାମାନ୍ୟ ବିଳମ୍ବିତ ସମୟରେ ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ପାଇବେ। ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ, ପରିବହନ, କ୍ରୟବିକ୍ରୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। କେତୁଙ୍କ ରାଶ୍ୟାବସ୍ଥାନ କାରଣରୁ ଚିନ୍ତାଧାରା ବିଶୃଙ୍ଖଳିତ ରହିବ।

**ତୁଳା** ନିଜ ଲୋକ ଈର୍ଷାପରାୟଣ ହୋଇ ପାରିବାରିକ ଜୀବନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ସଭାସମିତିରେ ନିଷ୍ପତ୍ତି ବଦଳାଇବା ଫଳରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଯାତ୍ରା, ବାଣିଜ୍ୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**ବିଛା** ଆଜି ବାରମ୍ବାର ଭ୍ରମଣଜନିତ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘସମୟ ସ୍ଥିର ଭାବରେ ରହିପାରିବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟ, ସଭାସମିତି, ମନୋରଞ୍ଜନ ତଥା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁଙ୍କ ସହଯୋଗରେ ବ୍ୟବସାୟ ଆଗକୁ ବଢ଼ାଇବେ। ପରିବହନରେ ସମସ୍ୟାର ସମ୍ମୁଖୀନ ହେବେ।

**ଧନୁ** ସକାଳୁ କୌଣସି କର୍ମାରମ୍ଭରେ ସମସ୍ୟା ଓ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାମକଲେ ହଇରାଣରେ ପଡ଼ିବା ସୂଚନା ରହିଛି। ସୁସ୍ଥତା ଫେରିପାଇବେ, କିନ୍ତୁ ବିଶେଷ ଶ୍ରମ ଓ ଭ୍ରମଣ ଠିକ୍ ହେବନାହିଁ। ଲେଖାପଢ଼ା, ସାମ୍ବାଦିକତା, ପ୍ରଶାସନ, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ଅର୍ଥ ସମ୍ବନ୍ଧୀୟ ସମସ୍ୟା ନ ଥିଲେ ମଧ ସ୍ଥାନାନ୍ତରଜନିତ ମାନସିକ ଅସ୍ଥିରତା ଲାଗିରହିବ। ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନର ସମସ୍ୟା ସମାଧାନରେ ସଫଳ ହେବେ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ପାରିବାରିକ ଜୀବନରେ ବୁଝାମଣାର ଅଭାବ ଦେଖାଦେବା ସୂଚନା ରହିଛି।

**କୁମ୍ଭ** ନୂତନ କର୍ମନିଯୁକ୍ତି ସମ୍ପର୍କରେ ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନାର ସୁଯୋଗ ଜୁଟିପାରେ। ବିଳାସବ୍ୟସନର ସୁଯୋଗ ପାଇଲେ ମଧ ଉପଭୋଗ୍ୟ ନ ହୋଇପାରେ। ନୂତନ ଗୃହ, ଯାନବାହନ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ୍ ଜିନିଷ ପାଇଁ ମନ ବଳାଇବେ। ପଦମର୍ଯ୍ୟାଦା ବୃଦ୍ଧି ସହ ସମ୍ପର୍କୀୟଙ୍କ କଥାବାର୍ତ୍ତା ବ୍ୟଥିତ କରିପାରେ।

**ମୀନ** ଆଜି ପ୍ରତ୍ୟେକ କାର୍ଯ୍ୟ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଦିନଟିରେ ଅର୍ଥଲାଭ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁଙ୍କ ଆଦର ମନକୁ ପ୍ରଫୁଲ୍ଲିତ କରି ରଖିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବା ସମ୍ଭାବନା ରହିଛି।

ଆଜି ଜାନୁଆରୀ ୧୪ ତାରିଖ, ମକର ସଂକ୍ରାନ୍ତି, ପ୍ରୟାଗତୀର୍ଥେ ମହାକୁମ୍ଭ ସ୍ନାନ, ଗଙ୍ଗାସାଗର ସ୍ନାନ, ଉତ୍ତରାୟଣ ବନ୍ଦାପନା, ପୋଙ୍ଗଲ, ଶୁଦ୍ଧକାଳ ଓ ମାଘ ବ୍ରତାରମ୍ଭ, ଶ୍ରୀଲିଙ୍ଗରାଜଙ୍କ ଘୃତକମ୍ବଳ, ମାଘ କୃଷ୍ଣ ପ୍ରତିପଦା ମଙ୍ଗଳବାର। ରାଶିନକ୍ଷତ୍ର–ପୁନର୍ବସୁ/କର୍କଟ, ଦିବା ଘ.୧୦।୧୭ ମି. ଗତେ ପୁଷ୍ୟା ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୯।୧୧ ଗତେ, ଘ.୧୦।୫୦ ମଧ୍ୟେ, ଘ.୦୧।୦୧ ଗତେ, ଘ.୦୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୯ ଗତେ, ଘ.୦୪।୦୧ ମଧ୍ୟେ ରାହୁକାଳ।




# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

## ଶ୍ରୀମନ୍ଦିରରେ ଅଭିଷେକ ନୀତି ସମ୍ପନ୍ନ

**ପୁରୀ,୧୩।୧ (ଅଜିତ୍ କୁମାର ମହାନ୍ତି)**

ପବିତ୍ର ପୌଷ ପୂର୍ଣ୍ଣମୀ ଅବସରରେ ସୋମବାର ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରତ୍ନସିଂହାସନରେ ଶ୍ରୀବିଗ୍ରହମାନେ ରାଜରାଜେଶ୍ୱର ବା ସୁନାବେଶରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ବର୍ଷକ ଭିତରେ ମହାପ୍ରଭୁଙ୍କ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହା ଅନ୍ୟତମ। ପରମ୍ପରା ଅନୁଯାୟୀ, ଅଭିଷେକ ପୂର୍ବଦିବସ ଅର୍ଥାତ ରବିବାର ମହାପ୍ରଭୁଙ୍କ ଚନ୍ଦନଲାଗି ନୀତି ପରେ ୮୭ ଗରା ଜଳ ଓ ୨୧ଗରା ଘିଅ ଭୋଗମଣ୍ଡପ ଘରେ ଅଧିବାସ ହୋଇରହିଥିଲା। ସୋମବାର ଶ୍ରୀମନ୍ଦିରରେ ସକାଳଧୂପ ବଢ଼ି ଅଭିଷେକ ନୀତି ଆରମ୍ଭ ହୋଇଥିଲା। ଅଧିବାସ ହୋଇ ରହିଥିବା ୧୦୮ ଗରା ଘିଅମିଶ୍ରିତ ଜଳରେ ଅଭିଷେକ ନୀତି କରାଯାଇଥିଲା। ସର୍ବାଙ୍ଗ ନୀତି ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ମହାଲକ୍ଷ୍ମୀ ମନ୍ଦିର ଜଗମୋହନକୁ ବିଜେ କରିଥିଲେ। ସେଠାରେ ଶ୍ରୀଦେବୀଙ୍କ ମାଜଣା, ବନକଲାଗି ଏବଂ ବେଶ କରାଯାଇଥିଲା। ଶ୍ରୀମନ୍ଦିରରେ ଠାକୁରଙ୍କ ସୁବର୍ଣ୍ଣବେଶ ହୋଇଥିଲା। ଏହି ବେଶରେ ତିନିଠାକୁର ସୁବର୍ଣ୍ଣ କିରୀଟ, ଶ୍ରୀପୟର, ଶ୍ରୀଭୁଜ, ଆଡକାନି, ଚନ୍ଦ୍ର, ସୂର୍ଯ୍ୟ, ସେବତୀ ମାଳି, ଘାଗଡ଼ା ମାଳି, ମକର କୁଣ୍ଡଳ, ବାଘନଖି ପ୍ରଭୃତି ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଜଗନ୍ନାଥ ମହାପ୍ରଭୁ ସୁବର୍ଣ୍ଣ ଚକ୍ର ଓ ରୁପାଶଙ୍ଖ, ପ୍ରଭୁ ବଳଭଦ୍ର ସୁବର୍ଣ୍ଣ ହଳମୁଷଳ ଧାରଣ କରିଥିଲେ। ଭୋଗ ସମୟରେ ଭିତରଚ୍ଛ ମହାପାତ୍ର ଲକ୍ଷ୍ମଣ ରୂପରେ ଦଣ୍ଡଛତ୍ର ଧାରଣ କରିଥିବାବେଳେ ହନୁମାନ ରୂପରେ ଜଣେ ପାଳିଆ ମେକାପ ଦଣ୍ଡଛତ୍ର ମୂଳକୁ ଧାରଣ କରିଥିଲେ। ଏହି ବେଶରେ ମହାପ୍ରଭୁ ଫୁଲ ଧନୁଶର ଧାରଣ କରିଥିଲେ। ପରେ ବନ୍ଦାପନା ହୋଇଥିଲା। ମୁଦିରସ୍ତ ଫୁଲ ଧନୁଶର ଓ ଦଣ୍ଡଛତ୍ର ଆଦି ମଇଲମ କରିଥିଲେ। ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଶ୍ରୀରଘୁନାଥ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ଶ୍ରୀବିଗ୍ରହଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରଘୁନାଥଙ୍କୁ ପ୍ରଦାନ କରିଥିଲେ। ପରେ ଶ୍ରୀରଘୁନାଥ ଲକ୍ଷ୍ମୀମନ୍ଦିରକୁ ବିଜେ କରିଥିଲେ। ସେଠାରେ ମହାସ୍ନାନ, ଶୀତଳ ଭୋଗ, ବନ୍ଦାପନା ଆଦି ନୀତି ସରିବା ପରେ ଠାକୁର ଦକ୍ଷିଣୀ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମ୍ପନ୍ନ ହୋଇଥିଲା।

# ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ କେନ୍ଦୁଝର ଗସ୍ତ

**କେନ୍ଦୁଝର,୧୩।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ମାଟିର ସନ୍ତାନ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମକର ସଂକ୍ରାନ୍ତି ଅବସରରେ ୩ ଦିନିଆ କେନ୍ଦୁଝର ଗସ୍ତରେ ମଙ୍ଗଳବାରଠାରୁ ଆସୁଛନ୍ତି। ମକର ସଂକ୍ରାନ୍ତି ଅବସରରେ ସେ ବୈତରଣୀ ନଦୀରେ ମକର ବୁଡ ଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୯ଟା ୩୦ରେ ସ୍ୱତନ୍ତ୍ର ବିମାନରେ ଆସି ରାଇସୁଆଁ ଏୟାରଷ୍ଟ୍ରିପ୍‌ରେ ଓହ୍ଲାଇବେ। ପୂର୍ବାହ୍ନ ୧୦ଟା ୪୦ରେ ପାଟଣାରେ ପହଞ୍ଚି ବୈତରଣୀ ନଦୀରେ ମକରବୁଡ଼ ଦେବେ। ସେଠାରେ କିଛି ସମୟ ରହଣି ପରେ ସର୍କିଟ ହାଉସ୍‌ରେ ପହଞ୍ଚି ଅପରାହ୍ନ ୪ଟାରେ ଝୁମ୍ପୁରାରେ ଏକ ପୋଲର ଶୁଭ ଉଦ୍‌ଘାଟନ କରିବେ। ସେଠାରୁ ରାଇକଳାସ୍ଥିତ ନିଜ ବାସଭବନକୁ ଯାଇ ରାତିରେ କେନ୍ଦୁଝର ଫେରି ସର୍କିଟ ହାଉସରେ ରାତ୍ରିଯାପନ କରିବେ। ବୁଧବାର ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ସାମାଜିକ ସୁରକ୍ଷା ପେନ୍‌ସନ୍ ଯୋଜନାର ଲୋକାର୍ପଣ ଉତ୍ସବରେ ଯୋଗଦେବେ। ସେଠାରୁ ସର୍କିଟ ହାଉସ ଫେରି ବଡ଼ବିଲ ଯାଇ ଓଏମ୍‌ଡିସି ଗେଷ୍ଟ ହାଉସ୍‌ରେ ରହିବେ। ସନ୍ଧ୍ୟା ୫ଟା ୪୦ରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସାରଦା ପ୍ରାର୍ଥନା ମଣ୍ଡପର ଉଦ୍‌ଘାଟନ କରିବା ପରେ ୬ଟା ୩୦ରେ ବଡବିଲ ମହୋତ୍ସବର ରୌପ୍ୟ ଜୟନ୍ତୀରେ ଯୋଗଦେବେ। ସେଠାରୁ ରାତିରେ କେନ୍ଦୁଝର ଫେରି ରାତ୍ରିଯାପନ କରି ଗୁରୁବାର ବାଲିବନ୍ଧଠାରେ ମହେନ୍ଦ୍ର ପଟ୍ଟନାୟକଙ୍କ ମା'ଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗଦେବେ। ରାଇସୁଆଁ ଫେରି ପୂର୍ବାହ୍ନ ୧୦ଟା ୫୫ରେ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ଫେରିଯିବେ।

# କଂସବଧ ସହ ସରିଲା ବରଗଡ଼ ଧନୁଯାତ୍ରା



ବରଗଡ଼ ଧନୁଯାତ୍ରାର ଅନ୍ତିମ ସନ୍ଧ୍ୟାରେ କଂସବଧ ଦୃଶ୍ୟ।

**ମଥୁରାନଗରୀ,୧୩।୧ (ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ୧୧ଦିନ ବ୍ୟାପୀ ହୋଇଥିବା ଏହି ମହୋତ୍ସବର ଶେଷ ସନ୍ଧ୍ୟାରେ କଂସବଧ ଦୃଶ୍ୟାଭିନୟ ହୋଇଥିଲା। ଏହାପରେ ଉଗ୍ରସେନଙ୍କ ରାଜାଭିଷେକ ହୋଇଥିଲା ଏବଂ ଚଳିତବର୍ଷ ଧନୁଯାତ୍ରା ମହୋତ୍ସବ ସରିଥିଲା। ଅନ୍ତିମ ଦିବସରେ ଏହି ଦୃଶ୍ୟାଭିନୟ ଦେଖିବା ପାଇଁ ଦର୍ଶକଙ୍କ ପ୍ରବଳ ଭିଡ଼ ହୋଇଥିଲା।

ଅନ୍ୟଦିନ ଭଳି କଂସ ମହାରାଜ ରାଜମହଲରୁ ମଥୁରା ପରିଭ୍ରମଣରେ ବାହାରିଥିଲେ। ବାଟରେ ସେ ଜର୍ଜ ହାଇସ୍କୁଲ ପଡ଼ିଆରେ ଲାଗିଥିବା ମୀନାବଜାର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ଚାଲିଥିବା ରେଡ୍ ଡ୍ରପ୍ ମାରାଥନ ରକ୍ତଦାନ ଶିବିର ପରିଦର୍ଶନ କରିଥିଲେ। ଭ୍ରମଣ ସାରି କଂସ ଲୋକ ମଣ୍ଡପ ପଡ଼ିଆସ୍ଥିତ ରାଜଦରବାରରେ ପହଞ୍ଚିଥିଲେ। ସେଠାରେ ଶ୍ରୀକୃଷ୍ଣ, ବଳରାମଙ୍କୁ ହତ୍ୟା କରିବା ପାଇଁ ସେନାପତି, ମହାମନ୍ତ୍ରୀ, ଚାଣୁର, ମୁଷ୍ଟିକ ଆଦି ସୈନ୍ୟ ସାମନ୍ତଙ୍କ ସହିତ ରଣକୌଶଳ କରିଥିଲେ।

ଅନ୍ୟପଟେ ଶ୍ରୀକୃଷ୍ଣ ହାଟପଦାସ୍ଥିତ ଦରବାରକୁ ଯାଇ ଶିବଧନୁ ଭଙ୍ଗ କରିଥିଲେ। ତାଙ୍କ କରାଘାତରେ କୁବଳୟା ହସ୍ତୀ ପ୍ରାଣ ହରାଇଥିଲା। ଏହାପରେ ଶ୍ରୀକୃଷ୍ଣ, ବଳରାମ ଲୋକ ମଣ୍ଡପ ପଡ଼ିଆସ୍ଥିତ ରାଜଦରବାରରେ ପହଞ୍ଚିଥିଲେ। ଶ୍ରୀକୃଷ୍ଣ, ବଳରାମଙ୍କୁ ହତ୍ୟା କରିବା ପାଇଁ ସେମାନେ ନିଶ୍ଚୟ ସକ୍ଷମ ହେବେ ବୋଲି କଂସଙ୍କ ପାତ୍ରମନ୍ତ୍ରୀ, ସେନାପତି ନିଜ ପରାକ୍ରମ ଦେଖାଇଥିଲେ। କଂସ ମହାରାଜ ମଧ୍ୟ ରାଣୀ ପଦ୍ମାବତୀଙ୍କ ବାରଣ ସତ୍ତ୍ୱେ ରଣାଙ୍ଗନକୁ ଓହ୍ଲାଇଥିଲେ। କିନ୍ତୁ ବେନିଭାଇଙ୍କ ହାତରେ ତାଙ୍କର ନିଧନ ହୋଇଥିଲା। ଏହାପରେ ରାଜା ଉଗ୍ରସେନଙ୍କ ପୁଣି ରାଜାଭିଷେକ ହୋଇଥିଲା। ଶ୍ରୀକୃଷ୍ଣ, ବଳରାମ କାରାଗାରକୁ ଯାଇ ସେଠାରେ ବନ୍ଦୀ ଥିବା ଦେବକୀ, ବସୁଦେବଙ୍କୁ ମୁକ୍ତ କରିଥିଲେ। ଏହାପରେ ମଥୁରାବାସୀ ବାଣ ଫୁଟାଇ ଏବଂ ଲଡୁ ବାଣ୍ଟି ଖୁସି ମନାଇଥିଲେ। ଶେଷରେ କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ପାପରୁ ମୁକ୍ତି ପାଇଁ ଶ୍ରୀକ୍ଷେତ୍ର ପୁରୀକୁ ଯାତ୍ରା କରିଥିଲେ। ମଙ୍ଗଳବାର ସକାଳେ ସେ ମହୋଦଧିରେ ସ୍ନାନ କରିବା ସହିତ ଜଗନ୍ନାଥ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେହିପରି କଂସ ମହାରାଜଙ୍କ ଅନ୍ୟ ସେନାପତି, ପାତ୍ରମନ୍ତ୍ରୀମାନେ ବରଗଡ଼ ଜିଲା ପାଇକମାଳ ବ୍ଲକ ନୃସିଂହନାଥକୁ ଯାଇ ସେଠାରେ ଗୋକୁଣ୍ଡ ଘାଟରେ ସ୍ନାନ କରିବା ସହିତ ମହାପ୍ରଭୁ ନୃସିଂହନାଥଙ୍କ ଦର୍ଶନ କରିବେ ବୋଲି ସୂଚନା ମିଳିଛି।

ଅନ୍ତିମ ଦିବସରେ ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ରାଜଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଧନୁଯାତ୍ରା ମହୋତ୍ସବ ଅବସରରେ ରେଡ୍ ଡ୍ରପ୍ ମାରାଥନ ରକ୍ତଦାନ ଶିବିର ଆୟୋଜନ କରିଥିବା ନିଷ୍ଠା ପରିବାର ଓ ଆର୍ଟ ଅଫ୍ ଲିଭିଙ୍ଗ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# କାନି ବା ହାତ ଧରନି

ସ୍ୱାମୀ ଓ ସ୍ତ୍ରୀ ପରସ୍ପର ସହମତିରେ ବିବାହ ବିଚ୍ଛେଦ ପାଇଁ ଦାୟର କରିଥିବା ମାମଲା ବିଚାରାଧୀନ ଥିବା ସମୟରେ ଦମ୍ପତିଙ୍କ ମଧ୍ୟରୁ ଜଣେ ଯେକୌଣସି ସମୟରେ ଏକପାଖିଆ ଭାବେ ସମ୍ମତି ପ୍ରତ୍ୟାହାର କରିପାରିବେ ବୋଲି ଓଡ଼ିଶା ହାଇକୋର୍ଟ ରାୟ ଦେଇଛନ୍ତି। ବିବାହ ବିଚ୍ଛେଦ ପାଇଁ ବାଲେଶ୍ୱର ପରିବାର ଅଦାଲତ ୨୦୨୧ ନଭେମ୍ବର ୨୨ରେ ପ୍ରଦାନ କରିଥିବା ରାୟକୁ ରଦ୍ଦ କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି। ଏହା ସହ ଏହି ମାମଲାରେ ପରିବାର ଅଦାଲତ ସାନି ଶୁଣାଣି କରି ୬ ମାସ ଭିତରେ ଫଇସଲା କରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ଜଣାପଡ଼ିଛି ଯେ, ଆବେଦନକାରୀଙ୍କ ବିବାହ ୨୦୧୮ରେ ହୋଇଥିଲା। ସେମାନେ କିଛି ଦିନ ଭଲରେ ଚଳିଥିଲେ। ପରେ ଦୁହିଁଙ୍କ ମଧ୍ୟରେ ମତାନ୍ତର ଯୋଗୁ ସମ୍ପର୍କରେ ଫାଟ ଦେଖାଯାଇଥିଲା। ୨୦୨୦ରେ ପରସ୍ପର ସହମତିରେ ବାଲେଶ୍ୱର ପରିବାର ଅଦାଲତରେ ବିବାହ ବିଚ୍ଛେଦ ପାଇଁ ହିନ୍ଦୁ ବିବାହ ଅଧିନିୟମ ୧୯୫୫ର ଧାରା ୧୩(ଖ)ରେ ଯୁଗ୍ମ ଆବେଦନ ଦାୟର କରିଥିଲେ। ଏହି ମାମଲା ବିଚାର ଚାଲିଥିଲା। ଏହା ମଧ୍ୟରେ ପତ୍ନୀ ନିଜ ସମ୍ମତି ନଭେମ୍ବର ୧୮, ୨୦୨୧ରେ ପ୍ରତ୍ୟାହାର କରି ନେବା ସହ ତାହା ଅଦାଲତଙ୍କୁ ଅବଗତ କରିଥିଲେ। ପରେ ନଭେମ୍ବର ୨୨ରେ ପରିବାର ଅଦାଲତ ବିବାହ ବିଚ୍ଛେଦ ଆଦେଶ ପ୍ରଦାନ କରିଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ପତ୍ନୀ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ପରିବାର ଅଦାଲତଙ୍କ ଆଦେଶ ବିରୋଧରେ ପତ୍ନୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ପରିବାର ଅଦାଲତ ଦେଇଥିବା ରାୟକୁ ରଦ୍ଦ କରିଥିଲେ।

**ଶେଷରେ ଏହା କୁହାଯାଇପାରେ ଯେ ବିଚ୍ଛେଦକୁ ବିଳମ୍ବିତ ବା ବିରୋଧ କରିବା ପରିବର୍ତ୍ତେ ସୁବିଧାରେ ଅନୁମତି ଦିଆଯାଇପାରିଲେ ଉଭୟ ପଟ ସୁରକ୍ଷିତ ଏବଂ ଶାନ୍ତିରେ ରହିପାରିବେ। ସମ୍ପର୍କକୁ ହାତଧରି ହେଉ କିମ୍ବା କାନି ଧରି ଅଟକାଯାଇ ପାରିବ ନାହିଁ। ଦୁହିଁଙ୍କ ମନ ଠିକ୍ ରହିଲେ ସମ୍ପର୍କ ମଧ୍ୟ ସମ୍ପୂର୍ଣ୍ଣ ଭଲ ରହିବ।**

ଭାରତରେ ବିବାହ ଏକ ସାମାଜିକ ବନ୍ଧନ। ଅନ୍ୟ ସମାଜରେ ବିଶେଷକରି ପାଶ୍ଚାତ୍ୟ ଦେଶଗୁଡ଼ିକରେ ବିବାହକୁ ଏକ ଚୁକ୍ତି ଆକାରରେ ଦେଖାଯାଇଥାଏ। ସେଥିପାଇଁ ଅନେକ ଦେଶରେ ବିବାହ ପୂର୍ବରୁ ଏବଂ ଦୁଇ ପକ୍ଷର ସୁସ୍ଥ ସମ୍ପର୍କ ଥିବା ସମୟରେ 'ପ୍ରିନପ' (ବିବାହ ପୂର୍ବରୁ ଚୁକ୍ତି ଦସ୍ତଖତ) କରାଯାଇଥାଏ। ଏହା ଆଧୁନିକ ସମାଜରେ ଏକ ସ୍ୱୀକୃତିପ୍ରାପ୍ତ ଚୁକ୍ତି ଭାବେ ଗ୍ରହଣ କରିନିଆଗଲାଣି। ବ୍ରିଟେନ ଭଳି ଦେଶରେ ୪୦ ପ୍ରତିଶତରୁ ଅଧିକ ବିବାହ ବିଚ୍ଛେଦରେ ପରିଣତ ହେଉଥିବାର ତଥ୍ୟ ମିଳୁଛି। ସେଥିପାଇଁ ବିବାହ ପୂର୍ବରୁ ଚୁକ୍ତି ହୋଇଗଲେ ପରିବର୍ତ୍ତୀ ସମୟରେ ଦ୍ୱେଷ ଏବଂ କ୍ରୋଧ କିମ୍ବା ହିଂସାରେ ପରିଣତ ହେଉନାହିଁ। ଅନ୍ୟପଟେ ଭାରତରେ ହିନ୍ଦୁ ବିବାହ ଆଇନ ୧୯୫୫ରେ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ହେଉଥିବା ବିବାହକୁ ଚୁକ୍ତି ଭାବେ ଗଣାଯାଉ ନାହିଁ। ଏହାର ଫଳସ୍ୱରୂପ ସ୍ୱାମୀ ଦ୍ୱାରା ସ୍ତ୍ରୀର ହତ୍ୟା କିମ୍ବା ସ୍ତ୍ରୀ ତରଫରୁ ଅନ୍ୟ ଲୋକଙ୍କୁ ଜଡ଼ିତ କରି ସ୍ୱାମୀର ହତ୍ୟା ଘଟାଉଥିବାର ଅନେକ ଉଦାହରଣ ଭାରତରେ ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରୁ ବୁଝାପଡୁଛି ଯେ, ବିବାହ ପୂର୍ବରୁ ଏବଂ ବିବାହ ସମୟରେ ଉଭୟ ପଟରେ ସ୍ନେହ, ଶ୍ରଦ୍ଧା ଏବଂ ପ୍ରେମ ରହିଥାଏ। କିନ୍ତୁ ପରବର୍ତ୍ତୀ ସମୟରେ ତିକ୍ତତା ପ୍ରବେଶ କରେ। ବିଶେଷକରି ବ୍ୟବସ୍ଥିତ ବା ପ୍ରସ୍ତାବିତ ବିବାହରେ ଉଭୟ ପଟ ପରସ୍ପରକୁ ଭଲଭାବେ ଚିହ୍ନି ନ ଥିବା ହେତୁ ଅନେକ ସମୟରେ ବିବାହ ପରେ ଖୁବ୍‌ଶୀଘ୍ର ବୁଝାମଣା ଭାଙ୍ଗିଯାଇଥାଏ। ଏହା କେବଳ ଭାରତର ଶିକ୍ଷିତ ଏବଂ ସହରାଞ୍ଚଳରେ ରହୁଥିବା ଦମ୍ପତିଙ୍କ କ୍ଷେତ୍ରରେ ସୀମିତ ନୁହେଁ। ଭାରତର ଗ୍ରାମାଞ୍ଚଳରେ ମଧ୍ୟ ବିବାହ ବିଚ୍ଛେଦର ଉଦାହରଣ ବୃଦ୍ଧି ପାଇବାରେ ଲାଗିଛି। ଅଧିକାଂଶ ସମୟରେ ବିଧିବଦ୍ଧ ବିଚ୍ଛେଦ ପରିବର୍ତ୍ତେ ସାଧାରଣତଃ ପୁରୁଷମାନେ ସ୍ତ୍ରୀକୁ ଛାଡ଼ି ଉଭାନ ହୋଇଯାଉଛନ୍ତି। ଯେଉଁଥିପାଇଁ ପ୍ରେମରୁ ଉପୁଜୁଥିବା ବିବାହ କ୍ଷେତ୍ରରେ ୪୦ ପ୍ରତିଶତ ବିଚ୍ଛେଦ ତଥ୍ୟ ମିଳୁଥିବା ବେଳେ ପ୍ରସ୍ତାବିତ ବିବାହ ମାତ୍ର ୪ ପ୍ରତିଶତ ବିଚ୍ଛେଦ ଘଟିଥାଏ ବୋଲି ବିଭିନ୍ନ ସୂତ୍ରରୁ ତଥ୍ୟ ମିଳେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରେମରୁ ବିବାହ ବିଚ୍ଛେଦ ତଥ୍ୟ ସତ୍ୟ ହୋଇଥିବା ସମ୍ଭାବନା ଅଧିକ। ଅପରପଟେ ପ୍ରସ୍ତାବିତ ବିବାହରୁ ଘଟୁଥିବା ବିଚ୍ଛେଦ ମାତ୍ର ୪ ପ୍ରତିଶତ ହୋଇଥିବା ତଥ୍ୟ ବାସ୍ତବତାଠାରୁ ଅନେକ ଦୂରରେ ଥିବାଭଳି ମନେହୁଏ। ଭାରତରେ ସାମାଜିକ ଚାପ ଯୋଗୁ ବିଧିବଦ୍ଧ ବିଚ୍ଛେଦ ପ୍ରସ୍ତାବିତ ବିବାହଗୁଡ଼ିକରେ ଦେଖିବାକୁ ମିଳେନାହିଁ। ଏହାଫଳରେ ହତ୍ୟା କିମ୍ବା ଅତ୍ୟାଚାରର ଘଟଣା ବୃଦ୍ଧି ପାଉଛି। ସେଥିପାଇଁ ଶେଷରେ ଏହା କୁହାଯାଇପାରେ ଯେ ବିଚ୍ଛେଦକୁ ବିଳମ୍ବିତ ବା ବିରୋଧ କରିବା ପରିବର୍ତ୍ତେ ସୁବିଧାରେ ଅନୁମତି ଦିଆଯାଇପାରିଲେ ଉଭୟ ପଟ ସୁରକ୍ଷିତ ଏବଂ ଶାନ୍ତିରେ ରହିପାରିବେ। ସମ୍ପର୍କକୁ ହାତଧରି ହେଉ କିମ୍ବା କାନି ଧରି ଅଟକାଯାଇ ପାରିବ ନାହିଁ। ଦୁହିଁଙ୍କ ମନ ଠିକ୍ ରହିଲେ ସମ୍ପର୍କ ମଧ୍ୟ ସମ୍ପୂର୍ଣ୍ଣ ଭଲ ରହିବ। ଥରେ ମନ ଫାଟିଗଲେ ସେତେବେଳେ କୌଣସି ଆଇନକୁ ବ୍ୟବହାର କରି ଅଟକାଯାଇ ପାରିବ ନାହିଁ। ସମ୍ପର୍କ ପ୍ରେମ, ସ୍ନେହ ଓ ଉତ୍ତମ ବୁଝାମଣାରେ ମଜଭୁତ ହୋଇଥାଏ । ଏହାର ଅଭାବରେ ବିଚ୍ଛେଦ ଘଟିବା ସ୍ୱାଭାବିକ।

# ସାଂସ୍କୃତିକ ସମର ଓ ସେନାପତି ଫକୀରମୋହନ



ଡ.ପ୍ରଫୁଲ୍ଲ କୁମାର ସାହୁ

ସାଂସ୍କୃତିକ ଜାଗରଣର ଅଗ୍ରଦୂତ ଫକୀରମୋହନ ସେନାପତି। ଭାଷା ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର। କେନ୍ଦ୍ରାପଡ଼ାର କୁଶିନ୍ଦା ଗ୍ରାମରୁ ଆସି ବାଲେଶ୍ୱର ଜିଲାର ମଲ୍ଲିକାଶପୁରରେ ସ୍ଥାୟୀ ଭାବରେ ରହୁଥିଲେ ପାଇକ ସର୍ଦ୍ଦାର ହନୁ ମଲ୍ଲ, ଯିଏ ନିଜର ବୀରତ୍ୱ ପାଇଁ ମରହଟ୍ଟା ଅମଳରେ ପାଇଥିଲେ ସେନାପତି ପଦବୀ। କୁଶ ମଲ୍ଲ (ସେନାପତି) ଥିଲେ ହନୁ ମଲ୍ଲଙ୍କ ନାତି ଏବଂ ଫକୀରମୋହନଙ୍କ ଜେଜେବାପା। ଅର୍ଥାତ୍ ଫକୀରମୋହନ ହେଉଛନ୍ତି ହନୁ ମଲ୍ଲଙ୍କ ପଞ୍ଚମ ପିଢ଼ିର ଦାୟାଦ। ଆଜନ୍ମ ରୋଗାକ୍ରାନ୍ତ ଫକୀରମୋହନ ପୂର୍ବଜଙ୍କ ପରି ରଣରଙ୍କା ଯୋଦ୍ଧା ନ ହେଲେ ମଧ୍ୟ ସେ ଥିଲେ ପରାଧୀନ ଦେଶର ଏକ ପରିଚୟହୀନ ଭୂଖଣ୍ଡର କର୍ମଯୋଗୀ ଚିନ୍ତାନାୟକ। ତାଙ୍କ ସମୟରେ କଲିକତାରେ ରହି ଇଂରେଜମାନେ ଓଡ଼ିଶାକୁ ଶାସନ କରୁଥିଲେ ଏବଂ କଲିକତାରୁ ନିଯୁକ୍ତି ପାଇ ଓଡ଼ିଶା ଆସୁଥିଲେ ହାକିମ, ପେସ୍କାର,କିରାଣିମାନେ। ପ୍ରତ୍ୟେକ ସ୍କୁଲର ଅଧିକାଂଶ ଶିକ୍ଷକ ଥିଲେ ବଙ୍ଗାଳୀ। ସାହେବମାନଙ୍କ ହୁକୁମ ଓ ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ମଝିରେ ବନ୍ଧାପଡ଼ିଥିଲା ସ୍ୱାଭିମାନୀ ଓଡ଼ିଆ ଜାତିର ଭାଗ୍ୟ। ଏହାର ସୁଯୋଗ ନେଇ ବିଦ୍ୟାଳୟରୁ ଓଡ଼ିଆ ଭାଷାକୁ ଉଚ୍ଛେଦକରି ବଙ୍ଗଳା ଭାଷାର ପ୍ରଚଳନ ପାଇଁ ଏଠାରେ ରହୁଥିବା କତିପୟ ବଙ୍ଗାଳୀ ଶିକ୍ଷକ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଆରମ୍ଭହେଲା ଚକ୍ରାନ୍ତ। ତାକୁ ପ୍ରତିହତ କରିବାକୁ ଯାଇ ଓଡ଼ିଆ ଜାତି ଯେଉଁ ବୌଦ୍ଧିକ ଲଢ଼େଇ ଲଢ଼ିଥିଲା ତା'ର ରିଂ ଲିଡର ଥିଲେ ସେନାପତି ଫକୀରମୋହନ। ଆନୁଷ୍ଠାନିକ ଶିକ୍ଷା ସ୍ୱଳ୍ପ ହେଲେ ହେଁ ଅସାଧାରଣ ଥିଲା ତାଙ୍କ ପାଣ୍ଡିତ୍ୟ ଓ ପ୍ରତ୍ୟୁତ୍ପନ୍ନମତିତା। ତାଙ୍କର ଅକାଟ୍ୟ ଯୁକ୍ତି ବିଚାରବନ୍ତ ସାହେବମାନଙ୍କୁ ଏଭଳି ପ୍ରଭାବିତ କରିଥିଲା ଯେ ପଣ୍ଡ ପରିଶ୍ରମରେ ପରିଣତ ହୋଇଥିଲା ବଙ୍ଗାଳୀମାନଙ୍କ ଷଡ଼ଯନ୍ତ୍ର। ଏଥିପାଇଁ କିନ୍ତୁ କମ୍ ଲଢ଼େଇ କରିନାହାନ୍ତି ସେନାପତି ଫକୀରମୋହନ। ନିଜ ଆତ୍ମଜୀବନୀରେ ସେ ଲେଖିଛନ୍ତି- ''ସଭାସମିତିରେ ବକ୍ତୃତା,ଖବରକାଗଜରେ ଲେଖାଲେଖି ଏବଂ ପ୍ରକାଶ୍ୟରେ ତର୍କବିତର୍କ କରିବା ଫଳରେ ମୁଁ ବଙ୍ଗାଳୀ ସମାଜର ପରମ ଶତ୍ରୁ ହୋଇ ପଡ଼ିଲି। ବଙ୍ଗାଳୀବାବୁମାନେ ଅତ୍ୟନ୍ତ ଘୃଣା ଯୋଗୁ ମୋ ନାମ ଧରନ୍ତି ନାହିଁ। କୁହନ୍ତି , ଶାଳା ରିଂ ଲିଡର।'' ଓଡ଼ିଆରେ ମୁଦ୍ରିତ ପାଠ୍ୟପୁସ୍ତକ ନାହିଁ- ଏହା ହିଁ ଥିଲା ଓଡ଼ିଆ ଭାଷାର ବିଲୋପ ନିମନ୍ତେ ଯୁକ୍ତି କରୁଥିବା ବଙ୍ଗୀୟ କର୍ମଚାରୀଙ୍କ ପ୍ରଥମ ଅଭିଯୋଗ, ଯାହାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରିଥିଲେ ସେନାପତି ଫକୀରମୋହନ। ଲେଖିଲେ ଭାରତ ଇତିହାସ (ପ୍ରଥମ ଓ ଦ୍ୱିତୀୟ ଭାଗ) ବ୍ୟାକରଣ ଓ ଅଙ୍କମାଳା। ପାଠ୍ୟପୁସ୍ତକ ଛାପା ଓ ସାହିତ୍ୟର ବିକାଶ ପାଇଁ ବାଲେଶ୍ୱରରେ ସ୍ଥାପନକଲେ ଛାପାଖାନା। ପ୍ରେସ୍ ସ୍ଥାପନ ପାଇଁ ସେ ଯେଭଳି ବ୍ୟବସାୟିକ ଶଠତାର ଶିକାରହେବା ସହ ଯେଉଁ ଆର୍ଥିକ ଅନଟନ, ଶାରୀରିକ ଯନ୍ତ୍ରଣା, ଲଜ୍ଜା, ଅପମାନ, ଦୁଃଖ ଓ ଦୁର୍ଦ୍ଦଶା ଭୋଗ କରିଛନ୍ତି, ତାହା ଜାଣିଲେ ଓଦା ହୋଇଯିବ ପ୍ରତ୍ୟେକ ସ୍ୱାଭିମାନୀ ଓଡ଼ିଆର ଆଖି। ପ୍ରେସ୍ ପ୍ରତିଷ୍ଠା ସହ ଜାତୀୟ ଜାଗରଣ ନିମନ୍ତେ ପାକ୍ଷିକ ଖବରକାଗଜ 'ସମ୍ବାଦବାହିକା' ଓ



ସାହିତ୍ୟ ପତ୍ରିକା 'ବୋଧଦାୟିନୀ' ପ୍ରକାଶନ ଥିଲା ମୁମୂର୍ଷୁ ଓଡ଼ିଆ ଭାଷା ଓ ଭଗ୍ନଜାନୁ ଓଡ଼ିଆ ଜାତିର ମର୍ମନ୍ତୁଦ ଇତିହାସର ଏକ ଏକ ସ୍ମରଣୀୟ ଅଧ୍ୟାୟ।

ପୁରାତନ ଚାହାଳି ପାଠ ପରେ ପାର୍ସି ସ୍କୁଲରେ ଉର୍ଦ୍ଦୁ ବିଦ୍ୟା ଓ ସାମାନ୍ୟ କିଛି ଆଧୁନିକ ଶିକ୍ଷା- ଏତିକି ଯୋଗ୍ୟତା ନେଇ ଆରମ୍ଭକଲେ ଶିକ୍ଷକତା । ମାତ୍ର କଠିନ ଅଧ୍ୟବସାୟ ତାଙ୍କୁ ଆଣିଦେଲା ବାଲେଶ୍ୱର ମିଶନ ସ୍କୁଲର ଜଣେ ପ୍ରଭାବଶାଳୀ ପ୍ରଧାନ ଶିକ୍ଷକ ତଥା ଗଣିତ,ଭୂଗୋଳ ଓ ଇତିହାସ ଆଦି ପାଠ୍ୟ ପୁସ୍ତକ ରଚୟିତାର ପରିଚୟ ଓ ପ୍ରତିଷ୍ଠା। ସବୁଠାରୁ ସଂଘର୍ଷମୟ ଥିଲା ତାଙ୍କ ପ୍ରଶାସନିକ ଜୀବନ। ୧୮୭୧ ରୁ ୧୮୮୬ ପର୍ଯ୍ୟନ୍ତ ସେ ନୀଳଗିରି, ଡମପଡ଼ା, ଢେଙ୍କାନାଳ, ପାଲଲହଡ଼ା ଓ କେନ୍ଦୁଝର ଆଦି ବିଭିନ୍ନ ରାଜ୍ୟରେ ପ୍ରଶାସନିକ ଦାୟିତ୍ୱରେ ରହିଛନ୍ତି ଏବଂ ବିଶେଷକରି କେନ୍ଦୁଝରର ପ୍ରଜାମେଳିକୁ ସାମ୍ନା କରିବାକୁ ଯାଇ ଯେଉଁ ସେନାପତିତ୍ୱର ପରିଚୟ ଦେଇଛନ୍ତି ତାହା ଏକ ସନନ୍ଦ ହୋଇ ରହିଛି କେନ୍ଦୁଝରର ପ୍ରଜାମେଳି ଇତିହାସରେ। କେନ୍ଦୁଝର ରାଜ୍ୟର ଦେୱାନ ଭାବରେ ସେ ଆନନ୍ଦପୁର ଇଲାକାରେ କାର୍ଯ୍ୟରତ ଥିବା ସମୟରେ ମାଛକାନ୍ଦଣା ଜୋର ଖୋଳାକୁ କେନ୍ଦ୍ରକରି କେନ୍ଦୁଝରରେ ଦାନା ବାନ୍ଧିଲା ପ୍ରଜା ଆନ୍ଦୋଳନ। ଭୂୟାଁ ସର୍ଦ୍ଦାର ଧରଣୀଧରଙ୍କ ନେତୃତ୍ୱରେ ବିଦ୍ରୋହ ଏତେ ଉଗ୍ରରୂପ ଧାରଣକଲା ଯେ ନିଜ ଗଡ଼ ଛାଡ଼ି ଆନନ୍ଦପୁରରେ ଆଶ୍ରୟ ନେଲେ ରାଜା ଧନଞ୍ଜୟ ନାରାୟଣ ଭଞ୍ଜ। ରାଜବାଟୀ ଭିତରେ ଅସହାୟ ଅବସ୍ଥାରେ ରହିଗଲେ ରାଣୀ ଓ ପରିବାରବର୍ଗ। ରାଜପରିବାର ସୁରକ୍ଷା ତଥା ରାଜବାଟି ଦଖଲ କରିବାକୁ ସଜ ହେଉଥିବା ବିଦ୍ରୋହୀମାନଙ୍କ ଆହ୍ୱାନ ଆଗରେ ଗର୍ଜନ ଛାଡ଼ିଲା ଫକୀରମୋହନଙ୍କ ସେନାପତିପଣିଆ। ଯୁଦ୍ଧବିଦ୍ୟା ବିସ୍ମୃତ କିଛି ପାଇକଙ୍କୁ ସାଙ୍ଗରେ ଧରି ବିଦ୍ରୋହ ଦମନ ପାଇଁ ବାହାରି ପଡ଼ିଲେ ନିଜଗଡ଼ ଅଭିମୁଖେ। ମାତ୍ର ଘାଟି ଅତିକ୍ରମ କରିବା ସମୟରେ ବିଦ୍ରୋହୀଙ୍କ ହାତରେ ଧରାପଡ଼ିଲେ ଏବଂ ବନ୍ଦୀ ହୋଇ ରହିଲେ ରାଇସୁଆଁ ଆମ୍ବତୋଟାରେ। ହଣା ଖାଇବା ଥିଲା ନିଧାର୍ଯ୍ୟ।

କୁହାଯାଏ ଯୋଦ୍ଧାର ଅସଲ ପରୀକ୍ଷା ହୁଏ ସଙ୍କଟ ସମୟରେ। ଫକୀରମୋହନଙ୍କ ପାଖରେ ତାଙ୍କ ପୂର୍ବଜ ହନୁ ମଲ୍ଲଙ୍କ ଭଳି ଶାରୀରିକ ଶକ୍ତି ନ ଥିଲା ତ,ହେଲେ ଦୁର୍ବଳ ଶରୀରର ମସ୍ତିଷ୍କଟା ଥିଲା ପ୍ରଖର ବୁଦ୍ଧିଦୀପ୍ତ। ସେଥିପାଇଁ ବିଧାତା ତାଙ୍କ ହାତରେ ଶତ୍ରୁଜୟୀ ଅସ୍ତ୍ର ପରିବର୍ତ୍ତେ ଧରାଇଥିଲେ କାଳଜୟୀ କଲମ। ସେହି ବୁଦ୍ଧି ଓ କଲମ ବଳରେ ବିଦ୍ରୋହୀଙ୍କ ହାତରୁ ସେ କେମିତି ବଞ୍ଚିଲେ, ସେ ସଂଘର୍ଷପୂର୍ଣ୍ଣ କାହାଣୀ ଗୋଟେ ରହସ୍ୟମୟ ଉପନ୍ୟାସଠାରୁ ଆହୁରି ରୋମାଞ୍ଚକର।

ମେଳି ସର୍ଦ୍ଦାର ଧରଣୀଧରଙ୍କ ଅନୁମତିକ୍ରମେ ବାଲେଶ୍ୱରରୁ ପାନଗୁଆ ମଗାଇବା ଛଳରେ ସେ ଲେଖିଥିଲେ ଏକ କୃତାର୍ଥପୂର୍ଣ୍ଣ ଖୋଲା ଚିଠି। ସେଥିରେ ଲେଖାଥିଲା-'ଭୋଳାନାଥ ଖମାରିଆ (ଖମାର ତତ୍ତ୍ୱାବଧାରକ) ଜାଣିବୁ,ମହାରାଣୀ ପୁତ୍ରଙ୍କ (ବିଦ୍ରୋହୀ ନେତା ଧରଣୀଧର)ସକାଶେ ନିତାନ୍ତ ଦରକାର, ଅତିଶୀଘ୍ର ଶହେ ହେଲେ ମଧ୍ୟ ପାନ, ଦୁଇଶହ ଗୁଆ ପଠାଇବୁ। ଉତ୍ତର ପଟୁ ମାହାରା କରି ଆଖୁବାଡ଼ିକୁ ଶୀଘ୍ର ପାଣି ବୁହାଇବୁ। ନୋହିଲେ ଆଖୁବାଡ଼ି ବିନାଶ ଯିବ ବୋଲି ଜାଣିବୁ।ଇତି।'' ପତ୍ରବାହକ ଭାବରେ ୪ଜଣ ପାଇକଙ୍କୁ ଭୋଳାନାଥ ଖମାରିଆଙ୍କ ପାଖକୁ ପଠାଗଲା, ଯେଉଁ ୪ଜଣ ବନ୍ଦୀ ହୋଇଥିଲେ ଫକୀରମୋହନଙ୍କ ସହିତ। ଫକୀରମୋହନଙ୍କ ଇସାରାକ୍ରମେ ସେମାନେ ବାଲେଶ୍ୱର ପରିବର୍ତ୍ତେ ଆନନ୍ଦପୁରରେ ପହଞ୍ଚିଲେ, ଯେଉଁଠି ଅବସ୍ଥାନ କରୁଥିଲେ ରାଜା ଧନଞ୍ଜୟ ଭଞ୍ଜ।

ଚିଠିର ଅସଲ ଅର୍ଥ ବାହାର କରିବା ଉଦ୍ଦେଶ୍ୟରେ ବିଜ୍ଞ ଲୋକଙ୍କ ସାହାଯ୍ୟ ଲୋଡ଼ିଲେ ରାଜା। ଗଭୀର ଅନୁଧ୍ୟାନ ଓ ଅନୁଶୀଳନ ପରେ ସ୍ପଷ୍ଟହେଲା ଯେ ପାନ ଅର୍ଥ ସିପାହି ,ଗୁଆ ଅର୍ଥ ଗୁଳି ଓ ଆଖୁ କିଆରି ହେଉଛି ରାଜବାଟି। ଉତ୍ତରପଟୁ ମାହାରାକରି ପାଣି ବୁହାଇବା ନିମନ୍ତେ ଲେଖିବା ଅନ୍ତରାଳରେ ଥିଲା ସିଂହଭୂମରୁ ସୈନ୍ୟ ଆଣି ବିଦ୍ରୋହୀ ଦଳ ଉପରେ ଆକ୍ରମଣ କରିବାର ଇସାରା। ବାକି ଚିଠି ଉପରେ ତିନିଖଣ୍ଡ ତାର ବାନ୍ଧିବାର ଉଦ୍ଦେଶ୍ୟ ବୁଝିପାରି ଗଭର୍ନର, ସୁପରିଣ୍ଟେଣ୍ଡେଣ୍ଟ ଓ ନନ୍ଦକିଶୋର ବାବୁଙ୍କୁ ତାରବାର୍ତ୍ତା ପଠାଇ ଦିଆଗଲା ତତ୍କାଳ। ଚିଠି ପାଇବା ମାତ୍ରେ ପଦକ୍ଷେପ ନେଲେ ଇଂରେଜ ସରକାର।

ଏକ କ୍ଷୟିଷ୍ଣୁ ଅଭିଜାତ ପରିବାରର ଅସହାୟ ଶିଶୁ ପରବର୍ତ୍ତୀ ସମୟରେ ଶିକ୍ଷକ,ସମ୍ପାଦକ, ସଙ୍ଗଠକ ଓ ପ୍ରଶାସକ ଭାବରେ ଅର୍ଜନ କରିଥିବା ବିପୁଳ ଅଭିଜ୍ଞତାକୁ ପୁଞ୍ଜିକରି ଗଢ଼ିଉଠିଥିଲା ସେନାପତି ସାହିତ୍ୟ। ଦୀର୍ଘ ୨ଶହ ବର୍ଷର ଓଡ଼ିଶାର ସାମାଜିକ,ରାଜନୈତିକ ଓ ସାଂସ୍କୃତିକ ଇତିହାସର ପୃଷ୍ଠଭୂମିରେ ଠିଆହୋଇଥିବା ଏ ସାହିତ୍ୟର ମୌଳିକ ବିଭବ ଥିଲା ଆଖିଦେଖା ମଣିଷ, ଅଙ୍ଗେନିଭା ଅନୁଭୂତି ଓ ପ୍ରାଣଛୁଆଁ ସୁଖଦୁଃଖ। ଓଡ଼ିଆ ଜୀବନ ଚିତ୍ରର ଛିନ୍ନ ଚୌପଦୀ ''ଛ'ମାଣ ଆଠଗୁଣ୍ଠ''। ଓଡ଼ିଆ ଚଷାର ଏକ ବିସ୍ଥାପନ କାହାଣୀ। ଶୋଷଣ କଷଣର ଏକ ଜୀବନ୍ତ ଇତିହାସ। ଛ'ମାଣ ଆଠଗୁଣ୍ଠ କେବଳ ଏକ ଜମି ନୁହେଁ, ଓଡ଼ିଆ ପରିଚୟର ବିସ୍ତୃତ ଭୂମି। ଫକୀରମୋହନ ଥିଲେ ସଂସ୍କାର ପ୍ରୟାସୀ। ତେଣୁ ତାଙ୍କ ରେବତୀ ,ସଭ୍ୟ ଜମିଦାର, ବଗଲାବଗୁଲୀ, ବିରେଇ ବିଶାଳ, ଡାକମୁନ୍‌ସୀ, ଧୂଳିଆବାବା ଓ ପେଟେଣ୍ଟ ମେଡ଼ିସିନ ଆଦି ପ୍ରତ୍ୟେକ ଗଳ୍ପରେ ପରିବେଷିତ ବିମଳ-ଚଟୁଳ ହାସ୍ୟରସ ଅନ୍ତରାଳରେ ରହିଛି ସମାଜ ସଂସ୍କାର ନିମନ୍ତେ ଏକ କ୍ରିୟାସ୍ନାତ ଖସଡ଼ା। 'ଉତ୍କଳ ଭ୍ରମଣ' ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ ଇତିହାସ ଆଦିର ଏକ ଅମୂଲ୍ୟ ଦସ୍ତାବିଜ। ଏକ କାବ୍ୟିକ ଇତିହାସ। କଥା ହେଉ କି କବିତା, ତାଙ୍କର ପ୍ରତ୍ୟେକଟି ସର୍ଜନା ମଧ୍ୟରେ ଶୁଣିବାକୁ ମିଳେ ଓଡ଼ିଆ ରକ୍ତର ଅନ୍ତରଙ୍ଗ ସ୍ୱର।

ମୋ: ୬୩୭୧୬୪୨୪୬୪

# ଭୂତଳ ଜଳ ଜହର



ସୌଭାଗ୍ୟ ରଞ୍ଜନ ମହାନ୍ତି

ଦେଶର ଭୂତଳ ଜଳ ଓ ଏହାର ଗୁଣ ନେଇ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲ୍ୟୁବି)ର ବାର୍ଷିକ ମୂଲ୍ୟାୟନ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଚିନ୍ତାଜନକ। କହିବା ଯଥାର୍ଥ ଯେ, ଭୂତଳ ଜଳରେ ନାଇଟ୍ରେଟ(ଏନ୍‌ଏ୩) ରହିଥିବା କୁହାଯାଇଛି, ଯାହାକି କେବଳ ମଣିଷ ନୁହେଁ, ସମଗ୍ର ଜୀବଜଗତ ପାଇଁ ଅତ୍ୟନ୍ତ ବିପଜ୍ଜନକ। ଉଲ୍ଲେଖଯୋଗ୍ୟ ଯେ, ଦେଶର ୭୭୯ଟି ଜିଲା ମଧ୍ୟରୁ ଅର୍ଦ୍ଧାଧିକ ତଥା ୪୪୦ଟି ଜିଲାର ଭୂତଳ ଜଳରେ ନାଇଟ୍ରେଟର ପରିମାଣ ମାତ୍ରାଧିକ ରହିଥିବା ରିପୋର୍ଟରେ କୁହାଯାଇଛି। ତେବେ ଉଦ୍‌ବେଗଜନକ ପ୍ରସଙ୍ଗ ଏହି ଦେଶରେ ଗୋଟିକ ପରେ ଗୋଟିଏ ଜିଲାରେ ଭୂତଳ ଜଳରେ ବିଷାକ୍ତ ନାଇଟ୍ରେଟ ମାଡ଼ି ଚାଲିଛି। ୨୦୧୭ରେ ଦେଶର ୩୫୯ଟି ଜିଲାରେ ଭୂତଳ ନାଇଟ୍ରେଟ ଥିବା ଜଣାଯାଇଥିବାବେଳେ ୨୦୨୩ରେ ଜିଲା ସଂଖ୍ୟା ୪୪୦କୁ ବୃଦ୍ଧି ପାଇଛି। ଏହି ସମସ୍ତ ଜିଲାର ଭୂତଳ ଜଳରେ ପ୍ରତି ଲିଟରରେ ୪୫ ମିଲିଗ୍ରାମ୍ ନାଇଟ୍ରେଟ ରହିଛି, ଯାହାକି ଅତ୍ୟନ୍ତ ମାତ୍ରାଧିକ। ଏହା ସତ୍ୟ ଯେ, ଜଳରେ ମାତ୍ରାଧିକ ନାଇଟ୍ରେଟର ମାତ୍ରା ବୃଦ୍ଧି ଦୁଇଟି ଉଦ୍‌ବେଗର କାରଣ।

ପ୍ରଥମତଃ ଏହା ମଣିଷର ଶରୀର ଉପରେ ପ୍ରଭାବ ପକାଇଥିବାବେଳେ ପରିବେଶରେ ଗଭୀର ସଂକଟ ସୃଷ୍ଟି କରିଥାଏ। ମଣିଷ ଶରୀରରେ ମୋଥୋମୋଗ୍ଲୋବିନିମିଆ କିମ୍ବା ଲୋହିତ ରକ୍ତ ସେଲ୍‌ଗୁଡ଼ିକୁ ହ୍ରାସ କରିଦେଇଥାଏ। ଫଳରେ ଶରୀରକୁ ଆବଶ୍ୟକ ଅମ୍ଳଜାନ ପ୍ରବାହ ହୋଇପାରେ ନାହିଁ। ଏହା ବେଳେ ବେଳେ ନବଜାତକଙ୍କଠାରେ 'ବ୍ଲୁ ବାବି ସିଣ୍ଡ୍ରୋମ'ର କାରଣ ହୋଇଥାଏ। ତେବେ ଏହାଠାରୁ ପରିବେଶ ପ୍ରତି ବିପଦ ଆହୁରି ସାଂଘାତିକ। ଥରେ ଯଦି ଭୂତଳ ଜଳ ବୃଦ୍ଧି ପାଇ ଭୂପୃଷ୍ଠ ଉପର ସମତଳକୁ ନାଇଟ୍ରେଟ୍ ଆସିଯାଏ, ତେବେ ଏହା କେବଳ ପୋଖରୀ ଏବଂ ହ୍ରଦର ଜଳକୁ ବିଷାକ୍ତ କରେ ନାହିଁ ଜୈବିକ ବିବିଧତା ଉପରେ ଗୁରୁତର ପ୍ରଭାବ ପକାଇଥାଏ। ଉଲ୍ଲେଖଯୋଗ୍ୟ ଯେ, ସିଜିଡବ୍ଲ୍ୟୁବି ଦେଶବ୍ୟାପୀ ୧୫,୨୩୯ ଭୂତଳ ଜଳ ସାମ୍ପୁଲ ପରୀକ୍ଷା କରିଥିବାବେଳେ ସେଥିମଧ୍ୟରୁ ୧୯.୮ ପ୍ରତିଶତ ସାମ୍ପୁଲରେ ନାଇଟ୍ରେଟ ଥିବା ଜଣାଯାଇଛି। ପୂର୍ବରୁ ୨୦୧୭ରେ ୧୩,୦୨୮ ସାମ୍ପୁଲ ପରୀକ୍ଷା ହୋଇଥିବାବେଳେ ୨୧.୬ ପ୍ରତିଶତ ସାମ୍ପୁଲରେ ମାତ୍ରାଧିକ ନାଇଟ୍ରେଟ ରହିଥିବା ଜଣାପଡ଼ିଥିଲା। ସୁଖର କଥା ବର୍ତ୍ତମାନର ଏବଂ ପୂର୍ବ ପରୀକ୍ଷାର ଅନୁପାତରେ ବିଶେଷକରି ଫରକ



ନ ଥିବା କୁହାଯାଏ। କିନ୍ତୁ ରାଜସ୍ଥାନ, କର୍ଣ୍ଣାଟକ ଓ ତାମିଲନାଡୁର ଭୂତଳ ଜଳରେ ମାତ୍ରାଧିକ ନାଇଟ୍ରେଟ ଥିବା ଜଣାଯାଏ। ରାଜସ୍ଥାନ ଭୂତଳ ଜଳରେ ଜଳର ୪୯ ପ୍ରତିଶତ, କର୍ଣ୍ଣାଟକରେ ୪୮ପ୍ରତିଶତ ଓ ତାମିଲନାଡୁରେ ୩୭ ପ୍ରତିଶତ ସାମ୍ପୁଲରେ ନାଇଟ୍ରେଟ ଦୂଷିତ ପରିମାଣ ସୀମା ଅତିକ୍ରମ କରିଛି। ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଗୁଜରାଟରେ ମଧ୍ୟ ଭୂତଳଜଳରେ ସର୍ବାଧିକ ଭାଗ ନାଇଟ୍ରେଟ ରହିଛି।

କେନ୍ଦ୍ରୀୟ ଏବଂ ଦକ୍ଷିଣାଞ୍ଚଳରେ ମଧ୍ୟ ଏବେ ଭୂତଳ ଜଳରେ ନାଇଟ୍ରେଟର ମାତ୍ରା ବଢ଼ିବାରେ ଲାଗିଛି। କେବଳ ନାଇଟ୍ରେଟ ନୁହେଁ ଭୂତଳ ଜଳରେ ମଧ୍ୟ ଫ୍ଲୋରାଇଡ ଏବଂ ୟୁରାନିୟମର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ରାଜସ୍ଥାନ, ହରିୟାଣା, କର୍ଣ୍ଣାଟକ, ଆନ୍ଧ୍ର ଓ ତେଲଙ୍ଗାନାରେ ଫ୍ଲୋରାଇଡ ଏବେ ଗୁରୁତର ଉଦ୍‌ବେଗଜନକ ସ୍ଥିତି ଉତ୍ପନ୍ନ କରିଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଗତ ୨୦୦୯ ମସିହାଠାରୁ ଭୂତଳ ଜଳ ଉତ୍ତୋଳନ ବୃଦ୍ଧି ପାଇଥିବାବେଳେ ଏହାର ପରିମାଣ ଏବେ ୬୦.୪ ପ୍ରତିଶତ ଅତିକ୍ରମ କରିଛି। ତେବେ ଦେଶର ୭୩ ପ୍ରତିଶତ ବ୍ଲକ ଅଞ୍ଚଳରେ ଭୂତଳ ଜଳସ୍ତର ନିରାପଦ ସ୍ତରରେ ରହିଥିବାବେଳେ ବହୁ ଅଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ସୂଚନା ଦିଆଯାଇପାରେ ଯେ, ନାଇଟ୍ରେଟ (ଏନଓ୩) ଯବକ୍ଷାରଜାନ ଓ ଅମ୍ଳଜାନର ଏକ ରାସାୟନିକ ଉପାଦାନ ଯାହା ପ୍ରାକୃତିକ ଉପାୟରେ ମାଟି, ପାଣି, ପବନ ଓ ଖାଦ୍ୟରେ ରହିଥାଏ। ଏହାକୁ ରାସାୟନିକ ସାର, ବିସ୍ଫୋରକ, ଔଷଧ, ଫସଲର ଅଭିବୃଦ୍ଧିରେ ବ୍ୟବହାର କରାଯାଇଥାଏ। ନାଇଟ୍ରେଟ ପରିମାଣ ଜଳ ଓ ମାଟିରେ ଅଧିକ ହେଲେ ମଣିଷର ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ ସ୍ଥିତି ଉତ୍ପନ୍ନ କରେ। ସେହିପରି ଫ୍ଲୋରାଇଡ ପରିମାଣ ଅଧିକ ହେଲେ, ଦାନ୍ତ ଓ ହାଡ଼ କ୍ଷୟ କରି ମଣିଷକୁ ପଙ୍ଗୁ କରିଦେଇଥାଏ।

ଆମ ରାଜ୍ୟର ୩୦ଟି ଜିଲା ମଧ୍ୟରୁ ୨୫ଟି ଜିଲାର ଭୂତଳ ଜଳ ବିପଜ୍ଜନକ ସ୍ଥିତିରେ ପହଞ୍ଚିଥିବା ସିଜିଡବ୍ଲ୍ୟୁବି ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁସାରେ ଅନୁଗୋଳ, ବଲାଙ୍ଗୀର, ବରଗଡ଼, କଟକ, ଢେଙ୍କାନାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ଜିଲାରେ ନାଇଟ୍ରେଟ ପରିମାଣ ଅଧିକ ଥିବାବେଳେ ଅନୁଗୋଳ, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ନୟାଗଡ଼, ନୂଆପଡ଼ା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଆଦି ୧୦ଟି ଜିଲାରେ ଫୋରାଇଡ୍ ସ୍ଥିତି ଅଧିକ ରହିଛି। ଏହା ନିଃସନ୍ଦେହ ଯେ, ଭୂତଳ ଜଳ ଏବେ ଜହର ପାଲଟିଛି। ଏହାର ପ୍ରତିକାର ପାଇଁ ଏବେଠାରୁ ପଦକ୍ଷେପ ଗ୍ରହଣ କରା ନ ଗଲେ, ପ୍ରକୃତିଦତ୍ତ ଏହି ସମ୍ପଦ ଜୀବନଦାନ କରିବା ପରିବର୍ତ୍ତେ ବିନାଶର କାରଣ ହେବ।

ମୋ:୯୪୩୭୯୯୪୩୭୯

## ଏଇ ଭାରତରେ

୧୪ ବର୍ଷ ବୟସରେ ବାହା ହୋଇଥିଲେ ତାଙ୍କଠାରୁ ତିନିଗୁଣ ଅଧିକ ବୟସର ବ୍ୟକ୍ତିଙ୍କୁ। ସେ ମା' ହେଲେ ୧୫ ବର୍ଷରେ। ବାଲ୍ୟ ବିବାହର ଯନ୍ତ୍ରଣାକୁ ଅତି ନିକଟରୁ ଦେଖିଥିବା ଏହି ମହିଳା ଜଣକ ହେଉଛନ୍ତି ବିହାରର ରୋଶନି ପରୱିନ। ସେ ଏବେ ଏହି ପ୍ରଥାକୁ ଦୂର କରିବା ଲାଗି ଅଭିଯାନ ଚଳାଇଛନ୍ତି। ରୋଶନି କିଶାନଗଞ୍ଜ ସିମନବାରିର ଏକ ଛୋଟ ଗାଁରେ ରୁହନ୍ତି। ସେ ନବମରେ ପଢୁଥିବା ସମୟରେ ପରିବାର ଲୋକେ ବାଧ୍ୟ କରି ତାଙ୍କୁ ୪୫ ବର୍ଷ ବୟସର ବ୍ୟକ୍ତିଙ୍କ ସହ ବାହାଘର କରାଇଦେଇଥିଲେ। ପରେ ପାରିବାରିକ ବିବାଦରୁ ତାଙ୍କ ସ୍ୱାମୀ ତାଙ୍କୁ ଆଉ ଗ୍ରହଣ କରି ନ ଥିଲେ । ଫଳରେ ସେ ସେଠାରୁ ଦୂରେଇ ଆସି ବାଲ୍ୟ ବିବାହ ବିରୋଧରେ ଅଭିଯାନ ଚଳାଇବାକୁ ନିଷ୍ପତ୍ତି ନେଇଥିଲେ। ରୋଶନି ପ୍ରଥମେ ଚାଇଲ୍ଡଲାଇନ ଇଣ୍ଡିଆ ଫାଉଣ୍ଡେଶନରେ ଯୋଗଦେଇଥିଲେ । ପରେ ସେଭ୍ ଦି ଚାଇଲ୍ଡ ଓ ୟୁନିସେଫ ସହଯୋଗରେ ଏହି ସଂସ୍ଥାର ନେତୃତ୍ୱ ନେଇ ସେ ବାଲ୍ୟ ବିବାହ ରୋକିବା ଲାଗି ବିଭିନ୍ନ ଅଭିଯାନ ଚଳାଇଛନ୍ତି। ବର୍ତ୍ତମାନ ସୁଦ୍ଧା ରୋଶନି ୬୦ଟି ବାଲ୍ୟବିବାହ ବନ୍ଦ କରିବାରେ ସକ୍ଷମ ହୋଇପାରିଛନ୍ତି। ଏଥିପାଇଁ ସେ ମଧ୍ୟ ଜାତିସଂଘ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଜାନୁଆରୀ ୧୯୭୬

- ବିଶ୍ୱବିଖ୍ୟାତ ଉପନ୍ୟାସ ଲେଖିକା ଆଗଥା କ୍ରିଷ୍ଟାଙ୍କ ପରଲୋକ।
- ଭାରତ ଓ ବାଂଲାଦେଶ ମଧ୍ୟରେ ବାଣିଜ୍ୟ କାରବାର ବୃଦ୍ଧି କରାଯିବା ଲାଗି ଏକ ରାଜିନାମା ସ୍ୱାକ୍ଷରିତ।
- ଇକ୍ୱେଡରରେ ଏକ ଶାନ୍ତିପୂର୍ଣ୍ଣ ବିଦ୍ରୋହରେ ସାମରିକ ବାହିନୀ କ୍ଷମତା ଦଖଲ କରିଛନ୍ତି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | 6 | | | | |
| | | 9 | 5 | | | | | |
| | 5 | | | | | 6 | 3 | 1 |
| | | 7 | 8 | | | | | 9 |
| | 9 | | | 4 | | | | |
| | | | | | 3 | | 4 | |
| 4 | 1 | 8 | | | | | | 2 |
| | | | 7 | | | | | 4 |
| | | | | 2 | 6 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 6 | 8 | 1 | 5 | 9 | 4 | 2 |
| 5 | 4 | 8 | 7 | 2 | 9 | 6 | 1 | 3 |
| 9 | 2 | 1 | 4 | 6 | 3 | 8 | 7 | 5 |
| 7 | 8 | 9 | 5 | 4 | 1 | 3 | 2 | 6 |
| 6 | 1 | 5 | 3 | 8 | 2 | 7 | 9 | 4 |
| 2 | 3 | 4 | 9 | 7 | 6 | 5 | 8 | 1 |
| 4 | 6 | 7 | 1 | 3 | 8 | 2 | 5 | 9 |
| 1 | 5 | 3 | 2 | 9 | 7 | 4 | 6 | 8 |
| 8 | 9 | 2 | 6 | 5 | 4 | 1 | 3 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଶନ କାର୍ଡର ଇ-କେୱାଇସି ଯାଞ୍ଚ

ମହାଶୟ,

୨୦୧୩ରେ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ସମୟରେ ଯୋଗ୍ୟ ହିତାଧିକାରୀ ନିର୍ଦ୍ଧାରଣ ପାଇଁ କେତେକ ମାର୍ଗଦର୍ଶିକା ଜାରି କରାଯାଇଥିଲା। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଦରିଦ୍ର, ଅସହାୟ, ବିଧବା, ବାସହୀନ ଓ ଆଦିବାସୀଙ୍କୁ ପ୍ରାଧାନ୍ୟ ଦିଆଯାଇଥିଲା। କିନ୍ତୁ ଏହାକୁ ଉଲ୍ଲଂଘନକରି ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ରାଶନ କାର୍ଡ ହାତେଇ ରାଶନ ସାମଗ୍ରୀ ଲୁଟ୍ କରିବାରେ ଲାଗିଛନ୍ତି। ଏହା ଭୋଟ ବ୍ୟାଙ୍କ ସୃଷ୍ଟି ପାଇଁ ଏକ ମାଧ୍ୟମ ବୋଲି କୁହାଯାଉଥିଲେ ମଧ୍ୟ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ପୂର୍ବ ସରକାରଙ୍କ ସମୟରେ କେତେଜଣଙ୍କ ନାମରେ ଗିରଫ ପରୱାନା ଜାରିହୋଇଥିଲେ ମଧ୍ୟ କୌଣସି କାରଣରୁ କାର୍ଯ୍ୟକାରୀ ହୋଇନଥିଲା। ନୂତନ ସରକାର ଆସିବା ପରେ ଯୋଗାଣ ମନ୍ତ୍ରୀ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ୟାପକ ଜାଲିଆତି ହେଉଥିବା ଜାଣି ରାଶନ କାର୍ଡର ଇ-କେୱାଇସି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେବା ପରେ ୧,୭୭,୫୬୮ ମୃତ ବ୍ୟକ୍ତିଙ୍କ ନାମରେ ବର୍ଷ ବର୍ଷ ଧରି ରାଶନ ସାମଗ୍ରୀ ଉଠାଯାଉଛି ବୋଲି ବିଧାନସଭାରେ ବିବୃତି ଦେଇଛନ୍ତି। ଯାଞ୍ଚ କାର୍ଯ୍ୟ ଡିସେମ୍ବର ସୁଦ୍ଧା ସରିବ ବୋଲି ମଧ୍ୟ କହିଛନ୍ତି। ଗଣମାଧ୍ୟମରେ ପ୍ରକାଶ ଯେ, ଯେଉଁ ପରିବାରରେ ଗୋଟିଏ ବାଇକ୍ ଓ ଫ୍ରିଜ୍ ଥିବ, ସେମାନେ ଅଯୋଗ୍ୟ ଘୋଷିତ ହେବେ ନାହିଁ। ତେବେ ଯେଉଁ ଗଳାବାଟ ଦେଇ ଅବାଞ୍ଛିତ ବ୍ୟକ୍ତି ଅନୈତିକ ଉପାୟରେ ମାଗଣା ଚାଉଳ ଖାଉଛନ୍ତି ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ହେବ ଜଣାପଡୁନାହିଁ।

-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

## ଚିରନ୍ତନୀ

ଦେଖରେ ଦେଖ ବସନ୍ତ ବାଆ
ବିକଳେ କବି ଭ୍ରମଇ ଆହା
ତୁମରି ଚିର ଖେଳର ସାଥୀ
ନ ଲଭି କାହିଁ ଭରସା ସାହା।
-(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆପ୍ ନେତା ମନୀଷ ସିସୋଡିଆଙ୍କ ସହ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଏକ ରାଲିରେ ସୋମବାର ନାମାନଙ୍କ ପତ୍ର ଦାଖଲ କରିବାକୁ ଯାଉଛନ୍ତି।

# ଭଦ୍ରକ ଜିଲା ଭାଜପା ସଭାପତି ପଦ ପାଇଁ ଛକାପଞ୍ଝା

ଭଦ୍ରକ,୧୩।୧(ସନାତନ ରାଉତ)

ଓଡ଼ିଶାରେ ଭାଜପା ଏକାକୀ ପ୍ରଥମଥର ପାଇଁ ସରକାର ଗଠନ କରିବା ପରେ ଏବେ ସାଙ୍ଗଠନିକ ପଦପଦବୀ ଚୟନ ଚାଲିଛି। ଭଦ୍ରକ ଜିଲାରେ ସଭାପତି ପଦ ହାତେଇବାକୁ ଛକାପଞ୍ଝା ଚାଲିଥିବା ଦେଖିବାକୁ ମିଳିଛି। ଜିଲାର ଯୁବନେତୃତ୍ୱ ଓ ବରିଷ୍ଠଙ୍କୁ ମିଶାଇ ୫ରୁ ଉର୍ଦ୍ଧ୍ୱ ଆଶାୟୀ ଥିବା ଚର୍ଚ୍ଚା ହେଉଛି। ନିକଟରେ ବାଲେଶ୍ୱରରେ ଉତ୍ତର ଓଡ଼ିଶାର କିଛି ଜିଲାକୁ ନେଇ ସଭାପତି ପଦ ପାଇଁ ବିଚାର ବିମର୍ଷ କରାଯାଇଛି। ପ୍ରଭାରୀ ଦାୟିତ୍ୱରେ ଥିବା ବିଜୟ ପାଲ ସିଂ ତୋମାର ପ୍ରତ୍ୟେକ ଜିଲାରୁ ଯାଇଥିବା ନେତୃବୃନ୍ଦଙ୍କ ସହ ପୃଥକ୍ ଭାବେ ଆଲୋଚନା କରିଛନ୍ତି। ପୂର୍ବତନ ସଭାପତି, ବିଭିନ୍ନ ମୋର୍ଚ୍ଚା ଦାୟିତ୍ୱରେ ଥିବା ନେତୃତ୍ୱ ଓ ମଣ୍ଡଳ ସଭାପତିମାନଙ୍କ ମତାମତ ନେଇଥିବା ଆଲୋଚନା ହେଉଛି।

ଜିଲା ସାଧାରଣ ସମ୍ପାଦକ ଦାୟିତ୍ୱରେ ଥିବା ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ମନୋରଞ୍ଜନ ମଲ୍ଲିକ ସଭାପତି ଦୌଡ଼ରେ ରହିଥିବା ବେଳେ ଗତ ସଦସ୍ୟତା ସଂଗ୍ରହ ଅଭିଯାନରେ ଜିଲା ସଂଯୋଜକ ଦାୟିତ୍ୱରେ ମଧ୍ୟ ଥିଲେ। ଧାମନଗରର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିକଟତର ହୋଇଥିବାରୁ ତାଙ୍କୁ ଏହି ପଦ ମିଳିପାରେ ବୋଲି ଆଲୋଚନା ହେଉଛି। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ଦାସଙ୍କ ନାମ ଚର୍ଚ୍ଚାରେ ରହିଛି। ପୂର୍ବରୁ

## ଯୁବ, ବରିଷ୍ଠଙ୍କୁ ମିଶାଇ ୫ରୁ ଉର୍ଦ୍ଧ୍ୱ ଆଶାୟୀ

ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ଦାୟିତ୍ୱରେ ରହିଥିବା ବେଳେ ଜଣେ ଜଣାଶୁଣା ଯୁବ ଚେହେରା ଭାବେ ସେ ପରିଚିତ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ତାଙ୍କର ସମ୍ପର୍କ ବହୁ ନିକଟତର ହୋଇଥିବାରୁ ତାଙ୍କୁ ମଧ୍ୟ ସଭାପତି ପଦ ମିଳିପାରେ ବୋଲି ଦଳ ଭିତରେ ଚୁପୁରଚାପୁର ଚାଲିଛି। ସେହିପରି ଜିଲା ସାଧାରଣ ସମ୍ପାଦକ ଭଗବାନ ପଣ୍ଡାଙ୍କ ନାଁ ଚର୍ଚ୍ଚାରେ ରହିଛି। ବହୁଦିନରୁ ସେ ଦଳୀୟ ସଙ୍ଗଠନରେ ରହିଥିବା ବେଳେ ଭଦ୍ରକ ଏମ୍‌ପିଙ୍କ ନିକଟତର। ଆଉ ଜଣେ ଯୁବ ଚେହେରା କ୍ଷୀତିଶ ସାମନ୍ତ ବେହେରା ମଧ୍ୟ ରେସ୍‌ରେ ଅଛନ୍ତି। ଦଳୀୟ ସଙ୍ଗଠନ ସହ ସେ ଦୀର୍ଘଦିନ ଧରି ରହିଛନ୍ତି। ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ବେଳେ ସାଙ୍ଗଠନିକ ଦକ୍ଷତାକୁ ନେଇ ସେ ବି ଦୌଡ଼ରେ ଅଛନ୍ତି। ସେହିପରି ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁଙ୍କ ନାଁ ଚର୍ଚ୍ଚାରେ ରହିଛି। ପୂର୍ବରୁ ଭଦ୍ରକ ଜିଲା ସଭାପତି ଭାବେ ସେ ଦୁଇ ଦୁଇଥର ଦାୟିତ୍ୱ ନେଇଛନ୍ତି। ଜଣେ ଅଭିଜ୍ଞ ଭାବେ ସେ ପରିଚିତ ଥିବାରୁ ତାଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଏହାବ୍ୟତୀତ ଏକାଧିକବାର ଭଦ୍ରକ ପୌରପାଳିକାର କାଉନସିଲର ଥିବା ଶରତ ପଡ଼ିଆରୀଙ୍କ ନାମ ମଧ୍ୟ ଆସୁଛି। ଦୀର୍ଘଦିନର କର୍ମକର୍ତ୍ତା ଭାବେ ଦଳ ସଙ୍ଗଠନ ସହ ସେ ଜଡ଼ିତ ଅଛନ୍ତି। ଏମାନଙ୍କ ବ୍ୟତୀତ ଏବେକାର ସଭାପତି ଦାୟିତ୍ୱରେ ଥିବା ହେମନ୍ତ ପାଢ଼ୀ, ପୂର୍ବତନ ସଭାପତି ବଦ୍ରିନାରାୟଣ ଧଳଙ୍କ ସମେତ କିଛି ଯୁବ ନେତୃତ୍ୱଙ୍କ ନାମ ଚର୍ଚ୍ଚାରେ ରହିଛି। ତେବେ ଏମାନଙ୍କ ମଧ୍ୟରୁ ସଭାପତି ପଦ କାହାକୁ ମିଳିବ କିମ୍ବା ସମ୍ପୂର୍ଣ୍ଣ ନୂଆ ନେତୃତ୍ୱଙ୍କୁ ଜିଲା ଭାଜପା ଦାୟିତ୍ୱ ଅର୍ପଣ କରାଯିବ ତାହା ସମୟ ଆସିଲେ ଜଣାପଡ଼ିବ।

ଜିଲା ସଭାପତି ପଦ ପାଇଁ ଭାଜପାର କେତେକ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଥିବା ଚର୍ଚ୍ଚା ହେଉଛି। ୪୫ରୁ ୬୦ ବର୍ଷ ବୟସସୀମା ରହିଥିବା ବେଳେ ଦଳ ଓ ସଙ୍ଗଠନ ସହ ଜଡ଼ିତ ଥିବେ। ପୂର୍ବରୁ ବିଭିନ୍ନ ସାଙ୍ଗଠନିକ ପଦପଦବୀରେ ରହି ଦଳୀୟ ଶୃଙ୍ଖଳା ଭିତରେ ଦାୟିତ୍ୱ ନିର୍ବାହ କରିଥିବେ। ତେବେ ପ୍ରଭାରୀ ତୋମାର ବିଭିନ୍ନ ନେତୃତ୍ୱଙ୍କ ସହ ଆଲୋଚନା କରିଥିବା ବେଳେ ଆଶାୟୀମାନଙ୍କ ନାମ ତାଲିକାଭୁକ୍ତ କରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଏହାକୁ ନେଇ ସମସ୍ତଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି। ପୂର୍ବରୁ ସଭାପତି ପଦ ପାଇଁ ଏତେ ସଂଖ୍ୟାରେ ଆଶାୟୀ ରହୁ ନ ଥିବା ବେଳେ ଦଳ ସରକାରକୁ ଆସିଥିବାରୁ ସଂଖ୍ୟା ବୃଦ୍ଧି ପାଉଥିବା ଚର୍ଚ୍ଚା ହେଉଛି। ଜିଲାରେ ଭାଜପା ୨ଟି ବିଧାନସଭା ଆସନରେ ବିଜୟୀ ହୋଇଥିବା ବେଳେ ବ୍ଲକ ଓ ପଞ୍ଚାୟତ ସ୍ତରରେ ସଙ୍ଗଠନ ସ୍ଥିତି ସେତେ ସୁଦୃଢ଼ ହୋଇନାହିଁ। ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ଜଣେ ଦକ୍ଷ ଓ ସଙ୍ଗଠନ ନେତୃତ୍ୱ ନେଇପାରୁଥିବା ବ୍ୟକ୍ତିଙ୍କୁ ସଭାପତି ପଦ ମିଳିବ ବୋଲି ଭାଜପା କର୍ମୀମାନେ ଆଶାୟୀ ଅଛନ୍ତି।

# ଅର୍ଚ୍ଚନାଙ୍କ ପରେ ହଂସିତା

ଭୁବନେଶ୍ୱର,୧୩।୧
(ଜିତେନ୍ଦ୍ର କୁମାର ନାୟକ)



ଅର୍ଚ୍ଚନା ନାଗ



ହଂସିତା ଅଭୀଲିପ୍ସା

ଦୁଇ ବର୍ଷ ତଳେ ଅର୍ଚ୍ଚନା ନାଗଙ୍କ କାରନାମା ନେଇ ରାଜ୍ୟ ହୁଲସ୍ଥୁଲ୍ ହୋଇଥିଲା। କଳାହାଣ୍ଡିରୁ ଆସିଥିବା ଅର୍ଚ୍ଚନା ୨୦୧୫ରେ ଭୁବନେଶ୍ୱର ଆସି ଘରୋଇ ସିକ୍ୟୁରିଟି ସଂସ୍ଥାରେ ଚାକିରି କରିଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱରର ଜଗବନ୍ଧୁ ଚାନ୍ଦଙ୍କୁ ବିବାହ କରି ସେ ବଡ଼ ବଡ଼ ଲୋକଙ୍କୁ ହନି ଟ୍ରପ୍ କରି ତାଙ୍କ ସାମ୍ରାଜ୍ୟ ବିସ୍ତାର କରିଥିଲେ। ରାଜନେତା, ବ୍ୟବସାୟୀ, ଫିଲ୍ମ ଜଗତର ପ୍ରଭାବଶାଳୀ ଲୋକଙ୍କୁ ଫସେଇ ସେ ଅର୍ଥ ରୋଜଗାର କରୁଥିଲେ ବୋଲି ଅଭିଯୋଗ ଆସିଥିଲା। ଖୁବ୍ କମ୍ ସମୟ ମଧ୍ୟରେ ସେ ଅନେକ କୋଟି ଟଙ୍କାର ମାଲିକାଣୀ ପାଲଟି ଯାଇଥିଲେ। ସେତେବେଳେ ରାଜ୍ୟରେ ବିଜୁ ଜନତା ଦଳ (ବିଜେଡି) ସରକାର ଚାଲୁଥିଲା। ସରକାରୀ ଦଳର ଏକାଧିକ ନେତାଙ୍କ ନାମ ଅର୍ଚ୍ଚନାଙ୍କ ସହ ସମ୍ପୃକ୍ତି ଥିବା ନେଇ ବିରୋଧୀ ଭାଜପା ସେତେବେଳେ ଅଭିଯୋଗ କରିଥିଲା। ଘଟଣାକ୍ରମେ ଅର୍ଚ୍ଚନା ଗିରଫ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ସେ ଜାମିନ ପାଇଥିଲେ। ଜେଲରୁ ବାହାରିବା ପରେ ସେ ସମସ୍ତଙ୍କ ମୁଖା ଖୋଲିବେ ବୋଲି ଗଣମାଧ୍ୟମକୁ କହିଥିଲେ। ହେଲେ ଏ ଯାବତ ସେ ମୁହଁ ଖୋଲିପାରି ନ ଥିବାରୁ ସେହି ଘଟଣା ଶିଥିଳ ହେବା ସହ ତାହା ଜନମାନସରୁ ଦୂରେଇ ଯାଇଛି।

ନିକଟରେ ଆଉ ଜଣେ ହାଇପ୍ରୋଫାଇଲ ମହିଳା ହଂସିତା ଅଭୀଲିପ୍ସାଙ୍କ ଠକେଇ ପଦାକୁ ଆସିବା ପରେ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଛି। କନ୍ଧମାଳରୁ ଆସିଥିବା ଏହି ମହିଳା ଖୁବ୍ କମ୍ ସମୟରେ ଭୁବନେଶ୍ୱରରେ ନିଜ କାୟା ବିସ୍ତାର କରିଥିଲେ। ସେ ବିବାହିତ ହୋଇ ମଧ୍ୟ ଠିକଣା ବଦଳାଇ ଅନିଲ ମହାନ୍ତିଙ୍କ ସହ ମିଶି ସ୍ୱାମୀ-ସ୍ତ୍ରୀର ପରିଚୟ ଦେଇ ଠକେଇ ମାଧ୍ୟମରେ ପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ କରିଥିବା ଖବର ପଦାକୁ ଆସିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ହଂସିତା ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଅନିଲଙ୍କୁ ଜ୍ୱାଇଁ ପରିଚୟ ଦେଇ ଅନେକ ହାଇପ୍ରୋଫାଇଲ ବ୍ୟକ୍ତିଙ୍କୁ ଠକି ଚାଲିଥିଲେ। ଗତ ମାସ ଶେଷ ଆଡ଼କୁ ସେମାନଙ୍କ କଳାକାରନାମା ଆସିବା ପରେ ବହୁ ଗୁମୁର କଥା ପଦାକୁ ଆସୁଛି। ଏବେ ରାଜ୍ୟରେ ଭାଜପା ସରକାର ଚାଲିଛି। କେତେକ ଭାଜପା ନେତା କହୁଛନ୍ତି ହଂସିତା-ଅନିଲ ଯୋଡ଼ିଙ୍କ ସହ ବିଜେଡି ନେତାଙ୍କ ସମ୍ପୃକ୍ତି ରହିଛି। ବର୍ତ୍ତମାନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଭିଜିଲାନ୍ସ ବିଭାଗ ଏହି ଘଟଣାର ତଦନ୍ତ କରୁଛି। ଭାଜପା ୭ ମାସ ହେବ ଶାସନକୁ ଆସିଲାଣି। ତେଣୁ ପ୍ରତି କଥାରେ ଏବକାର ଅପରାଧ କିମ୍ବା ଠକେଇ ସକାଶେ ପୂର୍ବ ସରକାରଙ୍କୁ ଦାୟୀ କରାଯିବା ସାଧାରଣରେ ଗ୍ରହଣୀୟ ହେଉନାହିଁ। କାରଣ ଅପରାଧ କରିଥିବା ବ୍ୟକ୍ତିଙ୍କ ବିରୋଧରେ ସରକାର ଚାହିଁଲେ କାର୍ଯ୍ୟାନୁଷ୍ଠାନ ନେଇପାରିବେ। କିନ୍ତୁ ପରସ୍ପରକୁ ଦୋଷ ଦିଆନିଆ ଚାଲିଲେ ନିଷ୍କର୍ଷରେ ପହଞ୍ଚିବା କଷ୍ଟକର ହୋଇପଡ଼ିବ।

କେତେକେ କହିଲେଣି ଯେ ଏଭଳି ହାଇପ୍ରୋଫାଇଲ ଠକେଇ ଘଟଣା ଜଣାପଡ଼ିଲେ କିଛି ଦିନ ତାହା ଉପରେ ଜୋରଦାର ଚର୍ଚ୍ଚା ହୋଇଥାଏ। ପରେ ସେସବୁ ଧୀରେ ଧୀରେ ଲୋକଲୋଚନରୁ ଦୂରେଇ ଯାଇଥାଏ। ଆଗରୁ ଅର୍ଚ୍ଚନା, ଏବେ ହଂସିତା ଓ ପରେ ଆଉ କିଏ ଆସିପାରନ୍ତି।

# ଦିଲ୍ଲୀରେ ଭାଜପାର କୋର୍ କମିଟି ବୈଠକ

ଭୁବନେଶ୍ୱର, ୧୩।୧(ସୁନିତ୍ ମିଶ୍ର)

ଭାଜପାର ଏକ କୋର୍ କମିଟି ବୈଠକ ସୋମବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଛି। ସାଙ୍ଗଠନିକ ନିର୍ବାଚନ ସମ୍ପର୍କିତ ବିଷୟ ନେଇ ଏଥିରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏବେ ଜିଲା ସଭାପତିମାନଙ୍କ ନାଁ ଘୋଷଣା ଲାଗି ଦଳ ପକ୍ଷରୁ କସରତ ଆରମ୍ଭ ହୋଇଛି। ଏଥିରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ ଉପସ୍ଥିତ ଥିବା ଜଣାପଡ଼ିଛି।

# ଶଙ୍ଖ ଭବନକୁ ନେଇ ଭାଜପା-ବିଜେଡି ରାଜନୀତି

ଭୁବନେଶ୍ୱର, ୧୩।୧(ସୁନିତ୍ ମିଶ୍ର)

ଶଙ୍ଖ ଭବନକୁ ନେଇ ବିଜେଡି-ଭାଜପା ଭିତରେ ରାଜନୀତି ଜୋର୍ ଧରିଛି। ଏହି ପ୍ରସଙ୍ଗରେ ଭାଜପା ଓ ବିଜେଡି ନେତା ତର୍କକୁ ଓହ୍ଲାଇ ଆସିଛନ୍ତି। ଭାଜପା ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି, ୨୦୨୧ରେ ନୂତନ କାର୍ଯ୍ୟାଳୟ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ଠାରୁ ବିଜେଡି ଅନୁମତି ପାଇଥିଲା। ସେହି ଜମି ମଧ୍ୟ ବିଜେଡି କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଅଛି। ୨୦୨୪ ନିର୍ବାଚନ ପୂର୍ବରୁ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା। ହେଲେ ଏବେ ଜଣାପଡ଼ିଛି, ବିଜେଡି କାର୍ଯ୍ୟାଳୟ ହୋଟେଲରେ ପରିଣତ ହୋଇଛି। ଏଭଳି ଘଟଣା ରାଜ୍ୟ ରାଜନୀତିରେ କେବେ ଦେଖିବାକୁ ମିଳିନି। କୌଣସି ସ୍ଥାନରେ କେବେ ରାଜନୈତିକ ଦଳର କାର୍ଯ୍ୟାଳୟକୁ ହୋଟେଲ କରାଯାଇ ନ ଥିଲା। ସତରେ କ'ଣ ବିଜେଡି ନିଶ୍ଚିହ୍ନ ହେବାକୁ ଯାଉଛି ଏବଂ ଲୋକେ ଆଉ ସେଠାକୁ ଆସୁନାହାନ୍ତି କି ବୋଲି ଜଗନ୍ନାଥ ପ୍ରଶ୍ନ କରିଛନ୍ତି।

ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ହୋଟେଲ ମନ୍ତବ୍ୟର ଜବାବ ରଖି ବିଜେଡି ନେତା ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ରେଳୱେର କ୍ୟାଣ୍ଟିନ୍ ଅଛି। ସଂସଦରେ ମଧ୍ୟ କ୍ୟାଣ୍ଟିନ୍ ରହିଛି। ଅବଶ୍ୟ ଖାଇବା ଲୋଭ କାହାର ଅଛି, ତାହା ଗଣମାଧ୍ୟମରେ ଦେଖାଯାଉଛି। ଭାଜପା ନେତାଙ୍କୁ ନିମନ୍ତ୍ରଣ କରୁଛି, ତାଙ୍କର ଯେତେବେଳେ ଖାଇବାକୁ ଇଚ୍ଛା ହେଉଛି ସେତେବେଳେ ଶଙ୍ଖ ଭବନ କ୍ୟାଣ୍ଟିନକୁ ଆସି ଶୁଦ୍ଧ ଶାକାହାରୀ ଖାଦ୍ୟ ଖାଆନ୍ତୁ। ଭାଜପାର କିଛି କାମ ନାହିଁ ବୋଧହୁଏ। ଶଙ୍ଖ ଭବନ ଯେଉଁଦିନ ତିଆରି ହୋଇଥିଲା, ସେଦିନ କୁହାଯାଇଥିଲା ଏହା ଲୋକଙ୍କ ଅଫିସ। ପ୍ରତିଦିନ ବୈଠକ ବସୁଛି। କର୍ମୀଙ୍କ ସହିତ ନେତା ଓ ସାଧାରଣ ଲୋକ ଆସି ଖାଉଛନ୍ତି। କ୍ୟାଣ୍ଟିନ୍‌ରେ ଖାଇବା କ'ଣ ଖରାପ ବୋଲି ଅରୁଣ ପ୍ରଶ୍ନ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାରେ 'ଆୟୁଷ୍ମାନ'...

ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରାଜ୍ୟର ପଞ୍ଚାୟତ ସ୍ତରରେ ଯେଉଁ ହେଲ୍‌ଥ ସବ୍‌ସେଣ୍ଟର ଅଛି, ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ରାଜ୍ୟ ସରକାର ବର୍ତ୍ତମାନ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ପ୍ରତିଷ୍ଠା କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିରେ ହେଲଥ୍ ୱାର୍କର ଓ ଯୋଗଶିକ୍ଷକ ନିୟୋଜିତ ହେବେ। ଏହିସବୁ କେନ୍ଦ୍ରର ଭିତ୍ତିଭୂମି ବିକଶିତ କରାଯିବ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୨୦୧୮ରୁ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇଥିଲେ ମଧ୍ୟ ଓଡ଼ିଶାର ଲୋକଙ୍କୁ ବଞ୍ଚିତ କରାଯାଇଥିଲା। ବର୍ତ୍ତମାନ ଏହି ଯୋଜନା ଓଡ଼ିଶାର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଯୋଡ଼ିହେବ। ଏହାଦ୍ୱାରା ଓଡ଼ିଶାରେ ୧.୦୩ କୋଟି ପରିବାର ଦେଶର ପ୍ରାୟ ୩୦ ହଜାର ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରିବେ। ବର୍ତ୍ତମାନ ଓଡ଼ିଶା ଲୋକଙ୍କୁ ମାତ୍ର ୯୦୦ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ବଜେଟ୍‌ରେ ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରାୟ ୨୧ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି, ଯାହାକି ପୂର୍ବ ବର୍ଷ ଅପେକ୍ଷା ୩୨.୨ ପ୍ରତିଶତ ଅଧିକ ଏବଂ ଏହା ରାଜ୍ୟ ବଜେଟର ୮%। ଏହି ପରିମାଣ ଜାତୀୟ ସ୍ୱାସ୍ଥ୍ୟନୀତିର ସୁପାରିସ ଅନୁରୂପ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ମହିଳା ହିତାଧିକାରୀମାନେ ୧୦ ଲକ୍ଷ ଏବଂ ପୁରୁଷମାନେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇବେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରେଳ, ଆଇଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ବିରୋଧୀ ଦଳରେ ଥିଲା ବେଳେ ଏହି ଯୋଜନାକୁ ଲାଗୁ କରିବାକୁ ଦାବି କରିଥିଲୁ। ସରକାରକୁ ଆସିବା ପରେ ଆମେ ପ୍ରତିଶ୍ରୁତି ପାଳନ କରିଛୁ। ରାଜ୍ୟର ପ୍ରାୟ ସାଢ଼େ ୩ କୋଟି ଲୋକ ଏହି ଯୋଜନା ଦ୍ୱାରା ଉପକାର ପାଇବେ। ଗୋପବନ୍ଧୁ ଜନ ଆରୋଗ୍ୟ ସହ ଆୟୁଷ୍ମାନ ଭାରତର ସୁବିଧା ଗୋଟିଏ କାର୍ଡରେ ମିଳିବ। ସାରା ଦେଶରେ ଯିଏ ଯେଉଁଠି ଥିଲେ ବି ଏହାର ସୁବିଧା ପାଇପାରିବେ ବୋଲି ମହାଲିଙ୍ଗ କହିଛନ୍ତି।

### ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୩।୧(ଅନିଲ ଦାସ): ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶା ସାମିଲ ହେବା ପରେ ରାଜ୍ୟର ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ୍ ମିଡିଆ 'ଏକ୍ସ' ରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ଏହା ବାସ୍ତବରେ ଏକ ବିଡ଼ମ୍ବନା ଯେ ଓଡ଼ିଶାର ମୋର ଭଉଣୀ ଓ ଭାଇମାନେ ପୂର୍ବ ସରକାର ଦ୍ୱାରା ଆୟୁଷ୍ମାନ ଭାରତର ଲାଭରୁ ବଞ୍ଚିତ ହୋଇଥିଲେ। ଏହି ଯୋଜନା ଉଚ୍ଚ ମାନର ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବ। ଏହା ବିଶେଷକରି ଓଡ଼ିଶାର ନାରୀ ଶକ୍ତି ଓ ବୟସ୍କମାନଙ୍କୁ ଲାଭାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ ଲେଖିଛନ୍ତି।

### ୧ ଡଲାର=...

ମୂଲ୍ୟ ସର୍ବାଧିକ ୬୮ ପଇସା ହ୍ରାସ ପାଇଥିଲା। ସୂଚନାଯୋଗ୍ୟ, ଗତ କିଛି ମାସ ହେଲା ଡଲାର ତୁଳନାରେ ଟଙ୍କା ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇଚାଲିଛି। ଗତ ଡିସେମ୍ବର ୧୯ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୫ ଥିବାବେଳେ ଡିସେମ୍ବର ୩୦ରେ ୮୫.୫୨କୁ କମିଥିଲା। ଗତ ଶୁକ୍ରବାର ଏହା ୧୮ ପଇସା ହ୍ରାସ ପାଇ ୮୬.୦୪ ଥିଲା।

### ପୋଷାହାତୀ ମହିନ୍ଦ୍ରାର...

ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆର୍‌ସିସିଏଫ୍ କହିଛନ୍ତି। ସାଢ଼େ ୧୧ଫୁଟ ଉଚ୍ଚ ଓ ୬୬ ବର୍ଷୀୟ ମହିନ୍ଦ୍ରାର ମୃତ୍ୟୁକୁ ନେଇ ପ୍ରାଣୀପ୍ରେମୀମାନେ ଦୁଃଖ ପ୍ରକାଶ କରିଛନ୍ତି।

ଶିମିଳିପାଳ ଅଭୟାରଣ୍ୟରେ ମହିନ୍ଦ୍ରାର କାର୍ଯ୍ୟ ଦକ୍ଷତା ବେଶ୍ ଉଚ୍ଚକୋଟୀର ଥିଲା। ଶିକାର ଓ ଶିକାରୀଙ୍କୁ ଅଟକାଇବା ସହିତ କାଠଚୋରଙ୍କୁ ଧରିବାରେ ବନ କର୍ମଚାରୀଙ୍କୁ ସହଯୋଗ କରୁଥିଲା। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘର ସୁରକ୍ଷା ଦିଗରେ ବନ ବିଭାଗ ମହିନ୍ଦ୍ରାକୁ ନିୟୋଜିତ କରିଥିଲା। ମହିନ୍ଦ୍ରା ପିଠିରେ ବସି କର୍ମଚାରୀମାନେ ବାଘର ଗତିବିଧି ଉପରେ ନଜର ରଖୁଥିବା ବେଳେ ଅନୁପ୍ରବେଶକାରୀଙ୍କୁ ଅଟକାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା। ବଣୁଆ ହାତୀଙ୍କ ଉପଦ୍ରବ ସମୟରେ ମହିନ୍ଦ୍ରାର କାର୍ଯ୍ୟ ଅତ୍ୟନ୍ତ ଉଲ୍ଲେଖନୀୟ ରହିଥାଏ। ହାତୀପଲଙ୍କୁ ଘଉଡ଼ାଇ ଅନ୍ୟ ଜଙ୍ଗଲ ମୁହାଁ କରିବାରେ ସେ ବେଶ ପାରଙ୍ଗମ ଥିଲା। ବିଗତ ଦିନରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ଆସୁଥିବା ହାତୀପଲଙ୍କୁ ନିଜ ସ୍ଥାନକୁ ଫେରାଇବାରେ ମୁଖ୍ୟ ଭୂମିକା ନିର୍ବାହ କରୁଥିଲା।

### କଳା ଧାନ, କଳା...

କରାଯାଇଥିଲା। ତେବେ କିଛିବର୍ଷ ଚାଷୀ ଏହାକୁ ଚାଷ ନ କରି ରଖିଥିଲେ। ଏବେ କଳା ହଳଦୀ ଚାଷ ଆରମ୍ଭ କରିଛନ୍ତି। ଜିଲାର ସମସ୍ତ ବ୍ଲକରୁ ବାର୍ଷିକ ପ୍ରାୟ ୪ କୁଇଣ୍ଟାଲ ହଳଦୀ ଉତ୍ପାଦିତ ହେଉଛି। ସାଧାରଣ ହଳଦୀ ଭଳି ଏହା ଜାନୁଆରୀ-ଫେବୃଆରୀରେ ଲଗାଯାଇ ଜୁଲାଇ-ଅଗଷ୍ଟ ବେଳକୁ ଅମଳ କରାଯାଇଥାଏ। କମ୍ ପରିମାଣର ଅମଳ ହେଉଥିବାରୁ ଏବଂ ପ୍ରଚୁର ଔଷଧୀୟ ଗୁଣ ଯୋଗୁ ଏହାର ବିକ୍ରିରେ କୌଣସି ସମସ୍ୟା ହୁଏନାହିଁ। ଔଷଧ କମ୍ପାନୀମାନେ ଏହା ଚାଷୀଙ୍କଠାରୁ କିଣି ନେଇଥାଆନ୍ତି। ଏବେ ଏହି ହଳଦୀର କିଲୋପ୍ରତି ବଜାର ଦର ୧୫୦ରୁ ୨୦୦ ଟଙ୍କା ମଧ୍ୟରେ ରହିଛି। କର୍କଟ, ରକ୍ତଚାପ ଏବଂ ବିଭିନ୍ନ ଚର୍ମରୋଗର ନିରାକରଣ ପାଇଁ ଏହା ଏକ ଅବ୍ୟର୍ଥ ଔଷଧ ବୋଲି କୁହାଯାଉଛି।

ଜୈବିକ କୃଷିରେ ଅନ୍ୟତମ ନୂତନ ପ୍ରୟୋଗ ହେଉଛି କଳା ଗହମ। ରାଜ୍ୟରେ କନ୍ଧମାଳ ଜିଲାରେ ପ୍ରଥମ କରି ଏହା ଆରମ୍ଭ ହୋଇଛି। ଗତ ଖରିଫ ଋତୁରେ ପରୀକ୍ଷାମୂଳକ ଭାବେ ଚାଷୀଙ୍କୁ ୧୩ କିଲୋ ବିହନ ଯୋଗାଇ ଦିଆଯାଇଥିଲା। ପଞ୍ଜାବରୁ ଆସିଥିବା ଏହି ବିହନକୁ ନେଇ ଫିରିଙ୍ଗିଆ ବ୍ଲକର କିଛି ଚାଷୀ କଳା ଗହମ ଚାଷ କରିଥିଲେ। ସେପ୍ଟେମ୍ବରରେ ବିହନ ବୁଣି ଫେବୃଆରୀରେ ଅମଳ କରିଥିଲେ। ଚଳିତ ବର୍ଷ ମଧ୍ୟ ସୀମିତ ପରିମାଣରେ ଚାଷ କରାଯାଇଛି। ଏହା ସଫଳ ହେଲେ ଆଗାମୀ ଖରିଫ ଋତୁରେ ପ୍ରାୟ ଏକ କୁଇଣ୍ଟାଲ ବିହନ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। କନ୍ଧମାଳ ଜିଲାର ମାଳଭୂମି, ସ୍ୱଳ୍ପ ବୃଷ୍ଟିପାତ ଓ ଢାଲୁ ଜମି ଏହି ଚାଷ ପାଇଁ ବେଶ୍ ଅନୁକୂଳ ବୋଲି କୃଷିବିତ୍‌ମାନେ ମତ ଦିଅନ୍ତି। କଳା ଗହମର ମଧ୍ୟ ଔଷଧୀୟ ଗୁଣ ରହିଛି। ଉଚ୍ଚ ରକ୍ତଚାପ, ମଧୁମେହର ନିୟନ୍ତ୍ରଣ ପାଇଁ ଏହା ବେଶ୍ ଉପଯୋଗୀ। ଏଥିରୁ ପ୍ରସ୍ତୁତ ଦଲିଆ ମଧ୍ୟ ବଜାରରେ ଉପଲବ୍ଧ ହେଉଛି। କିଲୋ ପ୍ରତି ଏକ ଶହ ଟଙ୍କାରେ ବିକ୍ରି ହେଉଛି କଳା ଗହମ। ଆଗକୁ ବ୍ୟବସାୟିକ ଭିତ୍ତିରେ ଚାଷ କରାଗଲେ ଜିଲାର ଚାଷୀ ଉପକୃତ ହେବେ।

ସେହିପରି କଳାବତୀ ନାମରେ ଖ୍ୟାତ କନ୍ଧମାଳ ଜିଲାର କଳା ଧାନ ଜିଲା ପାଇଁ ଅନ୍ୟ ଏକ ପରିଚୟ ସୃଷ୍ଟି କରିଛି। ଉପରକୁ ଏହା ସାଧାରଣ ଧାନଭଳି ଦେଖାଯାଉଥିଲେ ସୁଦ୍ଧା ଭିତରର ଚାଉଳର ରଙ୍ଗ ସମ୍ପୂର୍ଣ୍ଣ କଳା। ଏଥିରେ ମଧ୍ୟ ରହିଛି କ୍ୟାନ୍‌ସର, ରକ୍ତଚାପ ନିୟନ୍ତ୍ରଣ କରିବାର କ୍ଷମତା। କସମର ପ୍ରୟାସରେ ୨୦୧୮ରେ ମାତ୍ର ୫ କିଲୋ ବିହନରେ ଫିରିଙ୍ଗିଆ, ଚକାପାଦ, ଖଜୁରିପଡା, ରାଇକିଆ ଅଞ୍ଚଳରେ ପରୀକ୍ଷାମୂଳକ ଭାବେ ଏହି ଚାଷ ଆରମ୍ଭ ହୋଇଥିଲା। ପ୍ରଥମ ବର୍ଷ ମାତ୍ର ୪୦ରୁ ୫୦ କିଲୋ କଳାଧାନ ଅମଳ ହୋଇଥିବା ବେଳେ ବର୍ତ୍ତମାନ ୫୦୦ କୁଇଣ୍ଟାଲରେ ପହଞ୍ଚିଛି।

ଏହି ଧାନର ବିଶେଷତ୍ୱ ହେଲା ଏହା ବର୍ଷକୁ ତିନି ଥର ଚାଷ ହୋଇଥାଏ। ଚାଷୀଙ୍କଠାରୁ ଚାଉଳ ସଂଗ୍ରହ କରି କସମ ବଜାରରେ କିଲୋ ପ୍ରତି ୧୪୦ ଟଙ୍କାରେ ବିକ୍ରି କରୁଛି। ତେବେ ଅନଲାଇନ ମାର୍କେଟରେ କିଲୋ ପ୍ରତି ୩୫୦ ଟଙ୍କାରେ ଏହା ବିକ୍ରି ହେଉଛି। ଏହି ଚାଉଳରେ ଶର୍କରା ପରିମାଣ ଅତି କମ ରହିଥିବାରୁ ଡାଏବେଟିସ ରୋଗୀଙ୍କ ପାଇଁ ଏହା ଉପାଦେୟ ହୋଇଥାଏ। ସରକାରୀ ପ୍ରୋତ୍ସାହନ ଓ ମାଗଣା ସାର, ବିହନ, ସବ୍‌ସିଡି ମିଳିଲେ ଅଧିକ ସଂଖ୍ୟାରେ ଚାଷୀ କଳାଧାନ ଚାଷ ପ୍ରତି ଆଗ୍ରହ ପ୍ରକାଶ କରନ୍ତେ ବୋଲି ମତ ପ୍ରକାଶ ପାଉଛି।

### ଚାଷୀଙ୍କ ଆକାଉଣ୍ଟକୁ...

ଚାଷୀ ଫସଲବୀମା ପୋର୍ଟାଲରେ ମୋଟ ୨,୦୦,୭୨୯ଟି ପ୍ଲଟରେ କ୍ଷତି ହୋଇଥିବାର ଆବେଦନ କରିଥିଲେ। ତନ୍ମଧ୍ୟରୁ ଗଞ୍ଜାମ ଜିଲାରେ ସର୍ବାଧିକ ୪୭,୯୬୯ ସଂଖ୍ୟକ ଆବେଦନ ପତ୍ର ମିଳିଥିବା ବେଳେ ଗଞ୍ଜାମ ସମେତ ଗଜପତି, ପୁରୀ, କେନ୍ଦ୍ରାପଡ଼ା, ନୟାଗଡ଼, କଟକ, ଖୋର୍ଦ୍ଧା ଏବଂ ଜଗତସିଂହପୁର ଜିଲାରୁ ମୋଟ ୧,୬୨,୯୭୨ ସଂଖ୍ୟକ ଆବେଦନପତ୍ର ମିଳିଥିଲା। ଏହି ସମସ୍ତ ଆବେଦନକୁ ଭିତ୍ତି କରି କ୍ଷେତ୍ରୀୟ ସ୍ତରରେ ଫସଲ କ୍ଷତି ଆକଳନ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ୪ ଗୋଟି ବୀମା କମ୍ପାନୀ ଯଥା ଏଗ୍ରିକଲଚର ଇନ୍‌ସ୍ୟୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ ଏଲ୍‌ଟିଡି, ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଏଲ୍‌ଟିଡି, ଫ୍ୟୁଚର ଜେନେରାଲ ଇଣ୍ଡିଆନ ଇନ୍‌ସ୍ୟୁରାନ୍ସ ଏଲ୍‌ଟିଡି ଏବଂ ରିଲାଏନ୍ସ ଜିଆଇସି ଏଲ୍‌ଟିଡିଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ବୀମା କମ୍ପାନୀଗୁଡ଼ିକ ପକ୍ଷରୁ ଅମଳ ପରବର୍ତ୍ତୀ ଫସଲ କ୍ଷୟକ୍ଷତି ଆକଳନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଚାଷୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ କ୍ଷତିପୂରଣ ରାଶି ପ୍ରଦାନ ପ୍ରକ୍ରିୟାକୁ ରାଜ୍ୟ ସରକାରଙ୍କ କୃଷି ବିଭାଗ ଓ ସମବାୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ତଦାରଖ ଏବଂ ସମୀକ୍ଷା କରୁଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

DALDS - 86



ଓଡ଼ିଶା ସରକାର

**ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

ତା.୧୪.୦୧.୨୦୨୫ (ମକର ସଂକ୍ରାନ୍ତି)

ସକାଳ ଘ.୮.୩୦ ମିନିଟ - ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ସମ୍ମୁଖରେ ଥିବା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସ୍ଥାନ - ଜୟଦେବ ଭବନ, ଭୁବନେଶ୍ୱର

ଅପରାହ୍ନ- ୩ ଘଟିକା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ ଆୟୋଜନ (ଆୟୋଜକ - ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱର)

ସାଧାରଣ ସଭା ସନ୍ଧ୍ୟା ଘ-୫.୩୦ ମିନିଟ

ମୁଖ୍ୟ ଅତିଥି- ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଂସଦ, ବାଲେଶ୍ୱର
ସମ୍ମାନନୀୟ ଅତିଥି- ଶ୍ରୀଯୁକ୍ତ ସନ୍ତୋଷ କୁମାର ଖଟୁଆ, ବିଧାୟକ, ନୀଳଗିରି
ମୁଖ୍ୟବକ୍ତା- ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ପ୍ରାରମ୍ଭିକ ବକ୍ତବ୍ୟ - ଡ଼ ବିରାଜ ମୋହନ ଦାସ, ସାଧାରଣ ସମ୍ପାଦକ, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ଧନ୍ୟବାଦ ଅର୍ପଣ- ଶ୍ରୀଯୁକ୍ତ ଜୀବନ ମହାପାତ୍ର, ସଭାପତି, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ

ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0367/2425

## ସଂକ୍ଷେପରେ

### ପରିବେଶ ସୁରକ୍ଷା ପାଇଁ ସମ୍ବର୍ଦ୍ଧିତ ହେବେ ଅବସରପ୍ରାପ୍ତ ସେନା କର୍ମଚାରୀ

ଚଣ୍ଡିଖୋଲ,୧୩।୧(ପ୍ରଦୀପ୍ତ କୁମାର ପୃଷ୍ଟି) : ଜଣେ ଅବସରପ୍ରାପ୍ତ ସୈନିକ। ଭାରତୀୟ ସ୍ଥଳ ସେନାରେ ଚାକିରୀ କରି ଅବସର ନେବା ପରେ ଚାରା ରୋପଣ କରି ରେକର୍ଡ ସୃଷ୍ଟି କରିଛନ୍ତି। ନିଜ ପେନସନ ଟଙ୍କାରୁ ବର୍ତ୍ତମାନ ସୁଦ୍ଧା ୨୫ ହଜାରରୁ ଉର୍ଦ୍ଧ୍ୱ ଚାରା ରୋପଣ କରି ପରିବେଶକୁ ସୁରକ୍ଷା କରିବା ପାଇଁ କାର୍ଯ୍ୟ କରି ଆସୁଛନ୍ତି। ସେଥିପାଇଁ ଆସନ୍ତା ୨୫ ତାରିଖ ଭାରତୀୟ ସେନା ଦିବସ ଅବସରରେ ସେନା ବାହିନୀର ମୁଖ୍ୟ ତାଙ୍କୁ ସମ୍ବର୍ଦ୍ଧିତ କରିବେ ବୋଲି ଘୋଷଣା କରିଛନ୍ତି। ସେ ହେଉଛନ୍ତି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଳାଶ୍ରୀ ଗ୍ରାମର ପରିବେଶବିତ୍ କ୍ଷୀରୋଦ କୁମାର ଜେନା। ସେ ୨୦ ବର୍ଷ ତଳେ ସେନାବାହିନୀରୁ ଅବସର ନେବା ପରେ ଯାଜପୁର ଜିଲାର ବିଭିନ୍ନ ରାସ୍ତା ପାର୍ଶ୍ୱ, ପାହାଡ଼ ଓ ଅନାବାଦୀ ସ୍ଥାନରେ କେବଳ ଆମ୍ବ ପଣସ ଆଦି ଫଳ ଗଛ ରୋପଣ କରି ଚାଲିଛନ୍ତି। ଏହା ତାଙ୍କର ଏକ ନିଶାରେ ପରିଣତ ହୋଇ ଯାଇଛି। ଗତ ୭ ତାରିଖରେ ଦିଲ୍ଲୀସ୍ଥିତ ଆର୍ମି ମୁଖ୍ୟାଳୟରୁ ଆସିଥିବା ଏକ ପତ୍ର ସେ ପାଇଛନ୍ତି । ପରିବେଶ ସୁରକ୍ଷା ପାଇଁ ତାଙ୍କୁ ବେଷ୍ଟ ଏନାଭାଇରମେଣ୍ଟ ଆୱାର୍ଡ଼ ପ୍ରଦାନ କରିବେ ଆର୍ମିର ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ। ସେହିପରି ଅବସରପ୍ରାପ୍ତ ମେଜର ଅଜୟ ଚର୍ତୁବେଦୀଙ୍କୁ ମଧ୍ୟ ସମ୍ମାନୀତ କରାଯିବ।

### ଚୋରି ଘଟଣାରେ ଜଣେ ଗିରଫ

ଝୁମ୍ପୁରୀ,୧୩।୧(ସରୋଜ ନାୟକ): ଦଶରଥପୁର ବ୍ଲକ୍ ମଲିକାପୁର ପଞ୍ଚାୟତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚୋରି ଘଟଣାରେ ମଙ୍ଗଳପୁର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ କିଛିଦିନ ହେବ ଆଦର୍ଶ ବିଦ୍ୟାଳୟରେ ଲାଗିଥିବା ସିସିଟିଭି ଚୋରି ହୋଇଥିବା ନେଇ ବିଦ୍ୟାଳୟ ପକ୍ଷରୁ ମଙ୍ଗଳପୁର ଥାନାରେ ଅଭିଯୋଗ କରାଯାଇଥିଲା । ସିସିଟିଭିର ଫୁଟେଜ୍ ଆଧାରରେ ପୋଲିସ ଦାଣ୍ଡିସାହି ଗ୍ରାମର ପ୍ରକାଶ ପଲେଇଙ୍କୁ ଗ୍ରାମ ନିକଟସ୍ଥ ଛକରୁ ଗିରଫ କରିଛି ।

# ଯାଜପୁରରୋଡ଼ ସହରରେ ଲୁଟେରା ଆତଙ୍କ

### ଗୋଟିଏ ଦିନରେ ୨ ଲୁଟ୍ ଘଟଣା, ପୋଲିସ ହାତ ଖାଲି

ଯାଜପୁରରୋଡ଼,୧୩।୧(ପବିତ୍ର ରଞ୍ଜନ ମହାନ୍ତି):



କ୍ରମ ବର୍ଦ୍ଧିଷ୍ଣୁ ଯାଜପୁରରୋଡ଼ ସହରରେ ଦୈନିକ ଛୋଟ ବଡ଼ ଅପରାଧ ମାନ ଘଟୁଛି । ଏହାକୁ ପୋଲିସ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି । ମୋବାଇଲ ଚୋରି, ବାଇକ୍ ଚୋରି, ଲୁଟ, ଛିନତାଇ, ଘର ଗ୍ରିଲ ଭାଙ୍ଗି ଚୋରି, ରାହାଜାନି ଘଟଣା ଦିନକୁ ଦିନ ସୀମା ଟପିଲାଣି । ଏ ସମ୍ପର୍କରେ ଯାଜପୁରରୋଡ଼ ଥାନାରେ ଅଭିଯୋଗ ହେଉଥିଲେ ମଧ୍ୟ ଫଳ ଶୂନ। ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଗୋଟିଏ ଦିନରେ ୨ଟି ଲୁଟ୍ ଘଟଣା । ରବିବାର ରାତି ପ୍ରାୟ ୮ଟା ସମୟରେ କହେଁଇପୁର ଶିବମନ୍ଦିର ନିକଟରେ ଜଣେ ମହିଳା ସ୍କୁଟିରେ ଯାଉଥିବା ସମୟରେ ୨ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଧକ୍କା ଦେବା ସହ ଭ୍ୟାନିଟି ବ୍ୟାଗଟିକୁ ନେଇ ଦ୍ରୁତ ଗତିରେ ପଳାଇଯାଇଥିଲେ । ଏହି ଘଟଣାରେ ମହିଳା ଜଣକ ଆହତ ହୋଇଥିଲେ । ସେହିପରି ରାତି ୯ ଘଟିକା ସମୟରେ ଚୋରଦା ଦଳା ବାଇପାସ ରାସ୍ତାର ରେଳ ଓଭର ବ୍ରିଜ ଉପରେ ପୃଷ୍ଟି ଅଳଙ୍କାର ମାଲିକ ତନ୍ମୟ ପୃଷ୍ଟି ନିଜ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ୨ଜଣ ଦୁର୍ବୃତ୍ତ ପଛପଟୁ ଆସି ତନ୍ମୟଙ୍କୁ ଧକ୍କା ଦେଇଥିଲେ । ଫଳରେ ସେ ତଳେ ପଡିଯିବାରୁ ତାଙ୍କ ଠାରୁ ଏକ ବ୍ୟାଗ ଛଡାଇ ନେଇଥିଲେ । ଉକ୍ତ ବ୍ୟାଗରେ ତାଙ୍କ ଦୋକାନର ଚାବି ଗୁଡିକ ଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତନ୍ମୟ ବାଇକରୁ ପଡି ତାଙ୍କ ଆଣ୍ଠୁ ଏବଂ ହାତରେ ଗଭୀର ଆଘାତ ଲାଗିଥିଲା । ଏଠାରେ ପ୍ରକାଶ ଥାଉକି ଗତ କିଛି ଦିନ ତଳେ ଖୋଦ ଯାଜପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ଏବଂ ପାଣିକୋଇଲି ଥାନା ଠାରୁ ମାତ୍ର ୨୦୦ ମିଟର ଦୂରରେ ଏକ ସୁନା ଅଳଙ୍କାର ଦୋକାନରେ ଦିନ ଦ୍ୱିପହରେ ଡକାୟତମାନେ ଗୁଳି ଚଳାଇ ଲୁଟ ଉଦ୍ୟମ କରୁଥିବା ସମୟରେ ୨ ଜଣ ନିରୀହ ଲୋକଙ୍କ ଜୀବନ ଚାଲି ଯାଇଥିଲା । ଏଥିରୁ ସ୍ପଷ୍ଟ ବାରିହେଉଛି ଯେ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ଏକ ପ୍ରକାର ଭୁଶୁଡ଼ି ପଡିଛି । ଯାହାକୁ ନେଇ ଜିଲା ତଥା ଯାଜପୁରରୋଡ଼ ସହରବାସୀ ନିଜକୁ ସୁରକ୍ଷିତ ମଣୁ ନହାନ୍ତି । ଏଥି ପ୍ରତି ରାଜ୍ୟ ପୋଲିସ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ସରକାରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି ।

ବରୀ,୧୩।୧(ମହେନ୍ଦ୍ର ସ୍ୱାଇଁ):

ବରୀ ଶିକ୍ଷା ମଣ୍ଡଳ ଅଧୀନ ସରକାରୀ ବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ଦଳେଇ ସଭାପତିତ୍ୱ କରିଥିଲେ । ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦେବ ପ୍ରସାଦ ସାମଲ ଯୋଗ ଦେଇ କ୍ରୀଡା ଯୋଗୁ ଛାତ୍ରୀଛାତ୍ରଙ୍କ ଶାରୀରିକ,ମାନସିକ ଓ ବୌଦ୍ଧିକ ବିକାଶ ହୋଇଥାଏ ବୋଲି କହିଥିଲେ। ମୋଟ ୩୦ ଇଭେଣ୍ଟରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ବବୁଲ ସେଠୀ ଓ ବାଳିକା ବିଭାଗରେ ଅଭିପ୍ସା ସେଠୀ ଚମ୍ପିୟାନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ବାବା ଭୈରବାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ଖୁଣ୍ଟିଆ,ପ୍ରାକ୍ତନ ପ୍ରଧାନ ଶିକ୍ଷକ ବୃନ୍ଦାବନ ପରିଡା,ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ପ୍ରହ୍ଲାଦ ନାୟକ,ପ୍ରାକ୍ତନ ଶିକ୍ଷକ ମନୋଜ କୁମାର ଦାସ ଯୋଗ ଦେଇଥିଲେ। ସରସ୍ୱତୀ ସ୍ୱାଇଁ, ଦୀପ୍ତିମୟୀ ଦାସ, ତ୍ରିଲୋଚନ ଭୂୟାଁ, ଆଦିତ୍ୟ ଦାସ, ଜ୍ୟୋର୍ତିମୟୀ ମାଝୀ, ଲକ୍ଷ୍ମୀଧର ଖଟୁଆ,ରଶ୍ମିତା ମଲିକ,ଲକ୍ଷ୍ମୀଧର ହେସାଙ୍କ ସମେତ ବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# ଅଶୋଭନୀୟତା ଦୂର କରିବା ସମାଜର ମୂଳ ଲକ୍ଷ୍ୟ ହେଉ

### ଅନ୍ତର୍ଜାତୀୟ ଶୋଭନୀୟ ଯୁବ ସମାବେଶ

ଚଣ୍ଡିଖୋଲ,୧୩।୧(ପ୍ରଦୀପ୍ତ କୁମାର ପୃଷ୍ଟି)



ଅନ୍ତର୍ଜାତୀୟ ଶୋଭନୀୟ ଯୁବ ସମାବେଶରେ ଯୋଗଦେଇଥିବା ଅତିଥି ।

ସମାଜରୁ ଅଶୋଭନୀୟତା ଦୂର କରି ଶୋଭନୀୟତା ପ୍ରତିଷ୍ଠା କରିବା, ହିଂସାକୁ ଦୂର କରି ଅହିଂସାର ମଞ୍ଜି ବୁଣିବା ଓ ଯୁଦ୍ଧ ନୁହେଁ ତଥାଗତ ବୁଦ୍ଧଙ୍କ ବାଣୀ ପ୍ରଚାର କଲେ ଶୋଭନୀୟ ସମାଜ ଗଠନ ହୋଇ ପାରିବ। ଏହି ବାଣୀ ପୂଜ୍ୟ କୁମାରଭାଇଙ୍କର ଥିଲା ବୋଲି ଉତ୍ସବକୁ ଉଦ୍‌ଘାଟନ କରି ଯାଜପୁର ଏମ୍‌ପି ରବି ନାରାୟଣ ବେହେରା କହିଛନ୍ତି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟ ଗିରିଠାରେ ଥିବା ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ରବିବାର ଅନ୍ତର୍ଜାତୀୟ ଶୋଭନୀୟ ଯୁବ ସମାବେଶ ଆନ୍ଦୋଳନର ନିର୍ଦ୍ଦେଶିକା ଡ.ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ବିଶିଷ୍ଟ ବୌଦ୍ଧ ଗୁରୁ ପଦ୍ମ ସମ୍ଭବଙ୍କ ଉଦ୍ଦେଶ୍ୟରେ ସମାବେଶ ଉତ୍ସର୍ଗୀ କୃତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ବୌଦ୍ଧ ଗବେଷକ ଡ.ହରିଶ ଚନ୍ଦ୍ର ପୃଷ୍ଟି, ପ୍ରଫେସର ପ୍ରବୀର କୁମାର ପଟ୍ଟନାୟକ, ଲଣ୍ଡନରୁ ଆସିଥିବା ଯୁବ ପ୍ରତିନିଧି ଭାଗ୍ୟଶ୍ରୀ ସିଂହ, ଡ.ତ୍ରିଲୋଚନ ନାୟକ, ପ୍ରଫେସର ଡ.ବାଳକୃଷ୍ଣ ମହାପାତ୍ର, ଓ ଡ.ଅନିତା ସାବତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଭିଏତନାମର ନାଗୁଇନ ଥାଇଥାନଗା, ଉତ୍ତରାଖଣ୍ଡର ଡ.ଅଜୟ ଶର୍ମା, ରମାଦେବୀ ବିଶ୍ୱ ବିଦ୍ୟାଳୟରୁ ଡ.ପରମଜିତ ସିଂହ, ତାଞ୍ଜାନିଆ, ନାଇଜେରିଆ ଓ ବାଙ୍ଗାଲୋର ବିଶ୍ୱ ବିଦ୍ୟାଳୟରୁ ଆସିଥିବା ଯୁବ ସ୍କୁଲାରମାନେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏହି ଆଦର୍ଶ ଆବାସିକ ଶିକ୍ଷାଶ୍ରମରେ ଓଡ଼ିଶାର ବିଭିନ୍ନ ଜିଲାରୁ ଆସି ପାଠ ପଢୁଥିବା ଛାତ୍ରୀଛାତ୍ରମାନେ କୁମାର ଭାଇଙ୍କ ରଚନାରୁ ଶିକ୍ଷାପ୍ରଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବରଦା ମହାନ୍ତି, ମମତା ଗୁରୁମା, ମିନତୀ ଗୁରମା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

ଝୁମ୍ପୁରୀ,୧୩।୧(ସରୋଜ ନାୟକ): ଦଶରଥପୁର ବ୍ଲକ୍ ଚଷାଖଣ୍ଡ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଜଗନ୍ନାଥ ହାଟ ପଡ଼ିଆଠାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୫୧୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୫୦୭ ବ୍ୟକ୍ତିଗତ ଓ ୪ ସାମୁହିକ ଅଭିଯୋଗ ଆସିଥିଲା । ବିଡ଼ିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲିକ, ବ୍ଲକ୍ ଯୋଗାଣ ଅଧିକାରୀ ତପସ୍ୱିନୀ ରାୟ, ବ୍ଲକ୍ କର୍ମଚାରୀ ପ୍ରକାଶ ଚନ୍ଦ୍ର ବେହେରା, ରତିରଞ୍ଜନ ଖଣ୍ଡାଇ, କୃଷ୍ଣଚନ୍ଦ୍ର ଜେନା, ସରପଞ୍ଚ ପ୍ରତିଭା ମଲ୍ଲିକ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ରାଶନ୍ କାର୍ଡ଼, ଭତ୍ତା ଓ ଆବାସ ଉପରେ ଅଧିକ ସଂଖ୍ୟାରେ ଆବେଦନ ଆସିଥିବାର ଦେଖାଯାଇଥିଲା ।

# କଟିକଟା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି



ବରିଷ୍ଠ ଚାଷୀ ଶଶଧର ନାୟକ ଫିତା କାଟି ମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି ।

ଝୁମ୍ପୁରୀ,୧୩।୧(ସରୋଜ ନାୟକ): ଦଶରଥପୁର ବ୍ଲକ୍ କଟିକଟା ପ୍ରାଥମିକ କୃଷି ସମବାୟ ସମିତିରେ ସୋମବାର ଚଳିତବର୍ଷ ପାଇଁ ଧାନମଣ୍ଡିର ଶୁଭାରମ୍ଭ କରାଯାଇଛି । ସମିତି ସମ୍ପାଦକ ଅଜୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମଣ୍ଡି ପାଇଁ ନିୟୋଜିତ ନୋଡ଼ାଲ ଅଫିସର କ୍ଷୀରାବ୍ଧୀ ତନୟ ପଣ୍ଡା, ସମିତି ସଭାପତି ନାରାୟଣ ଚନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇଥିଲେ । ବରିଷ୍ଠ ଚାଷୀ ଶଶଧର ନାୟକ ଫିତା କାଟିବା ସହ ନଡ଼ିଆ ପିଟି ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ କମିଟି ସଭ୍ୟ ଅଂଶୁମାନ ସାମଲ, ସତ୍ୟନାରାୟଣ ନାୟକ, ଜୟନ୍ତ କୁମାର ପରିଡ଼ା, ପ୍ରତାପ ସାହୁ, ଶିବ ପ୍ରସାଦ ବେହେରା, ରମେଶ ଚନ୍ଦ୍ର ପୁହାଣ, ଚାଷୀ ଉଦୟନାଥ ଶତପଥୀ, ଶମ୍ଭୁନାଥ ବେହେରା, ନିରାକାର ଷଡ଼ଙ୍ଗୀ, ପ୍ରସନ୍ନ କୁମାର ସାମଲ, ଦଶରଥ ରାଉତ, ଅଜୟ ରାୟ, ରାଜେନ୍ଦ୍ର କୁମାର ଦାସ, ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଉଦାସ ଆଶ୍ରମ ମହନ୍ତଙ୍କ ଅଭିଷେକ ଉତ୍ସବ



ଅଭିଷେକ ଉତ୍ସବରେ ଯୋଗଦେଇଥିବା ସାଧୁସନ୍ଥ ।

ଛତିଆ,୧୩।୧(ସୌର୍ଯ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଛତିଆ ସୋଲରସ୍ଥିତ ଉଦାସ ଆଶ୍ରମର ପୀଠାଧୀଶ ମହନ୍ତ ସ୍ୱାମୀ ଯୋଗେଶ୍ୱରା ନନ୍ଦ ମହାରାଜଙ୍କ ବ୍ରହ୍ମ ଲୀନ ପରେ ମହାରାଜଙ୍କ ପଟ ଶିଷ୍ୟ ଦିବ୍ୟଲୋଚନ ମହାରାଜାଙ୍କୁ ପୀଠାଧୀଶ ମହନ୍ତ ଭାବେ ଅଭିଷେକ କରାଯାଇଛି । ଆଶ୍ରମ କମିଟିର କର୍ମକର୍ତ୍ତା, ଶିଷ୍ୟ,ଭକ୍ତ, ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ଦ୍ୱାରା ତାଙ୍କୁ ମନୋନୀତ କରାଯାଇଥିଲା । ଏହାପରେ ବ୍ରହ୍ମଲୀନ ସ୍ୱାମୀଜୀଙ୍କ ୨୧ଦିବସୀୟ ମହୋତ୍ସବରେ ସମାଧି ପ୍ରତିଷ୍ଠା, ବିଶ୍ୱ ଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ, ସନ୍ଥ ପୂଜନ, ବ୍ରାହ୍ମଣ ବୈଷ୍ଣବ ସେବା ଆଦି କାଯ୍ୟକ୍ରମ କରାଯାଇଥିଲା। ସୋମବାର ଅଭିଷେକ ପୂର୍ଣ୍ଣିମାରେ ପ୍ରଭୁ ଶୂନ୍ୟ ବାଣୀ, ଗୁରୁଙ୍କ ଅଭିଷେକ ପୂଜା କରାଯାଇ ପୀଠାଧୀଶ ମହନ୍ତ ଦିବ୍ୟ ଲୋଚନ ମହାରାଜ ଓ ସହକାରୀ ପଦ୍ମଲୋଚନ ମହାରାଜଙ୍କୁ ଅଭିଷେକ କରାଯାଇଥିଲା। ବର୍ଷିଆନ ସନ୍ଥ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ମହନ୍ତଙ୍କୁ ସିରିପା ବାନ୍ଧିବା ପରେ ମହନ୍ତ ନିଜର ସହଯୋଗୀଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। ଏହି ଅଭିଷେକ ଉତ୍ସବରେ ଉଦାସ ପନ୍ଥୀ ଭକ୍ତମାନେ ଯୋଗ ଦେଇଥିଲେ ।

# ଦେଓଗାଁରେ ମା'ଖଣ୍ଡୁରାଇଙ୍କ ପୁଷ୍ୟାଭିଷେକ ଉତ୍ସବ

କାଳିଆପାଣି,୧୩।୧(ଅସିତ ମହନ୍ତ):



ପଲ୍ଲୀ ସୌରିକ ଅଞ୍ଚଳ ତଥା ସୁକିନ୍ଦାର ଅଧିଷ୍ଠାତ୍ରୀ ଦେବୀ ମା' ଖଣ୍ଡୁରାଇଙ୍କ ସୁକିନ୍ଦା ରାଜା ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ରଙ୍କ ଦ୍ୱାରା ସୋମବାର ପୌଷପୂର୍ଣ୍ଣିମାରେ ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଯାଇଛି। ରାଜକୁମାର ଅନିଲ କୁମାର ସିଂଦେଓ ମଧ୍ୟ ପୂଜାର୍ଚ୍ଚନାରେ ଉପସ୍ଥିତ ଥିଲେ। ମା'ଙ୍କ ବର୍ଷେରେ ୨ଥର ଦେଓଗାଁ ପୀଠରେ ଶବର ସମାଜର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ। ଏଥିରେ ପଲ୍ଲୀ ସୌରିକ ଅଞ୍ଚଳର ୧୨ ପ୍ରଧାନୀଙ୍କ ଉପସ୍ଥିତରେ ମା'ଙ୍କର ମୁଖ୍ୟ ପୂଜକ ମହେଶ୍ୱର ଦେହୁରୀ, ମୁଖ୍ୟ ପ୍ରଧାନୀ ଶିରୋମଣୀ ପ୍ରଧାନ,ମୁଖ୍ୟ କାଳିସୀ ମା'ଙ୍କର ଶୀଳାକୁ କାଳିଆମୂଳ ଝରଣା ପାଣିରେ ସ୍ନାନ କରାଇ ଗଙ୍ଗାଜଳ ଓ ଘୃତରେ ମାର୍ଜନା କରିଥାନ୍ତି। ମା'ଙ୍କର କଳା,ଧଳା ଘୋଡାକୁ ମଧ୍ୟ ସେ କାଳିଆମୂଳ ଝରଣା ପାଣିରେ ସ୍ନାନ କରାଯାଇଥାନ୍ତି। ପରେ ନାଲି ଛିଟ ଲୁଗାରେ ମା'ଙ୍କୁ ନୂତନ ବସ୍ତ୍ରାଧି ପରିଧାନ କରାଯାଇଥାଏ। ସିନ୍ଦୁର,ଦୀପ,ଧୂପ,ଗୁଗୁଳ,ଭାସ୍କର ଦେଇ ମୁଖ୍ୟ ପୂଜକ ପୂଜାର୍ଚ୍ଚନା କରିଥାନ୍ତି। ପୁଷ୍ୟାଭିଷେକ ସମୟରେ ସୌରିକ ମାନଙ୍କର ପାରମ୍ପାରିକ ବାଦ୍ୟ ଘୁମୁରା ଓ ନୃତ୍ୟ ମୁଖ୍ୟ ଘୁମୁରିଆ ସାନନ୍ଦ ଦେହୁରୀଙ୍କ ନେତୃତ୍ୱରେ ବଜା ଯାଇଥାଏ। ପଲ୍ଲୀ ସୌରିକ ଅଞ୍ଚଳର ଚିଙ୍ଗୁଡ଼ିପାଳ, ଦେଓଗାଁ, ନାତୋର, ପାଟଣା, ରଗଦା, ବେଣାଗାଡିଆ,କଂସ, ସୁକୁରୁଙ୍ଗି, ଗୁରୁଜଙ୍ଗ,ସାରୁଆବିଲ,ତଲଙ୍ଗି ଆଦି ୧୨ଟି ମୁଖ୍ୟ ଶବର ଗାଁରୁ ବହୁ ସଂଖ୍ୟକ ମା'ଙ୍କ ଭକ୍ତ ଏହି ଉତ୍ସବରେ ସମାଗମ ହୋଇଥାନ୍ତି। ପୂର୍ବମାନସିକ କାରଣରୁ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ରବିବାର ମା' ଖଣ୍ଡୁରାଇ ପୀଠରେ ପୂଜାର୍ଚ୍ଚନା କରିଥିଲେ । ଓଡିଶା ମାଇନିଂ ୱାର୍କରସ୍ ୟୁନିୟନର ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା,ଅବସର ପ୍ରାପ୍ତ ଶିକ୍ଷକ ବେଣୁଧର ମହାନ୍ତ,ଜିଲ୍ଲା ପରିଷଦ ପ୍ରତାପ ପଟ୍ଟନାୟକ,ବିଦ୍ୟାଧର ପାତ୍ର,କାଳିଆପାଣି ଆଇଆଇସି ଶିବ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଫେବୃଆରୀ ୩ରୁ ଗଲଗଲିଶଙ୍ଖଠାରେ ବିଶ୍ୱଶାନ୍ତି ମହାଯଜ୍ଞ

ଧର୍ମଶାଳା,୧୩।୧(ବଟକୃଷ୍ଣ ପରିଡ଼ା) : ଫେବୃଆରୀ ୩ରୁ ଧର୍ମଶାଳା ବ୍ଲକ ଅନ୍ତର୍ଗତ ପର୍ଯ୍ୟଟନ କେନ୍ଦ୍ର ସିଦ୍ଧପୀଠ ଗଲଗଲିଶଙ୍ଖଠାରେ ତ୍ରୟୋଦଶ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହେବ । ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏନେଇ ଉକ୍ତ ପ୍ରସ୍ତୁତି ବୈଠକରେ ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱ କରିଥିଲେ । ଏଥିପାଇଁ ଉପଦେଷ୍ଟା କମିଟି, ଅଭ୍ୟର୍ଥନା କମିଟି, ଶୃଙ୍ଖଳା କମିଟି, ଅର୍ଥ କମିଟି, ପୂଜା କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ପ୍ରଶାସନିକ ଅଧିକାରୀ, ରାଜନେତା, ଶିକ୍ଷାବିତ୍ ତଥା ସାଧୁସନ୍ଥଙ୍କୁ ଅତିଥିଭାବେ ନିମନ୍ତ୍ରଣ କରିବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ପ୍ରଶାନ୍ତ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସନ୍ଥ ଶ୍ରୀମଦ୍ ସ୍ୱାମୀ ଦିନଦୟାଲ ସରସ୍ୱତୀ, ଧର୍ମଶାଳା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ବଳ, ଆଇନଜୀବୀ ଶ୍ୟାମପ୍ରସାଦ ଦାଶ, ବିବେକାନନ୍ଦ ଦାସ, ଅନିଲ କୁମାର ସାମନ୍ତରାୟ, ଉଗ୍ରେସନ ଦଳେଇ, ଉପେନ୍ଦ୍ର ସେଠୀ, ଶାନ୍ତନୁ ସେଠୀ, ସନ୍ତୋଷ କୁମାର ପ୍ରଧାନ, ଗୋବିନ୍ଦ ଦାସ, ବିଶ୍ୱନାଥ ଜେନା,ପ୍ରତାପ ଜେନା, ସୁଦର୍ଶନ ବଳ, ରାମଚନ୍ଦ୍ର ସେଠୀ,ଅକ୍ଷୟ କୁମାର ଗନ୍ତାୟତ, ଲୋକନାଥ ସେଠୀ,ରାମଚନ୍ଦ୍ର ସେଠୀ, ନାରାୟଣ ସେଠୀ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ଖବରଦାତା ଅଭିମନ୍ୟୁ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# କେନାଲ ଉପରେ ପ୍ରସ୍ତାବିତ ଫୁଟ୍ ବ୍ରିଜ୍‌କୁ ଚାଷୀଙ୍କ ବିରୋଧ

### ପୂର୍ବରୁ ଥିବା ବ୍ରିଜ୍ ସ୍ଥାନରେ ନୂତନ ବ୍ରିଜ୍ ହେଉ

ଝୁମ୍ପୁରୀ,୧୩।୧(ସରୋଜ ନାୟକ):



ପ୍ରସ୍ତାବିତ ଫୁଟ୍ ବ୍ରିଜ୍‌କୁ ବିରୋଧ କରୁଥିବା ଚାଷୀ ।

ଦଶରଥପୁର ବ୍ଲକ୍ ସିନ୍ଦୂରାଇମୁହଁଠାରୁ ରାମବାଗ ଦେଇ ଗ୍ରାମନନ୍ଦିପୁର ପର୍ଯ୍ୟନ୍ତ ଯାଇଥିବା ତଳିହା ୱାନ-ସି କେନାଲରେ ବଡ଼ଆଦମପୁର ନିକଟରେ ଥିବା ପ୍ରାୟ ୪୦ ବର୍ଷର ଏକ ପୁରୁଣା ପୋଲ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି । ଏହି ପୋଲକୁ ଭାଙ୍ଗି ସେଠାରେ ନୂତନ ପୋଲ କରିବା ନିମନ୍ତେ ଅଞ୍ଚଳର ଚାଷୀମାନଙ୍କ ପକ୍ଷରୁ ବାରମ୍ବାର ଜଳସମ୍ପଦ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଉଥିଲା । ଜଳସମ୍ପଦ ବିଭାଗ ପକ୍ଷରୁ ଚାଷୀମାନଙ୍କ ଦାବିକୁ ପୂରଣ କରିବାକୁ ଯାଇ ଏକ ନୂତନ ପୋଲ ନିର୍ମାଣ ନିମନ୍ତେ ନିଷ୍ପତ୍ତି କରାଯାଇ କାର୍ଯ୍ୟ ଦିଆଯାଇଥିଲା । କିନ୍ତୁ ନିର୍ମାଣଧୀନ ପୋଲଟି ପୁରୁଣା ଥିବା ପୋଲ ନିକଟରେ ନ ହୋଇ ସେଠାରୁ କିଛି ଦୂରରେ ଅବସ୍ଥିତ ଜଣେ ବ୍ୟକ୍ତିଗତ ଜମିରେ ନୂତନ ପୋଲ କରିବା ନିମନ୍ତେ କାର୍ଯ୍ୟାଦେଶ ନେଇଥିବା ଠିକାଦାର ଆଜି ଖୋଳିବାରୁ ଚାଷୀମାନେ ବିରୋଧ କରିଥିଲେ । ଏ ସମ୍ପର୍କରେ ଚାଷୀମାନଙ୍କ ପକ୍ଷରୁ ଏପରି ପୋଲ ନିର୍ମାଣକୁ ବିରୋଧ କରାଯାଇ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବା ସହ ପୁରୁଣା ପୋଲ ଥିବା ଜାଗାରେ ପୋଲ ନିର୍ମାଣ କରିବାକୁ ଦାବି କରାଯାଇଛି । ଏହି ନୂତନ ପୋଲକୁ ବନ୍ଦ କରି ପୁରୁଣା ପୋଲ ଜାଗାରେ ନିର୍ମାଣ କରିବାକୁ ଚାଷୀ ଜୟରଞ୍ଜନ ସ୍ୱାଇଁ, ଦିଲୀପ କୁମାର ଜେନା, ନାରାୟଣ ଜେନା, ସୌମ୍ୟରଞ୍ଜନ ଜେନା, କୈଳାସ ଚନ୍ଦ୍ର ଜେନା, କୁମର ଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର କୁମାର ଦାସ, ପ୍ରଫୁଲ୍ଲ ଜେନା, ଶତ୍ରୁଘ୍ନ ଜେନା, ଉଦୟ ସ୍ୱାଇଁ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

# ସମାଜରେ ସଂସ୍କାର ଆଣିବାକୁ ମୀନକେତନଙ୍କ ଉଦ୍ୟମ ଥିଲା

### ମୀନକେତନ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ

ରସୁଲପୁର,୧୩।୧(ରଞ୍ଜିତ ରାଉତ):



ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ମାନ୍ୟଗଣ୍ୟ ବ୍ୟକ୍ତି ।

ଯାଜପୁର ଜିଲାର ଜଣାଶୁଣା ଜନନେତା ସ୍ୱର୍ଗତ ମୀନକେତନ ରାଉତଙ୍କ ୧୦ମ ବାର୍ଷିକୀ ସ୍ମୃତି ସମ୍ମାନ ଉତ୍ସବ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ଦୀପାଞ୍ଚଳ ହାଇସ୍କୁଲ ପରିସରେ ଆୟୋଜିତ ସ୍ମୃତି ସମ୍ମାନ ଉତ୍ସବ-୨୦୨୫ରେ ଯୋଗଦେଇଥିବା ଅତିଥିମାନେ ମୀନକେତନ ଜଣେ ଜନନେତା ଥିଲେ । ସେ ସମାଜରେ ସଂସ୍କାର ଆଣିବାରେ ଉଦ୍ୟମ ଜାରି ରଖିଥିଲେ। ଗ୍ରାମାଞ୍ଚଳରେ କୃଷି ଓ କୃଷକ, କଳା, କ୍ରୀଡା, ଗୋ-ସମ୍ପଦ ଆଦିର ବିକାଶ ଦିଗରେ ସେ କାର୍ଯ୍ୟ କରୁଥିଲେ । ସେ ବଡକଇଁଚି ପଞ୍ଚାୟତର ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କରି ଆଦର୍ଶ ନେତା ଭାବେ ପରିଚୟ ସୃଷ୍ଟି କରିପାରିଥିଲେ । ଏହାଛଡା ଗନ୍ଧଣ ପଞ୍ଚାୟତ ଗଠନରେ ତାଙ୍କର ପ୍ରମୁଖ ଭୂମିକା ଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଏଥିରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲା ଲେଖକ ସମ୍ମେଳନର ସଭାପତି ଡା ରୁଦ୍ରନାରାୟଣ ପୃଷ୍ଟି, ମୁଖ୍ୟବକ୍ତା ସର୍ବଭାରତୀୟ ବେସରକାରୀ କଲେଜ ଶିକ୍ଷକ ସଂଘର ସଭାପତି ଡ.ଦୁଷ୍ମନ୍ତ କୁମାର ନାୟକ, ସମ୍ମାନିତ ଅତିଥି ସାମାଜିକ କର୍ମୀ ପ୍ରହ୍ଲାଦ ପଣ୍ଡା, ଇଂ.ବିଶ୍ୱଜିତ୍ ମହାନ୍ତି, ଗୀତକବି ପ୍ରତାପରୁଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମୀନକେତନ ପ୍ରେମୀ ଶିକ୍ଷାବିତ୍ ପ୍ରଭାକର ସାହୁ, ଅଗ୍ରଣୀ ଚାଷୀ ଦିବାକର ବିଶ୍ୱାଳ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ କୀର୍ତ୍ତନ ବିହାରୀ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସମାଜସେବାରେ କୃତିତ୍ୱ ଅର୍ଜନ କରିଥିବା କରୋନା ଯୋଦ୍ଧା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବସନ୍ତ କୁମାର ପଣ୍ଡା, କଳାକାର ଚନ୍ଦ୍ରଶେଖର ପୁହାଣ, କ୍ରୀଡାବିତ୍ ଭାବେ ଖବରଦାତା ରଞ୍ଜିତ ରାଉତ, କୃଷକ ହାଡିବନ୍ଧୁ ପାତ୍ର, କୃତୀ ଶିକ୍ଷକ ରଞ୍ଜନ କୁମାର ବାରିକ, କୃତୀ ଛାତ୍ର ଶ୍ରେୟାଂଶୁ ଦ୍ୱିବେଦୀଙ୍କୁ ଉପଢୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଏଥିସହିତ ବିଦ୍ୟାଳୟର ବାର୍ଷିକ କ୍ରୀଡାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ର ସୁଦାମ ଚରଣ ରାଉତ, ନରୋତ୍ତମ ବେହେରା, ଛାତ୍ରୀ କାଜଲ ସେଠୀ, ପୂଜା ଗୁରୁଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସମ୍ପଦର ସମ୍ପାଦକ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁତିଭୂଷଣ ପାଳ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଅନନ୍ତ ପାତ୍ର, ଜୟଦେବ ସାହୁ, ସୁରେଶ ପରିଡ଼ା, ଅମୂଲ୍ୟ କୁମାର ଭୂୟାଁ, ରାଜକିଶୋର ପଣ୍ଡା, ସୁବାସ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କାମରେ ଲାଗୁନି ରାତ୍ର ଆଶ୍ରୟସ୍ଥଳ

- ୬ ବର୍ଷ ପୂର୍ବେ ଖର୍ଚ୍ଚ ହୋଇଥିଲା କୋଟିଏ ଟଙ୍କା
- ପରିଚାଳନା ପାଇଁ ନିଯୁକ୍ତ ହୋଇଛନ୍ତି କର୍ମଚାରୀ




କେନ୍ଦ୍ରାପଡ଼ା, ୧୩।୧(ଜଗନ୍ନଥ ଧଳ)

ଜାନୁଆରୀ ମାସ ରାତି ସମୟରେ ବାହାରେ ପ୍ରବଳ ଥଣ୍ଡା। ଚାରିଆଡ଼େ କୁହୁଡ଼ି ପଡ଼ିଛି। କେନ୍ଦ୍ରାପଡ଼ା ସହରର ତିନିମୁହାଣୀ ଛକର ଏକ ଔଷଧ ଦୋକାନ ପିଣ୍ଡାରେ ଜଣେ ମହିଳା ମୁଣ୍ଡ ତଳେ କିଛି କପଡ଼ା ଦେଇ ଶୋଇଛନ୍ତି। ଖଡ଼ିଅଙ୍ଗସ୍ଥିତ ମେଡିକାଲ ଛକର ଏହି ଦୃଶ୍ୟ। ବାଘା ନାମକ ଜଣେ ନିରାଶ୍ରୟ ବ୍ୟକ୍ତି ସାରା ରାତି ରାସ୍ତାକଡ଼ରେ ଶୋଇଥିବା ଦେଖିବାକୁ ମିଳୁଛି। ଏହି ଗୋଟିଏ ଅଥବା ଦୁଇଟି ଦୃଶ୍ୟ ମଧ୍ୟରେ ସୀମିତ ନୁହେଁ। ସହରର ପ୍ରତ୍ୟେକ ସ୍ଥାନରେ ଏପରି ନିରାଶ୍ରୟଙ୍କୁ ରାତ୍ରିଯାପନ କରୁଥିବା ଦେଖିବାକୁ ମିଳୁଛି। ତେବେ ପୌରାଞ୍ଚଳରେ ରାତ୍ରି ଆଶ୍ରୟସ୍ଥଳ ରହିଥିବା କାଗଜପତ୍ର ଓ ବିଜ୍ଞାପନରେ ଦେଖିବାକୁ ମିଳୁଛି। ମାତ୍ର ଏହି ନିରାଶ୍ରୟଙ୍କୁ ରାତ୍ରି ଆଶ୍ରୟସ୍ଥଳ ସ୍ଥାନକୁ ନେବା ପାଇଁ କୌଣସି ବନ୍ଦୋବସ୍ତ ନାହିଁ। ସହରାଞ୍ଚଳ ୱାର୍ଡ କଲ୍ୟାଣ କମିଟି ଅଥବା ପୌର ପ୍ରଶାସନର ଏଥିପ୍ରତି ନଜର ନାହିଁ। ସ୍ୱେଚ୍ଛାସେବୀ ସଙ୍ଗଠନଙ୍କ ଆଗ୍ରହ ନ ଥିବା ଫଳରେ ଗତ ୬ ବର୍ଷ ପୂର୍ବେ କୋଟିଏ ଟଙ୍କାରେ ବ୍ୟୟ ରାତ୍ରି ଆଶ୍ରୟସ୍ଥଳ କାମରେ ଲାଗୁ ନ ଥିବା ସ୍ଥାନୀୟ ଅଞ୍ଚଳରେ ମତ ମିଳିଛି। ପୌରସଂସ୍ଥା ପକ୍ଷରୁ ୨୦୧୮ରେ ହଜାରିବଗଚାଠାରେ ଏକ ରାତ୍ରି ଆଶ୍ରୟସ୍ଥଳ ନିର୍ମାଣ ହୋଇଥିଲା। ଏଥିରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟ ହୋଇଛି। ଆଶ୍ରୟସ୍ଥଳରେ ୨୦ ପୁରୁଷ ଓ ୧୦ ମହିଳା ରହିବା ପାଇଁ ବ୍ୟବସ୍ଥା ଅଛି। ଏଥିସହ ରହଣି ସମୟରେ ସମ୍ୟକ୍ ଖାଦ୍ୟ ବ୍ୟବସ୍ଥା ରଖାଯାଇଛି। ଏପରିକି ଏହି ଆଶ୍ରୟସ୍ଥଳରେ ବାହାରୁ ବଦଳି ହୋଇ ଆସିଥିବା କର୍ମଚାରୀଙ୍କ ସ୍ୱଳ୍ପକାଳୀନ ରହଣି ପାଇଁ ସୁଦୃଶ୍ୟ କୋଠରି ଅଛି। ଏହା ସତ୍ତ୍ୱେ ଆଶ୍ରୟସ୍ଥଳରେ ରାତ୍ର ରହଣିକାରୀଙ୍କ ସଂଖ୍ୟା ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଏ ସମ୍ପର୍କରେ ଅମ୍ବିକା ପ୍ରସାଦ ସିଂହ, ଖଡ଼ିଅଙ୍ଗର ମନୋଜ କୁମାର ସିଂହ, ଫକିରାବାଦର ଓବେଦା ପ୍ରମୁଖ କହିଛନ୍ତି, ପୌରସଂସ୍ଥାର ପରିକଳ୍ପନା ଅନୁଯାୟୀ ରାତ୍ରି ଆଶ୍ରୟସ୍ଥଳର ଉପଯୋଗ ନାହିଁ। ୨୦୧୮ରେ ଏହି ଆଶ୍ରୟସ୍ଥଳ ନିର୍ମାଣ ଅସହାୟ ବ୍ୟକ୍ତିଙ୍କ ରହିବା ପାଇଁ ଉଦ୍ଦିଷ୍ଟ ହୋଇଥିଲା। ନିକଟରେ ଜିଲା ମୁଖ୍ୟ ଚିକିତ୍ସାଳୟ ଥିବାରୁ ରୋଗୀଙ୍କ ଆତ୍ମୀୟମାନେ ନିକଟସ୍ଥ ପିଣ୍ଡାରେ ଶୋଉଥିବା ଦୃଶ୍ୟକୁ ବନ୍ଦ ପାଇଁ ଏହା ନିର୍ମାଣ ହୋଇଥିଲା। ଏଥିସହ ସହର ମଧ୍ୟରେ ବହୁ ଲୋକ ବାହାର ସ୍ଥାନରେ ରହୁଥିବାରୁ ଯୋଜନା ଫଳପ୍ରଦ ହେବ ବୋଲି ଆଶା କରାଯାଉଥିଲା। ପ୍ରଥମ ବର୍ଷ ଏପରି ନିରାଶ୍ରୟ ବ୍ୟକ୍ତିଙ୍କୁ ଖୋଜି ଆଶ୍ରୟସ୍ଥଳକୁ ନେବା ପାଇଁ ଏକ ସେଚ୍ଛାସେବୀ ସଙ୍ଗଠନକୁ ନିଯୁକ୍ତ କରାଯାଇଥିଲା। ତେବେ କୌଣସି କାରଣରୁ ଏହି ସ୍ୱେଚ୍ଛାସେବୀ ସଙ୍ଗଠନ ଓହରିଯାଇଥିବାରୁ ରାତ୍ର ଆଶ୍ରୟସ୍ଥଳ ଫାଙ୍କା ପଡୁଛି। ଏଥିପ୍ରତି ସଚେତନତା ନ ଥିବାରୁ ଏହାର ଉପଯୋଗ ହୋଇପାରୁନାହିଁ। ସହରାଞ୍ଚଳରେ ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ରହିଛନ୍ତି। ସେହିପରି ୱାର୍ଡ କଲ୍ୟାଣ କମିଟି ଗଠନ ହୋଇଛି। ପୌର କର୍ମଚାରୀ ଏଥିପ୍ରତି ଦୃଷ୍ଟିଦେଲେ ରାତ୍ର ଆଶ୍ରୟସ୍ଥଳର ଲକ୍ଷ୍ୟ ପୂରଣ ହୋଇପାରିବ। ଅନ୍ୟଥା ବେଡ୍ ପାଇଁ କିଣାଯାଇଥିବା ଖଟ, ତକିଆ ଆଗାମୀ ଦିନରେ ନଷ୍ଟହେବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କରଙ୍କୁ ପଚାରିବାରେ ରାତ୍ରି ଅଶ୍ରୟସ୍ଥଳ ଅସହାୟ ବ୍ୟକ୍ତିଙ୍କ ପାଇଁ ଏକ ବରଦାନ। ଏହାକୁ ସୁପରିଚାଳନା ଓ ସୁସଙ୍ଗଠିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଆଶ୍ରୟସ୍ଥଳର ପରିଚାଳନା ପାଇଁ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ରକ୍ଷଣାବେକ୍ଷଣ ପାଇଁ ପୌରସଂସ୍ଥା ପକ୍ଷରୁ ଅର୍ଥ ବ୍ୟୟ ହେଉଛି ବୋଲି ସେ କହିଛନ୍ତି।

# ମେଗା ସ୍ୱାସ୍ଥ୍ୟସେବା ଶିବିର, ୪୫୦୦ ରୋଗୀଙ୍କ ପରୀକ୍ଷା


ଡାକ୍ତରମାନେ ରୋଗୀଙ୍କ ଚିକିତ୍ସା କରୁଛନ୍ତି।

ମାର୍ଶାଘାଇ, ୧୩।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ୍ ଯମପଡ଼ାଠାରେ ଭୁବନେଶ୍ୱରର କିମ୍ସ ମେଡିକାଲ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସାଂସଦ ଡ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟନେଇ କିମ୍ସ ପକ୍ଷରୁ ପ୍ରତି ଜିଲାରେ ଏହି ଶିବିର ଆୟୋଜନ କରାଯାଉଛି। ବନ୍ଧୁ ସଞ୍ଜୟ ଲେଙ୍କାଙ୍କ ପ୍ରସ୍ତାବ ଏବଂ ସହଯୋଗକ୍ରମେ ଏହି ଶିବିର ନୂଆବର୍ଷ ପ୍ରାରମ୍ଭରେ ଯମପଡ଼ାରେ ହୋଇପାରିଲା ବୋଲି ସାମନ୍ତ କହିଥିଲେ। ବରିଷ୍ଠ ଡାକ୍ତର ସି.ବି.କେ. ମହାନ୍ତିଙ୍କ ନେତୃତ୍ୱରେ ୪୦ ବିଶେଷଜ୍ଞ ଡାକ୍ତରୀ ଏବଂ ୭୨ ଜଣ ସ୍ୱାସ୍ଥ୍ୟସେବା ସହଯୋଗୀ ଶିବିରରେ ଯୋଗଦେଇ ୪୫୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଶିବିରରେ ଚର୍ମ, ଚକ୍ଷୁ ,କର୍ଣ୍ଣ, ନାଶା, ଗଳା,ଦନ୍ତ, ହୃଦ୍‌ରୋଗ, ଫୁସ୍‌ଫୁସ୍, ଅସ୍ଥି ଓ ଶଲ୍ୟ ସହ ୧୫ରୁ ଊର୍ଦ୍ଧ୍ୱ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କିମ୍ସର ଡେପୁଟି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ତଥା କ୍ରିଟିକାଲ କେୟାର ବିଶେଷଜ୍ଞ ଡା. ହରିଶ ଚୌଧୁରୀ, ଦିଲୀପ କୁମାର ନାୟକ ଶିବିର ପରିଚାଳନର ତଦାରଖ କରିଥିବା ବେଳେ ମାର୍ଶାଘାଇ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ କୁମାର ଲେଙ୍କା, ଯମପଡ଼ା ସରପଞ୍ଚ ମନୋଜ କୁମାର ପରିଡ଼ା, ଯମପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସ୍ୱାଇଁ, ଜ୍ଞାନଦୀପ୍ତ ପରିଡ଼ା, ମହିଳା ନେତ୍ରୀ ଶର୍ମିଷ୍ଠା ନାୟକ, ସମିତି ସଭ୍ୟା ସୁନତି ସାହୁ, ଯମପଡ଼ା ସମିତିସଭ୍ୟା ସୁପ୍ରଭା ଜେନା ବିକ୍ରମ କେଶରୀ ଲେଙ୍କା, ବିଦ୍ୟାଧର ଦାସ, ବିମଳେନ୍ଦୁ ପ୍ରକାଶ ସ୍ୱାଇଁ, ଜ୍ଞାନରଞ୍ଜନ ବାରିକ, ଚିତ୍ରସେନ ସେଠୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସାହିତ୍ୟ ଦ୍ୱାରା ବୌଦ୍ଧିକ ଆନ୍ଦୋଳନର ଭିତ୍ତିଭୂମି ପଡ଼ିଥାଏ



କେନ୍ଦ୍ରାପଡା, ୧୩।୧ (ଜଗନ୍ନାଥ ଧଳ)

**ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା ଉଦ୍‌ଯାପିତ**

କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ପକ୍ଷରୁ ସହରର ଟେଲିକମ ପଡିଆରେ ଗତ ୬ ତାରିଖରୁ ଚାଲିଥିବା ଦ୍ୱାବିଂଶତମ ରାଜ୍ୟସ୍ତରୀୟ ପୁସ୍ତକ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସଭାରେ ଅତିଥିମାନେ ସାହିତ୍ୟ ଦ୍ୱାରା ବୌଦ୍ଧିକ ଆନ୍ଦୋଳନର ଭିତ୍ତିଭୂମି ପଡିଥାଏ ବୋଲି ପ୍ରକାଶ କରିଥିଲେ।କେମ ସଭାପତି ଅକ୍ଷୟ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗବେଷକ ଡ. ଅନୀଲ ଧୀର, ସ୍ତମ୍ଭକାର ଡ. ବିଜୟାନନ୍ଦ ସିଂ, କବି ନିରାକାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସାମ୍ପ୍ରତିକ ସାହିତ୍ୟର ଆବଶ୍ୟକତା ଉପରେ ତର୍ଜମା କରିଥିଲେ। ସେମାନେ ବୈଦ୍ଧିକ ଆନ୍ଦୋଳନ ଦ୍ୱାରା ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କେମ୍‌ର ବିଭିନ୍ନ ସମ୍ମାନ ଉଲ୍ଲେଖନୀୟ କୃତୀ ପ୍ରତିଭାଙ୍କୁ ଅତିଥିମାନେ ପ୍ରଦାନ କରିଥିଲେ। ଏଥିସହ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପରିଚାଳିତ କେନ୍ଦ୍ରାପଡ଼ା ଆର୍ଟ ଗ୍ୟାଲେରୀ ଓ ପୁସ୍ତକଙ୍କ ସଂଗ୍ରାହଳୟର ସ୍ୱତନ୍ତ୍ର ପ୍ରଦର୍ଶନୀ ହୋଇଥିଲା। ସମ୍ପାଦକ ଜାହିଦ ଖାନ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। କେମ କର୍ମକର୍ତ୍ତା ମହମ୍ମଦ ଜାହିଦ ଖାନ, ନବଜ୍ୟୋତି ରାୟ ପ୍ରମୁଖ ସଭା ପରିଚାଳନା କରିଥିଲେ। କେମ ଉପଦେଷ୍ଟା ଡ. ବିରଜା ରାଉତରାୟ, ଜ୍ୟୋତିରଞ୍ଜନ ନାୟକ, ସ୍ୱପ୍ନାଂଶୁ ଦାସ, ଧର୍ମଦର୍ଶୀ କର, ପ୍ରଦ୍ୟୁମ୍ନ ବେହୁରା, ଲକ୍ଷ୍ମୀକାନ୍ତ ନାୟକଙ୍କ ସମେତ କର୍ମକର୍ତ୍ତାମାନେ ପୁସ୍ତକ ମେଳାକୁ ପରିଚାଳନା କରିଥିଲେ।

# ମିଳିତ ଜନଶୁଣାଣି ଶିବିର, ୧୦୬ ଅଭିଯୋଗ

ମହାକାଳପଡ଼ା, ୧୩।୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ୍ ଉପକୂଳ ସୁନିତି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇ ୧୦୬ଟି ଅଭିଯୋଗର ଶୁଣାଣି କରିଥିଲେ। ତେବେ ଗଗୁଆ ପଞ୍ଚାୟତ ଗୁଲଦିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୯୩ ଛାତ୍ରୀଛାତ୍ର ପଢୁଛନ୍ତି। ହେଲେ ଅଧିକ କ୍ଲାସ୍ ରୁମ୍ ନ ଥିବାରୁ ଗୋଟେ ରୁମ୍‌ରେ ପିଲାମାନେ ପାଠ ପଢ଼ନ୍ତି। ପାଠ ପଢ଼ିବାରେ ସମସ୍ୟା ହୋଇଥାଏ। ଏ ନେଇ ଜିଲାପାଳ ପ୍ରଧାନଙ୍କୁ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ୨ ଛାତ୍ର ଭବେନ୍ଦ୍ର ମଣ୍ଡଳ ଓ କୀର୍ତ୍ତିମାନ ମଣ୍ଡଳ ୨ କି.ମି. ଚାଲି ଚାଲି ଆସି ଭେଟି ନୂଆ କ୍ଲାସ୍ ରୁମ୍ ଓ ପାଚେରି ନିର୍ମାଣ ପାଇଁ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳ ପ୍ରଧାନ ଖୁବ୍ ଗୁରୁତର ସହ ପିଲାମାନଙ୍କର ଅଭିଯୋଗ ଶୁଣି ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ସୁରମା ମହାପାତ୍ରଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଭତ୍ତା, ଆବାସ ନିର୍ମାଣ, ପାଣିଖିଆ ଆଦିବାସୀ ସାନ୍ତାଳୀ ଗ୍ରାମ ପୂର୍ବ, ଉତ୍ତର ଦିଗରେ ନୂତନ ଘେରିବନ୍ଧ ନିର୍ମାଣ, ରାଜଗଡ଼ଠାରେ ନକଲି ଜର୍ଦ୍ଦା ପ୍ରସ୍ତୁତ, ପାନୀୟ ଜଳ ଯୋଗାଣ ସମସ୍ୟା, ସୁନିତି ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳରୁ ଲୋକ ଅଭିଯୋଗ କରିଥିଲେ। ଉପସ୍ଥିତ ଅନ୍ୟ ଅଧିକାରୀଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ତହସିଲଦାର ଶିବ ମଲିକଙ୍କ ସମେତ ତନ୍ତିଆପାଳ ଥାନା ଅଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ, ସରପଞ୍ଚ ଭଗବତୀ ମଣ୍ଡଳ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦନ ଦାସଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ନିକଟରେ ଅଧିକାରୀମାନେ ଚାଷୀମାନଙ୍କ ଦ୍ୱାରା ଜୈବିକ ପଦ୍ଧତିରେ ବିଭିନ୍ନ ପ୍ରକାର ପନିପରିବା ଫସଲ, ଫୁଲ, ଆପଲ୍‌ବେରୀ, ଡ୍ରାଗନ ଚାଷ ଦେଖି ଖୁବ୍‌ଖୁସି ବ୍ୟକ୍ତ କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ଚାଷୀମାନଙ୍କ ଚାଷ ପ୍ରତି ଉତ୍ସାହିତ କରିବା ପାଇଁ ପରାମର୍ଶ ଦେଇଥିଲେ।


କ୍ଲାସ୍ ରୁମ୍ ଅଭାବ ଯୋଗୁ ୨ ଛାତ୍ର ଜିଲାପାଳଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରୁଛନ୍ତି।

**୨ କି.ମି. ଚାଲି ଚାଲି ଆସି ଶ୍ରେଣୀଗୃହ ନ ଥିବା ୨ ଛାତ୍ର କଲେ ଅଭିଯୋଗ**

# ସନ୍ତୋଷ ପାଣିଙ୍କୁ 'ଜ୍ୟୋତିଷ ସିଦ୍ଧାନ୍ତ ସମ୍ରାଟ' ପୁରସ୍କାର

ଭୁବନେଶ୍ୱର, ୧୩।୧ (ବନ୍ଦନା ସେଠୀ)

ଭୃଗୁ ଜ୍ୟୋତିଷ ଆନୁକୂଲ୍ୟରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଏସିଆର ସର୍ବବୃହତ୍ ୧୮ତମ ଜ୍ୟୋତିଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ. ସନ୍ତୋଷ କୁମାର ପାଣିଙ୍କୁ 'ଜ୍ୟୋତିଷ ସିଦ୍ଧାନ୍ତ ସମ୍ରାଟ' ପୁରସ୍କାର ପ୍ରଦାନ କରାଯାଇଛି। ଭୃଗୁ ଜ୍ୟୋତିଷ ଅଧ୍ୟକ୍ଷ ଶ୍ରୀଧର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ନେପାଳର ମହେନ୍ଦ୍ର ନାଥ ମୁଦ୍ରା ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ରବିଚରଣ ରଥ, ଡ. ନିରଞ୍ଜନ ମହାପାତ୍ର, ରାଞ୍ଚିର ଡ. ନଗେନ୍ଦ୍ର କୁମାର ବିଷ୍ଣୁ ଶର୍ମା, ହଜାରୀବାଗର ଦିନେଶ ମିଶ୍ରଙ୍କ ସମେତ ଏସିଆ ମହାଦେଶର ବିଭିନ୍ନ ଅଞ୍ଚଳର ୬ଟି ଦେଶର ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ଜ୍ୟୋତିଷ, ବାସ୍ତୁବିଦ୍‌ମାନେ ଯୋଗଦେଇଥିଲେ।

# କର୍ଣ୍ଣାଟକରେ ଯୁବକ ମୃତ, ମହାରାଷ୍ଟ୍ରରେ କୋମାରେ ଜଣେ

ରାଜନଗର, ୧୩।୧ (ଭସ୍କର ରାଉତରାୟ)


ନରଞ୍ଜନ ପ୍ରଧାନ ଚିକିତ୍ସିତ ହେଉଛନ୍ତି। ମୃତ ବରଦାକାନ୍ତ ସ୍ୱାଇଁ।

ରାଜନଗର ବ୍ଲକର ଯୁବକମାନେ କାମଧନ୍ଦା ନ ପାଇ ରାଜ୍ୟ ଓ ଦେଶ ବାହାରକୁ କାମ କରିବାକୁ ଯାଉଛନ୍ତି। ସେଠାରେ ନିର୍ଯାତନାର ଶିକାର ହେବା ସହ ବିଭିନ୍ନ ସମୟରେ ଜୀବନ ମଧ୍ୟ ହରାଉଛନ୍ତି। ଗତ ୧୧ତାରିଖରେ କର୍ଣ୍ଣାଟକରେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ମହାରାଷ୍ଟ୍ରରେ ଡାକ୍ତରଖାନାରେ କୋମାରେ ରହି ଚିକିତ୍ସିତ ହେଉଛନ୍ତି। ରାଜନଗର ବ୍ଲକ ବେଲପାଳ ଗାଁର ବସନ୍ତ କୁମାର ସ୍ୱାଇଁଙ୍କ ପୁଅ ବରଦାକାନ୍ତ (୨୬) କର୍ଣ୍ଣାଟକରେ ଦାଦନ ଖଟୁଥିଲେ। ବରଦାକାନ୍ତ କର୍ଣ୍ଣାଟକରେ ଥିବା ଏକ ଫାଷ୍ଟଫୁଡ ଦୋକାନରେ କାମ କରୁଥିଲେ। ୧୧ ତାରିଖ ରାତିରେ ତାଙ୍କ ପୁଅ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକ ଖବର ପାଇଥିଲେ। ସେଠାରେ ପରିବାର ଲୋକ ପହଞ୍ଚି ଦେଖିବା ବେଳକୁ ତାଙ୍କ ମୃତଦେହ ନିକଟରେ ରକ୍ତଛିଟା ପଡ଼ିଛି। ତାଙ୍କୁ ଜୀବନରୁ ମାରିବା ପରେ ରୁମ୍ ଭିତରେ ଟାଙ୍ଗି ଦେଇଛନ୍ତି। ଏହି ଘଟଣାରେ ବରଦାକାନ୍ତଙ୍କ ପରିବାର ଲୋକ ସ୍ଥାନୀୟ ପୋଲିସ ଷ୍ଟେଶନରେ ଅଭିଯୋଗ କରିଛନ୍ତି। ସୋମବାର କର୍ଣ୍ଣାଟକରେ ବରଦାକାନ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବସନ୍ତଙ୍କ ଦୁଇ ପୁଅଙ୍କ ମଧ୍ୟରୁ ବରଦାକନ୍ତ ବଡ଼ପୁଅ ଥିଲେ। ସେହିପରି ବ୍ଲକ ଭିତରଗଡ଼ ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗାଁର ନିରଞ୍ଜନ ପ୍ରଧାନ ମହାରାଷ୍ଟ୍ରରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ୧୧ ତାରିଖ ସକାଳେ ଖାଇସାରି କାମକୁ ଯାଉଥିବା ବେଳେ ସେ ବ୍ରେନ୍‌ଷ୍ଟ୍ରୋକର ଶିକାର ହୋଇଥିଲେ। ସେଠାରେ ଥିବା ଓଡ଼ିଆ ଶ୍ରମିକମାନେ ତାଙ୍କୁ ନେଇ ଗୁରୁତର ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେଠାରେ ନିରଞ୍ଜନଙ୍କୁ ଚିକିତ୍ସା ଯୋଗାଇ ଦେବା ସମ୍ଭବ ହୋଇପାରୁନି। ପରିବାରରେ ନିରଞ୍ଜନ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସ୍ତ୍ରୀ ନିରୁପମା ପ୍ରଧାନ ନିବେଦନ କରିଛନ୍ତି।

# ପଞ୍ଚାମୁଣ୍ଡାଇ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭ ଦେଲେ ବିଧାୟକ



ପଟ୍ଟାମୁଣ୍ଡାଇ, ୧୩।୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନ୍ୟତମ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ୭୬ତମ ବିଶ୍ୱଶାନ୍ତି ମହାଯଜ୍ଞର ପାରମ୍ପରିକ ରୀତିନୀତି ଅନୁଯାୟୀ ବଣିକ ସଂଘ ପକ୍ଷରୁ ଶୁଭ ଦିଆଯାଇଛି। ଏହି ଉପଲକ୍ଷେ ପଣ୍ଡିତ ବ୍ରହ୍ମାନନ୍ଦ ନନ୍ଦ ଓ ଭ୍ରମରବର ତ୍ରିପାଠୀଙ୍କ ଯଥାବିଧି ପୂଜାର୍ଚ୍ଚନା ଓ ମନ୍ତ୍ରଧ୍ୱନି ମଧ୍ୟରେ ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ଯଜ୍ଞର ଶୁଭ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଆଦର୍ଶ ଥାନା ଆଇଆଇସି ସୁଶାନ୍ତ ସାହୁ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ପାଢ଼ୀ, ଅଗ୍ନିଶମ ଅଧିକାରୀ ରାମକୃଷ୍ଣ ପଣ୍ଡା, ରାଜସ୍ୱ ନିରୀକ୍ଷକ ଲାଲୁ ଚୌଧୁରୀ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି), ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧକ୍ଷ ପର୍ଶୁରାମ ଷଣ୍ଢ, ବଣିକ ସଂଘ ଉପଦେଷ୍ଟା କିରଣ କୁମାର ଭୂୟାଁ, ରବୀନ୍ଦ୍ର ସାହୁ କିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ମହାଯଜ୍ଞ ଆସନ୍ତା ଫେବୃଆରୀ ୪ ରୁ ଆରମ୍ଭ ହୋଇ ୧୨ ତାରିଖରେ ପୁର୍ଣ୍ଣାହୂତି ଦିଆଯିବ ବୋଲି କାର୍ଯ୍ୟକ୍ରମ ସ୍ଥିର କରାଯାଇଛି।

# ଦାନପୁର ପାକ୍ସର ବାର୍ଷିକ ସାଧାରଣ ସଭା

ଡେରାବିଶ, ୧୩।୧ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ୍ ଅନ୍ତର୍ଗତ ଦାନପୁର ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ପରିସରରେ ସୋମବାର ୬୪ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ପରିଚାଳନା ପରିଷଦ ସଭାପତି ପର୍ଶୁରାମ ମଲ୍ଲ ପୌରୋହିତ୍ୟ କରିଥିଲେ। ବିଡିଓ ନମିତା ବାରିକ ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଚାନ୍ଦୋଳ ଶାଖା ପରିଚାଳିକା ଜୟନ୍ତୀ ପତି ଅତିଥି ଭାବେ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ସଭାପତି ମଲ୍ଲଙ୍କ ନିର୍ଦ୍ଦେଶକ୍ରମେ ସମିତି ସମ୍ପାଦକ ସୁବ୍ରତ ନାୟକ ସମ୍ପାଦକୀୟ ପଠନ ସମେତ ପୂର୍ବବର୍ଷର ବାର୍ଷିକ ବିବରଣୀ ପାଠ ଓ ସୁଦୃଢ଼ୀକରଣ, ବାର୍ଷିକ ଆୟବ୍ୟୟର ହିସାବ ଓ ଆଗାମୀ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଥିଲେ। ଏହି ସଭାରେ ପରିଚାଳନା ପରିଷଦ ଉପସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାଶ, ଅଗ୍ରଣୀ ଚାଷୀ ଅମ୍ବିକା ପ୍ରସାଦ ରଥ, ପଞ୍ଚାନନ ଶତପଥୀ, ମଧୁସୂଦନ ଘଡ଼େଇ, ଜୟନ୍ତ ଶତପଥୀ, କୃଷ୍ଣଚନ୍ଦ୍ର ବଳ, ଅନାଥବନ୍ଧୁ ଜେନାଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଓ ବହୁସଂଖ୍ୟାରେ ସମିତି ସଭ୍ୟସଭ୍ୟା ଓ ଚାଷୀମାନେ ଉପସ୍ଥିତ ଥିଲେ। ସମିତି ସହ ସମ୍ପାଦକ ତନ୍ମୟ ବେହେରା ଶେଷରେ ଧନ୍ୟବାଦ କରିଥିଲେ।

# ଶିକ୍ଷାବିତ୍ ନୀଳମଣି ପରିଡ଼ାଙ୍କ ପରଲୋକ

କଟକ, ୧୩।୧(କାର୍ତ୍ତିକ ସାହୁ)



କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଘାଗରା ଗ୍ରାମ ନିବାସୀ ନୀଳମଣି ପରିଡ଼ା(୯୫)ଙ୍କ ରବିବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ପରିଡ଼ା ଜଣେ ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷକ ରୂପେ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ସେ ଦୀର୍ଘ ୩୮ ବର୍ଷ ଧରି ଇନ୍ଦୁପୁର, ଚଉଡକୁଲାଟ, ଦାଣ୍ଡିସାହି, ନୂଆପଡ଼ା ଓ ଯାଜପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ କରି ପ୍ରଶଂସାଭାଜନ ହୋଇପାରିଥିଲେ। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣ ତଥା ଅତୁଳନୀୟ ପ୍ରତିଭାର ଅଧିକାରୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଚାରି ପୁତ୍ର କର୍ଣ୍ଣେଲ ବିଧୁଭୂଷଣ ପରିଡ଼ା, ବିଦ୍ୟୁତ ଭୂଷଣ ପରିଡ଼ା, ଭାରତ ଭୂଷଣ ପରିଡ଼ା ଏବଂ ବିଭୂତି ଭୂଷଣ ପରିଡ଼ା, ପୁତ୍ରବଧୂ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

# ନିଲାମ ଅର୍ଥରୁ ବଟିଘର ୯୦, ଖରିନାସି ୧୦ ପ୍ରତିଶତ ପାଇବେ

ମହାକାଳପଡ଼ା, ୧୩।୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଟୁବି ଫେରିଘାଟରେ ୨ ପଞ୍ଚାୟତର ଡଙ୍ଗା ଚଳାଚଳ କରୁଛି।

- ନିଲାମ ଅର୍ଥକୁ ନେଇ ଜିଲାପାଳଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ
- ଟୁବି ଫେରିଘାଟରେ ୨ ପଞ୍ଚାୟତ ଡଙ୍ଗା ମୁହାଁମୁହିଁ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ମହାନଦୀ ଶାଖା ଟୁବି ଫେରିଘାଟକୁ ନେଇ ୨ ପଞ୍ଚାୟତ ମଧ୍ୟରେ କିଛିବର୍ଷ ହେବ ବିବାଦ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁସାରେ, ଏହି ଫେରିଘାଟକୁ ୧୯୮୪ ମସିହାଠାରୁ ପରିଚାଳନା ଦାୟିତ୍ୱ ବଟିଘର ପଞ୍ଚାୟତକୁ ବ୍ଲକ୍ ମାଧ୍ୟମରେ ବାର୍ଷିକ ନିଲାମ ପ୍ରକ୍ରିୟା ହୋଇଥାଏ। ହେଲେ ୩ରୁ୪ ବର୍ଷ ହେବ ଖରିନାସି ପଞ୍ଚାୟତ ପକ୍ଷରୁ ନିଲାମ ଆୟ ୫୦ ପ୍ରତିଶତ ଦାବି ନେଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ପରେ ଉଚ୍ଚ ନ୍ୟାୟାଳୟ ରାୟ ଅନୁସାରେ କେନ୍ଦ୍ରାପଡ଼ା ଜିଲାପାଳ ଉଭୟ ପଞ୍ଚାୟତକୁ ଡକାଇ ବିଚାରକରି ଚୂଡ଼ାନ୍ତ ରାୟ ଶୁଣାଇବା ପାଇଁ କୁହାଯାଇଥିଲା। ଜିଲାପାଳ ୨୦୨୪ ଡିସେମ୍ବର ୨୪ରେ ୨ ପଞ୍ଚାୟତ ସରପଞ୍ଚଙ୍କୁ ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ୨ ସରପଞ୍ଚ ଜିଲାପାଳ କୋର୍ଟରେ ରାୟ ଅନୁସାରେ ବଟିଘର ପଞ୍ଚାୟତକୁ ନିଲାମ ଆୟରର ଅର୍ଥ ୯୦ ପ୍ରତିଶତ ଓ ୧୦ ପ୍ରତିଶତ ଆୟ ଅର୍ଥ ଖରିନାସିର ସରପଞ୍ଚଙ୍କୁ ଅବଗତକରାଇ ଚୂଡ଼ାନ୍ତ ରାୟ ଗତ ଗୁରୁବାର ଚିଠି କରିଥିଲେ। ଏହି ଘଟଣାରେ ବିବାଦର ପୁନରାବୃତ୍ତି ନ କରିବାକୁ ଉଭୟ ପକ୍ଷଙ୍କୁ ଜିଲାପାଳ ତାଗିଦ କରିଥିଲେ ବୋଲି କୁହାଯାଇଛି। ଭାଇଚାରା ସୃଷ୍ଟିକରିବା ସହ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଅପରପକ୍ଷରେ ଏହି ବଟିଘର ପଞ୍ଚାୟତ ନଦୀନାଳ ଘେରା ଅଞ୍ଚଳ ହୋଇଥିବାରୁ ବର୍ଷ ସାରା ପଞ୍ଚାୟତର ୧୫ ହଜାର ଲୋକ ଫେରିଘାଟରେ ଦୈନନ୍ଦିନ ପାର ଉତାର ହୋଇ ବ୍ଲକ୍, ତହସିଲ, ଜିଲା କାର୍ଯ୍ୟାଳୟ, ସ୍କୁଲ, କଲେଜ, କୋର୍ଟ କଚେରିକୁ ଯାତାୟାତ କରିଥାନ୍ତି ବୋଲି ଲୋକମାନେ କହିଛନ୍ତି। ଅପରପକ୍ଷରେ ଏହି ଟୁବି ନାଳରେ ଏକ ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ ହୋଇଛି। ଚଳିତ ମୌସୁମୀ ଅଧିବେଶନରେ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଘୋଷଣା କରିଥିଲେ। ସେତୁ ନିର୍ମାଣ କାର୍ଯ୍ୟ ପାଇଁ ୩୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ଜଣାପଡ଼ିଛି। ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ବଟିଘର ପଞ୍ଚାୟତକୁ ସବୁଦିନିଆ ରାସ୍ତାରେ ଯାତାୟାତ କରିବା ସହ ବିକାଶମୂଳକ କାର୍ଯ୍ୟ ହୋଇପାରିବ ବୋଲି ସମିତି ସଭ୍ୟ କୃଷ୍ଣପଦ ମଣ୍ଡଳ ମତବ୍ୟକ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ୍ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ଇତିଶ୍ରୀ ପଣ୍ଡାଙ୍କୁ ପଚାରିବାରେ ଉକ୍ତ ଫେରିଘାଟର ଚୂଡ଼ାନ୍ତ ରାୟ ଅନୁସାରେ ଚିଠି ବ୍ଲକ୍‌ରେ ପହଞ୍ଚିଛି। ଉଭୟ ପଞ୍ଚାୟତ ସରପଞ୍ଚ ସରକାରୀ ନିୟମକୁ ସମ୍ମାନ ଜଣାଇବା ଉଚିତ ବୋଲି କହିଛନ୍ତି। ମିଳିଥିବା ଖବର ଅନୁସାରେ ଉଭୟ ପଞ୍ଚାୟତ ପକ୍ଷରୁ ପୂର୍ବ ଭଳି ଘାଟଡଙ୍ଗା ଚଳାଚଳ ହେଉଥିବା ଅଭିଯୋଗ ହେଉଛି।

# ଗୁମି ପଞ୍ଚାୟତ କାର୍ଯ୍ୟାଳୟ ବରକୋଳାରେ କରାଯାଉ

■ଅସ୍ଥାୟୀ କାର୍ଯ୍ୟାଳୟକୁ ସ୍ଥାୟୀ କରାଯାଉ
■ସଂଖ୍ୟାଲଘୁ ସବର୍ଣ୍ଣଙ୍କ ଜାତିଆଣ ଆକ୍ଷେପ ବଢ଼ୁଛି
■ଜିଲାପାଳଙ୍କୁ ଫେରାଦ ହେଲେ ୧୦ ୱାର୍ଡର ବାସିନ୍ଦା

ନୟାଗଡ଼,୧୩।୧(ଲୋକନାଥ ମିଶ୍ର)



ଜିଲାପାଳଙ୍କ ନିକଟକୁ ଫେରାଦ ହେବାକୁ ଆସିଥିବା ୧୦ ୱାର୍ଡର ବାସିନ୍ଦା।

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଗୁମି ପଞ୍ଚାୟତ କାର୍ଯ୍ୟାଳୟକୁ ବରକୋଳାରେ କରାଯିବାକୁ ଦାବି ତ୍ୱରାନ୍ୱିତ ହୋଇଛି। ବରକୋଳା କଷ୍ଟି ଡାକୁଆ ଭବନରେ ଚାଲିଥିବା ଅସ୍ଥାୟୀ କାର୍ଯ୍ୟାଳୟକୁ ସ୍ଥାୟୀ କରାଯିବାକୁ ସୋମବାର ନୟାଗଡ଼ ଜିଲାପାଳଙ୍କୁ ପଞ୍ଚାୟତର ୮ଟି ୱାର୍ଡର ୱାର୍ଡମେମ୍ବର ନିବେଦନ କରିଛନ୍ତି। ପଞ୍ଚାୟତର ନାଏବ ସରପଞ୍ଚ ତୁଳସୀ ନାୟକଙ୍କ ନେତୃତ୍ୱରେ ୮ଟି ୱାର୍ଡର ୱାର୍ଡମେମ୍ବର ଏଭଳି ନିବେଦନ ରଖିଛନ୍ତି। ଅନ୍ୟପକ୍ଷେ ସଂଖ୍ୟାଲଘୁ ସବର୍ଣ୍ଣଙ୍କ ଜାତିଆଣ ଆକ୍ଷେପରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ।

ଅଭିଯୋଗ ଅନୁସାରେ, ବରକୋଳାରେ ୧୦ବର୍ଷ ହେଲା ପଞ୍ଚାୟତ କାର୍ଯ୍ୟାଳୟ ଚାଲୁ ରହିଛି। ବରକୋଳା ହେଲା ଗୁମି ପଞ୍ଚାୟତର ମଧ୍ୟବର୍ତ୍ତୀ ଅଞ୍ଚଳ। ଯାହାକି ପଞ୍ଚାୟତ ପାଇଁ ଉପଯୁକ୍ତ ସ୍ଥାନ। ଗୁମି ପଞ୍ଚାୟତରେ ଆଦିବାସୀ ଓ ଦଳିତଙ୍କ ସଂଖ୍ୟା ଅଧିକ। ତେବେ ସବର୍ଣ୍ଣଙ୍କ ରାଜ ଚାଲିଛି। ସବର୍ଣ୍ଣମାନେ ଦଳିତ ଓ ଆଦିବାସୀଙ୍କୁ ଜାତିଅଣ ଆକ୍ଷେପ କରି ହଇରାଣ ହରକତ କରି ଆସୁଥିବା ଅଭିଯୋଗ ରହିଛି। ଅନ୍ୟପକ୍ଷେ ପଞ୍ଚାୟତର ୧୪ଟି ୱାର୍ଡରୁ ୧୦ଟି ୱାର୍ଡର ବାସିନ୍ଦା ବରକଳୋରେ ପଞ୍ଚାୟତ କାର୍ଯ୍ୟାଳୟ ହେଉ ବୋଲି ନିଜର ଦାବି କରି ଆସୁଛନ୍ତି। ପଞ୍ଚାୟତର ସରପଞ୍ଚ ଓ ନାଏବ ସରପଞ୍ଚ ବରକୋଳାରେ ପଞ୍ଚାୟତ କାର୍ଯ୍ୟାଳୟ ହେଉ ବୋଲି ଦାବି ରଖିଛନ୍ତି। ତେବେ ପଞ୍ଚାୟତର ସରପଞ୍ଚ, ନାଏବ ସରପଞ୍ଚ ଓ ସଂଖ୍ୟାଧିକ ୱାର୍ଡମେମ୍ବରଙ୍କ ଦାବିକୁ ଅଣଦେଖା କରି ଗୁମିରେ ପଞ୍ଚାୟତ କାର୍ଯ୍ୟାଳୟ କରିବାକୁ ଚାପ ବଢ଼ୁଛି ବୋଲି ନାଏବ ସରପଞ୍ଚ ତୁଳସୀ ନାୟକ କହିଛନ୍ତି। ୱାର୍ଡମେମ୍ବର ସୁମିତ୍ରା ନାୟକ କହିଛନ୍ତି, ଆମେ ଦଳିତ ଓ ଆଦିବାସୀ ଯୋଗୁ ବିଡିଓ ଓ ରାଜନେତା ଆମକୁ ହଇରାଣ ହରକତ କରୁଛନ୍ତି। ଆମକୁ ଆଇନ ଜଣା ନ ଥିବାରୁ ପଞ୍ଚାୟତରେ ସରପଞ୍ଚ, ନାଏବ ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ଭୂମିକା ରହୁନି। ଆମକୁ ଅଣଦେଖା କରାଯାଇ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତର ପାଇଁ ଯୋଜନା ଚାଲିଛି। ଆମକୁ ନ୍ୟାୟ ଦିଆଯାଉ ବୋଲି ମତ ପ୍ରକାଶ କରିଛନ୍ତି।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି


ବୈଠକରେ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ସହ ଅନ୍ୟ ଅଧିକାରୀ।

ନୟାଗଡ,୧୩।୧(ଲୋକନାଥ ମିଶ୍ର)

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଏହାକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ନିର୍ବାଚନ) ରୋଜିନା ଦାସ, ଅତିରିକ୍ତ ଏସ୍‌ପି ସନାତନ କାଲୋ, ଉପଜିଲପାାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ପୂର୍ବବର୍ଷ ଭଳି ପାଳନ କରିବାକୁ ବିଭିନ୍ନ ବିଭାଗକୁ ଜିଲାପାଳ ସହଯୋଗ କରିବାକୁ କହିଥିଲେ। ତେବେ ବିଭିନ୍ନ ପ୍ରତିଯୋଗିତାରେ ଦକ୍ଷତା ଥିବା ବିଚାରପତି ନିୟୋଜିତ କରିବାକୁ ପରାମର୍ଶ ଦେଇଛନ୍ତି।

# ଦାୟିତ୍ୱ ଗ୍ରହଣ କଲେ ସିଡିଓ

ନୟାଗଡ଼,୧୩।୧(ଲୋକନାଥ ମିଶ୍ର)



ନୟାଗଡ଼ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଡିଓ) ଭାବେ ଲଗ୍ନଜିତ ରାଉତ ସୋମବାର ଦାୟିତ୍ୱ ନେଇଛନ୍ତି। ରାଉତ କୋରାପୁଟରେ ଅତିରିକ୍ତ ଜିଲାପାଳ ଭାବେ କାମ କରୁଥିଲେ। ତେବେ ଏଠାରେ ଥିବା ସିଡିଓ ଦେବଦତ୍ତ ପଣ୍ଡାଙ୍କର ଅନ୍ୟ କେଉଁ ସ୍ଥାନକୁ ବଦଳି ହୋଇନାହିଁ। ରାଉତ ପୂର୍ବରୁ ରଣପୁର ବ୍ଲକରେ ବିଡିଓ ଓ ନୟାଗଡ଼ ଉପଜିଲାପାଳ ଭାବେ କାମ କରିଥିଲେ।

# ବିଦ୍ୟାପୀଠର ୧୯୯୮ ବ୍ୟାଚ୍‌ର ବନ୍ଧୁମିଳନ




ନୟାଗଡ଼,୧୩।୧(ଲୋକନାଥ ମିଶ୍ର)

ଗାଡ଼ିପଡ଼ା ସର୍ଦ୍ଦାର ପଟେଲ ବିଦ୍ୟାପୀଠରେ ୧୯୯୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ଗୋଡ଼ିପଡ଼ାଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବନ୍ଧୁମିଳନ ଉତ୍ସବରେ ସହପାଠୀଙ୍କ ପରିବାର ସହ ତତ୍କାଳୀନ ଶିକ୍ଷକମାନେ ସାମିଲ ହୋଇଥିଲେ। ଛାତ୍ରୀଛାତ୍ର ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଶିକ୍ଷକ ହରିହର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ବିଦ୍ୟାଧର ରଥ, ସୁବାସ ଚନ୍ଦ୍ର ଦାସ, ଜର୍ନାଦ୍ଦନ ପରିଡ଼ା, ପଞ୍ଚାନନ ସାହୁ, ଦାଶରଥି ମହାରଣା, କୈଳାସ ଚନ୍ଦ୍ର କର, ଦୟାନିଧି ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିକ୍ଷକମାନଙ୍କୁ ଉପଢୌକନ, ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିସହ ବିଦ୍ୟାଳୟରେ ସେବା ଯୋଗାଇଥିବା ୩ ଜଣ ୪ର୍ଥ ଶ୍ରେଣୀ କର୍ମଚାରୀ ଇନ୍ଦ୍ରମଣି ପୃଷ୍ଟି, ନୀଳମଣି ମହନ୍ତ ଓ ସୁଶାନ୍ତ କୁମାର ମହାପାତ୍ରଙ୍କୁ ମଧ୍ୟ ଅନୁରୂପ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକମାନେ ସେମାନଙ୍କ ଅଭିଭାଷଣରେ ବିଦ୍ୟାଳୟର ରୂପରେଖ ତଥା ବିଦ୍ୟାଳୟ ସହ ସେମାନଙ୍କର ସ୍ମୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ବିଦ୍ୟାଳୟର ଜୁବିଲି ପାଳନ ସମ୍ପର୍କରେ ପ୍ରସ୍ତାବ ରଖିବା ସହ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗ ଲୋଡ଼ିଥିଲେ। ଏଥିସହ ଆଗାମୀ ବର୍ଷ ୧୯୯୮ ବ୍ୟାଚ୍ ପକ୍ଷରୁ ସ୍ମରଣିକା ପ୍ରକାଶ ପାଇଁ ପ୍ରସ୍ତାବ ରଖାଯାଇଥିଲା। ରାଜେଶ କୁମାର ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିବା ବେଳେ ମାଷ୍ଟର ପ୍ରଶାନ୍ତ ବିଶୋଇଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବନ୍ଧୁମିଳନ ଉତ୍ସବରେ ସୁମନ୍ତ କୁମାର ପୃଷ୍ଟି, ସନ୍ଧ୍ୟାରାଣୀ ପରିଡ଼ା, କୁମୁଦ ମହାରଣା, ସୁଶାନ୍ତି ପ୍ରଧାନ, ସୁରେନ୍ଦ୍ର ବେହେରା, ଚନ୍ଦନ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ସହଯୋଗ କରିଥିଲେ।

# ଅଧାରୁ ପାଠ ଛାଡିଥିବା ଛାତ୍ରୀ ଫେରିଲା ସ୍କୁଲ

ନୟାଗଡ,୧୩।୧(ଲୋକନାଥ ମିଶ୍ର)



ଅଧାରୁ ପାଠ ଛାଡ଼ିଥିବା ନୟାଗଡ଼ ବ୍ଲକ କରଡାବଣିର ଗାୟତ୍ରୀ ନାୟକ ସୋମବାର ନବଘନପୁର ହାଇସ୍କୁଲକୁ ଆସି ପାଠ ପଢ଼ି ଘରକୁ ଫେରିଛି। ଅନ୍ୟପକ୍ଷେ ସ୍କୁଲ ଛାଡ଼ିଥିବା ଆଉ କେତେଜଣ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାକୁ ଫେରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ନବଘନପୁର ହାଇସ୍କୁଲରେ କିଛିଦିନ ତଳେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅଧାରୁ ପାଠ ପଢା ଛାଡ଼ିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସଚିବ ଜାଣିବାକୁ ପାଇଥିଲେ କେତେଜଣ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ି ସ୍କୁଲକୁ ଆସୁନାହାନ୍ତି। କେତେ ଛାତ୍ରୀଛାତ୍ର ପାଠ ପଢା ଛାଡ଼ଛନ୍ତି ଓ ସେମାନଙ୍କୁ କିପରି ସ୍କୁଲକୁ ଫେରାଇ ଅଣାଯିବ ତା'ର ବ୍ୟବସ୍ଥା କରିବାକୁ ଜିଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରରଣ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ସଚିବ ଅଞ୍ଜଳି ମଛଖଣ୍ଡ ଗ୍ରାମୀଣ ଆଇନ ସଚେତନତା କର୍ମୀ ପ୍ରଫୁଲ ବେହେରା, ଶୁଭସ୍ମିତା ମିଶ୍ର, ମମତା ବେହେରାଙ୍କୁ ନିୟୋଜିତ କରିଥିଲେ। ୩ କର୍ମୀ ପ୍ରଧାନ ଶିକ୍ଷକଙ୍କ ସହ ଯୋଗାଯୋଗ କରି ୯ଜଣ ଛାତ୍ରୀଛାତ୍ର ପାଠ ପଢା ଛାଡ଼ିଥିବା ଜାଣିବାକୁ ପାଇଥିଲେ। ପରେ ପାଠ ପଢା ଛାଡ଼ିଥିବା ଛାତ୍ରୀଛାତ୍ରଙ୍କୁ ସ୍କୁଲ ମୁହାଁ କରିବାକୁ ପଦକ୍ଷେପ ନେଇଥିଲେ ବୋଲି ଜଣାପଡିଛି।

# ନୂଆପାଟଣା କ୍ରିକେଟ ଟିମ୍ ବିଜୟୀ

## ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଖଣ୍ଡପଡ଼ା,୧୩।୧
(ଅଜୟ କୁମାର ମହାରଣା)

ବାଣପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ଆରମ୍ଭ ହୋଇଥିବା ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ୪ର୍ଥ ଲିଗ୍ ମ୍ୟାଚ ଥିଲା। ମ୍ୟାଚରେ ନୂଆପାଟଣା କ୍ରିକେଟ ଟିମ୍ ୧୫ ରନରେ ଗୁଣ୍ଠୁଣି କ୍ରିକେଟ କ୍ଲବ୍‌କୁ ହରାଇ ବିଜୟୀ ହୋଇଛି। ଗୁଣ୍ଠୁଣି ଦଳ ଟସ୍ ଜିଣି ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ନୂଆପାଟଣା ଦଳ ବ୍ୟାଟିଂ ଆରମ୍ଭକରି ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲା। ଜବାବରେ ଗୁଣ୍ଠୁଣି ଟିମ୍ ୧୪.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୩୭ ରନ ସଂଗ୍ରହ କରିଥିଲା। ବିଜୟୀ ନୂଆପାଟଣା ଦଳର ମିଥୁନ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚନ୍ଦନ କୁମାର ଦଳେଇ ଓ ଶ୍ୱେତାମ୍ବର ପ୍ରଧାନ ଖେଳକୁ ପରିଚାଳନା କରିଥିଲେ।

# ଭୁବନେଶ୍ୱର ମହିଳା ଦଳ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳି।

## ଦଶପଲ୍ଲା କପ୍ ଫୁଟବଲ୍

ଦଶପଲ୍ଲା,୧୩।୧ (ପ୍ରକାଶ କୁମାର ପାଣି)

ସ୍ୱୋଟିଭ ସ୍ପୋର୍ଟସ ସୋସାଇଟି ଆନୁକୂଲ୍ୟରେ ଚାଲିଥିବା ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ନାମେଣ୍ଟର ମଙ୍ଗଳବାର ମହିଳା ବିଭାଗ ଚୌଦ୍ୱାର କଟକ ସହ ଭୁବନେଶ୍ୱର ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଏବଂ ଦ୍ୱିତୀୟାର୍ଦ୍ଧ ଖେଳ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିବାରୁ ଟାଇ ବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ସେଥିରେ ଭୁବନେଶ୍ୱର ଦଳ ୩-୦ ଗୋଲ ଦେଇ ଚାମ୍ପିୟନ ହେବା ସହ ଉତ୍ତମ ଖେଳାଳି ପୁରସ୍କାର ମଧ୍ୟ ପାଇଥିଲେ। କଟକ ଦଳକୁ ରନର୍ସ ଅପ୍ ଟ୍ରଫିରେ ସନ୍ତୁଷ୍ଟ ରହିବାକୁ ପଡିଥିଲା। ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଏନ୍‌ଏସି ଅଧ୍ୟକ୍ଷା ପୁନମ୍ ପ୍ରୀୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଜିଲା ପରିଷଦ ସଭ୍ୟା ପ୍ରତିମା ଦଳବେହେରା ଉପସ୍ଥିତ ଥିଲେ। ଆସନ୍ତାକାଲି ଜାମୁକାଶ୍ମୀର ସହ କଳାହାଣ୍ଡିର ଖେଳ ହେବ ବୋଲି ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ଜଣାଇଛନ୍ତି।

# ସପ୍ତଦଶ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

ଖଣ୍ଡପଡ଼ା,୧୩।୧(ଅଜୟ କୁମାର ମହାରଣା)

ସିଧାମୂଳା ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଚଳିତ ମାସ ୪ ତାରିଖଠାରୁ ଆରମ୍ଭ ହୋଇଥିବା ୯ଦିନ ବ୍ୟାପୀ ସପ୍ତଦଶ ବାର୍ଷିକ ଉତ୍ସବ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ସୋମବାର ଶେଷ ହୋଇଯାଇଛି। ଆଧାତ୍ମିକ କାର୍ଯ୍ୟକ୍ରମରେ ପବିତ୍ର ମୋହନ କର ବ୍ୟାସ ଭାବରେ ଯୋଗଦେଇ ଅଧିବାସ ଓ ଘଟ ସ୍ଥାପନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭିନ୍ନ ସନ୍ଧ୍ୟାରେ ଅନୁଷ୍ଠିତ ପାରାୟଣ କାର୍ଯ୍ୟକ୍ରମରେ ବକ୍ତାଭାବେ ଖୋର୍ଦ୍ଧା ଜଗତ୍‌ସିଂହପୁର ଅଞ୍ଚଳର ପଣ୍ଡିତ ନନ୍ଦ ପ୍ରହଲ୍ଲାଦ, ନୟାଗଡ଼ର ଗୋପାଳ ଚନ୍ଦ୍ର ରାୟଗୁରୁ, ଭଦ୍ରକର ବିଜୟ ରାଘବେନ୍ଦ୍ର ଦାସ, ଢେଙ୍କାନାଳର ରୀନାରାଣୀ ନାୟକ ଓ ଗୁରୁଚରଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରବଚକମାନେ ବିଭିନ୍ନ ଦିବସରେ ମାନସ ପାରାୟଣ ଓ ରାମଚରିତର ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରବଚନ ପ୍ରଦାନ କରିଥିବା ଆୟୋଜକଙ୍କଠାରୁ ପ୍ରକାଶ। ଅପରାହ୍ନ ସାଢ଼େ ୪ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଅନେକ ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



# ସୁନାଖଳା କ୍ରିକେଟ କ୍ଲବ୍ ବିଜୟୀ

ଖଣ୍ଡପଡ଼ା,୧୩।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଶନିବାରଠାରୁ ଆରମ୍ଭ ହୋଇଥିବା ପ୍ରିୟାଂଶିଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ୩ୟ ଦିବସ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନାଖଳା କ୍ରିକେଟ କ୍ଲବ ୨ ଉଇକେଟରେ କିଶୋର ପ୍ରସାଦ କ୍ରିକେଟ ଟିମ୍‌କୁ ପରାସ୍ତକରି ବିଜୟୀ ହୋଇଛି। ଟସ ଜିଣି କିଶୋର ପ୍ରସାଦ ଦଳ ବ୍ୟାଟିଂ ଆରମ୍ଭ କରି ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲା। ଜବାବରେ ସୁନାଖଳା ଟିମ ନିର୍ଦ୍ଧାରିତ ୧୪.୨ ଓଭରରେ ୮ ଉଇକେଟ ବିନିମୟରେ ୧୩୦ରନ କରି ନିଜୟୀ ହୋଇଥିଲା। ବିଜୟୀ ଦଳର ଧନୀ ବ୍ୟକ୍ତିଗତ ୩୫ ବଲରେ ୬୪ ରନ ସଂଗ୍ରହକରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଲୋକ କୁମାର ରାଉତ ଓ ସୂର୍ଯ୍ୟକାନ୍ତ ବେହେରା ଖେଳ ପରିଚାଳନା କରିଥିବା ବେଳେ ସୁଶାନ୍ତ କୁମାର ଦାସ ଓ ନିରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫ୍ରେଣ୍ଡ୍ସ ପାରାଡାଇଜ ୧୯୮୬ ବ୍ୟାଚ ବନ୍ଧୁମିଳନ

ଖଣ୍ଡପଡ଼ା,୧୩।୧(ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ୧୯୮୬ ମାଟ୍ରିକ୍ ବ୍ୟାଚ୍‌ର ଫ୍ରେଣ୍ଡସ ପାରାଡାଇଜର ବନ୍ଧୁମିଳନ ଉତ୍ସବ ନିକଟସ୍ଥ ମା' ନାରାୟଣୀ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରଦୀପ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ୫୦ରୁ ଊର୍ଦ୍ଧ୍ୱ ସହପାଠୀ ଏକତ୍ରିତ ହୋଇ ପରଲୋକଗତ ସହପାଠୀଙ୍କ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସହପାଠୀମାନେ ଏକତ୍ରିତ ହୋଇ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ଶ୍ରୀନୀଳମାଧବ ଜୀଉଙ୍କ ଦୈନିକ ଫୁଲ, ତୁଳସୀ ଲାଗି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଠାକୁରଙ୍କ ଦୟଣାଚୋରି ବଗିଚାରେ ୫୦ଟି ଫୁଲକୁଣ୍ଡ ସ୍ଥାପନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆୟୋଜକ ବନ୍ଧୁମାନେ ସମସ୍ତ ସହପାଠୀଙ୍କୁ ଏକାଠି କରାଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ବର୍ଷରେ ଏଭଳି ବନ୍ଧୁମିଳନର ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ।

# ଯୁବ ଉତ୍ସବ: ସବୁଜିମା ପୃଥିବୀ ଗଢ଼ିବା ବାର୍ତ୍ତା ଦେଲା ମିନି ମାରାଥନ

ନୟାଗଡ଼,୧୩।୧(ଲୋକନାଥ ମିଶ୍ର)



ଯୁବ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ନୟାଗଡ଼ ସେବା ଉତ୍ସବ ସମିତି ପକ୍ଷରୁ ମିନି ମାରାଥନ ଓ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ସକାଳୁ ବିଭିନ୍ନ ଶିକ୍ଷାନୁଷ୍ଠାନର ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଜିଲାର ଅଗ୍ରଣୀ ଯୁବ ସଙ୍ଗଠନର ଯୁବତୀଯୁବକ ନୟାଗଡ଼ ଦୁର୍ଗାପ୍ରସାଦଠାରୁ ବାହାରି ପ୍ରାୟ ୩ କି.ମି. ମାରାଥନରେ ଅଂଶଗ୍ରହଣକରି ନୟାଗଡ଼ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ସବୁଜ ପୃଥିବୀ ଯିବା ଆଗରୁ ଆମକୁ ସବୁଜିମାମୟ ପୃଥିବୀ ଗଢ଼ିବା ବାର୍ତ୍ତା ନେଇ ଏହି ମାରାଥନ ଅନୁଷ୍ଠିତ ହୋଇଥିଲା। ଏହି ମାରାଥନକୁ ସକାଳେ ସେବା ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଭାଜପା ନେତା ସନ୍ତୋଷ ପ୍ରଧାନ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ସବୁଜ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ପରେ ନୟାଗଡ଼ ଜଗନ୍ନାଥ ମନ୍ଦିର କବି ଯଦୁମଣି ମଣ୍ଡପଠାରେ ଯୁବ ଦିବସ ପାଳିତ ହୋଇଥିଲା। ଏଥିରେ ସେବା ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ସାମାଜିକ କର୍ମୀ ଶାରଦା ପ୍ରସାଦ ମହାପାତ୍ର, ଯୁବ ଉଦ୍ୟୋଗୀ ତଥା ଯୁବନେତା ଚନ୍ଦନ ସାହୁ, ସାମାଜିକ କର୍ମୀ ସନ୍ତୋଷ ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିବେକାନନ୍ଦଙ୍କ ଆଦର୍ଶରେ ଛାତ୍ରୀଛାତ୍ର ଅନୁପ୍ରାଣିତ ହୋଇଥିଲେ। ଉପସ୍ଥିତ ଅତିଥିମାନେ ବିବେକାନନ୍ଦଙ୍କ ଆଦର୍ଶରେ ଯୁବପିଢ଼ି ବ୍ରତୀହେବା ସହ ଦେଶ ମାତୃକାର ସେବା ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଶେଷରେ ମାରାଥନ ଅଂଶଗ୍ରହଣକାରୀଙ୍କ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଏବଂ ଓଡ଼ିଶା ମାଇନିଂ କର୍ପୋରେଶନ ସହାଭାଗିତାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୁବପିଢ଼ି ମତୁଆଲା ହୋଇଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମରେ ନୟାଗଡ଼ ପୁରୁଣା ସହରସ୍ଥିତ ଯଦୁମଣି ନାଟ୍ୟମଣ୍ଡପଠାରେ ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିବା ବେଳେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। ପରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାଭାଗିତରେ ଇଣ୍ଡିଆନ ଡ୍ୟାନ୍ସ ଏକାଡେମୀ, ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରହ୍ମପୁର କଳା ପରିଷଦ, ଢେଙ୍କାନାଳ ପାଇକ ଆଖଡ଼ା ଓ ଗନ୍ଧର୍ବ କଳା ପରିଷଦର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଓଡ଼ିଶୀ ଓ ଦେଶପ୍ରେମ ସଙ୍ଗୀତରେ ଦର୍ଶକମାନେ ଶୀତୁଆ ସନ୍ଧ୍ୟାକୁ ଭରପୁର ଉପଭୋଗ କରିଥିଲେ। ଶେଷରେ ସମସ୍ତ କଳାକାରମାନଙ୍କୁ ବାଚସ୍ପତି ପାଢ଼ୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଅଭୟ କୁମାର ଜେନା ସଂଯୋଜନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଦେବଦୂତ ସେବା ସଙ୍ଗଠନ ସମେତ ସେବା ସମିତିର କର୍ମକର୍ତ୍ତା ପ୍ରଶାନ୍ତ ସାହୁ, ପରମେଶ୍ୱର ସାହୁ, ଅଶୋକ କୁମାର ଭଟ, ଶୁଭାଶିଷ ବେହେରା, ଅମିତ କୁମାର ସାହୁ, ଉମାକାନ୍ତ ମହାପାତ୍ର, ବର୍ଷା ପ୍ରିୟଦର୍ଶିନୀ ପ୍ରଧାନ, ସୋମ୍ୟା ସ୍ୱୟଂପ୍ରଭା ପ୍ରମୁଖ ପରିଚାଳନା କରିଥିଲେ।

ଫ୍ୟାଶନ

# ଶୀତଦିନେ ଦେଖାଯିବେ ଫ୍ୟାଶନେବୁଲ



ଶୀତଦିନ ସମସ୍ତଙ୍କୁ ଭଲ ଲାଗେ। ଖାସ୍‌କରି ମହିଳାମାନେ ନିଜ ଆଉଟ୍‌ଫିଟ୍ ପାଇଁ ବହୁ ଚିନ୍ତିତଥାନ୍ତି। ସେମାନଙ୍କ ମନରେ ପ୍ରଶ୍ନ ଆସେ, ଆମେ ଏମିତି କ'ଣ ପିନ୍ଧିଲେ ଶୀତ ଦାଉରୁ ରକ୍ଷାପାଇବା ସହ ଷ୍ଟାଇଲିଶ୍ ମଧ ଦେଖାଯିବୁ। ଏଠାରେ କିଛି ଆଉଟ୍‌ଫିଟ୍ ଆଇଡିଆ ଦେଉଛୁ ଯାହା ଆପଣଙ୍କ ୱିଣ୍ଟରକୁ ଅଧିକ ଷ୍ଟାଇଲିଂ କରିପାରିବ। ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...

**ଷ୍ଟେଟ୍‌ମେଣ୍ଟ କୋଟ୍**

ଶୀତଦିନେ ଆପଣ ଲଙ୍ଗ୍ ଷ୍ଟେଟ୍‌ମେଣ୍ଟ କୋଟ୍ ପିନ୍ଧିପାରିବେ। ଏହା ଷ୍ଟାଇଲିଶ୍ ଦେଖାଯିବା ସହ ଆପଣଙ୍କୁ ଭଲ ମାନିବ। ଏହାକୁ ପିନ୍ଧିଲେ ଆପଣ ଥଣ୍ଡା ଦାଉରୁ ରକ୍ଷାପାଇପାରିବେ। ଏମିତିରେ ଆପଣ ଏହିପରି ଲଙ୍ଗ୍ କୋଟ୍ ପିନ୍ଧିବା ସହ ୱାର୍ଡରୋବ୍‌ରେ ରଖି ପାରିବେ। ଆପଣ ଟର୍ଟଲ ନେକ୍ ସ୍ୱେଟର ଏବଂ ଥର୍ମାଲ ଲେଗିଂ ସହ ଷ୍ଟେଟ୍‌ମେଣ୍ଟ କୋଟ୍ ପିନ୍ଧିପାରିବେ। ଏହା ସହ ନିଜ ଲୁକ୍ କମ୍ପ୍ଲିଟ୍ କରିବାକୁ ହେଲେ ଏଥିରେ ବୁଟ୍ ପିନ୍ଧିପାରିବେ।

**ଫକ୍ସ ଫର୍ କୋଟ୍**

ଫକ୍ସ ଫର୍ କୋଟ୍ ସବୁବେଳେ ୱିଣ୍ଟର ଫ୍ୟାଶନର ଏକ ଭାଗ। ଏମିତିରେ ଆପଣ ଏହି ପରି କୋଟ୍‌କୁ ୱାର୍ଡରୋବ୍‌ରେ ରଖିପାରିବେ। ଆପଣ ଲଙ୍ଗ୍ ଏବଂ ଶର୍ଟ ୨ ଫକ୍ସ ଫର୍ କୋଟ୍‌କୁ କରିପାରିବେ। ଏହିପରି କୋଟ୍‌କୁ ଆପଣ ଡେନିମ୍ ପ୍ୟାଣ୍ଟ ସହ ପେୟାରକରି ପିନ୍ଧିପାରିବେ। ଏହା ସହିତ ଫୁଟ୍‌ୱେର ପାଇଁ ଆପଣ ବୁଟ୍‌କୁ ଚୟନ କରିପାରିବେ।

**ନିଟ୍ ୱେଷ୍ଟ ସ୍ୱେଟର**

ଏହିପରି ନିଟ୍ ୱେଷ୍ଟ ସ୍ୱେଟର ଭଲ ଷ୍ଟାଇଲିଶ୍ ଦେଖାଯାନ୍ତି। ଆପଣ ଟର୍ଟଲ ନେକ୍ ଥର୍ମାଲ କିମ୍ବା କ୍ଲାସିକ୍ ଧଳା ଶର୍ଟ ସହ ଏହିପରି ଗ୍ରେ, ବ୍ଲାକ୍,ଗ୍ରୀନ୍ ଏବଂ ବ୍ରାଉନ୍ କିମ୍ବା ଅନ୍ୟ କଲରର ନିଟ୍ ସ୍ୱେଟର ପିନ୍ଧିପାରିବେ।



**ସ୍କର୍ଟ**

ଶୀତଦିନରେ ରଖିବା ସହ ନିଜକୁ ଷ୍ଟାଇଲିଶ୍ ଦେଖାଯିବାକୁ ହେଲେ ଆପଣ ଲଙ୍ଗ କୋଟ୍, ନି ବୁଟ୍ସ ଏବଂ ପ୍ଲିସ୍ ପ୍ୟାଣ୍ଟ ପିନ୍ଧିପାରିବେ। ଏହି ଆଉଟ୍‌ଫିଟ୍ ବହୁତ ଷ୍ଟାଇଲିଶ୍ ଦେଖାଯାଇଥାଏ।

**କାର୍ଡିଗନ୍ ଏବଂ ବ୍ଲେଜର**

କାର୍ଡିଗନ୍ ଏବଂ ବ୍ଲେଜରକୁ ଆପଣ ପିନ୍ଧିପାରିବେ। ଏହା ମଧ ଆପଣଙ୍କୁ ଷ୍ଟାଇଲିଶ୍ ଏବଂ କ୍ଲାସିକ୍ ଲୁକ୍ ଦେଇଥାଏ। ଏହା ଆପଣଙ୍କୁ ଥଣ୍ଡା ଦାଉରୁ ରକ୍ଷା କରିଥାଏ।

# ଗୃହିଣୀଙ୍କ ପାଇଁ

ଶୀତଦିନରେ ସାଧାରଣତଃ ଗ୍ରୀନ୍ ମଟର ଅଧିକ ମିଳିଥାଏ। ଏହାକୁ ଅଧିକ ମାତ୍ରାରେ ଷ୍ଟୋରକରି ବର୍ଷ ସାରା ବ୍ୟବହାର କରିବା ଲାଗି କେତୋଟି ଟିପ୍ସ ...

⏭ମଟରକୁ ବର୍ଷ ସାରା ସତେଜ ଏବଂ ସ୍ୱାଦିଷ୍ଟ ରଖିବା ପାଇଁ ଆପଣ କିଛି ସହଜ ଉପାୟ ଆପଣାଇପାରିବେ।

⏭ମଟର ଷ୍ଟୋର କରିବାକୁ ହେଲେ ପ୍ରଥମେ ମଟରକୁ ଫୁଟୁଥିବା ପାଣିରେ ପକାନ୍ତୁ, ପରେ ଏହାକୁ ଥଣ୍ଡା ପାଣିରେ ପକାନ୍ତୁ। ଏବେ ମଟରକୁ ପାଣିରୁ ଛାଣି ଭଲଭାବେ ଖରାରେ ଶୁଖାଇଦିଅନ୍ତୁ। ଏବେ ପ୍ୟାକେଟରେ ଭରି ରଖନ୍ତୁ। ଏହାକୁ ଛୋଟ ଛୋଟ ସିଲ୍ ଜରି ପ୍ୟାକେଟ୍‌ରେ ଭରି ରଖନ୍ତୁ। ଏହାକୁ ପରେ ନିଜ ଆବଶ୍ୟକତା ଅନୁସାରେ କାଢ଼ି ବ୍ୟବହାର କରିପାରିବେ। ଏହି ପ୍ୟାକେଟ୍‌କୁ ଫ୍ରିଜରରେ ରଖିଦିଅନ୍ତୁ।

⏭ସୋରିଷ ତେଲ ମଟରକୁ ଫ୍ରିଜ୍‌ରେ ଜମିବାକୁ ଦିଏ ନାହିଁ ଏବଂ ଏହା ଅଧିକ ସମୟ ପର୍ଯ୍ୟନ୍ତ ତାଜା ରଖିଥାଏ। ପ୍ରଥମେ ମଟରରୁ ଚୋପା ଛଡ଼ାଇ ତାକୁ ଭଲଭାବେ ଧୋଇଦିଅନ୍ତୁ। ଏବେ ଏହାକୁ ଶୁଖାଇ ଦିଅନ୍ତୁ। ମଟରକୁ ସଫା କପଡ଼ାରେ ଖେଳାଇ ଶୁଖାଇ ଦିଅନ୍ତୁ। ମଟର ଏବଂ ଅଳ୍ପ ସୋରିଷ ତେଲ ଭଲ ଭାବେ ମିଶାଇ ରଖନ୍ତୁ। ଏହାକୁ ଏୟାର ଟାଇଟ୍ କଣ୍ଟେନର ଭରି ଫ୍ରିଜରରେ ରଖନ୍ତୁ।

⏭୧ ଲିଟର ପାଣିରେ ୨ ବଡ଼ ଚାମଚ ଲୁଣ ପକାଇ ଗୋଳାଇ ମଟରକୁ ପକାଇ ତାକୁ ଫୁଟିବାକୁ ଦିଅନ୍ତୁ। ଏବେ ମଟରକୁ ଥଣ୍ଡା ପାଣିରେ ପକାଇ ଥଣ୍ଡାକରି ଦିଅନ୍ତୁ। ଏହି ଫୁଟିଥିବା ମଟରକୁ ଜାଲିରେ ଛାଣି ତାକୁ ଭଲଭାବେ ଶୁଖାଇ ଦିଅନ୍ତୁ। ଏବେ ଏୟାରଟାଇଟ୍ କଣ୍ଟେନରରେ ଭରି ଫ୍ରିଜରରେ ରଖିଦିଅନ୍ତୁ।

# ପିଲାଙ୍କ ନଖ କାମୁଡ଼ା ସମସ୍ୟା

ବିଶେଷଭାବରେ କେତେଜଣ ପିଲାଙ୍କଠାରେ ନଖ କାମୁଡ଼ା ସମସ୍ୟା ଦେଖିବାକୁ ମିଳିଥାଏ। ବେଳେବେଳେ ବୟସ ବଢ଼ିବା ସାଙ୍ଗକୁ ଏହି ଅଭ୍ୟାସ ସହ ସେମାନେ ଜଡ଼ିତ ହୋଇଥାଆନ୍ତି। ତେଣୁ ଏପରି ଅଭ୍ୟାସଠାରୁ ସେମାନେ କିପରି ଦୂରେଇ ରହିବେ ଜାଣନ୍ତୁ ସେ ସମ୍ପର୍କରେ...



ଯଦି ଘରେ ଛୋଟ ପିଲା ଥାନ୍ତି ତେବେ ତାଙ୍କ ସ୍ୱାସ୍ଥ୍ୟର ଧ୍ୟାନ ରଖିବା ବହୁତ ଜରୁରୀ। ତା' ସହ ସେମାନେ କିପରି ସଫାସୁତର ରହିବେ ସେଥିପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ। ମାତାପିତା ବ୍ୟସ୍ତ ରହୁଥିବା କାରଣରୁ ପିଲାଙ୍କ ନଖ ବଢ଼ିଯାଇଥାଏ ଏବଂ ଏଥିରେ ମଇଳା ପଶିଯାଇଥାଏ। ଯଦି ନଖ ବଡ଼ ରୁହେ ତେବେ ଧୂଳି ମାଟି ରହିବା ସହ ରୋଗ ଜୀବାଣୁ ନଖ ମଧ୍ୟରେ ପଶି ତାଙ୍କ ଶରୀର ମଧ୍ୟକୁ ଚାଲିଯାନ୍ତି। ଏହାଦ୍ୱାରା ପିଲା ବାରମ୍ବାର ଅସୁସ୍ଥ ହୋଇଥାଏ। ନଖକୁ ଠିକ୍ ସମୟରେ ନ କାଟିବା ଦ୍ୱାରା ପିଲାଙ୍କୁ ଅନେକ ପ୍ରକାର ସମସ୍ୟା ଭୋଗିବାକୁ ପଡ଼ିପାରେ। ଏଥିପାଇଁ ନିୟମିତ ସମୟ ବ୍ୟବଧାନରେ ସେମାନଙ୍କର ଉଭୟ ହାତ ଏବଂ ଗୋଡର ନଖ କାଟିବା ଜରୁରୀ।

**ଇନ୍‌ଫେକ୍ସନର ଭୟ:** ପିଲା ବାରମ୍ବାର ପାଟିରେ ହାତ ଦେବାକୁ ଚେଷ୍ଟା କରିଥାନ୍ତି। ଯଦି ଛୋଟ ପିଲାଙ୍କ ନଖ ଠିକ୍ ସମୟରେ ନ କଟାଯାଏ ତେବେ ନଖରେ ଥିବା ଫଙ୍ଗସ୍ ଏବଂ ବ୍ୟାକ୍ଟେରିଆ ଜମି ରହିଯାନ୍ତି। ସେମାନେ ହାତକୁ ମୁହଁରେ ମାରିବା ଦ୍ୱାରା ସେମାନଙ୍କ ପେଟରେ ଜର୍ମ ଇନ୍‌ଫେକ୍ସନର ଭୟ ରହିଥାଏ।

**ପେଟରେ ଯନ୍ତ୍ରଣା:** ନଖକୁ ଠିକ୍ ସମୟରେ ନ କାଟିବା ଦ୍ୱାରା ପିଲାଙ୍କ ପେଟରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ପିଲା ବିଭିନ୍ନ ପ୍ରକାର ଜିନିଷରେ ହାତ ମାରିଥାନ୍ତି। ପରେ ସେମାନେ ହାତ ଧୋଇ ନ ଥାନ୍ତି। ଏହି କାରଣରୁ ନଖରେ ବ୍ୟାକ୍ଟେରିଆ ଲାଗିଯାନ୍ତି।

**ଡାଇରିଆ:** ପିଲାଙ୍କ ହାତ ନଖ ବଡ଼ ହୋଇଯିବା କାରଣରୁ ଏଥିରେ ବ୍ୟାକ୍ଟେରିଆ ପାଟି ମାଧ୍ୟମରେ ପେଟକୁ ଯାଇଥାନ୍ତି। ଏମାନେ ପେଟରେ ଇନ୍‌ଫେକ୍ସନ ହେବା ଆଶଙ୍କା ରହିଛି। ଏହି କାରଣରୁ ପିଲାଙ୍କୁ ଡାଇରିଆ ହେବାର ଦେଖାଯାଏ। ବାନ୍ତିହେବା ଏବଂ ପେଟ ଯନ୍ତ୍ରଣା ଭଳି କେତେକ ସମସ୍ୟା ଦେଖାଯାଏ।

**ରୋଗ ପ୍ରତିରୋଧକ ଶକ୍ତି କମିଯାଏ:** ଯଦି ଆପଣ ପିଲାଙ୍କ ନଖକୁ ସମୟ ସମୟରେ ନ କାଟନ୍ତି ତେବେ ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି କମିଯାଇଥାଏ। ଏହାଦ୍ୱାରା ପିଲା ବାରମ୍ବାର ଅସୁସ୍ଥ ହୋଇଥାଏ। ଏଥିପାଇଁ ନଖକୁ ସଫାସୁତୁରା ରଖିବାକୁ ଦୃଷ୍ଟିଦେବା।

**ଟାଇଫଏଡ୍:** ପିଲାଙ୍କ ନଖ ବଡ଼ ରହିବା କାରଣରୁ ଶରୀରରେ ଟାଇଫଏଡ୍ ଏବଂ ଅନ୍ୟ ସଂକ୍ରମଣ ହେବା ଆଶଙ୍କା ଥାଏ। ଥରେ ଟାଇଫଏଡ୍ ହେବା ଦ୍ୱାରା ପିଲାକୁ ଠିକ୍ ହେବା ଲାଗି ଅଧିକ ସମୟ ଲାଗିଥାଏ।

**ଖଣ୍ଡିଆ ଖାବରା ହେବା ରହିଛି ଭୟ:** ପିଲାଙ୍କ ନଖ ବଡ଼ ହୋଇଗଲେ ଏହା ସାହାଯ୍ୟରେ ପିଲା ଆହତ ହେବା ସହିତ ଅନ୍ୟମାନେ ମଧ୍ୟ ଆହତ ହେବାର ଆଶଙ୍କା ରହିଛି। ଯଦି ଆପଣ ପିଲାର ସ୍ୱାସ୍ଥ୍ୟକୁ ନେଇ ଗଭୀର ଭାବେ ଚିନ୍ତିତ, ତେବେ ମଝିରେ ମଝିରେ ନଖ କାଟନ୍ତୁ। ଏହାଦ୍ୱାରା ପିଲା ହାଇଜିନ୍ ରହିବ ଏବଂ ସେମାନେ ବିଭିନ୍ନ ପ୍ରକାର ରୋଗଠାରୁ ଦୂରେଇ ରହିପାରିବେ।

**ପିଲାଙ୍କ ନଖ କିପରି କାଟିବେ :** ପିଲାଙ୍କ ନଖ ବହୁ ଜଲ୍‌ଦି ବଢ଼ିଥାଏ। ଏହାକୁ ସମୟ ସମୟରେ ନ କାଟିବା ଦ୍ୱାରା କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ନଖ କାଟିବାକୁ ହେଲେ ଠିକ୍ ସମୟ ନିର୍ଦ୍ଧାରଣ କରନ୍ତୁ। ପିଲାଙ୍କ ସେତେବେଳେ କାଟିବା ଆବଶ୍ୟକ ସେମାନେ ଯେତେବେଳେ ଶାନ୍ତ ଥିବେ। ପିଲା ଶୋଇବା ସମୟରେ ନଖ କାଟିପାରିବେ କିମ୍ବା ପିଲା ମା'କ୍ଷୀର ଖାଉଥିବା ସମୟରେ ନଖ କାଟିପାରିବେ। କାହିଁକି ନା ଏହି ସମୟରେ ପିଲା ଆରାମରେ ଥାଏ ହଲିବା ସମ୍ଭାବନା କମ୍ ହୋଇଥାଏ। ଫଳରେ ନଖକୁ ଆରାମରେ କାଟିପାରିବେ।

**ଠିକ୍ ଉପକରଣ:** ଠିକ୍ ଉପକରଣ ବ୍ୟବହାରକରି ନଖ କାଟିପାରିବେ। ଯେମିତିକି ପିଲାଙ୍କ ନଖ କାଟିବା ସମୟରେ ବିଶେଷ ରୂପରେ ଡିଜାଇନ୍ କରାଯାଇଥିବା ନେଲ୍ କ୍ଲିପର କିମ୍ବା ଛୋଟ କଇଁଚି ମଧ୍ୟ ବ୍ୟବହାର କରିପାରିବେ। ପିଲାଙ୍କ ନଖ ବହୁତ କୋମଳ ହୋଇଥାଏ। ଏଥିପାଇଁ ବଡ଼ କିମ୍ବା ସାଧାରଣ ନେଲ୍ କ୍ଲିପର ସାହାଯ୍ୟରେ ନଖ କାଟିବା କଷ୍ଟକର ହୋଇଥାଏ। ପିଲାଙ୍କ ନଖ କାଟିବା ସମୟରେ ଧୀରେ ଧୀରେ ସାବଧାନତା ସହକାରେ କାଟନ୍ତୁ। ସର୍ବପ୍ରଥମେ ନଖର ଲମ୍ବ ଉପରେ ଧ୍ୟାନ ରଖି କାଟନ୍ତୁ। ଏହାକୁ ପୂରା ମୂଳରୁ କାଟନ୍ତୁ ନାହିଁ। ଏହାଦ୍ୱାରା ପିଲାର ଚର୍ମ କଟିଯିବାର ଆଶଙ୍କା ରହିଛି। ଏଥିପାଇଁ ପିଲା ନଖ କାଟିବା ସମୟରେ ସତର୍କତାର ସହ କାଟନ୍ତୁ।

**କାହାର ସାହାଯ୍ୟ ନେଇପାରିବେ :** ଯଦି ପିଲା ନଖ କାଟିବା ସମୟରେ ହଲୁଥାଏ ତେବେ ଅନ୍ୟ କାହାର ସାହାଯ୍ୟ ନେଇପାରିବେ। ଜଣେ ବ୍ୟକ୍ତି ପିଲାକୁ ଧରିଲେ ଆପଣ ଆରାମରେ ନଖ କାଟିପାରିବେ।

**ନଖ କାଟିବା ଭୟ:** ଯଦି ଆପଣଙ୍କ ପିଲା ନଖ କାଟିବାକୁ ଡରୁଥାଏ ତେବେ ଧୀରେ ଧୀରେ ଏହି କାଟିବା ପ୍ରକ୍ରିୟାରେ ପରିଚିତ କରାନ୍ତୁ। ନଖ କାଟିବା ସମୟରେ ତା' ସହ ମଝିରେ ମଝିରେ କଥା ହୁଅନ୍ତୁ। ଏହାଦ୍ୱାରା ପିଲା ଟିକେ ଅନ୍ୟମନସ୍କ ରହିବ ଏବଂ ତା'ର ନଖ ବହୁତ ଆରାମରେ କାଟିପାରିବେ।

## ନଖ କାମୁଡ଼ିବା ଏକ ମନସ୍ତାତ୍ତ୍ୱିକ ସମସ୍ୟା

ସାଧାରଣତଃ କେତେଜଣ ପିଲା ନଖ କାମୁଡୁଥିବା ଦେଖିବାକୁ ମିଳେ। ଏହା ମଧ ଅନେକଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ତାହାକୁ ଦେଖି କେତେଜଣ ମାତାପିତାଙ୍କ ମନରେ ଭିନ୍ନ ଭିନ୍ନ ପ୍ରଶ୍ନାବଳୀ ଉଦ୍ରେକ ହେବା ସ୍ୱାଭାବିକ। ହେଲେ ଏହାକୁ ନେଇ ଶଙ୍କା-ଆଶଙ୍କା ଭିତରେ ରହିବା ଆଦୌ ଠିକ୍ ନୁହେଁ। ଏହା ପିଲାମାନଙ୍କ ଏକ ମନସ୍ତାତ୍ତ୍ୱିକ ସମସ୍ୟା ଭାବରେ ନିଆଯାଇଥାଏ। ଯେତେବେଳେ କୌଣସି ପିଲାଠାରେ ଏଭଳି ସସମ୍ୟା ଆରମ୍ଭ ହୁଏ କେତେଜଣ ମାତାପିତା ଏହାକୁ ପ୍ରାରମ୍ଭରୁ ଅଣଦେଖା କରିଥାଆନ୍ତି। ଯଦି ମା'ବାପା କର୍ମଜୀବୀ ଆଉ ପିଲାଟି ଅଧିକାଂଶ ସମୟ ଏକୁଟିଆ ରହୁଥାଏ ତେବେ ଏଭଳି ଅଭ୍ୟାସ ତା'ଠାରେ ଦେଖାଦେବାର ଆଶଙ୍କା ରହିଛି। ପିଲାଟିକୁ ଯଦି ଖେଳିବାକୁ ସାଙ୍ଗସାଥୀ ମିଳୁନାହାନ୍ତି ତେବେ ସେ ନଖ କାମୁଡ଼ିପାରେ। ମା' ବାପା ଯଦି ପ୍ରାୟ କଳି କରନ୍ତି ତେବେ ଏହାର ପ୍ରଭାବ ପିଲାଟିଠାରେ ଏଭଳି ସମସ୍ୟା ଦେଖାଯିବା ଆଶଙ୍କା ରହିଛି। ପିଲାଠାରେ ଆଇରନ୍ ଭାଗ କମିବା ମଧ ଏହାର ଅନ୍ୟ ଏକ କାରଣ। ତେଣୁ ପିଲାଟିକୁ ଏପରି ଅଭ୍ୟାସରୁ ଆରମ୍ଭରୁ ବାରଣ କଲେ ସେ ସେଥିରୁ ଭବିଷ୍ୟତରେ ନିବୃତ ରହିପାରିବ।

*-ଡା. ନୀଳମାଧବ ଜେନା, ପୂର୍ବତନ ସଭାପତି, ଭାରତୀୟ ଶିଶୁ ଚିକିତ୍ସକ ସଂଘ*







ସୌନ୍ଦର୍ଯ୍ୟ

# ଶୀତଦିନ ଓ ମଶ୍ଚରାଇଜର

ସାଧାରଣତଃ ଶୀତଦିନେ ଅନେକେ ସ୍କିନ୍ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। କିନ୍ତୁ ଏହି ଋତୁରେ ସ୍କିନ୍‌କୁ ମୁଲାୟମ ରଖିବାର କେତୋଟି ସହଜ ତଥା ସରଳ ଉପାୟ ରହିଛି। ଏହାକୁ ଆପଣେଇ ପାରିଲେ ଆପଣଙ୍କର ସ୍କିନ୍‌ରେ ଚମକ୍ ଆସିବ। ଜାଣନ୍ତୁ ଏ ସମ୍ପର୍କରେ...



⏭ନର୍ମାଲ ସ୍କିନ୍ ଥିବା ମହିଳାଙ୍କୁ ଏକ ବାଲାନ୍ସ ମଶ୍ଚରାଇଜର ଲଗାଇବା ଆବଶ୍ୟକ। ଏହି ମଶ୍ଚରାଇଜର ଲୋଶନ ଲଗାଇବା ଦ୍ୱାରା ତ୍ୱଚା ଏତେ ତେଲିଆ ହୋଇ ନ ଥାଏ।

⏭ଅଏଲି ସ୍କିନ୍ ଥିବା ମହିଳାଙ୍କୁ ଅତ୍ୟଧିକ ମଶ୍ଚରାଇଜରର ଆବଶ୍ୟକତା ରହିଥାଏ । କାରଣ ସ୍କିନ୍‌ରେ ପର୍ଯ୍ୟାପ୍ତ ପାଣିର ବାଲାନ୍ସ ରଖିବାକୁ ହେଲେ ଅତ୍ୟଧିକ ତେଲିଆଯୁକ୍ତ ମଶ୍ଚରାଇଜର ବ୍ୟବହାର କରିବାଠୁ ନିଜକୁ ରକ୍ଷାକରିବା ଆବଶ୍ୟକ।

⏭ଶୀତଦିନରେ ଶୁଷ୍କତା ବଢ଼ିଯାଇଥାଏ। ଡ୍ରାଏ ସ୍କିନ୍ ଥିବା ବ୍ୟକ୍ତିଙ୍କୁ ତ୍ୱଚାକୁ ନମନୀୟ ରଖିବାକୁ ହେଲେ ଗ୍ଲିସେରିନ୍ ଭଳି ଇଗ୍ରେଡିଏଣ୍ଟ ଥିବା ମଶ୍ଚରାଇଜର ବ୍ୟବହାର କରିବା ଆବଶ୍ୟକ।

⏭କମ୍ବିନେଶନ ସ୍କିନ୍ କହିବାକୁ ଗଲେ ଯେଉଁଠି କେତେବେଳେ ଡ୍ରାଏ ଥିବା ବେଳେ ଆଉ କେଉଁଠି ଅଏଲି ସ୍କିନ୍ ଦେଖାଯାଇଥାଏ। ଶରୀରର ଅଏଲି ସ୍ଥାନରେ ଲାଇଟ୍ ମଶ୍ଚରାଇଜର ଲଗାନ୍ତୁ ଏବଂ ଡ୍ରାଏ ସ୍ଥାନରେ ଡିପ୍ ମଶ୍ଚରାଇଜର ବ୍ୟବହାର କରନ୍ତୁ।

⏭ସେନ୍‌ସିଟିଭ୍ ସ୍କିନ୍‌ର ଯତ୍ନ ଅଧିକ ନେବାକୁ ପଡ଼ିଥାଏ। ସ୍କିନ୍ ସମ୍ବନ୍ଧିତ ସମସ୍ୟାରୁ ରକ୍ଷାପାଇବାକୁ ହେଲେ ବିନା ସୁଗନ୍ଧିତ ମଶ୍ଚରାଇଜର ବ୍ୟବହାର କରିବା ଆବଶ୍ୟକ।




ଖାଦ୍ୟରୁଚି // ଆଳୁ ପକୋଡ଼ା



**ଆବଶ୍ୟକ ସାମଗ୍ରୀ:** ଆଳୁ ୨-୩ଟି କଦୁକଶ ହୋଇଥିବା, ବେସନ ୧ କପ, କଞ୍ଚାଲଙ୍କା ୨/୩ଟି ଛୋଟ ଆକାରରେ କଟାହୋଇଥିବା, ଧନିଆଁପତ୍ର ଅଧା କପ, ଗରମ ମସଲା, ଅଦା ରସୁଣ ପେଷ୍ଟ ୧ ଛୋଟ ଚାମଚ, ହେଙ୍ଗୁ ଚିମୁଟାଏ, ନାଲି ଲଙ୍କାଗୁଣ୍ଡ ଅଧା ଛୋଟ ଚାମଚ, ହଳଦୀ ପାଉଡର ଏକ ଚତୁର୍ଥାଂଶ, ସ୍ୱାଦ ଅନୁସାରେ ଲୁଣ, ଛାଣିବା ଲାଗି ତେଲ, ଆବଶ୍ୟକତା ଅନୁଯାୟୀ ପାଣି।

**ପ୍ରସ୍ତୁତି ପ୍ରଣାଳୀ**

ଆଳୁକୁ ପ୍ରଥମେ ଚୋପା ଛଡ଼ାଇ କଦୁକଶ କରିଦିଅନ୍ତୁ। ଏଥିରୁ ଅତିରିକ୍ତ ପାଣି କାଢ଼ି ଦିଅନ୍ତୁ। ଏବେ ବେସନ ଘୋଳ ପ୍ରସ୍ତୁତ କରନ୍ତୁ। ଏକ ବଡ଼ ପାତ୍ର ନିଅନ୍ତୁ ସେଥିରେ କିଛି ବେସନ ନିଅନ୍ତୁ। ଏଥିରେ କଞ୍ଚାଲଙ୍କା, ହଳଦୀ ପାଉଡର, ଧନିଆଁ ପତ୍ର, ଅଦା ରସୁଣ ପେଷ୍ଟ, ହେଙ୍ଗୁ, ନାଲି ଲଙ୍କା ପାଉଡର, ଗରମ ମସଲା ଏବଂ ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହି ମିଶ୍ରଣରେ ଧୀରେ ଧୀରେ ପାଣି ପକାଇ ଗୋଳାଇ ପ୍ରସ୍ତୁତ କରନ୍ତୁ। ଧ୍ୟାନରଖନ୍ତୁ, ଏହି ଘୋଳ ଯେପରି ବହୁତ ମୋଟା କିମ୍ବା ପତଳା ନ ହେବ। ଏବେ ସେଥିରେ କଦୁକଶ ହୋଇଥିବା ଆଳୁ ମିଶାନ୍ତୁ। ଏବେ ଏକ କଡ଼େଇ ନିଅନ୍ତୁ, ସେଥିରେ ତେଲ ପକାଇ ଗରମ କରନ୍ତୁ। ଏବେ ଗରମ ତେଲରେ ଏହି ମିଶ୍ରଣକୁ ପକାଇ ଛାଣନ୍ତୁ। ଏହା ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏବେ ଟିସୁ ପେପର ପକାଇ ଛଣା ହୋଇଥିବା ଆଳୁ ପକୋଡ଼ା ରଖନ୍ତୁ। ଏହାଦ୍ୱାରା ଅତିରିକ୍ତ ତେଲ ବାହାରିଯିବ। ଏହି ପକୋଡାକୁ ଟମାଟୋ ସସ୍ ଏବଂ ଗ୍ରୀନ୍ ଚଟଣି ସହ ଖାଇପାରିବେ।

# ଆଜିଠୁ ବରୁଣେଶ୍ୱର ମେଳା

**ବିଞ୍ଝାରପୁର,୧୩।୧(ରାମକୃଷ୍ଣ ଦାସ):**

ମଙ୍ଗଳବାର ମକର ସଂକ୍ରାନ୍ତୀ ଅବସରରେ ବହୁ ପ୍ରତୀକ୍ଷିତ ବରୁଣେଶ୍ୱର ମେଳା ଆରମ୍ଭ ହେବ । ପ୍ରତିବର୍ଷ ମକର ସଂକ୍ରାନ୍ତୀ ଅବସରରେ ଏହି ମେଳାର ଶୁଭାରମ୍ଭ ହୋଇଥାଏ । ମେଳା ୯ଦିନ ଚାଲିବ । ଏଥିପାଇଁ ମେଳା ପଡ଼ିଆ ଚଳଚଞ୍ଚଳ ହୋଇପଡିଛି । ଏଠାରେ ଥିବା ବରୁଣେଶ୍ୱର ଶୈବପୀଠର ଇତିହାସ ଯେତେ ଗୌରବମୟ ପୌରାଣିକ ତଥ୍ୟ ଆହୁରି ରୋମାଞ୍ଚକର । ଏବେ ଏହି ମେଳା ପଲ୍ଲୀମେଳାରୁ ମହାମେଳା ପାଲଟିଛି । ତେବେ ସମୟ ସହ ତାଳ ଦେଇ ମନୁଷ୍ୟ ଆଧୁନିକତାର ଚରମ ସୀମାରେ ପହଞ୍ଚି ଥିଲେ ମଧ୍ୟ ଆଜି ବି ଓଡିଶାର ପରମ୍ପରା ହଜିନାହିଁ, ତାହା ବରୁଣେଶ୍ୱର ମେଳାକୁ ଦେଖିଲେ ଜଣାପଡେ । ହଜି ଯାଉଥିବା କଳାକୁ ଆଉ ଥରେ ଲୋକମାନଙ୍କ ଆଗରେ ଉପସ୍ଥାପନ କରିବାକୁ ସ୍ଥାନୀୟ ବିଧାୟିକା ପ୍ରମିଳା ମଲିକଙ୍କ ଉଦ୍ୟମରେ ଏହି ମେଳାର ନବକଳେବର ହୋଇଛି ବୋଲି ବହୁ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି ।

ସେହିପରି ମେଳାରେ ଛୋଟ ପିଲା ଓ ଯୁବବର୍ଗଙ୍କ ପାଇଁ ରାମଦୋଳି ସହ ବିଭିନ୍ନ କୌତୁକ ଖେଳ ଓ କଳା ପ୍ରଦର୍ଶନ ଆକର୍ଷଣ ସାଜିବ । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୋର ୩ଟା ୩୦ ମିନିଟରେ କୁଶଭଦ୍ରାରେ ମହାଆଳତୀ ହେବା ସହ ଭୋର ୪ଟାରେ ମଙ୍ଗଳ ଆଳତୀ କରାଯିବ । ସେହିପରି ୪ଟା ୩୦ ସମୟରେ ଜଳମଗ୍ନ ବାବା ବରୁଣେଶ୍ୱର ପୀଠରେ ଜଳନିଷ୍କାସନ ହୋଇ ସର୍ବସାଧାରଣଙ୍କୁ ବାବା ଦର୍ଶନ ଦେବେ । ଚଳିତ ବର୍ଷ ୧୪ରୁ ୨୩ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଭୋର ସମୟରେ ବାବା ବରୁଣେଶ୍ୱର ସର୍ବସାଧାରଣଙ୍କୁ ଦର୍ଶନ ଦେବେ । ଏହି ସମୟରେ ସାଧାରଣ ଭକ୍ତ ବାବାଙ୍କ ବଡ ସିଂହାର ବେଶ ଦେଖିବାକୁ ପାଇବେ । ପ୍ରତିବର୍ଷ ମେଳା ଦେଖିବା ପାଇଁ ଯାଜପୁର ଜିଲା ସମେତ ପଡୋଶୀ ଭଦ୍ରକ, କେନ୍ଦ୍ରପଡା,କଟକ,କେନ୍ଦୁଝର ଓ ବାଲେଶ୍ୱର ଜିଲାରୁ ଶ୍ରଦ୍ଧାଳୁମାନେ ଆସିଥାଆନ୍ତି । ଚଳିତ ବର୍ଷ ମେଳାକୁ ଅଧିକ ଆକର୍ଷଣୀୟ କରିବାକୁ ଆୟୋଜକମାନେ ଉଦ୍ୟମ ଜାରି ରଖିଛନ୍ତି ।


ବରୁଣେଶ୍ୱର ମେଳା ପାଇଁ ନିର୍ମାଣ କରାଯାଇଥିବା ତୋରଣ ।

## ବୌଦ୍ଧ ହୀରକ ତ୍ରିଭୁଜକୁ ବିଶ୍ୱ ଐତିହ୍ୟରେ ସ୍ଥାନ ଦେବା ପାଇଁ ପ୍ରଚେଷ୍ଟା ଜାରି ରହିବ

**ଚଣ୍ଡିଖୋଲ,୧୩।୧(ପ୍ରଦୀପ୍ତ କୁମାର ପୃଷ୍ଟି)**



ଯାଜପୁର ଜିଲାର ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିଠାରେ ଆନ୍ତର୍ଜାତିକ ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେଉଅଛି। ୧୭ଦେଶ ରୁ ୧୨୦୦ରୁ ଊର୍ଦ୍ଧ୍ୱ ବୌଦ୍ଧ ସନ୍ନ୍ୟାସୀ ଯୋଗଦେଇଛନ୍ତି। ଗୁରୁ ପଦ୍ମ ସମ୍ଭବ ସମାରୋହ ନାମରେ ନାମିତ ଏହି ବୌଦ୍ଧ ସମ୍ମିଳନୀ ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ଦିନରେ ଉଦୟ ଗିରିଠାରେ ସମୁହ ପ୍ରାର୍ଥନା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଉଦୟ ଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ଏକ ଆଲୋଚନ ଗୁରୁ ପଦ୍ମ ସମ୍ଭବଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ମହେଶ୍ୱର ବଳଙ୍କ ସଭାପତିତ୍ୱ ଓ ସୁବ୍ରତ ପୃଷ୍ଟି ଙ୍କ ସଞ୍ଚାଳନରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଯାଜପୁର ଏମ୍‌ପି ରବି ନାରାୟଣ ବେହେରା ମୂଖ୍ୟ ଅତିଥି ଭାବେ ଯୋଗଦେଇ ଆମ ସରକାର ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ପାଇଁ କାର୍ଯ୍ୟ କରୁଛି। ଯାଜପୁର ଜିଲାରେ ବୌଦ୍ଧ କୀର୍ତ୍ତିରାଜି ପୂର୍ଣ୍ଣ ହୋଇ ରହିଛି। ଏହି କୀର୍ତ୍ତିରାଜିସ୍ଥଳଗୁଡିକର ବିକାଶ ସହିତ ହୀରକ ତ୍ରିଭୁଜକୁ ବିଶ୍ୱ ଐତିହ୍ୟରେ ସ୍ଥାନ ଦେବା ନେଇ ଆଲୋଚନା କରିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମକରେନ୍ଦ୍ର ମୁଦୁଲି, ପ୍ରଫେସର ନଟବର ଶତପଥୀ, ପ୍ରଫେସର ବାବାଜୀ ପଟ୍ଟନାୟକ ଓ ଶିକ୍ଷାବିତ ରାମଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ଗୁରୁ ପଦ୍ମ ସମ୍ଭବଙ୍କ ସମ୍ପର୍କ ରେ ଓଡିଶା ଲୋକମାନେ ଜାଣି ନାହାନ୍ତି, ଏ ବିଷୟରେ ପ୍ରଚାର ପ୍ରସାରର ଅଧିକ ଆବଶ୍ୟକତା ଅଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା ଗଡମେକର କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ଓ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶୈଳେନ୍ଦ୍ର ନାରାୟଣ ରାୟ ଧନ୍ୟବାଦ ପ୍ରଦାନ କରିଥିଲେ।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ପ୍ରମୁଖ ଗ୍ରାହକ ସମ୍ମିଳନୀ

**ବାଲେଶ୍ୱର,୧୩।୧(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ଯାଜପୁରସ୍ଥିତ ହୋଟେଲ୍ ବ୍ରାହ୍ମଣୀରେ ହାଇ ଟେନଶନ୍ (ଏଚ୍‌ଟି) ଓ ଏକ୍ସଟ୍ରିମ୍‌ଲି ହାଇ ଟେନ୍‌ଶନ୍ (ଇଏଚ୍‌ଟି)ର ପ୍ରମୁଖ ଗ୍ରାହକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ୧୦୦ରୁ ଊର୍ଦ୍ଧ୍ୱ ଶିଳ୍ପ ସଂସ୍ଥା ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଓ ମୂଲ୍ୟବାନ ଗ୍ରାହକଙ୍କ ମଧ୍ୟରେ ସହଯୋଗିତାପୂର୍ଣ୍ଣ ସମ୍ପୃକ୍ତିକୁ ଦର୍ଶାଉଛି। ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବସକ, ପରିଚାଳନା ମୁଖ୍ୟ ନିଲେଶ ପୋଟଫୋଡ଼େ, ବାଣିଜ୍ୟ ଓ ସିଏସଆର ମୁଖ୍ୟ ଜୟଦୀପ ରୟ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ ମହାନ୍ତି, ଇଞ୍ଜିନିୟର ଇନ୍ ଚିଫ୍ ଶରତ ମହାଳିକ, ଏଚ୍‌ଓଜି କି କଷ୍ଟମର ଗ୍ରୁପ୍ ସ୍ୱାଗତ ମୁଖାର୍ଜୀ, ଯାଜପୁର ଅଧୀକ୍ଷଣ ଯନ୍ତ୍ରୀ ଅନନ୍ତ ନାରାୟଣ ସେନାପତିଙ୍କ ସମେତ ବହୁ ବରିଷ୍ଠ ପରିଚାଳନା ସଦସ୍ୟ ଯୋଗଦେଇ ଓଡ଼ିଶାର ଶକ୍ତି ବଣ୍ଟନ କ୍ଷେତ୍ରରେ ନୂତନ ପଦକ୍ଷେପ, ଶକ୍ତି ସଂରକ୍ଷଣ ପଦକ୍ଷେପ ଏବଂ ବ୍ୟବସ୍ଥାର ବିଶ୍ୱସନୀୟତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ।


ସମ୍ମିଳନୀରେ ଉପସ୍ଥିତ ଟିପିଏନ୍‌ଓଡିଏଲ୍‌ର ଅଧିକାରୀଗଣ।

## ୫୫ ଅଭିଯୋଗର ତତ୍କାଳ ସମାଧାନ


ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ।

**ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର**

**ଯାଜପୁରରୋଡ୍,୧୩।୧(ପବିତ୍ର ରଞ୍ଜନ ମହାନ୍ତି):**

ସୋମବାର ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବ୍ୟାସନଗରସ୍ଥିତ କେଏନଡିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅଭିଯୋଗ ଶିବିରରେ ଯାଜପୁର ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରକାଶ କରିଥିଲେ। ଶିବିରରେ ମୋଟ ୬୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୭ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୭ ଅଭିଯୋଗର ଶୁଣାଣି କରାଯାଇଥିଲା। ୫୫ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ଯାଜପୁର ରୋଡ ,ଉପ ଜିଲାପାଳ ଅଂଶୁମାନ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସାସ୍ଥ୍ୟ ଅଧିକାରୀ ଡ.ପ୍ରକାଶ ଚନ୍ଦ୍ର ବଳ, ସମସ୍ତ ଜିଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବରୀ ଫୁଟବଲ ଟିମ୍ ବିଜୟୀ

**ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

**ବରୀ,୧୩।୧(ମହେନ୍ଦ୍ର ସ୍ୱାଇଁ):**

ସ୍ପୋର୍ଟ ଆଣ୍ଡ ଆଡ଼ଭାଇଜର କ୍ଲବ ଆନୁକୂଲ୍ୟରେ ଅଲିଆବାଦସ୍ଥିତ ମିନି ଷ୍ଟାଡିୟମଠାରେ କେନ୍ଦ୍ରାପଡ଼ାର ମଦ୍ରାସା ଅର୍ବୟା ତାଲମୂଲ ଇସଲାମ କ୍ଲବ ଓ ଆୟୋଜକ ଅନୁଷ୍ଠାନ କ୍ଲବ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚରେ କେନ୍ଦ୍ରାପଡା କ୍ଲବକୁ ୧–୦ରେ ହରାଇ ବରୀ ବିଜୟ ଲାଭ କରିଛି । ଏହି ମ୍ୟାଚକୁ ଅନୁଷ୍ଠାନର ପ୍ରଶିକ୍ଷକ ତାଜୁଦ୍ଦିନ ଖାନ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ନବ ନିର୍ମାଣ କୃଷକ ସଂଘର ନେତା ନରହରି ଦାସ ସଭାପତିତ୍ୱ କରିଥିଲେ । ଶିକ୍ଷକ ନେତା କର୍ଣ୍ଣ ଚନ୍ଦ୍ର ଘଡେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମକରଧ୍ୱଜ ସାହୁ ମୁଖ୍ୟବକ୍ତା,ଅଭିରାମ ମହଲା, ପ୍ରଦୀପ ଘଡେଇ, ଶୈଳବାଳା ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକକର୍ମୀ ତରୁଣ ଦାସ, ଶ୍ରୀକାନ୍ତ ଦାସ, ସଞ୍ଜୟ ଦାସ, ମହେନ୍ଦ୍ର ଜେନାଙ୍କ ସମେତ ଅନୁଷ୍ଠାନର ସଭ୍ୟାସଭ୍ୟମାନେ ଏହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଉଦୟଭାନୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ସିଂହପୁର,୧୩।୧(ଅନଙ୍ଗ ଉଦୟ ବେଉରିଆ):**

ବିଂଝାରପୁର ବ୍ଲକ ଅନ୍ତର୍ଗତ ରାହାସ ଗୁହଳିଠାରେ ଉଦୟଭାନୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ବ୍ରଜସୁନ୍ଦର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନ କବିତା ପାଠ ଉତ୍ସବକୁ ଉପ ସଭାପତି ପ୍ରଫୁଲ୍ଲ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ହେମନ୍ତ ସାମଲ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ । କବୟିତ୍ରୀ ସନିଭା ଦାଶ ମିଶ୍ର , କବି ପ୍ରଭାତ ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । କବୟିତ୍ରୀ ରଶ୍ମିତା ସେନାପତି , ଜିତେନ୍ଦ୍ର ବେହେରା , ସୁବାସ ବେହେରା କବିତା ସଂଯୋଜନା କରିଥିଲେ। ଶତାଧିକ କବି ଯୋଗ ଦେଇ ନିଜର କବିତା ପାଠ କରିଥିଲେ । ଭାରତଭୂଷଣ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ଦ୍ୱିତୀୟ ଅଧିବେଶନ ସାରସ୍ୱତ ସଂସଦର ସଭାପତି ବ୍ରଜ ସୁନ୍ଦର ସାମଲଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ଭୂପତି ଭୁଷଣ ମିଶ୍ର , ମୁଖ୍ୟବକ୍ତା ପ୍ରଧାପକ ଦାମୋଦର ବେହେରା , ପ୍ରଧାପକ ଅଜୟ କୁମାର ଓଝା , ସତ୍ୟ ରଞ୍ଜନ ନାୟକ , ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା କୁମାରୀ ଦାସ , କପିଳା ସରପଞ୍ଚ ଦେବଦତ୍ତ ସେଠୀ , ସମିତି ସଭ୍ୟ ଆରତି ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଶିଶୁ ନୃତ୍ୟ ଶିଳ୍ପୀ ଭବ୍ୟଶ୍ରୀ ବେହେରା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ସମ୍ପାଦକ ସୁରେନ୍ଦ୍ର କୁମାର ପତି ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ପଦର ମୁଖପତ୍ର ଉଦୟାର୍କ ଉନ୍ମୋଚନ ଅତିଥିମାନଙ୍କ ଦ୍ୱାରା ହୋଇଥିଲା । ପତ୍ରିକାର ସମ୍ପାଦକ ସରୋଜ କୁମାର ମଲିକ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିଲେ । ଗ୍ରାମାଞ୍ଚଳରେ ସାହିତ୍ୟ ଅନୁରାଗୀଙ୍କ ଉଦ୍ୟମରେ ଗଠିତ ଅନୁଷ୍ଠାନକୁ ଅତିଥି ମାନେ ସ୍ୱାଗତ କରିଥିଲେ । ନଟବର ଦାସଙ୍କ ରଚିତ ପୁସ୍ତକ ଦାରୁଦିଅଁ ଉନ୍ମୋଚନ ହୋଇଥିଲା । ସାମାଜିକ କର୍ମୀ ପଦ୍ମାକର ଗୁରୁ , ରାଧାଶ୍ୟାମ ସାମଲ , ଡ ବାସୁଦେବ ପଣ୍ଡା , ଟିକିଲତା ବେହେରା , ଅନ୍ତର୍ଯ୍ୟାମୀ ସାମଲ , ବିଦ୍ୟୁତ୍‌ଲତା ଦାସ , ପର୍ଶୁରାମ ରାଉତରାୟ, ରାକେଶ ଧଳଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ସମ୍ବର୍ଦ୍ଧିତ କରଯାଇଥିଲା। ରାଜ୍ୟସ୍ତରୀୟ ବିଜ୍ଞାନ ଅଲମ୍ପିଆଡରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଅର୍ଚ୍ଚିତା ସାମଲଙ୍କୁ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରଯାଇଥିଲା। ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ବିଷ୍ଣୁ ଚରଣ ସାମଲ , ପ୍ରମୋଦ କୁମାର ସାମଲ , ଧନେଶ୍ୱର ଦାସ , ବନମାଳୀ ପତି , ନିରଞ୍ଜନ ସାମଲ , ରାମଚନ୍ଦ୍ର ନାୟକ , ନରେନ୍ଦ୍ର ବାରିକ , ନିରଞ୍ଜନ ପାତ୍ର , ରବିନ୍ଦ୍ର ଦାସ , ମନୋଜ ଦାସ , ବସନ୍ତ ସେଠୀ , ସଞ୍ଜୟ କୁମାର ସାମଲ , ରବିନ୍ଦ୍ର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।


ଉଦୟଭାନୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

## ସୁକିନ୍ଦା ଟସରର ଚାହିଦା ବେଶି:ମନ୍ତ୍ରୀ ବଳସାମନ୍ତ

**କାଳିଆପାଣି,୧୩।୧(ଅସିତ ମହାନ୍ତ):**

ଯାଜପୁର ଜିଲା ସୁକିନ୍ଦା ଟସର ଫାର୍ମର ୫୦ବର୍ଷ ପୂର୍ତ୍ତି ପାଳନ ଅବସରରେ ସୁକିନ୍ଦା ବିଧାୟକ ତଥା ସମବାୟ, ହସ୍ତତନ୍ତ୍ର,ହସ୍ତଶିଳ୍ପ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଠାରେ ଏକ ଟସର ପଣ୍ୟାଗାର ଓ ଚାଷୀ ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପରିପେକ୍ଷୀରେ ଅନୁଷ୍ଠିତ ଟସର ଚାଷୀ ସଚେତନତା ଶିବିରରେ ମନ୍ତ୍ରୀ ବଳସାମନ୍ତ କହିଲେ ଏସିଆର ସର୍ବବୃହତ ସୁକିନ୍ଦା ଟସର ଫାର୍ମ ଅର୍ଦ୍ଧଶତାବ୍ଦୀ ଧରି ସ୍ଥାନୀୟ ଅଞ୍ଚଳର ଅନେକ ଚାଷୀଙ୍କୁ ଦାନା ଯୋଗାଇବା ସହିତ ସେମାନଙ୍କର ବଞ୍ଚିବାର ରାହା ଦେଖାଇଛି । ଚାଷୀ ମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି କରିଛି । ଟସର ଚାଷ ଏକ ଲାଭଜନକ ଚାଷ । ଏହି ସର୍ବବୃହତ ଫାର୍ମରୁ ଉତ୍ପାଦିତ ହେଉଥିବା ସୁକିନ୍ଦା ଇକୋରେସ ନାମକ ଟସର କୋଷାର ଆମ ରାଜ୍ୟ କାହିଁକି ଦେଶରେ ଅନେକ ଚାହିଦା ରହିଛି । ସୁକିନ୍ଦାର ଗୋଟିଏ ପଟେ ୧୦ରୁ ଟି ଶିଳ୍ପ ଓ ଅନ୍ୟ ପଟେ ରହିଛି ଏସିଆର ସର୍ବାଧିକ କ୍ରୋମାଇଟ ଖଣି ତେଣୁ ଉଭୟର ପ୍ରାକୃତିକ ଭାରସାମ୍ୟ ଓ ସୁସ୍ଥ ପରିବେଶ ପାଇଁ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ରହିଛି । ସୁକିନ୍ଦାର ମଙ୍ଗଳପୁରଠାରେ ୧୯୭୨ରେ ଏକର ବିଶିଷ୍ଟ ଏହି ଟସର ଫାର୍ମର ଅସନ ଓ ଅର୍ଜୁନ ଜଙ୍ଗଲ ସୁସ୍ଥ ପରିବେଶ ସୃଷ୍ଟି କରିଛି। ଦାମୋଦରପୁର କୃଷି ଫାର୍ମରେ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ୬୩୦ ଏକର ଜାଗାରେ ଏଭଳି ଆଉ ଏକ ଜଙ୍ଗଲ ସୃଷ୍ଟି କରାଯାଇ ଚାଷୀମାନଙ୍କୁ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ଯାଜପୁର ଏମ୍‌ପି ଡ.ରବିନ୍ଦ୍ର ନାରାୟଣ ବେହେରା,ବିଭାଗୀୟ ଶାସନ ସଚିବ ଗୁହା ପୁନମ ତାପସ କୁମାର,ବୟନ ଶିଳ୍ପର ଭାରପ୍ରାପ୍ତ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ,ରେଶମ ଶକ୍ତିର ଅତିରିକ୍ତ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ , କେନ୍ଦ୍ରୀୟ ଟସର ପ୍ରଶିକ୍ଷଣ ଓ ଅନୁସନ୍ଧାନ କେନ୍ଦ୍ରର ନିର୍ଦ୍ଦେଶକ ଏନ୍ତି ଚୈାଧୁରୀ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ଟାଟାଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ଟସର ଜାଗାର ଗୃହକୁ ମନ୍ତ୍ରୀ ବଳସାମନ୍ତ,ଏମ୍‌ପି ବେହେରା ଉଦ୍‌ଘାଟନ କରିଥିଲେ । ପରେ ୨କୋଟି ୨୫ଲକ୍ଷ ବ୍ୟୟରେ ନିର୍ମିତ ହେବାକୁ ଥିବା ଟସର ଗୋଦାମ ଗୃହ ଓ ମହିଳା ଚାଷୀ ମାନଙ୍କର ବିଶ୍ରାମ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୨୪–୨୫ରେ ଉକ୍ତ ସମବାୟ ସମିତିଟସର କୋଷା ଉତ୍ପାଦନରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ପୁରସ୍କାର ପାଇଥିବାରୁ ସମିତିର ସମ୍ପାଦକ,ରେଶମ ଶିଳ୍ପ ସହକାରୀ ନିର୍ଦ୍ଦେଶକ,ସମିତି ପରିଚାଳନା ପରିଷଦର ସଦସ୍ୟମାନଙ୍କୁ ଏଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କେନ୍ଦ୍ରୀୟ ରେଶମ ବୋର୍ଡ ତରଫରୁ ବୈଜ୍ଞାନିକମାନଙ୍କ ଦ୍ୱାରା ଉନ୍ନତ ଚାଷ ସମ୍ବନ୍ଧୀୟ ବିବରଣୀ ପ୍ରଦର୍ଶିତ ହୋଇଥିଲେ ।


ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଟସର ପଣ୍ୟାଗାର ଓ ଚାଷୀ ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅର୍ଚ୍ଚନା


@ ବିରଞ୍ଚି


@ ବିଷ୍ଣୁ


@ ସନ୍ତୋଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ



**ଛତିଆ,୧୩।୧ (ସୌର୍ଯ୍ୟ ରଞ୍ଜନ ସାହୁ ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୪ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରମାନଙ୍କ ୨୦ତମ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛତିଆ ଅମରାବତୀ ମଠ ପରିସରରେ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଏକତ୍ରିତ ହୋଇ ପୁରୁଣାଦିନର ସ୍ମୃତିକୁ ମନେ ପକାଇ ଥିଲେ। ଏଥିସହିତ ଉକ୍ତ ବ୍ୟାଚ୍‌ର ବସନ୍ତ ଗିରିଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।। ଛାତ୍ରୀଛାତ୍ରମାନେ ବହୁ ଦିନ ପରେ ଏକାଠି ହୋଇଥିବାରୁ ଖୁସିବ୍ୟକ୍ତ କରିଥିଲେ ।

# ଜାତୀୟସ୍ତରରେ ଖେଳିବେ ୧୮ ଓଡ଼ିଆ ଦୃଷ୍ଟିବାଧିତ ଜୁଡୋ ଖେଳାଳି

ପାରାଦୀପ, ୧୩।୧ (ଶରତ ରାଉତ)

ସମସ୍ତେ ଦୃଷ୍ଟିବାଧିତ। କାହାକୁ ସାମାନ୍ୟ ଦେଖାଯାଉଛି ତ କାହାକୁ ଆଦୌ ଦେଖାଯାଉନାହିଁ ଏଭଳି ୧୮ ଜଣ ଦୃଷ୍ଟିବାଧିତ ଜୁଡୋ ଖେଳାଳି ଏବେ ପାରାଦୀପର ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଛନ୍ତି। ସେମାନେ ଓଡ଼ିଶାର ଭିନ୍ନ ଭିନ୍ନ ଜିଲାର ବାସିନ୍ଦା। ସମସ୍ତଙ୍କ ବୟସ ୧୭ ରୁ ୨୦ ବର୍ଷ ମଧ୍ୟରେ। ଓଡିଶା ବ୍ଲାଇଣ୍ଡ ଆଣ୍ଡ ପାରା ଜୁଡୋ ଆଶୋସିଏଶନ ପକ୍ଷରୁ ଜାତୀୟ ଦୃଷ୍ଟିବାଧିତ ଜୁଡ଼ୋ ଖେଳିବା ପାଇଁ ସେମାନଙ୍କୁ ଚୟନ କରାଯାଇଛି। ଏନେଇ କୋଚ ଲୋପାମୁଦ୍ରା ପତି, ବିଶ୍ୱଜିତ୍ ମାହାରୀ ଓ ମାର୍ଗଦର୍ଶକ ତପନ ପ୍ରଧାନଙ୍କ ନେତୃତ୍ୱରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହି ୧୮ ଜଣ ଖେଳାଳି ଜାନୁଆରୀ ୧୦ରୁ ପ୍ରଶିକ୍ଷଣ ନେଉଛନ୍ତି। ୨୪ ତାରିଖ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହାପରେ ସେହି ଖେଳାଳିମାନେ ଫେବୃଆରୀରେ ଜାମ୍ମୁ ଗସ୍ତ କରିବେ। ସେଠାରେ ଆୟୋଜିତ ଜାତୀୟ ଦୃଷ୍ଟିବାଧିତ ଜୁଡୋରେ ସମ୍ପୃକ୍ତ ଖେଳାଳିମାନେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ପରେ ଏସିଆନ ଗେମ୍, କମନୱେଲଥ ଗେମ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ସଫଳତା ହାସଲ କଲେ ୨୦୨୬ରେ ଅଲମ୍ପିକ ଭାଗ ନେବେ ବୋଲି ଆଶା ରଖିଛନ୍ତି। ଏହି ସମସ୍ତ ଖେଳାଳି ପୂର୍ବରୁ ଜାତୀୟସ୍ତରରେ ଖେଳି ସାରିଛନ୍ତି। ସେମାନଙ୍କ ମଧ୍ୟରୁ କଳାହାଣ୍ଡି ଭବାନୀପାଟଣା ଅଞ୍ଚଳର ମୋହନ ସାହୁ (୧୭)ଓଡିଶା ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସମସ୍ତ ଖେଳାଳିଙ୍କ ପାଇଁ ପାରାଦୀପ ବନ୍ଦର ଆବଶ୍ୟକ ଭିତ୍ତିଭୂମି ପ୍ରଦାନ କରିବା ସହ ରହିବା ଓ ଖାଇବା ଖର୍ଚ୍ଚ ଆଦି ବହନ କରୁଛି।



ପ୍ରଶିକ୍ଷଣ ନେଉଥିବା ଖେଳାଳିମାନେ।

ଏ ସମ୍ପର୍କରେ ସ୍ୱର୍ଣ୍ଣ ପଦକ ଜିତିଥିବା ମୋହନ କୁହନ୍ତି, ଆମେ ଖେଳ ସମୟରେ ଶବ୍ଦ ଓ ଖେଳ ପରିସୀମା ମାପି ଖେଳିଥାଉ। ଜିତିବା କିମ୍ବା ହାରିବା ଘୋଷଣା ଶୁଣି ଆନନ୍ଦ ଅନୁଭବ କରୁ। କିନ୍ତୁ ସେହି ବିଜୟ ପରାଜୟ କିପରି ପାଳନ କରାଯାଉଛି ତାକୁ ଦେଖି ପାରୁନୁ।ଆମେ ଦୁନିଆ ଦେଖି ପାରୁନୁ କିନ୍ତୁ ଆମକୁ ଦୁନିଆ ଦେଖୁ ବୋଲି ଇଚ୍ଛା ଅଛି। ସେହିପରି କୋରାପୁଟ ଜିଲାର ଅର୍ଜୁନ ପେଣ୍ଠିଆ ଓ ଗୌରବଚନ୍ଦ୍ର ପ୍ରଧାନୀ, ଅନୁଗୁଳ ଜିଲାର ନିରଞ୍ଜନ ସାହୁ ଓ ଅଙ୍କିତ ସାହୁ, ଗଞ୍ଜାମ ଜିଲାର ପ୍ରତାପ କୁମାର ସ୍ୱାଇଁ, ଚନ୍ଦନ ସାବତ, ଭୂବନ ନାୟକ, କଳାହାଣ୍ଡି ଜିଲାର ଅଭିଷେକ ଆଚାର୍ଯ୍ୟ ପ୍ରମୁଖ ନିଜର ସଂଘର୍ଷ, ଜୀବନଶୈଳୀ, ମନ ଭିତରେ ଥିବା ଅସମାହିତ ଦୁଃଖ ସମ୍ପର୍କରେ କହିଛନ୍ତି।

ଦୃଷ୍ଟିବାଧିତ ଖେଳାଳିଙ୍କ ଏପରି ସଫଳତା ହାସଲ ସମ୍ପର୍କରେ କୋଚ ଲୋପାମୁଦ୍ରା କୁହନ୍ତି, ଏହାର ଶ୍ରେୟ ପାରାଦୀପର ଅରିନ୍ଦମ ସର୍ଖେଲ (ବାପି)ଙ୍କୁ ଦିଆଯିବ। ସେ ହେଉଛନ୍ତି ଜୁଡୋ ଆସୋସିଏଶନ ଜଗତସିଂହପୁର ଜିଲା ସଭାପତି। ତାଙ୍କ ଉଦ୍ୟମରେ ୨୦୦୬ରୁ ଏଭଳି ଦୃଷ୍ଟିବାଧିତ ପିଲାଙ୍କ ପାଇଁ ଉଦ୍ୟମ ହୋଇଥିଲା। ସେ ସମସ୍ତ ଖର୍ଚ୍ଚ ବହନ କରି ସେମାନଙ୍କୁ ତାଲିମ ଦେବା ପାଇଁ ବ୍ୟବସ୍ଥା କରିଥିଲେ। ଫଳରେ ଓଡ଼ିଶାର ୧୮ ଜଣ ପିଲା ଜାତୀୟ ସ୍ତରରେ ପହଞ୍ଚି ପାରିଛନ୍ତି। ଏବେ ଅବଶ୍ୟ ଓଡିଶା ସରକାରଙ୍କ ସହଯୋଗ ମିଳୁଛି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ଦୃଷ୍ଟିବାଧିତ ପିଲାଙ୍କ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇଛନ୍ତି। ଏହି ପିଲାମାନେ ଅଲମ୍ପିକ ପର୍ଯ୍ୟନ୍ତ ଯିବେ ବୋଲି ଲୋପାମୁଦ୍ରା ଆଶାବାଦୀ ଥିବା କହିଛନ୍ତି।

# ବନ୍ଧୁକ ଦେଖାଇ ଲୁଟ୍: ୨ ଗିରଫ

ଜଗତ୍‌ସିଂହପୁର, ୧୩।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ତରଡ଼ାପଡ଼ା ଗ୍ରାମରେ ୧୧ ତାରିଖରେ ଦେବିପ୍ରସାଦ ପଟ୍ଟନାୟକ (୨୮)ଙ୍କୁ ବନ୍ଧୁକ ଦେଖାଇ ୨ ଜଣ ଅଭିଯୁକ୍ତ ମାଡ ସହ ଲୁଟ୍ କରିଥିଲେ। ଏହି ମାମଲାରେ ଜଗତ୍‌ସିଂହପୁର ଥାନା ପୋଲିସ ୨ ଅଭିଯୁକ୍ତ ଯଥା ଏହି ଥାନା ଅଲସୁଧା ଗ୍ରାମର ଯିତେନ୍ଦ୍ର ନାୟକ ଓରଫ ଟୁବୁଲା (୨୯) ଓ ନବିନା ମହାରଣା (୨୭)ଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ଦେବୀ କରିଥିବା ଅଭିଯୋଗ ଅନୁଯାୟୀ ସେ ଜଣେ ଭିନ୍ନକ୍ଷମ। ଅଭିଯୁକ୍ତଦ୍ୱୟ ତାଙ୍କ ସହ ଜଣାଶୁଣା। ଗତ ୧୧ ତାରିଖ ସକାଳ ପ୍ରାୟ ୧୦ଟା ବେଳେ ଅଭିଯୁକ୍ତ ନବିନା ଓ ଟୁବୁଲା ବଜାର ଯିବା କହି ଏକ ନୀଳ ରଙ୍ଗର ସ୍କୁଟିରେ ତାଙ୍କୁ ବସାଇ ନେଇ ଯାଇଥିଲେ। କିନ୍ତୁ ବଜାର ପରିବର୍ତ୍ତେ ସେମାନେ ମାଦଳାହାଟ ଆଡ଼କୁ ଯାଇଥିଲେ। ଏହା ଦେଖି ଦେବୀ ସନ୍ଦେହ କରିବା ସହ ପଚାରିବାରୁ ଭଉଣୀ ଘରକୁ ଯିବା କଥା ଉତ୍ତର ପାଇଥିଲେ। ଅଭିଯୁକ୍ତଙ୍କ ଭଉଣୀ ଘରେ ପହଞ୍ଚିଲା ପରେ ଅଘଟଣ ଘଟିଥିଲା। ହଠାତ୍ ଏଟିଏମ୍‌ରୁ କାହିଁକି ପଇସା ଉଠାଇଲୁ ବୋଲି ଅଭିଯୁକ୍ତଦ୍ୱୟ ପ୍ରଶ୍ନ କରିଥିଲେ। ଏକଥା ଶୁଣି ସେ ହତବାକ୍ ହୋଇଯାଇଥିଲେ। ତଥାପି କେଉଁ ପଇସା, କିଛି ଜାଣିପାରୁ ନ ଥିବା କଥା ଦେବୀ କହିଥିଲେ। ଅଭିଯୁକ୍ତଦ୍ୱୟ ଏଥିରେ ଉତ୍କ୍ଷିପ୍ତ ହୋଇ ଯାଇଥିଲେ। ଦେବୀଙ୍କୁ ନବିନା ଏକ ଚାପୁଡ଼ା ମାରିଥିଲେ। ଏଥିସହ ପାଖରେ ରଖିଥିବା ଏକ ବନ୍ଧୁକ ବାହାର କରି ଭୟଭୀତ କରିବାକୁ ଚେଷ୍ଟା କରିଥିଲେ। ତାପରେ ଦେବୀଙ୍କ ପକେଟରେ ଥିବା ନଗଦ ୧୦ ହଜାର ଟଙ୍କା ଓ ଏକ ମୋବାଇଲ ଫୋନକୁ ଅଭିଯୁକ୍ତ ଦ୍ୱୟ ଜୋର ଜବରଦସ୍ତ ଛଡ଼ାଇ ନେଇଯାଇଥିଲେ। ଏଥିସହ ତାଙ୍କୁ ମାଡ଼ ମାରି ହତ୍ୟାଧମକ ଦେଇଥିଲେ। ପରେ ଏକ ଘରେ ପୁରାଇ ତାଲା ବନ୍ଦ କରି ଦେଇଥିଲେ ବୋଲି ଦେବୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ତାଙ୍କ ସାଙ୍ଗ ତାପସ ଖୁଣ୍ଟିଆ ଏ ସମ୍ପର୍କରେ ଜାଣିବା ପରେ ସମ୍ପର୍କୀୟ ଦାଦା ଚଣ୍ଡିପ୍ରସାଦ ଦାସଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ଚଣ୍ଡିପ୍ରସାଦ ତାଙ୍କ ସାଙ୍ଗସାଥିମାନଙ୍କ ସହ ସେଠାରେ ପହଞ୍ଚି ଦେବୀ ଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ୧୩୨ ଅଭିଯୋଗ



ଏରସମା, ୧୩। ୧ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ସଭା ଗୃହରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜେ. ସୋନାଲ ଉପସ୍ଥିତ ରହି ୧୩୨ ଅଭିଯୋଗ ଶୁଣାଣି କରିଥିଲେ। ଏହି ଅବସରରେ ବ୍ୟକ୍ତିଗତ ସମସ୍ୟା ୧୧୩ ଓ ଗୋଷ୍ଠୀଗତ ସମସ୍ୟା ୧୯ ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ସମସ୍ୟା ମଧ୍ୟରେ ରାସନ କାର୍ଡ ୧୯, ଆବାସ ଯୋଜନା ୨୬, ଜମିଜମା ସମ୍ପର୍କିତ ୨୦, ବିଭିନ୍ନ ଭତ୍ତା ସମ୍ବନ୍ଧୀୟ ୧୫, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨, ପୋଲିସ ସହାୟତା ୩ ସହିତ ଅନ୍ୟାନ୍ୟ ୨୫ଟି ଅଭଯୋଗ କରାଯାଇଥିଲା। ସେଥିରୁ ୩ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା। ଏଥିରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା, ମୁଖ୍ୟ ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାଶରଥି ଜେନା, ତହସିଲଦାର ଦେବୀ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।

# କଟୁରି ଦେଖାଇ ଲୁଟ୍ ଘଟଣା: ୨ ଗିରଫ

ଜଗତ୍‌ସିଂହପୁର, ୧୩।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଓଡ଼ିଶୋ ବାଲିକୁଦା ଛକରେ ୧୧ ତାରିଖରେ ଦୁର୍ବୃତ୍ତମାନେ କଟୁରି ଦେଖାଇ ଏହି ଥାନା ଅନ୍ତର୍ଗତ କାଳିଆବୋରା ଗ୍ରାମର ପ୍ରଶାନ୍ତ ଦାସ (୩୫)ଙ୍କଠାରୁ ୫ ହଜାର ଟଙ୍କା ଲୁଟ୍ ହୋଇଥିଲା । ଏହି ମାମଲାରେ ଜଗତ୍‌ସିଂହପୁର ଥାନା ପୋଲିସ ଅଭିଯୁକ୍ତ ଓଡ଼ିଶୋ ବାଲିକୁଦାର ବିଭୂତି ଦାସ (୪୩)ଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି । ଏ ସମ୍ପର୍କରେ ପ୍ରଶାନ୍ତ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ୧୧ ତାରିଖ ସକାଳ ୧୦ଟାବେଳେ ତାଙ୍କ ଜଣାଶୁଣା ସରୋଜ ଦାସ, ବିଭୁତି ଦାସ ଏବଂ ବାବୁଲି ନନ୍ଦ ଓଡ଼ିଶୋ ବାଲିକୁଦା ଛକରେ ଅଟକାଇ ୫ ହଜାର ଟଙ୍କା ମାଗିଥିଲେ। ନ ଦେବାରୁ ତାଙ୍କ ସହ ଥିବା ଭାଇ ଗଣନ ଦାସଙ୍କୁ ଅଭିଯୁକ୍ତମାନେ କଟୁରୀ ଦେଖାଇ ଭୟଭୀତ କରିବା ସହ ୫ ହଜାର ଟଙ୍କା ଓ ଏକ ମୋବାଇଲ ଫୋନ ଛଡାଇ ନେଇଥିଲେ । ଗଲାବେଳେ ଥାନାକୁ ନ ଜଣାଇବା ପାଇଁ ତାଗିଦ୍ କରିଥିଲେ । ଏପରି କି କଥା ପ୍ରଘଟ କଲେ ମାରିଦେବା ଧମକ ଦେଇଥିବା ପ୍ରଶାନ୍ତ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ନାବାଳକ ମୃତ

ନାଉଗାଁ, ୧୩।୧ (ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା ପାଇକସାହି ଗ୍ରାମର ଜଣେ ନାବାଳକ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତାଙ୍କ ମୃତ୍ୟୁ ଘଟିଛି। । ମୃତ ବାଳକ ହେଲେ ଉକ୍ତ ଗ୍ରାମର ଚନ୍ଦନ ପରିଡାଙ୍କ ପୁଅ ଆୟୁଷ ପରିଡା(୧୩)। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଚନ୍ଦନଙ୍କ ଗଙ୍ଗଦାହାଟରେ ଏକ ଷ୍ଟେସନାରୀ ଦୋକାନ ରହିଛି। ଆୟୁଷ ଦୋକାନରେ ରହିଥିବା ବେଳେ ଚନ୍ଦନ ସଉଦା ପାଇଁ ହାଟ ଭିତରକୁ ଯାଇଥିଲେ। ଏହି ସମୟରେ ଆୟୁଷ ଦୋକାନରେ ଧୂପ ଦେଇ ହୋଲ୍ଡର ରେ ଏକ ବିଦ୍ୟୁତ୍ ବଲବ ଲଗାଇଥିଲେ। ଏହି ସମୟରେ କୌଣସି କାରଣବଶତଃ ସେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନାଉଗାଁଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ନିଳମଣି ନାୟକ ପ୍ରକାଶ କରିଛନ୍ତି। ଆୟୁଷଙ୍କ ବୟସ ୧୩ ବର୍ଷ ହୋଇଥିବା ବେଳେ ସେ ନିକଟସ୍ଥ ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ପଢୁଥିଲେ। ସେ ଘରର ବଡ ପୁଅ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସ୍ୱର୍ଗତ ଦ୍ୱିଜବର ଜଣେ ଆଦର୍ଶ ଶିକ୍ଷକ ଥିଲେ




କୁଜଙ୍ଗ, ୧୩।୧ (ମନୋଜ ପ୍ରଧାନ)

ସ୍ୱର୍ଗତ ଦ୍ୱିଜବର ବେହେରା ଓ ତାଙ୍କ ସ୍ତ୍ରୀ ସ୍ୱର୍ଗତ ବିଷ୍ଣୁପ୍ରିୟା ବେହେରାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ କୁଜଙ୍ଗସ୍ଥିତ ବଳରାମପୁର ଠାରେ ସୁପାଳିତ ହୋଇଯାଇଛି। ସୋମବାର ଏହି ଉପଲକ୍ଷେ ଆୟୋଜିତ ସ୍ମୃତି ସଭାରେ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗଦେଇ ଦ୍ୱିଜବର ଜଣେ ଆଦର୍ଶ ଶିକ୍ଷକ ଥିଲେ ବୋଲି କହିଥିଲେ। ରବୀନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜଗତସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, ପ୍ରାକ୍ତନ ଏମ୍‌ପି ଡାକ୍ତର କୁଳମଣି ସାମଲ, ପାରାଦୀପ ପୌରପାଳ ବସନ୍ତ ବିଶାଳ, ପୂର୍ବତନ ସରପଞ୍ଚ ବିଜୟ ଖଟେଇ, ଗଣ ସଂଗଠକ ବାବୁରାମ ଚୌଧୁରୀ , କୈଳାଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଦ୍ୱିଜବର ଓ ବିଷ୍ଣୁପ୍ରିୟାଙ୍କ ସାମାଜିକ ଜୀବନ ଉପରେ ଆଲୋକପାତ କରିଥିଲେ। ଜ୍ୟେଷ୍ଠ ପୁତ୍ର ତଥା ପ୍ରାକ୍ତନ କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ସ୍ମୃତି ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମଧ୍ୟମ ପୁତ୍ର ଶକ୍ତି ରଞ୍ଜନ ଓ କନିଷ୍ଠ ପୁତ୍ର ସୁଧିରଞ୍ଜନ ଏହାକୁ ପରିଚାଳନା କରିଥିଲେ।

# ଛୁରି ମାଡ଼ କରି ହତ୍ୟା ଅଭିଯୋଗ

ପାରାଦୀପ, ୧୩।୧ (ଶରତ ରାଉତ)

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ବଡପଡିଆ ବଜାର ଭିତରେ ସୋମବାର ରାତି ୧୦ଟା ବେଳେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ଥାନୀୟ ଅଞ୍ଚଳରେ ଭିକ୍ଷାବୃତ୍ତି କରୁଥିବା ଜଣେ ବୃଦ୍ଧଙ୍କୁ ଜଣେ ଟ୍ରଲି ଚାଳକ ଛୁରି ଭୁସି ହତ୍ୟା କରିଥିବା କୁହାଯାଇଛି। ମୃତକ ହେଲେ ପ୍ରଭାତ ମଣ୍ଡଳ (୬୫)। ମାତ୍ର ଅଭିଯୁକ୍ତ ଟ୍ରଲି ଚାଳକଙ୍କ ପରିଚୟ ମିଳିନାହିଁ। ବଜାର ଭିତରେ ଏକ ଅନ୍ଧାରୁଆ ସ୍ଥାନରେ ଦୁହେଁ ଅଧିକାଂଶ ସମୟରେ ନିଶା ସେବନ କରନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସୋମବାର ରାତିରେ ସେହି ନିଶାଶକ୍ତ ଅବସ୍ଥାରେ ଦୁହିଁଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଟ୍ରଲି ଚାଳକ ଉତ୍କ୍ଷୀପ୍ତ ହୋଇ ପାଖରେ ରଖିଥିବା ଛୁରିରେ ତାଙ୍କ ପେଟକୁ ଭୁସି ଦେଇଥିଲେ। ଫଳରେ ତାଙ୍କ ମୃତ୍ୟୁ ଘଟିଛି।

# ଦୁର୍ଘଟଣାରେ ଆରଡି କର୍ମଚାରୀ ଗୁରୁତର

ଜଗତସିଂହପୁର, ୧୩।୧ (ପ୍ରମୋଦ କୁମାର ନାୟକ)

ଆରଡି ବିଭାଗର ତିର୍ତ୍ତିଡି ସେକ୍ସନ ଅଧୀନରେ କାର୍ଯ୍ୟରତ ମାଣତ୍ରି ଗ୍ରାମର ନାରାୟଣ ଜେନା(୨୨) ସୋମବାର ଏକ ଗାଡ଼ି ଧକ୍କାରେ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ କାର୍ ଯୋଗେ କଟକ ବଡ଼ ଡାକ୍ତରଖାନା ପଠାଇଛନ୍ତି। ମଧ୍ୟାହ୍ନ ପ୍ରାୟ ୧ଟା ୩୦ରେ ଏହି ଦୁର୍ଘଟଣା ଘଟିଥିଲା। ମଙ୍ଗୁଳିସ୍ଥିତ ପୂରଣ ସେଠୀ ସାହିର ଆରଡି ରାସ୍ତା କାମ ଦେଖି ଜେନା ବାଇକ୍‌ରେ ମଧ୍ୟାହ୍ନ ଭୋଜନ କରିବାକୁ ଯାଉଥିଲେ। ମଙ୍ଗୁଳି ଛକରେ ଏକ କାର ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଏଥିରେ ତାଙ୍କ ବାମ ଗୋଡ଼ ଓ ହାତର ହାଡ଼ ଭାଙ୍ଗିଯାଇଛି। ଆମ୍ବୁଲାନ୍ସ ନ ମିଳିବାରୁ ଘରୋଇ କାର ତାଙ୍କୁ ଡାକ୍ତରଖାନା ପଠାଯାଇଥିଲା।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅର୍ଚ୍ଚନା



@ ବିରଞ୍ଚି



@ ବିଷ୍ଣୁ



@ ସନ୍ତୋଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱଭାରତୀକୁ ହରାଇ ମାଷ୍ଟର କ୍ଲବ ଚାମ୍ପିୟନ

## ୩୪ତମ ଯୁବଜ୍ୟୋତି କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଜଗତ୍‌ସିଂହପୁର, ୧୩।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ନିକଟବର୍ତ୍ତୀ ନବାପାଟଣାସ୍ଥିତ ନନ୍ଦାବ୍ରତ ଷ୍ଟାଡିୟମରେ ୫ ତାରିଖରୁ ଚାଲିଥିବା ୩୪ତମ ରାଜ୍ୟସ୍ତରୀୟ ଯୁବଜ୍ୟୋତି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ କଟକର ବିଶ୍ୱଭାରତୀ କ୍ରିକେଟ୍ କ୍ଲବକୁ ହରାଇ ଜଗତ୍‌ସିଂହପୁରର ମାଷ୍ଟର କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି ବିଶ୍ୱଭାରତୀ କ୍ରିକେଟ ଟିମ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦଳ ନିର୍ଦ୍ଧାରିତ ୩୦ ଓଭର ମଧ୍ୟରୁ ୨୩.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୦ ରନ୍ ସଂଗ୍ରହ କରିଥିଲା। ଦଳ ତରଫରୁ ରଞ୍ଜନ ଜେନା ୧୭ ବଲ୍‌ରେ ସର୍ବାଧିକ ୩୧ ରନ୍ କରିବାକୁ ସମର୍ଥ ହୋଇଥିଲେ। ଜବାବରେ ମାଷ୍ଟର୍ସ କ୍ଲବ ୨୪.୧ ଓଭରରେ ୧୧୧ ରନ୍ କରି ବିଜୟୀ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ବି. ଆର୍. ଶୁଭ୍ରଜିତ ୧୬ ବଲ୍‌ରେ ୨୬ ଏବଂ ରାଘବ ତ୍ରିପାଠୀ ୧୬ ବଲ୍‌ରେ ସର୍ବାଧିକ ୩୬ ରନ୍ କରିଥିଲେ। ଅମ୍ପାୟର ଭାବେ ସଞ୍ଜିବ ବେହେରା, ଜୟନ୍ତ ଦାସ, ସ୍କୋରର ସନ୍ତୋଷ ସାହୁ, ସୁରେଶ ସାହୁ ଏବଂ ଭାଷ୍ୟକାର ଭାବେ କରନ ଖାନ୍, ହେମନ୍ତ ସାହୁ, ସୁରେଶ ଦାସ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଯୁବଜ୍ୟୋତି କ୍ରିକେଟ କ୍ଲବର ସଭାପତି ରାଜକିଶୋର ବେହେରା ପୌରୋହିତ୍ୟ କରିଥିଲେ। ଏମ୍‌ପି ବିଭୁ ତରାଇ ମୁଖ୍ୟଅତିଥି ଓ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସିଂହାରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଜିଲା କ୍ରିକେଟ ଆସୋସିଏଶନ୍ ସମ୍ପାଦକ ଅନିଲ କୁମାର ବିଶ୍ୱାଳ, ପ୍ରଭାଂଶୁ ସାମନ୍ତରାୟ, ଜିଲା କ୍ରିକେଟ ଆସୋସିଏଶନ୍ କୋଷାଧ୍ୟକ୍ଷ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଭରତ ଚନ୍ଦ୍ର ସାହୁ ସମ୍ପାଦକୀୟ ଓ ସନ୍ତୋଷ ସାହୁ ପୁରସ୍କାର ବିତରଣ କରିଥିଲେ। ପୁରସ୍କାର ବାବଦରେ ବିଜୟୀ ଦଳକୁ ଅତିଥି ଚାମ୍ପିୟନ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ରନର୍ସ ଅପ୍ ଦଳକୁ ରନର୍ସ କପ୍ ସହ ୧୫ ହଜାର ଟଙ୍କା ଦିଆଯାଇଥିଲା। ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ବି. ଆର୍. ଶୁଭ୍ରଜିତ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଓ ବେଷ୍ଟ ବୋଲର ଭାବେ ଅଭିଷେକ ପାଣ୍ଡେ ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପ୍ରଶାନ୍ତ ସାହୁଙ୍କୁ ଟ୍ରଫି ଦିଆଯାଇଥିଲା। ସନ୍ତୋଷ କୁମାର ସାହୁ, ବାପି ବିଶୋଇ, ରତି ରଞ୍ଜନ ପଣ୍ଡା, ସନ୍ତୋଷ ବାରିକ, ଜ୍ଞାନରଞ୍ଜନ ସାହୁ ଓ ପ୍ରଫୁଲ୍ଲ ଦାସ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।




ଅତିଥିଙ୍କ ଗ୍ରହଣରେ ଚାମ୍ପିୟନ ଦଳର ଖେଳାଳି ।

# ଜାନୁଆରୀ ୧୫ରୁ ୨୧ ଜଗତ୍‌ସିଂହପୁର ପୁସ୍ତକମେଳା

ଜଗତ୍‌ସିଂହପୁର, ୧୩।୧
(ପ୍ରମୋଦ କୁମାର ନାୟକ)

ପ୍ରତିବର୍ଷ ପରି ଚଳିତବର୍ଷ ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ ୨୬ତମ ଜଗତ୍‌ସିଂହପୁର ପୁସ୍ତକମେଳା ଜାନୁଆରୀ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ହେବାକୁ ଥିବା ଏହି ମେଳାରେ ମୋଟ ୧୫୦ଟି ଷ୍ଟଲ ସ୍ଥାନ ପାଇବ। ସେଥିରେ ୮୦ଥି ବହି ଏବଂ ୭୦ଟି ଖାଦ୍ୟ ଓ ଅନ୍ୟ ସାମଗ୍ରୀ ବିକ୍ରି ହେବ। ତେବେ ଚଳିତ ବର୍ଷ ପୁସ୍ତକ ମେଳା ଅବସରରେ ଅର୍ଥାତ୍ ଜାନୁଆରୀ ୧୭ ତାରିଖରେ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି ଶୀର୍ଷକ ବିଷୟବସ୍ତୁକୁ ନେଇ ୨ଟି ପର୍ଯ୍ୟାୟରେ ମିଡିଆ କନକ୍ଲେଭ କରାଯିବ। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ମିଡିଆ କନକ୍ଲେଭରେ ଜିଲା ମୁଖ୍ୟାଳୟ ସମେତ



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ନେତୃମଣ୍ଡଳୀ।

## ମିଡିଆ କନକ୍ଲେଭକୁ ନେଇ ଚର୍ଚ୍ଚା

୮ଟି ବ୍ଲକ ଓ ପାରାଦୀପ ପୌରାଞ୍ଚଳରେ କାର୍ଯ୍ୟରତ ସମସ୍ତ ଖବରଦାତାଙ୍କୁ ଆମନ୍ତ୍ରଣ କରାଯିବ। ଏଥିସହ ଯୁବଗୋଷ୍ଠୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହିବେ। ଏହି କନକ୍ଲେଭରେ ଧରିତ୍ରୀ ତଥା ଓଡିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କ ସମେତ ଏକାଧିକ ବରିଷ୍ଠ ସାମ୍ବାଦିକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଏନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ପୁସ୍ତକମେଳାକୁ ସଫଳ କରିବା ପାଇଁ ସହଯୋଗ କରାଯାଉଛି। ଏହି ମେଳାରେ ଷ୍ଟଡି ଜୋନ୍, ବ୍ୟଙ୍ଗ କବି ସମ୍ମିଳନୀ, ଓଡ଼ିଶା ତଥା ଜିଲାର ପ୍ରତିଷ୍ଠିତ ସାଂସ୍କୃତିକ ଦଳ, ବିଦ୍ୟାଳୟସ୍ତରୀୟ ସାଂସ୍କୃତିକ ଦଳମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ସାହିତ୍ୟ ଅନୁଷ୍ଠିତ ଦ୍ୱାରା କବିତା ପାଠୋତ୍ସବ କରାଯିବ। ପ୍ରତ୍ୟେକ ଦିନ କୁଇଜ୍ ପ୍ରତିଯୋଗିତା ସମେତ ଏକାଧିକ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦିଆଯାଇଛି। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ପରିଷଦ ପୂର୍ବତନ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ କୁମାର ରଥ, ସମ୍ପାଦକ ସାରଦା ପ୍ରସାଦ ଦାସ, ଉପାଧ୍ୟକ୍ଷ ବିଜୟ କୁମାର ରାଉତ, ଗଣେଶ୍ୱର ମାଣିଆ, ଯୁଗ୍ମ ସମ୍ପାଦକ ଡ. ସୁଧୀର କୁମାର ମହାନ୍ତି, ଡ. ଜ୍ୟୋତିର୍ମୟୀ ମହାନ୍ତି, ପ୍ରଦୀପ ଶତପଥୀ, ପ୍ରଜ୍ଞା ପାରମିତା ଚୌଧୁରୀ, ଅବନୀକାନ୍ତ ମହାରଣା, ମନୋଜ କୁମାର ମହାପାତ୍ର, ପ୍ରଦିପ୍ତ କୁମାର ମିତ୍ର ଓ ପ୍ରଭାତ ଦାଶ ପ୍ରମୁଖ ଉପସ୍ଥିତ ରହି ପୁସ୍ତକମେଳାକୁ ସଫଳ କରିବାକୁ ପ୍ରତ୍ୟେକଙ୍କ ସହଯୋଗ କାମନା କରିଥିଲେ।

# ମହାନଦୀ ଶୁଖିବା ପରେ ପାନୀୟଜଳ ସଙ୍କଟ



ପାନୀୟ ଜଳ ପାଇଁ ମହାନଦୀରେ ବାଲିକୁ ଜେସିବି ଲଗାଇ ଖୋଳାଯାଉଛି।



ଖୋଳାଯିବା ପରେ ଟ୍ରେଞ୍ଚରେ ପାଣିକୁ ପମ୍ପ ହାଉସ୍ ପାଖକୁ ଆଣିବାକୁ ପ୍ରୟାସ କରାଯାଉଛି।

ନୟାଗଡ଼,୧୩।୧(ଲୋକନାଥ ମିଶ୍ର)

- ପମ୍ପ ହାଉସଠାରୁ ଦୂରେଇଗଲା ଜଳଧାର
- ୩ କି.ମି. ପର୍ଯ୍ୟନ୍ତ ବାଲି ଖନନ କରାଯାଇ ଚାଲିଛି ଟ୍ରେଞ୍ଚ
- ଶୀତଋତୁରେ ନୟାଗଡ଼ ଓ ଖଣ୍ଡପଡ଼ା ସହରରେ ପାନୀୟଜଳ ସଙ୍କଟ
- ଗ୍ରୀଷ୍ମଋତୁରେ ଉତ୍କଟ ହୋଇପାରେ ପାନୀୟଜଳ ସମସ୍ୟା

ମହାନଦୀ ଶୁଖିବା ପରେ ନୟାଗଡ଼ ଜିଲାର ନୟାଗଡ଼ ଓ ଖଣ୍ଡପଡ଼ା ସହରରେ ଶୀତଋତୁରୁ ଦେଖାଦେଲାଣି ପାନୀୟଜଳ ସଙ୍କଟ। ଦୁଇ ସହରକୁ ଯୋଗାଣ ହେଉଥିବା ପମ୍ପ ହାଉସଠାରୁ ମହାନଦୀର ଜଳଧାରା ଦୂରେଇ ଯିବା ପରେ ଏଭଳି ସଙ୍କଟ ଦେଖାଦେଇଛି। ଜଳଧାର ଆଣିବା ପାଇଁ ୩ କି.ମି. ପର୍ଯ୍ୟନ୍ତ ମେଶିନ ସାହାର୍ଯ୍ୟରେ ବାଲି ଖନନ କାର୍ଯ୍ୟ ଡିସେମ୍ବର ପ୍ରଥମ ସପ୍ତାହରୁ ଚାଲୁ ରହିଛି। ଗ୍ରୀଷ୍ମଋତୁରେ ପାନୀୟ ଜଳ ସଙ୍କଟ ଦେଖା ନ ଦେବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମହାନଦୀର ବାଲିରେ ଟ୍ରେଞ୍ଚ ଖୋଳା ଚାଲିଥିଲେ ମଧ୍ୟ ଶିତଋତୁର ପାନୀୟ ଜଳ ସମସ୍ୟାକୁ ଦେଖିଲେ ଗ୍ରୀଷ୍ମ ଋତୁରେ ଏହା ଭୟଙ୍କର ରୂପ ନେବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି।

ଖଣ୍ଡପଡ଼ା ବ୍ଲକର ବାଣପୁର ମହାନଦୀ ଘାଟରୁ ପମ୍ପ ହାଉସ୍ କରାଯାଇ ନୟାଗଡ଼ ଓ ଖଣ୍ଡପଡ଼ା ସହରକୁ ପାନୀୟ ଜଳ ଯୋଗା ଯାଉଛି। କିଛିବର୍ଷ ହେଲା ମହାନଦୀର ଖରାଦିନ ପୂର୍ବରୁ ଶୁଖି ଯାଉଥିବାରୁ ଖରାଦିନେ ଉଭୟ ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଉଛି। ବିଗତବର୍ଷର ପାନୀୟ ଜଳ ସଙ୍କଟକୁ ଦେଖି ଜନସ୍ୱାସ୍ଥ୍ୟ ବିଭାଗ ଶୀତଋତୁରୁ ଏହାର ସମାଧାନ ମାର୍ଗ କାଢ଼ିଛି। ଶୀତଋତୁ ଶେଷ ସମୟରୁ ପାନୀୟ ଜଳ ସମସ୍ୟାକୁ ଏଡ଼ାଇବା ପାଇଁ ଆଗୁଆ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ଏହାର କେତେଦୂର ସୁଫଳ ମିଳିବ କହି ହେଉନାହିଁ। ନୟାଗଡ଼ ଓ ଖଣ୍ଡପଡ଼ା ସହରକୁ ପ୍ରତିଦିନ ୬.୫ ମିଲିୟନ ଲିଟର ପାନୀୟ ଜଳର ଆବଶ୍ୟକତା ରହିଛି। ତେବେ ଆବଶ୍ୟକତା ଶୀତଋତୁର ଶେଷ ପର୍ଯ୍ୟାୟରେ ଆଉ ମହାନଦୀ ପୂରଣ କରିପାରୁନାହିଁ। ଏ ନେଇ ନୟାଗଡ଼ ସବ ଡିଭିଜନ ଜନସ୍ୱାସ୍ଥ୍ୟ ବିଭାଗର ଭାରପ୍ରାପ୍ତ ଅଧିକାରୀ ଶରତ କୁମାର ନାୟକ କହିଛନ୍ତି, ଗ୍ରୀଷ୍ମଋତୁର ପାନୀୟ ଜଳ ସଙ୍କଟକୁ ଏଡ଼ାଇବା ପାଇଁ ଆଗୁଆ ପଦକ୍ଷେପ ନିଆଯାଇଛି। ବାଣପୁର ମହାନଦୀ ଘାଟରୁ ଜଳଧାର ରହିଥିବା ପ୍ରାୟ ୩ କି.ମି. ଖନନ କାର୍ଯ୍ୟ ଚାଲୁ ରହିଛି ବୋଲି ସେ କହିଛନ୍ତି।

## ଫେଲ ହୋଇପାରେ ପଦ୍ମାବତୀରୁ ପାଣିପମ୍ପ

ମହାନଦୀର ବାଣପୁର ମହାନଦୀର ଘାଟରୁ ନୟାଗଡ଼ ଓ ଖଣ୍ଡପଡ଼ା ସହରକୁ ପାନୀୟ ଜଳ ଯୋଗାଣ ହେଉଛି। ତେବେ ଭାପୁର ବ୍ଲକର ପଦ୍ମାବତୀ ନଦୀଘାଟରୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ଜିଲାର ବିଭିନ୍ନ ବ୍ଲକକୁ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଚାଲୁ ରହିଛି। ପ୍ରତିବର୍ଷ ମହାନଦୀ ଶୁଖିଲା ପଡ଼ିବା ଅଞ୍ଚଳ ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ବାଣପୁର ପାଣି ପମ୍ପ ଉପରେ ପଡୁଛି। ଖଣ୍ଡପଡ଼ା ଓ ନୟାଗଡ଼ ସହରକୁ ବାଣପୁର ପାଣିପମ୍ପ ଗ୍ରୀଷ୍ମ ଋତୁରେ ଦିନକୁ ୬.୫ ମିଲିୟନ ଲିଟର ପାଣି ଯୋଗାଇବାରେ ଅସମର୍ଥ ହେଉଛି। ଏଭଳିସ୍ଥଳେ ଜିଲାର ବିଭିନ୍ନ ବ୍ଲକ ପାଇଁ ପଦ୍ମାବତୀ ପାଣିପମ୍ପ ୭୦ ମିଲିୟନ ଲିଟର ପାଣି ଯୋଗାଇବା ବିଶ୍ୱାସ ହୋଇପାରୁନି। ବାଣପୁର ପାଣିପମ୍ପକୁ ଅନୁଧ୍ୟାନ କଲା ପରେ ପଦ୍ମାବତୀ ପାଣିପମ୍ପ ପ୍ରକଳ୍ପ ଗ୍ରୀଷ୍ମଋତୁରେ ଫେଲ ହୋଇ ପାରେ ବୋଲି ଅନୁରୂପ ଭାବେ ଆଶଙ୍କା ଦେଖା ଦେଲାଣି। ଏଣୁ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବାରୁ ପାନୀୟଜଳ ସଙ୍କଟ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ ସାଧାରଣରେ ଦାବି ଉଠିଛି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅର୍ଚ୍ଚନା



@ ବିରଞ୍ଚି



@ ସନ୍ତୋଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସେମିରେ ପାୱାର କିଙ୍ଗ୍ ବାଙ୍କୀ ବିଜୟୀ



ଖଣ୍ଡପଡ଼ା,୧୩।୧(ଅଜୟ କୁମାର ମହାରଣା)

## ଖଲିସାହି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଖଣ୍ଡପଡ଼ା ବ୍ଲକ ଅଧୀନ ଖଲିସାହି ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବଡ଼ପଡ଼ିଆରେ ଚାଲିଥିବା ୨ୟ ଟି-୨୦ ଖଲିସାହି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସୋମବାର ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପାୱାର କିଙ୍ଗ୍ ବାଙ୍କୀ କ୍ରିକେଟ କ୍ଲବ ସହ କିଆଝର ଢେଙ୍କାନାଳ କ୍ରିକେଟ ଟିମକୁ ମଧ୍ୟରେ ହୋଇଥିଲା। ବାଙ୍କୀ ଟିମ୍ ୬୫ ରନ ବ୍ୟବଧାନରେ ବିଜୟ ଲାଭକରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ପାୱାର କିଙ୍ଗ୍ ବାଙ୍କୀ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂକରି ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୦୭ ରନ ସଂଗ୍ରହ କରିଥିଲା। ଜବାବରେ କିଆଝର ଢେଙ୍କାନାଳ ଟିମ୍ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୪୫ ରନ୍ ସଂଗ୍ରହ କରିଥିଲା। ବିଜୟୀ ଦଳର ସଂଗ୍ରାମ ମାଝି ବ୍ୟକ୍ତିଗତ ୩୩ ଟି ବଲରେ ୯ଟି ଚୌକା ଓ ୧୧ଟି ଛକା ସହାୟତାରେ ୧୧୨ ରନ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲା। ରବିନାରାୟଣ ମିଶ୍ର ଓ ଦୀପକ ସାହୁ ଖେଳକୁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଗୌରାଙ୍ଗ ଚରଣ ସେଠୀ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଦଶଦୋଳ କମିଟିର ଉପସଭାପତି ଫକିର ମୋହନ ସାହୁ ଯୋଗଦେଇଥିଲେ। ମଙ୍ଗଳବାର ବିଏନ୍‌ସିସି କଟକ କ୍ରିକେଟ୍ କ୍ଲବ୍ ସହ ପାୱାର କିଙ୍ଗ୍ ବାଙ୍କୀ କ୍ରିକେଟ୍ କ୍ଲବ୍ ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକ ସମ୍ପାଦକ ଶରତ କୁମାର ସାହୁଙ୍କ ସୂତ୍ରରୁ ପ୍ରକାଶ।

# ସୁନାବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ଖଣ୍ଡପଡ଼ା,୧୩।୧(ଅଜୟ କୁମାର ମହାରଣା)

ପବିତ୍ର ପୌଷ ପୂର୍ଣ୍ଣମୀ ଅବସରରେ ଶ୍ରୀନୀଳମାଧବ ଜୀଉଙ୍କ ଦେବାଭିଷେକ ସୋମବାର ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ପୂଜକ ସମାଜ ଓ ଦେବୋତ୍ତର ବିଭାଗ ସହଯୋଗରେ ୮୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ସୁନା ଶ୍ରୀପୟର ଲାଗି ହୋଇଥିବା ଖବର ପ୍ରସାରିତ ପରେ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ ଲାଗି ସକାଳୁ ମନ୍ଦିରରେ ଗହଳି ଲଗାଇ ଦେଇଥିବା ପରିଲକ୍ଷିତ ହୋଇଛି। ତେବେ ଏହି ପାରମ୍ପରିକ ଉତ୍ସବ ପାଇଁ ଦେବୋତ୍ତର ବିଭାଗର ପ୍ରଚାରପ୍ରସାର ଦିଗରେ ଆନ୍ତରିକତାର ଅଭାବ ଯୋଗୁ ଜଗନ୍ନାଥ ସଂସ୍କୃତିର ଆଦି ଠାକୁର ଭାବେ ପରିଚିତ ଶ୍ରୀନୀଳମାଧବ ଜୀଉଙ୍କ ବିଭିନ୍ନ ଯାନିଯାତ୍ରା ମଉଳିଯାଉଥିବା ଅଭିଯୋଗ ହେଉଛି।

ସୋମବାର ଭୋର ୫ଟାରେ ଶ୍ରୀଜୀଉଙ୍କ ପହଡ଼ ଭଙ୍ଗ ଓ ମଙ୍ଗଳ ଆଳତି ପରେ ମଇଲମ, ତଡ଼ପ ଲାଗି ଓ ଅବକାଶ ବଢ଼ିଥିଲା। ପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ଭଅଣ୍ଡ ପୂଜା

### ଶ୍ରୀନୀଳମାଧବ ଜୀଉଙ୍କ ସୁନାବେଶ



ଧୂପ ଓ ହୋମ ପୂର୍ବ ନିର୍ଘଣ୍ଟ ବିଧିବିଧାନ କ୍ରମେ ଅନୁଷ୍ଠିତ ହୋଇଯାଇଛି। ସାଢ଼େ ୧୧ଟାରେ ଅମୃତମଣୋହି ହୋଇ ଛତିଶା ନିଯୋଗୀ ତଥା ପାଟ ପଟୁଆରର ସଂକୀର୍ତ୍ତନ ଛତି ତ୍ରାସ ସହ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ ଓ ଦେବୋତ୍ତର କର୍ମଚାରୀ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମନ୍ଦିରକୁ ଅଙ୍କୁରାରୋପଣ ସାମଗ୍ରୀ ସହ ଠାକୁରଙ୍କ ଲାଗିହେବା ପାଇଁ ସୁନା ଅଳଙ୍କାର ନେଇଯାଇଥିଲେ। ପରେ ତହସିଲଦାର ତ୍ରିପାଠୀ ମା'ଙ୍କୁ ପ୍ରଥମ ଭେଟି ପ୍ରଦାନ ପରେ ମା'ଙ୍କୁ ପୂଜାର୍ଚ୍ଚନାକରି ଶ୍ରୀଜୀଉଙ୍କ ନିକଟକୁ ନିମନ୍ତ୍ରଣକରି ଆଣିଥିଲେ। ମା'ଲକ୍ଷ୍ମୀ ବିଜେ ହେବା ପରେ ନୀଳମାଧବ ଜୀଉଙ୍କ ଶ୍ରୀପୟର ଲାଗି ଅଭିଷେକ ନୀତି ସୁନାବେଶ ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ସାଢ଼େ ୧ଟାରେ ମଧ୍ୟାହ୍ନ ଧୂପ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଜୀଉଙ୍କ ପାଟବସ୍ତ୍ର ଲାଗି ହେବା ପରେ ଅପରାହ୍ନ ଗୋଟାଏ ସମୟରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ସାହାଣ ମେଲା ହୋଇଥିଲା। ଭକ୍ତମାନେ ଠାକୁରଙ୍କ ସୁନାବେଶ ଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଥିଲା।

# ଜାତୀୟ ଯୁବ ଦିବସ



ଖଣ୍ଡପଡ଼ା,୧୩।୧(ଅଜୟ କୁମାର ମହାରଣା)

ପଠାଣିସାମନ୍ତ ପୂଜ୍ୟପୂଜା ପରିଷଦ ଖଣ୍ଡପଡ଼ା ପକ୍ଷରୁ ରବିବାର ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ମହେନ୍ଦ୍ର ବାରିକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ୱାମିଜୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସ୍ୱାମୀ ବିବେକାନନ୍ଦଙ୍କ ନୀତି, ଆଦର୍ଶ ଓ ଜୀବନୀ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏବର ଯୁବ ସମାଜ ସେହି ମହାନ୍ ବ୍ୟକ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ବାରିକ ପରାମର୍ଶ ଦେଇଥିଲେ।

# ବିଶ୍ୱଶାନ୍ତି ଗୀତାଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ଖଣ୍ଡପଡ଼ା,୧୩।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବାଣପୁର ପଞ୍ଚାୟତ ଚୈତନ୍ୟପୁରସ୍ଥିତ ଶ୍ରୀଆନନ୍ଦେଶ୍ୱର ମହାଦେବଙ୍କ ପୀଠରେ ମଙ୍ଗଳବାର ମକର ସଂକ୍ରାନ୍ତି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଓ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଅଧିବାସ ଉପଲକ୍ଷେ ଗାଁର ଶତାଧିକ ମହିଳାପୁରୁଷ ନିକଟସ୍ଥ ମହାନଦୀ ଘାଟରୁ କଳସୀରେ ଜଳ ସଂଗ୍ରହକରି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାକରି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ପରେ ପରେ ଯଜ୍ଞକର୍ମ ଆରମ୍ଭ ହୋଇଥିଲା।

# ସମାଜରେ ସଂସ୍କାର ଆଣିବାକୁ ପିତାମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନୟାଗଡ଼,୧୩।୧(ଲୋକନାଥ ମିଶ୍ର)

## ଆଦର୍ଶ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ନୟାଗଡ଼ ହାଉସିଂ ବୋର୍ଡ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ବିଂଶତମ ବାର୍ଷିକ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସମ୍ପାଦକ ଶ୍ରୀଧର ସାହୁଙ୍କ ଆବାହକତ୍ୱ ଓ ବିଦ୍ୟାଳୟର ଉପଦେଷ୍ଟା ପ୍ରାଧ୍ୟାପକ ଅଶୋକ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ସମାଜରେ ସଂସ୍କାର ଆଣିବା ପାଇଁ ପିତାମାତାଙ୍କ ବିଶେଷ ଭୂମିକା ଥିବା ବିଷୟରେ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଅତିଥି ଭାବେ ପଦ୍ମବିଭୂଷଣ ପ୍ରାପ୍ତ ଶିଳ୍ପୀ ଗୁରୁ ସୁଦର୍ଶନ ସାହୁ, ମୁଖ୍ୟବକ୍ତା ଭାବେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପୂର୍ବତନ ଉପଦେଷ୍ଟା ପଦ୍ମଶ୍ରୀ ସମ୍ମାନ ପ୍ରାପ୍ତ ପ୍ରଫେସର ଆଦିତ୍ୟ ପ୍ରସାଦ ଦାସ ଓ ସମ୍ମାନିତ ଅତିଥି ଭାବେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ ଯୋଗଦେଇଥିଲେ। ଅତିଥିମାନେ ସ୍ୱାମୀ ବିବେକାନନ୍ଦ ଥିଲେ ଭାରତବର୍ଷର ପ୍ରାଣ ଏବଂ ତାଙ୍କ ଆଦର୍ଶ ଜୀବନୀ ସମସ୍ତ ଯୁବ ସମାଜ ଓ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ବକ୍ତବ୍ୟ ରଖିଥିଲେ। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡ଼ିଶାର ସର୍ବୋଚ୍ଚ ସମ୍ମାନ ଉତ୍କଳ ଜ୍ୟୋତି ସମ୍ମାନ ଗ୍ରହଣ କରି ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଥିବା ଷଷ୍ଠ ଶ୍ରେଣୀର ଛାତ୍ରୀ ବିଶ୍ୱବିଜିତା ମହାନ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ବିଦ୍ୟାଳୟର ପୂର୍ବତନ ଓଡ଼ିଆ ଶିକ୍ଷକ ଚାରଣ ବସନ୍ତ କୁମାର ପୂଜାପଣ୍ଡା, ସର୍ବଶିକ୍ଷା ଅଭିଯାନର ପୂର୍ବତନ ରାଜ୍ୟ ରିସୋର୍ସ ପର୍ସନ ରବି ନାରାୟଣ ପାତ୍ର ଓ ହର୍ଟିକଲଚର ଅଫିସର ଅଜିତ କୁମାର ନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଦ୍ୟାଳୟ ସମ୍ପାଦକଙ୍କ ରଚିତ ନାଟକ 'କର୍ମଫଳ' ମଞ୍ଚସ୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁମା'ଗୁରୁଜୀ ସହଯୋଗ କରିଥିଲେ। ଛାତ୍ରୀ ବିଶ୍ୱବିଜିତା ମହାନ୍ତି ଓ ରଞ୍ଜନ ଗୁରୁଜୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ପ୍ରିୟମ୍ବଦା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୮୫ ଅଭିଯୋଗ ପଞ୍ଜୀକୃତ ୧୬ ତତ୍କାଳ ସମାଧାନ

ଓଡ଼ଗାଁ ୧୩।୧(ଆଦର୍ଶ କୁମାର ପଟ୍ଟନାୟକ)

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଜିଲାପାଳ ଓ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଲୋକେ ଅଭିଯୋଗ କରୁଛନ୍ତି।

ନୟାଗଡ଼ ଜିଲ୍ଲା ଓଡ଼ଗାଁ ପଞ୍ଚାୟତ ସମିତି ପରିସରରେ ସୋମବାର ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ଏସ୍‌ପି ଏସ୍. ସୁଶ୍ରୀ, ଏସ୍‌ଡିପିଓ ତୋମନ ଚରଣ ଟୁଡୁ ଏବଂ ଜିଲା ସଡ଼କ ଓ ପରିବହନ ଅଧିକାରୀ ପ୍ରତାପ ପରିଡ଼ା, ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ଜିଲା ଅଧିକାରୀମାନଙ୍କ ଉପସ୍ଥିତିରେ ୮୫ ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ୭୭ଟି ବ୍ୟକ୍ତିଗତ ରହିଥିବା ବେଳେ ୮ଟି ସାମୂହିକ ଥିଲା। ଶିବିରରେ ୧୬ ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅବଶିଷ୍ଟ ଅଭିଯୋଗଗୁଡିକର ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ପଠାଇ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ, ବ୍ଲକ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁଙ୍କ ସହ ବିଭାଗୀୟ ପଦସ୍ଥ ଅଧିକାରୀମାନେ ଯୋଗଦେଇ ଅଭିଯୋଗ ଶୁଣିଥିଲେ। କୁରାଳ ପଞ୍ଚାୟତ ଲିଙ୍ଗରାଜ ପ୍ରସାଦ ଗ୍ରାମର ତମୁଣୀ ସିଂଙ୍କୁ ତୁରନ୍ତ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ପଞ୍ଚରିଡ଼ା ମାନପୁର ଓ କୋମଣ୍ଡ ପଞ୍ଚାୟତ ଉଦୟପୁର ଗାଁର ଆବାସ ଯୋଜନା ୫ଜଣ ଲେଖାଏ ହିତାଧିକାରୀ ସମସ୍ତ କାର୍ଯ୍ୟ ସାରିଥିଲେ ମଧ୍ୟ ସେମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାବଦର ଅର୍ଥ ମିଳି ନ ଥିବା ନେଇ ଅଭିଯୋଗ ହୋଇଥିଲା। ରୋହିବାଙ୍କ ପଞ୍ଚାୟତର ଦଣ୍ଡପାଣି ବିଶୋଇ ଭୂମିହୀନ ନିରାଶ୍ରୟ। ତାଙ୍କର ଭିନ୍ନକ୍ଷମ ସ୍ତ୍ରୀଙ୍କ ପାଇଁ ଭତ୍ତା ଏବଂ ରାଶନ୍ କାର୍ଡ ପାଇବା ନିମନ୍ତେ ଅଭିଯୋଗ କରିଥିଲେ। ପଣ୍ଡିଖାରୀ ପଞ୍ଚାୟତ କୈବଲ୍ୟପୁର ଗ୍ରାମର ୮୦ ବର୍ଷର ଲକ୍ଷ୍ମଣ ଗଣ୍ଡ ଭତ୍ତା ପାଇ ନ ଥିବା ଅଭିଯୋଗ ହୋଇଥିଲା। ସେହିପରି କୁରାଳରେ ୮ ଦିନ ହେବ ଗୃହବନ୍ଦୀ ଥିବା ୮ ପରିବାର ଜିଲାପାଳଙ୍କୁ ରାସ୍ତା ଦେବାକୁ ଦାବି ଜଣାଇଥିଲେ। ଏତଦବ୍ୟତୀତ ବିଭିନ୍ନ ସମସ୍ୟା ନେଇ ଓଡ଼ଗାଁ ବାର ଆସୋସିଏଶନର ସଭ୍ୟମାନେ ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ହରାଇଲେ ୧୩ ଲକ୍ଷ କୋଟି

- ୪ଦିନରେ ୨୫ ଲକ୍ଷ କୋଟି କ୍ଷତି
- ୧୦୪୯ ପଏଣ୍ଟ କମିଲା ସେନସେକ୍ସ
- ୨୩,୦୦୦ ଉପରେ ନିଫ୍ଟି

ମୁମ୍ବାଇ,୧୩।୧ (ଅଭୟ ଦାଶ)



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀ ସାଙ୍ଗକୁ ଭାରତୀୟ ଟଙ୍କା ମୂଲ୍ୟ ହ୍ରାସର ପ୍ରଭାବ ଭାରତୀୟ ଷ୍ଟକ ମାର୍କେଟ (ପୁଞ୍ଜି ବଜାର) ଉପରେ ସିଧାସଳଖ ପଡୁଥିବା ଘରୋଇ ଶେୟାର ବଜାରର କାରବାର ଫଳାଫଳରୁ ସ୍ପଷ୍ଟ ବାରି ହେଉଛି। ଏପରିକି ଗତ ସପ୍ତାହର କାରବାର ଓ ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜି ବଜାରର ନିବେଶକମାନେ ମୋଟ ୧୩ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଥିଲାବେଳେ ଗତ ୪ଟି କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ନିବେଶକ ପ୍ରାୟ ୨୫ (୨୪.୬୯) ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଗତ ସପ୍ତାହର ଶେଷ କାରବାର ଫଳାଫଳ ସୁଦ୍ଧା ପୁଞ୍ଜି ବଜାରର ବଜାର ପୁଞ୍ଜି ୪୩୦ ଲକ୍ଷ କୋଟି ଥିଲାବେଳେ ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ (ସୋମବାର)ର ଫଳାଫଳ ଶେଷ ସୁଦ୍ଧା ଶେୟାର ବଜାରର ନିବେଶକମାନେ ପ୍ରାୟ ୧୩ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଫଳରେ ପୁଞ୍ଜି ବଜାରର ବଜାର ପୁଞ୍ଜି ୧୩ ଲକ୍ଷ କୋଟି ହ୍ରାସ ପାଇ ୪୧୭ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର କାରବାର ସୋମବାର ବେଶ ପ୍ରଭାବିତ ହୋଇଛି। ଏପରିକି ବିଏସଇ ସେନସେକ୍ସର କାରବାର ପ୍ରାୟ ୧୦୪୯ ପଏଣ୍ଟ ହ୍ରାସ ଘଟି୭୬,୩୩୦.୦୧ ଅଙ୍କରେ କାରବାର ବନ୍ଦ ହୋଇଥିଲାବେଳେ ନିଫ୍ଟି ୧.୪୭% ହ୍ରାସ ଘଟି ୨୩,୦୮୫.୯୫ ଅଙ୍କରେ କାରବାର ବନ୍ଦ ରହିଥିଲା। ଅପରପକ୍ଷରେ ୩୦ ଶେୟାର ବିଶିଷ୍ଟ ବିଏସଇ ମିଡକ୍ୟାପ ଏବଂ ସ୍ମଲକ୍ୟାପର କାରବାର ୪% ଲେଖାଏ ହ୍ରାସ ଘଟିଛି। ଏପରିକି ନିଫ୍ଟି ମିଡକ୍ୟାପର କାରବାର ୪.୦୨% ହ୍ରାସ ଖଟି ୫୨,୩୧୦.୪୦ ଅଙ୍କରେ ବନ୍ଦ ହୋଇଥିଲାବେଳେ ସ୍ମଲକ୍ୟାପର କାରବାର ୩.୮୦% କମି ୮୦୬୮.୨୦ ଅଙ୍କରେ ଶେଷ ହୋଇଥିଲା। ସେହିପରି ନିଫ୍ଟି ବ୍ୟାଙ୍କର କାରବାର ୮୯୨.୯୦ ପଏଣ୍ଟ ହ୍ରାସ ଘଟି ୪୮,୦୪୧.୨୫ଅଙ୍କରେ ବନ୍ଦ ହୋଇଥିଲା। ଏପରିକି ସେକ୍ଟୋରାଲ କାରବାରରେ ପିଏସୟୁ ବ୍ୟାଙ୍କ, ଅଟୋ, ମେଟାଲ ଏବଂ ମିଡିଆ ଭଳି ପ୍ରମୁଖ ନିବେଶକମାନେ ପ୍ରାୟ ୩ରୁ ୫% ନିବେଶ ହରାଇଛନ୍ତି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନସେକ୍ସ ୧୦୪୯ (୧୦୪୮.୯୦) ପଏଣ୍ଟ କମି ୭୬,୩୩୦(୭୬,୩୩୦.୦୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୩୪୬ (୩୪୫.୫୫) ପଏଣ୍ଟ ହ୍ରାସ ଘଟି ୨୩,୦୮୬(୨୩,୦୮୫.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ୫ଷ୍ଟାର ର୍ୟାଙ୍କିଙ୍ଗ୍



ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

ଦ୍ୱାରକାରେ ଆୟୋଜିତ ଏକ ସମାବେଶରେ ସିଇଡି ଫାଉଣ୍ଡେଶନ ଦ୍ୱାରା କଟକ ବାରବାଟି ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ କ୍ରମାଗତ ଭାବେ ଷ୍ଟାର ର୍ୟାଙ୍କିଙ୍ଗ୍‌ରେ ୫ ଷ୍ଟାର ପ୍ରାପ୍ତ କରିପାରିଛି। ଏ++ ଗାର୍ଡ ସହିତ ପରୀକ୍ଷଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଥିବା ବିଦ୍ୟାଳୟ ଭାବରେ ଏହି ବିଦ୍ୟାଳୟ ସ୍ୱୀକୃତିପ୍ରାପ୍ତ ହୋଇଥିବାବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକଙ୍କ ଦୂରଦୃଷ୍ଟି ଓ ବଳିଷ୍ଠ ନେତୃତ୍ୱରେ ବିଦ୍ୟାଳୟ ଏହି ସଫଳତା ହାସଲ କରିପାରିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଶ୍ରୀଧର ଶ୍ରୀବାସ୍ତବ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଦିନେଶ ସିଂହ ଯୋଗଦେଇଥିବାବେଳେ ଡ. ପ୍ରିୟଦର୍ଶୀ ନାୟକ, ଡ. ଏ କେ ଶର୍ମା, ଅନୁଭୂତି ମେହେଟା, ଡ. ଶୁନିଲ ତ୍ରିପାଠି ପ୍ରମୁଖ ଦେଇଥିଲେ । ସେହିପରି କଟକର ସେଣ୍ଟ ଜାଭିୟର ହାଇସ୍କୁଲ ବାରବାଟୀ କ୍ୟାମ୍ପସରୁ ଯୋଗେଶ ବର୍ମା ପିଜିଟି ବାଣିଜ୍ୟ ଭାରତ ଆଇକନିକ ଏଡୁକେଟର୍ ଭାବେ ପୁରସ୍କୃତ ହୋଇଛନ୍ତି। ସୂଚନାଥାଉକି, ଷ୍ଟାର ରାଙ୍କି ପାଇଁ ମୋଟ ୨୩ ଟି ରାଜ୍ୟ ରୁ ୧୪୫୬ ଟି ବିଦ୍ୟାଳୟ ର ଆବେଦନ ପତ୍ର ଗ୍ରହଣ କରାଯାଇ ଥିଲା । ଏଥିରୁ ୧୦୩ଟି ବିଦ୍ୟାଳୟ ନିର୍ବାଚିତ ହୋଇଥିଲେ । ଏ ସମସ୍ତ ବିଦ୍ୟାଳୟ ମଧ୍ୟରେ କଟକ ବାରବାଟି ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ୫ ଷ୍ଟାର ର୍ୟାଙ୍କିଙ୍ଗ ପାଇବାର ଗୌରବ ଅର୍ଜନ କରିଛି ।

## ସିଆଚେନ୍ ଗ୍ଲାସିଅରରେ ଜିଓର ୫ଜି ନେଟୱର୍କ



ମୁମ୍ବାଇ,୧୩।୧

ବିଶ୍ୱର ସର୍ବୋଚ୍ଚ ଯୁଦ୍ଧ କ୍ଷେତ୍ର ସିଆଚେନ୍ ଗ୍ଲାସିଅରରେ ରିଲାଏନ୍ସ ଜିଓର ୫ଜି ନେଟୱର୍କ ଉପଲବ୍ଧ ହୋଇଛି। ଏପରିକି ଭାରତୀୟ ସେନାର 'ଫାୟାର ଆଣ୍ଡ ଫ୍ୟୁରି କର୍ପସ' ଏହି ସେବା ସମ୍ପର୍କରେ ଏକ ଟୁଇଟ୍ କରି ବିସ୍ତୃତ ସୂଚନା ପ୍ରଦାନ କରିଛି। ଅପରପକ୍ଷରେ ସେନାର ସୂଚନା ଅନୁଯାୟୀ, ଜିଓ ଏବଂ ଭାରତୀୟ ସେନା ମିଳିତ ଭାବେ ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର ସିଆଚେନ୍ ଗ୍ଲାସିଅର୍ ଉପରେ ପ୍ରଥମ ୫ଜି ମୋବାଇଲ୍ ଟାୱାର ସ୍ଥାପନ କରିଛନ୍ତି। ବିଶେଷକରି ସିଆଚେନ୍‌ର ଏକ ଫରୱାର୍ଡ ପୋଷ୍ଟଠାରେ ଏହା ନିୟୋଜିତ କରାଯାଇଛି। ୨୦୨୫ ଜାନୁୟାରୀ ୧୫ରେ ସେନା ଦିବସ ଅବ୍ୟବହିତ ପୂର୍ବରୁ ସିଆଚେନ୍ ଗ୍ଲାସିଅରରେ ୪ଜି ଏବଂ ୫ଜି ସେବା ଆରମ୍ଭ କରି ଜିଓ ଏକ ଅଭୂତପୂର୍ବ ସଫଳତା ହାସଲ କରିଛି। ସିଆଚେନ୍ ଗ୍ଲାସିଅରରେ ସେବା ଆରମ୍ଭ କରିବାରେ ଜିଓ ଦେଶର ପ୍ରଥମ ଅପରେଟର ମଧ୍ୟ ହୋଇପାରିଛି।

ସେହିଭଳି ଏହାକୁ ଏକ ଉଲ୍ଲେଖନୀୟ ସଫଳତା ଭାବେ ଅଭିହିତ କରି ସେନା ପକ୍ଷରୁ କୁହାଯାଇଛି, ଏହି ଅଦମ୍ୟ ସଫଳତା ଆମର ସାହସୀ ସୈନିକମାନଙ୍କ ପାଇଁ ସମର୍ପିତ। ଯେଉଁମାନେ ଆହ୍ୱାନମୂଳକ କଠିନ ପରିସ୍ଥିତିରେ ନିୟୋଜିତ ଥାଇ ଏହି ଆହ୍ୱାନକୁ ସମ୍ପୂର୍ଣ୍ଣ କରିଥିଲେ। ଏଭଳି ଉଚ୍ଚତାରେ ଟାୱାର ନିର୍ମାଣ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ରହିଥିଲାବେଳେ ସେନା ପକ୍ଷରୁ ସାମଗ୍ରୀ ସହିତ କାର୍ଯ୍ୟ କରୁଥିବା ସଦସ୍ୟମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇଥିଲା। ଏଥିସହିତ ଜିଓ ଏହାର ସ୍ୱଦେଶୀ ଫୁଲ-ଷ୍ଟାକ ୫ଜି ଜ୍ଞାନକୌଶଳ ବ୍ୟବହାର କଲା। ଜିଓ ଦଳ ସହିତ ମିଳିତ ଭାବେ ଫାୟାର ଆଣ୍ଡ ଫ୍ୟୁରି ସିଗନାଲର୍ ଏବଂ ସିଆଚେନ୍ ୱାରିୟର୍ସ ଉତ୍ତର ଗ୍ଲାସିଅରରେ ୫ଜି ଟାୱାର ସ୍ଥାପନ କରିଥିଲେ। ସୂଚନାଯୋଗ୍ୟ, ଏହି ଅଞ୍ଚଳର ତାପମାତ୍ରା ମାଇନସ ୫୦ଡିଗ୍ରୀରୁ ତଳକୁ ଖସିଯାଏ । ଶୀତଳ ପବନ ଏବଂ ତୁଷାର ଝଡ଼ ଏଠାରେ ବାରମ୍ବାର ଘଟିଥାଏ ।

## ଲୁହା, ଇସ୍ପାତ ଆମଦାନୀ ଉପରେ ଆଣ୍ଟି ଡମ୍ପିଂ ଟିକସ ଲଗାଇଲା ମାଲେସିଆ



ନୂଆଦିଲ୍ଲୀ,୧୩।୧

ଭାରତ, ଚାଇନା, ଜାପାନ ଓ ଦକ୍ଷିଣ କୋରିଆରୁ ଆମଦାନୀ ହେଉଥିବା ଲୁହା ଏବଂ ଅଣମିଶ୍ରିତ ଇସ୍ପାତର କିଛି ଉତ୍ପାଦ ଉପରେ ମାଲେସିଆ ଅସ୍ଥାୟୀ ଭାବେ ଆଣ୍ଟି ଡମ୍ପିଂ ଟିକସ ଲାଗୁ କରିଛି। ଜାନୁଆରୀ ୧୧ରୁ ଏହାକୁ କାର୍ଯ୍ୟକାରୀ କରାଯାଇଛି ବୋଲି ମାଲେସିଆର ବାଣିଜ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ୬୦୦ ମି.ମି. (୨୩.୬୨ ଇଞ୍ଚ)ରୁ ଅଧିକ ଓସାର ଥିବା ଉତ୍ପାଦଗୁଡ଼ିକ ଉପରେ ୨.୫୨%ରୁ ୩୬.୮୦% ପର୍ଯ୍ୟନ୍ତ ଟିକସ ଲାଗୁହେବ। ମାଲେସିଆ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି, ଏହି ଅସ୍ଥାୟୀ ଆଣ୍ଟି ଡମ୍ପିଂ ଟିକସ ଦେଶରେ ୧୨୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ। ତେବେ ମେ' ୧୦ ପରେ ଏହି ଟିକସ ପୁନର୍ବାର ଲାଗୁ କରାଯିବ କି ନାହିଁ ସେନେଇ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ। ଏକ ଘରୋଇ ଉତ୍ପାଦକଙ୍କ ଆବେଦନ ପରେ ଗତବର୍ଷ ଅଗଷ୍ଟରେ ଭାରତ, ଚାଇନା, ଜାପାନ ଓ ଦକ୍ଷିଣ କୋରିଆରୁ ଆମଦାନୀ ହେଉଥିବା ଲୁହା ଓ ଇସ୍ପାତର ଉତ୍ପାଦ ଉପରେ ଯାଞ୍ଚ କରାଯାଇଥିଲା। ଉକ୍ତ ଯାଞ୍ଚର ତଥ୍ୟକୁ ଆଧାର କରି ଆଣ୍ଟି ଡମ୍ପିଂ ଟିକସ ଲାଗୁ କରାଯାଇଥିବା ନେଇ ଦେଶର ବାଣିଜ୍ୟ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

## ଆର୍‌ସିଇଏମ୍‌କୁ ନାକ୍ ବି++ ମାନ୍ୟତା

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

ରାଜଧାନୀ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ମ୍ୟାନେଜମେଣ୍ଟ (ଆର୍‌ସିଇଏମ୍)କୁ ନାକ୍ ବି++ ମାନ୍ୟତା ମିଳିଛି। ନିକଟରେ ଦୁଇଦିନ ଧରି ନାକ୍ ପିୟର ଟିମ୍‌ର ତିନିଜଣିଆ ସଦସ୍ୟ ଆର୍‌ସିଇଏମ୍ କ୍ୟାମ୍ପସ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟର ପରିଚାଳନା, ପରିସର, ଶିକ୍ଷାବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ସନ୍ତୁଷ୍ଟିକରଣ ଉପରେ ସେମାନେ ଖୁସିବ୍ୟକ୍ତ କରିଥିଲେ। ତେବେ ଏହି ମାନ୍ୟତା ନେଇ ମହାବିଦ୍ୟାଳୟର ସମ୍ପାଦକ ସୁରେଶ କୁମାର ସାମଲ, ପରିଚାଳନା ସଦସ୍ୟ ଅଧ୍ୟକ୍ଷ, ଡିନ ଡ. ମାନସ ରଞ୍ଜନ ମଲ୍ଲିକଙ୍କ ସମେତ ଛାତ୍ରୀଛାତ୍ର, ଅଭିଭାବକ, ଅଧ୍ୟାପକ ଓ ଅଣଶିକ୍ଷକ ସଦସ୍ୟ ତଥା ପୂର୍ବତନ ଛାତ୍ରୀଛାତ୍ର ନାକ ପିୟର ଟିମ୍‌ର ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଓଏମ୍‌ସି ଉଦ୍ୟାନ କୃଷି ଟିମ୍ ଚାମ୍ପିୟନ

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)



ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉତ୍ସବରେ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ଉଦ୍ୟାନ କୃଷି ଟିମ୍ କ୍ରମାଗତ ଦ୍ୱିତୀୟଥର ଚମ୍ପିଅନ ଟ୍ରଫି ଜିତିଛି। ଓଏମ୍‌ସିର କ୍ୟାମ୍ପସ -୧ ମଧ୍ୟମ ବର୍ଗ ଉଦ୍ୟାନ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଜିତିଥିବା ବେଳେ କ୍ୟାମ୍ପସ-୨ ବୃହତ୍ ବର୍ଗ ଉଦ୍ୟାନ ପ୍ରତିଯୋଗିତାରେ ତୃତୀୟ ପୁରସ୍କାର ହାସଲ କରିଛି। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ପକ୍ଷରୁ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ସହଯୋଗରେ ଏକାମ୍ର କାନନ ବଟାନିକାଲ ଗାର୍ଡେନରେ ଏହି ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ସୂଚନାଥାଉକି, ଓଡ଼ିଶା ଖଣି ନିଗମ ବାର୍ଷିକ ପୁଷ୍ପ ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ମୋଟ ୩୭ଟି ପୁରସ୍କାର ଜିତିବାର ଗୌରବ ଅର୍ଜନ କରିଛି। ଏଥି ମଧ୍ୟରେ ରାଜ୍ୟସ୍ତରୀୟ ଟ୍ରଫି ସହ ସରସ୍ୱତୀ ଦେବୀ ମେମୋରିଆଲ ଟ୍ରଫି, ଦୁଇଟି ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ଟ୍ରଫି ଏବଂ ବିଶ୍ୱରଞ୍ଜନ ଦାସ ମେମୋରିଆଲ ଟ୍ରଫି ଆଦି ରହିଛି।

## ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୨୨%

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)



ମୁଦ୍ରାସ୍ଫୀତି କ୍ଷେତ୍ରରେ ସାଧାରଣ ଜନତାଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ୨୦୨୪ ଡିସେମ୍ବରରେ ୪ ମାସର ସର୍ବନିମ୍ନ ହାର ୫.୨୨%କୁ ହ୍ରାସ ପାଇଛି। ନଭେମ୍ବରରେ ଏହା ୫.୪୮ ପ୍ରତିଶତରେ ଥିବାବେଳେ ଏକ ବର୍ଷ ପୂର୍ବେ ଅର୍ଥାତ୍ ୨୦୨୩ ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୬୯% ଥିଲା। ସୋମବାର ପ୍ରକାଶିତ ସରକାରୀ ତଥ୍ୟରେ ଏହି ସୂଚନା ଦିଆଯାଇଛି। ଏହାପୂର୍ବରୁ ୨୦୨୨ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ୭.୭୯ ପ୍ରତିଶତରେ ପହଞ୍ଚିଥିଲା। ଖାଦ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ହେତୁ ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ ଘଟିଛି। ଗ୍ରାହକ ଖାଦ୍ୟ ମୂଲ୍ୟ ସୂଚକାଙ୍କ (ସିଏଫ୍‌ପିଆଇ) ଉପରେ ଆଧାରିତ ଖାଦ୍ୟ ମୁଦ୍ରାସ୍ଫୀତି ୮.୩୯%କୁ ହ୍ରାସ ପାଇଛି। ନଭେମ୍ବରରେ ଏହା ୯.୦୫% ଥିଲା। ଏକ ବର୍ଷ ପୂର୍ବେ ସମାନ ଅବଧିରେ ଅର୍ଥାତ୍ ୨୦୨୩ ଡିସେମ୍ବରରେ ଏହା ୯.୫୩% ଥିଲା। ଗତ ମାସରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ମୁଦ୍ରାସ୍ଫୀତି ପୂର୍ବାନୁମାନକୁ ୪.୫%ରୁ ୪.୮%କୁ ବୃଦ୍ଧି କରିଛି। ଖାଦ୍ୟ ମୂଲ୍ୟ ଉପରେ ଚାପ ଯୋଗୁ ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ସାମଗ୍ରିକ ମୁଦ୍ରାସ୍ଫୀତି ଅଧିକ ରହିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟ ଆଶଙ୍କା ପ୍ରକାଶ କରିଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୋଟ ମୁଦ୍ରାସ୍ଫୀତି ଜୁଲାଇ-ଅଗଷ୍ଟ ମଧ୍ୟରେ ହାରାହାରି ୩.୬%ରୁ ସେପ୍ଟେମ୍ବରରେ ୫.୫% ଏବଂ ଅକ୍ଟୋବର ୨୦୨୪ ରେ ୬.୨ ପ୍ରତିଶତକୁ ବୃଦ୍ଧି ପାଇଛି। ଆରବିଆଇକୁ ଖୁଚୁରା ମୁଦ୍ରାସ୍ଫୀତି ୨ ପ୍ରତିଶତ ପରିବର୍ତ୍ତନ ସହିତ ୪% ରଖିବା ପାଇଁ ସରକାର ଦାୟିତ୍ୱ ନେଇଛନ୍ତି। ମୁଦ୍ରାସ୍ଫୀତି ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଗତ ମାସରେ ଉପସ୍ଥାପିତ ହୋଇଥିବା ମୁଦ୍ରାନୀତିରେ ରେପୋ ରେଟରେ କେନ୍ଦ୍ରୀୟ ବ୍ୟାଙ୍କ କୌଣସି ପରିବର୍ତ୍ତନ କରିନାହିଁ।


# Classified Everyday
0674-2580101, 9692975378



REAL ESTATE

SALE

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437192512, 9937846404. D-2563

4BHK Luxurious flat for sale at Unit-3 Kharavelanagar back side of Ram Mandir handover within 2months. Please contact- 9438362399. D-2494

ଫୁଲନଖରା ନିକଟସ୍ଥ Sum hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-76230

Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769. D-2373




Newly open Jyoti Spa Positively Health benefits (Expert Therapist). 8458067955 D-76184

Newly open Spa Health benefits relax refresh good therapist. 9040286886 D-76185

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2564

Newly open health benefits spa by experience lady therapist. 7750040475 D-76188

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an Affidavit sworn before Executive Magistrate, Jagatsinghpur, Dated-06.01.2025, I Bishwanath Bhoi, Address: Village-Purusottampur, P.O.-Kortal, P.S./Dist.-Jagatsinghpur, Odisha -754109 declare that I have changed my daughter's name from Lipsa Priyadarshini Bhoi to Lisa Priyadarshini Bhoi. Henceforth, She shall be known as Lisa Priyadarshini Bhoi for all purposes.(Bishwanath Bhoi) D-2560

By virtue of an Affidavit before Notary Public 13 Jan 2025 Gitanjali Behera, D/o- Bishnu Charan Behera, At-Nayapalli, Khordha, Odisha- 751012 my son's name changed from Anslu Sahoo to Dibyansu Sahoo for all purposes. D-2562

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an Affidavit sworn before the Executive Magistrate, Puri, Dated-23.12.2024, I Pravas Kumar Jena, aged about 53 years, S/o- Late Shyama Sundar Jena, R/o Vill- Rendua, P.O.-Biraharekrushnapur, P.S.- Puri Sadar, Dist.-Puri, declare that in my R.O.R. (Patta) under Mz: Gopinathpur @ Rautarapur, Khata No.-165/506, Plot No.-29/1220, my Father's name recorded as Ghanashyam Jena instead of Shyama Sundar Jena which I further declare that Shyama Sundar Jena and Ghanashyam Jena are one and the same person. Henceforth, my deceased Father,s name will be known as Shyama Sundar Jena for all purposes. D-2561

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଖୋ ଖୋ ବିଶ୍ୱକପ୍ ଉଦ୍‌ଘାଟିତ

ନୂଆଦିଲ୍ଲୀ, ୧୩।୧ (ପି.ଟି.)

ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଏଠାରେ ସୋମବାରଠାରୁ ଆରମ୍ଭ ହୋଇଛି। ଏକ ଚିତ୍ତାକର୍ଷକ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ ଧନକର ପ୍ରଦୀପ ପ୍ରଜ୍ୱଳନ ସହ ଏହି ଇଭେଣ୍ଟର ବିଧିବଦ୍ଧ ଶୁଭାରମ୍ଭ କରିଥିଲେ। ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମୂହ ଏବଂ ହଜାର ହଜାର ସଂଖ୍ୟାରେ ଖେଳପ୍ରେମୀ ଉପସ୍ଥିତ ଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଟୁର୍ନାମେଣ୍ଟର ଉଦ୍‌ଘାଟନ ହୋଇଥିଲା। ବିଶ୍ୱକପ୍‌ରେ ଯୋଗଦେଇଥିବା ବିଭିନ୍ନ ଦେଶର ଖେଳାଳିଙ୍କର ଏକ ମାର୍ଚ୍ଚପାଷ୍ଟ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ୍‌ସେ, ଦିଲ୍ଲୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର ଭିନାଇ କୁମାର ସାକ୍‌ସେନା, ଜମ୍ମୁ କଶ୍ମୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର ମନୋଜ ସିହ୍ନା, ରାଜ୍ୟ ସଭା ସଦସ୍ୟ ରାଜୀବ ଶୁକ୍ଳା ଏବଂ ଇଣ୍ଟରନ୍ୟାଶନାଲ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ (କେକେଏଫ୍‌ଆଇ) ସଭାପତି ସୁଧାଂଶୁ ମିତ୍ତଲ ଅନ୍ୟତମ ଥିଲେ। ଉପରାଷ୍ଟ୍ରପତି ଧନକର ତାଙ୍କର ଅଭିଭାଷଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ୨୩ଟି ଦେଶର ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କୁ ସ୍ୱାଗତ କରିଥିଲେ। ସମଗ୍ର ବିଶ୍ୱ ଖୋ ଖୋ ଉତ୍ସବର ପାଳନ କରୁଥିବା ମନେହେଉଛି ବୋଲି କହିଥିଲେ। ଏହି ସ୍ୱଦେଶୀ ଖେଳ ଦିନେ ନା ଦିନେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ। କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟ କହିଥିଲେ, ଭବିଷ୍ୟତରେ ଖୋ ଖୋକୁ ଏସିଆନ ଗେମ୍ସରେ ସାମିଲ କରିବା ଲାଗି ସେ ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆକୁ ଚିଠି ଲେଖିଛନ୍ତି। ଭାରତ ଏହି ଚମତ୍କାର ଟୁର୍ନାମେଣ୍ଟର ଆୟୋଜନ କରୁଥିବାରୁ ମୁଁ ଗୌରବାନ୍ୱିତ ମନେ କରୁଛି। ଭାରତରେ ଜନ୍ମ ନେଇଥିବା ଖୋ ଖୋ ବର୍ତ୍ତମାନ ବିଶ୍ୱର ୫୦ରୁ ଊର୍ଦ୍ଧ୍ୱ ଦେଶରେ ଖେଳାଯାଉଛି। ଖୋ ଖୋ ଖୁବ୍‌ଶୀଘ୍ର ଏସିଆନ ଗେମ୍ସ ଓ ଅଲିମ୍ପିକ୍ସରେ ସ୍ଥାନ ପାଇବ ବୋଲି ମୁଁ ଆଶା କରୁଛି। ଆଇଓଏ ସଭାପତି ଉଷା କହିଥିଲେ, ଖୋ ଖୋ କେବଳ ଭାରତର ଏକ ଖେଳ ନୁହେଁ, ଭାରତର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ଏହା ଏକ ପ୍ରମାଣ।



ଉଦ୍‌ଘାଟନୀ ସମାରୋହରେ ତ୍ରୀରଙ୍ଗା ସହ ଭାରତୀୟ ଦଳ।

# ଜୋକୋଭିଚ୍‌ଙ୍କ ସଂଘର୍ଷପୂର୍ଣ୍ଣ ବିଜୟ

ମେଲବୋର୍ନ, ୧୩।୧

ସର୍ବୀୟ ଟେନିସ କିମ୍ବଦନ୍ତୀ ନୋଭାକ୍ ଜୋକୋଭିଚ୍, ସ୍ପାନିଶ ସେନସେଶନ କାର୍ଲୋସ ଅଲ୍‌କାରାଜ ଏବଂ ଗତଥରର ଚାମ୍ପିୟନ ଜାନିକ ସିନର ସେମାନଙ୍କର ପ୍ରଥମ ରାଉଣ୍ଡ ମ୍ୟାଚରେ ବିଜୟ ଲାଭ କରିଥିବା ବେଳେ ୨୦୨୩ ରନରଅପ୍ ଷ୍ଟିଫାନସ ସିତ୍‌ସିପାସ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ରଡ୍ ଲାଭର ଆରେନାଠାରେ ୧୦ଥର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ଆମେରିକାର ନିସ୍‌ହେଶ ବାସାଭାରେଡ୍ଡୀଙ୍କୁ ୪-୬, ୬-୩, ୬-୪, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ସେହିପରି ୨୧ ବର୍ଷୀୟ ଅଲ୍‌କାରାଜ କାଜାଖସ୍ତାନର ଆଲେକ୍‌ଜାଣ୍ଡର ସେଭଚେଙ୍କୋଙ୍କ ବିପକ୍ଷରେ ୬-୧, ୭-୫, ୬-୧ ସେଟ୍‌ରେ ବିଜୟ ଲାଭ କରିଛନ୍ତି। ଏହି ମ୍ୟାଚ ପ୍ରାୟ ୨ ଘଣ୍ଟା ଧରି ଚାଲିଥିଲା। ଜାନିକ ସିନର ୭-୬ (୨), ୭-୬ (୫), ୬-୧ ସିଧାସଳଖ ସେଟରେ ଚିଲିର ନିକୋଲାସ ଜେରିଙ୍କୁ ପରାସ୍ତ କରି ତାଙ୍କ ଟାଇଟଲ ଅଭିଯାନ ଆରମ୍ଭ କରିଛନ୍ତି। ଏଥିସହିତ ଉଭୟ ଟୁର୍ ଏବଂ ହାର୍ଡକୋର୍ଟ ଗ୍ରାଣ୍ଡସ୍ଲାମରେ ତାଙ୍କର ବିଜୟ ଧାରା ୧୫କୁ ବୃଦ୍ଧି ପାଇଛି। ସ୍ଥାନୀୟ ଖେଳାଳି ନିକ୍ କିରଗିଓସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ବ୍ରିଟେନର ଜାକବ ଫିଅର୍ନଲିଙ୍କଠାରୁ ସେ ୭-୬, ୬-୩, ୭-୬ରେ ହାରିଯାଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ କୋକୋ ଗଫ୍ ତାଙ୍କ ମ୍ୟାଚ ଜିତିଯାଇଛନ୍ତି। ସେ ୨୦୨୦ ଚାମ୍ପିୟନ ସୋଫିଆ କେନିନ୍‌ଙ୍କୁ ୬-୩, ୬-୩ରେ ହରାଇ ଦେଇଛନ୍ତି। ତୃତୀୟ ସିଡ୍ ଗଫ୍ ଗତ ନଭେମ୍ବରରେ ସ୍ୱିଟେକ୍‌ଙ୍କୁ ପରାସ୍ତ କରି ଡବ୍ଲୁଟିଏ ଫାଇନାଲ୍ସ ଟାଇଟଲ ଜିତିଥିଲେ। ଆମେରିକାର ୨୦ବର୍ଷୀୟ ଆଲେକ୍ସ ମିଚେଲସେନ୍ ତାଙ୍କ ଯୁବ କ୍ୟାରିୟରରେ ଏକ ବଡ଼ ବିଜୟ ହାସଲ କରିଛନ୍ତି। ସେ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଷ୍ଟିଫାନସ ସିତ୍‌ସିପାସ୍‌ଙ୍କୁ ୭-୫, ୬-୩, ୨-୬, ୬-୪ରେ ହରାଇ ଦେଇଛନ୍ତି। ଗଫ୍ ମହିଳା ସିଙ୍ଗଲ୍ସର ପରବର୍ତ୍ତୀ ରାଉଣ୍ଡରେ ବ୍ରିଟେନର ଯୋଡ଼ି ବୁରେଜଙ୍କୁ ଭେଟିବେ। ପ୍ରଥମ ରାଉଣ୍ଡରେ ବିଜୟ ଲାଭ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ଡଏନା ସ୍ନେଡର, ଏଲିନା ସ୍ୱିତୋଲିନା ଓ ବେଲିଣ୍ଡା ବେନିକ୍। ସେମାନେ ପ୍ରଥମ ରାଉଣ୍ଡରେ ଯଥାକ୍ରମେ ଜେଲେନା ଓଷ୍ଟାପେଙ୍କୋ ଓ ଲୁସିଆ ବ୍ରୋଞ୍ଜେଟିଙ୍କୁ ଭେଟିବେ।



ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସରେ ସୋମବାର ରିଟର୍ନ ଶଟ୍ ଖେଳୁଛନ୍ତି ସର୍ବିୟାର ନୋଭାକ ଜୋକୋଭିଚ୍।

# ଟାଇଗର୍ସଙ୍କୁ ହରାଇଲା ସୁର୍‌ମା



ବେଙ୍ଗଲ ଟାଇଗର୍ସ ଓ ସୁର୍‌ମା ହକି କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଭୁବନେଶ୍ୱର, ୧୩।୧ (ତପନ ସ୍ୱାଇଁ)

ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ର ସୋମବାର ଅନୁଷ୍ଠିତ ମ୍ୟାଚରେ ଜେଏସ୍‌ଡବ୍ଲ୍ୟୁ ସୁର୍‌ମା ହକି କ୍ଲବ ୪-୧ ଗୋଲରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସଙ୍କୁ ପରାସ୍ତ କରିଛି। ଏଥିସହ ପୂରା ୩ ପଏଣ୍ଟ ପାଇ ଅଭିଯାନ ଆରମ୍ଭ କରିଛି ସୁର୍‌ମା। ରବିବାର ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଓଡ଼ିଶା ୱାରିୟର୍ସ ୪-୦ ଗୋଲରେ ଦିଲ୍ଲୀ ଏସ୍‌ଜିପାଇପର୍ସଙ୍କୁପରାସ୍ତ କରିଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ବେଙ୍ଗଲ ଟାଇଗର୍ସ ୭ମ ମିନିଟ୍‌ରେ ହାନା କୋଟେରଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମାର୍ଦ୍ଧ ଶେଷ ବେଳକୁ ଦଳ ୧-୦ ଗୋଲରେ ଆଗୁଆ ରହିଥିଲା। ମାତ୍ର ପୂରା ମ୍ୟାଚରେ ଦଳ ଏହି ପ୍ରଦର୍ଶନକୁ ବଜାୟ ରଖିପାରି ନ ଥିଲା। ଶେଷ ଦୁଇ କ୍ୱାର୍ଟରରେ ଲଢୁଆ ପ୍ରଦର୍ଶନ କରି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ସୁର୍‌ମା ହକିକ୍ଲବ। ୩୮ତମ ମିନିଟରେ ଓଲିଭିଆ ଶାନନ ଗୋଲଟିକୁ ପରିଶୋଧ କରିବାପରେ ମ୍ୟାଚରେ ଉଷ୍ମତା ଆସି ଯାଇଥିଲା। ଚାର୍ଲୋଟେ ଇଙ୍ଗ୍ଲେବର୍ଟ ୪୨ ଓ ଅଧିନାୟିକା ସାଲିମା ଟେଟେ ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ତୃତୀୟ କ୍ୱାର୍ଟର ଶେଷ ବେଳକୁ ସୁର୍‌ମାକୁ ୩-୧ରେ ଅଗ୍ରଣୀ କରାଇଥିଲେ। ଅନ୍ତିମ କ୍ୱାର୍ଟରରେ ମଧ୍ୟ ଏହି ଦଳର ଦବ୍‌ଦବା ରହିଥିଲା। ୪୭ତମ ମିନିଟରେ ବେଙ୍ଗଲ ଟାଇଗର୍ସ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ସୁର୍‌ମାକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ସୋନମ୍ ଏହାକୁ ଗୋଲରେ ପରିଣତ କରି ସୁର୍‌ମାର ବିଜୟ ବ୍ୟବଧାନକୁ ୪-୧ରେ ପହଞ୍ଚାଇ ଦେଇଥିଲେ। ରବିବାର ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଓଡ଼ିଶା ୱାରିୟର୍ସ ୟିବି ଜାନସେନଙ୍କ ଡବଲ ଗୋଲ ବଳରେ ୪-୦ରେ ଦିଲ୍ଲୀ ଏସ୍‌ଜି ପାଇପର୍ସଙ୍କୁ ପରାସ୍ତ କରିଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ୧୬ଶ ମିନିଟରେ ପେନାଲ୍ଟି କର୍ନରରୁ ପ୍ରଥମ ଗୋଲ କରିଥିଲେ ଜାନସେନ। ପ୍ରଥମାର୍ଦ୍ଧ ଶେଷ ବେଳକୁ ୱାରିୟର୍ସ ୧-୦ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ଆକ୍ରମଣକୁ ଜୋରଦାର କରି ୱାରିୟର୍ସ ଖେଳାଳିମାନେ ୩ଟି ଗୋଲଦେଇ ମ୍ୟାଚକୁ ଏକପାଖିଆ କରି ଦେଇଥିଲେ। ୩୭ତମ ମିନିଟରେ ଜାନସେନ ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିବାବେଳେ ୪୨ତମ ମିନିଟରେ ବଲଜିତ କୌର ଓ ୪୩ତମ ମିନିଟରେ ଫ୍ରିକ୍ ମୋଏସ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ସ୍କୋର କରିଥିଲେ।

# ଫାଇନାଲରେ କିସ୍ ସ୍କୁଲ

ଭୁବନେଶ୍ୱର, ୧୩।୧ (ତପନ ସ୍ୱାଇଁ)

ଭେଟେରାନ୍ସ କ୍ରିକେଟ ଆସୋସିଏଶନ (ଭିସିଏ) ଆନୁକୂଲ୍ୟରେ ହାଇ-ଟେକ୍ ମେଡିକାଲ ଗ୍ରାଉଣ୍ଡରେ ଚାଲିଥିବା ୨୧ତମ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ୨ଟି ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ଓ କିସ୍ ସ୍କୁଲ ବିଜୟ ହାସଲ କରିଛି। ପ୍ରଥମ ସେମିଫାଇନାଲରେ ସେଣ୍ଟ ଜାଭିୟର୍ସ ଖଣ୍ଡଗିରିକୁ ୫୫ ରନରେ ହରାଇ କିସ୍ ସ୍କୁଲ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କିସ୍ ୨୧ ଓଭରରେ ୭ ଉଇକେଟ ହରାଇ ୧୩୫ ରନ କରିଥିଲା। ଦଳ ପକ୍ଷରୁ ଅନୁରାଗ ବାରିକ ସର୍ବାଧିକ ୪୦ ରନ କରିଥିଲେ। ୧୩୬ ରନ ବିଜୟ ଲକ୍ଷ୍ୟରେ ସେଣ୍ଟ ଜାଭିୟର ୧୯ ଓଭରରେ ୮୦ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଅର୍ଜୁନ ମୁର୍ମୁ ୪ଟି, ଆଦିତ୍ୟ ଧାରୁଆ ୨ଟି ଓ ଅନୁରାଗ ବାରିକ ଗୋଟିଏ ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ଅନୁରାଗ ବାରିକ ଅତିଥି ବିଶ୍ୱରଞ୍ଜନ ନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟଏକ ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ୬ ଉଇକେଟରେ ଷ୍ଟିୱାର୍ଟ ସ୍କୁଲକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଷ୍ଟିୱାର୍ଟ ୨୧ ଓଭରରେ ୫ ଉଇକେଟ ହରାଇ ୧୧୨ ରନ କରିଥିଲା। ନିଲେଶ ଦାଶ ସର୍ବାଧିକ ୩୦ ରନକରି ଅପରାଜିତ ରହିଥିଲେ। ବିପକ୍ଷ ଦଳର ସିତିସ ଶାହା ଓ ମହମ୍ମଦ ଅଫତାଫ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସାଇ ଇଣ୍ଟରନ୍ୟାଶନାଲ ୧୯.୪ ଓଭରରେ ୪ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରି ନେଇଥିଲା। ଅରଭ ଦାସ ସର୍ବାଧିକ ୩୪ ରନ କରିଥିବାବେଳେ ସ୍ୱସ୍ତିକ ନାଥ ୨୭ ଓ ମନ୍ଥନ ମହାପାତ୍ର ୨୫ ରନକରି ଅପରାଜିତ ରହିଥିଲେ। ଅତିଥି ବୀରେନ କୁମାର ଦାସଙ୍କଠାରୁ ସ୍ୱସ୍ତିକ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ।

# ତାମିଲନାଡୁ ଡ୍ରାଗନ୍ସର ପଞ୍ଚମ ବିଜୟ

**ଭୁବନେଶ୍ୱର, ୧୩।୧ (ତପନ ସ୍ୱାଇଁ):** ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ସୋମବାର ତାମିଲନାଡୁ ଡ୍ରାଗନ୍ସ ୩-୨ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସଙ୍କୁ ପରାସ୍ତ କରିଛି। ଅମିତ ରୋହିଦାସଙ୍କ ନେତୃତ୍ୱାଧୀନ ତାମିଲନାଡୁ ଡ୍ରାଗନ୍ସ ୬ ମ୍ୟାଚରୁ ୫ମ ବିଜୟ ସହ ୧୫ ପଏଣ୍ଟରେ ପହଞ୍ଚି ଟେବୁଲରେ ନିଜର ଶୀର୍ଷସ୍ଥାନକୁ ସୁଦୃଢ଼ କରିଛି। ଏହି ମ୍ୟାଚରେ ଦିଲ୍ଲୀ ପକ୍ଷରୁ ଟୋମାସ ଡୋମେନେ ୨ୟ ମିନିଟରେ ପେନାଲ୍ଟି କର୍ନରରୁ ଏବଂ ୩୭ତମ ମିନିଟରେ ପେନାଲ୍ଟି ଷ୍ଟ୍ରୋକ୍ ମାଧ୍ୟମରେ ଗୋଲ ୨ଟି ଦେଇଥିଲେ। ଅନ୍ୟପକ୍ଷରେ ଡ୍ରାଗନ୍ସ ଦଳର ଜିପ୍ ଜାନସେନ ୬ଷ୍ଠ ମିନିଟରେ ପେନାଲ୍ଟି କର୍ନରରୁ ଓ ନାଥନ ଇଫ୍ରାଉମ୍ସ ୧୯ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇଥିବାବେଳେ ୨୧ତମ ମିନିଟରେ ବ୍ଲେକ ଗୋଭର୍ସ ଏକ ଫିଲ୍ଡ ଗୋଲ ସ୍କୋର କରିଥିଲେ। ୫୬ତମ ମିନିଟରେ ଡ୍ରାଗନ୍ସ ଦଳର ମାଜି ଗନେଶ ୟେଲୋ କାର୍ଡ ପାଇଥିଲେ।















ଧରିତ୍ରୀ DHARITRI 51 Years

www.orissakhabar.com/ www.dharitri.com  ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୪/୨୦୨୫ Bhubaneswar, Tuesday, January 14/ 2025

# ଓଡ଼ିଶା ଏଫ୍‌ସି ପରାସ୍ତ

**ଭୁବନେଶ୍ୱର, ୧୩।୧ (ତପନ ସ୍ୱାଇଁ):** କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ ମ୍ୟାଚରେ ଓଡ଼ିଶା ଏଫ୍‌ସି ୨–୩ ଗୋଲରେ କେରଳ ବ୍ଲାଷ୍ଟର୍ସ ନିକଟରୁ ହାରି ଯାଇଛି। ଓଡ଼ିଶା ଏଫ୍‌ସି ପକ୍ଷରୁ ଜେରି ମାୱ୍ମିଙ୍ଗଥଙ୍ଗା ୪ର୍ଥ ମିନିଟରେ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଓଡ଼ିଶା ଭିତ୍ତିକ ଦଳ ଅଗ୍ରଣୀ ବଳବତ୍ତର ରଖିଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ କେରଳ ବ୍ଲାଷ୍ଟର୍ସ ସଫଳ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ ଜିତିଥିଲା। ବିଜୟୀ ଦଳ ପକ୍ଷରୁ କ୍ୱାମି ପେପ୍ରୋ ୬୦, ଜେସସ ଜିମେଞ୍ଜ ୭୩ ଓ ନୋଆ ସାଦାଉଇ ଷ୍ଟପେଜ ଟାଇମ୍ ୯୦+୫ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ଏଫ୍‌ସି ପକ୍ଷରୁ ଅନ୍ୟତମ ଗୋଲଟି ଡୋରି ୮୦ତମ ମିନିଟରେ ସ୍କୋର କରିଥିଲେ। ମାତ୍ର ଷ୍ଟପେଜ ଟାଇମ୍ ଗୋଲ କେରଳକୁ ବିଜୟ ସ୍ୱାଦ ଚଖାଇଥିଲା। ୮୩ତମ ମିନିଟରେ ଓଡ଼ିଶା ଏଫ୍‌ସିର କାର୍ଲୋସ ଡେଲଗାଡୋ ରେଡ୍ କାର୍ଡ ପାଇବା ଥିଲା ମ୍ୟାଚର ଅନ୍ୟତମ ଚର୍ଚ୍ଚିତ ଘଟଣା। ୧୬ ମ୍ୟାଚରୁ ୨୦ ପଏଣ୍ଟ ପାଇ ବ୍ଲାଷ୍ଟର୍ସ ଟେବୁଲର ୮ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ସମାନ ସଂଖ୍ୟକ ମ୍ୟାଚରୁ ୨୧ ପଏଣ୍ଟରେ ରହି ୭ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଏହାକୁ ମିଶାଇ ଦୁଇ ଦଳ ପରସ୍ପରକୁ ୨୪ଟି ମ୍ୟାଚରେ ଭେଟିଥିବାବେଳେ କେରଳ ୧୦ଟି ଓ ଓଡ଼ିଶା ଏଫ୍‌ସି ୭ଟିରେ ବିଜୟୀ ହୋଇଛି।

# ସହସ୍ର ଭି., ସଙ୍ଗଲେ, ରକ୍ଷିତାଙ୍କୁ ସ୍ୱର୍ଣ୍ଣ

## ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ

ବ୍ରହ୍ମପୁର, ୧୩।୧

(ସ୍ୱାଧୀନ ଶେଖର ପାଢ଼ୀ)

ମହାତ୍ମାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାର ସୋମବାର ଥିଲା ପଞ୍ଚମ ଦିବସ। ଏହି ଦିବସରେ ମୋଟ ୩ଟି ଇଭେଣ୍ଟରେ ଖେଳ ହୋଇଥିଲା। ୮୧ କେଜି ବରିଷ୍ଠ ବର୍ଗରେ ତେଲେଙ୍ଗାନାର ସହସ୍ର ଭି. ସ୍ନାଚରେ ୬୭ ଓ କ୍ଲିନ ଆଣ୍ଡ ଜର୍କରେ ୮୩ ଏଭଳି ମୋଟ ୧୫୦ କେଜି ଉଠାଇ ପ୍ରଥମ ହେବା ସହ ସ୍ୱର୍ଣ୍ଣପଦକ ପାଇଛନ୍ତି। ସେହିପରି ଦିଲ୍ଲୀର କରିନା ସ୍ନାଚରେ ୫୪ ଓ କ୍ଲିନ ଆଣ୍ଡ୍ ଜର୍କରେ ୭୦ କେଜି ଏଭଳି ମୋଟ ୧୨୪ କେଜି ଉଠାଇ ଦ୍ୱିତୀୟ, ହିମାଚଳ ପ୍ରଦେଶର ମାନବୀ ମିଶ୍ର ସ୍ନାଚରେ ୪୨ ଓ କ୍ଲିନ ଆଣ୍ଡ ଜର୍କରେ ୫୧ ଏଭଳି ମୋଟ ୯୧ କେଜି ଉଠାଇ ତୃତୀୟ ହୋଇଛନ୍ତି। ସେହିପରି ୮୧ କେଜି ଯୁବ ବର୍ଗରେ ମହାରାଷ୍ଟ୍ରର ଅନାଦି ବିନୋଦ ସଙ୍ଗଲେ ସ୍ନାଚରେ ୮୨ ଓ କ୍ଲିନ ଆଣ୍ଡ ଜର୍କରେ ୯୦ ଏଭଳି ମୋଟ ୧୭୨ କେଜି ଉଠାଇ ପ୍ରଥମ, ତେଲେଙ୍ଗାନାର ସହସ୍ର ଭି. ସ୍ନାଚରେ ୬୭ ଓ କ୍ଲିନ ଆଣ୍ଡ୍ ଜର୍କରେ ୮୩ ଏଭଳି ମୋଟ ୧୫୦ କେଜି ଉଠାଇ ଦ୍ୱିତୀୟ, ଆସାମର ଭାୟୋଲିନା ଭଗୱତି ସ୍ନାଚରେ ୫୫ ଓ କ୍ଲିନ ଆଣ୍ଡ ଜର୍କରେ ୭୫ ଏଭଳି ମୋଟ ୧୩୦ କେଜି ଉଠାଇ ତୃତୀୟ ହୋଇଛନ୍ତି। ୮୧ କେଜି କନିଷ୍ଠ ବର୍ଗରେ କର୍ଣ୍ଣାଟକର ରକ୍ଷିତା ସ୍ନାଚରେ ୬୧ ଓ କ୍ଲିନ ଆଣ୍ଡ ଜର୍କରେ ୮୦ ଏଭଳି ୧୪୪ କେଜି ଉଠାଇ ପ୍ରଥମ ହୋଇଥିବାବେଳେ ଛତିଶଗଡ଼ର ଭୂମି ସିଂ ସ୍ନାଚରେ ୪୫ ଓ କ୍ଲିନ ଆଣ୍ଡ ଜର୍କରେ ୫୮ କେଜି ଏଭଳି ମୋଟ ୧୦୩ କେଜି ଉଠାଇ ଦ୍ୱିତୀୟ ହୋଇଥିବା ଓଡ଼ିଶା ଭାରୋତ୍ତୋଳନ ଆସୋସିଏଶନର ସଭାପତି ଇଂ. ଚିତ୍ତରଞ୍ଜନ ସ୍ୱାଇଁ କହିଛନ୍ତି।

Hero

ବୁଝାମଣା ନାହିଁ
କେବଳ ନୂଆ HF-Deluxe



HF Deluxe ସେଲ୍ଫ
₹67,400* ରୁ ଆରମ୍ଭ

ଜବରଦସ୍ତ ମାଇଲେଜ୍ XSENS FI | ଅଦ୍ଭୁତ ମଜଭୁତ କର୍ବ ୱେଟ୍ 112 କିଲୋ | ଜବରଦସ୍ତ ପାୱାର 5.9 kW | USB ଚାର୍ଜର# | କମ ମେଣ୍ଟେନାନ୍ସ ଖର୍ଚ୍ଚ | କମ ଡାଉନ ପେମେଣ୍ଟ ₹7999^

India's First 5 Year Warranty* *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Finance offer is at the sole discretion of the Financier, subject to its respective T&Cs. Available at select dealerships. #USB charger is available as an accessory. *Ex showroom price of HF Deluxe Self in Bhubaneswar, Odisha.

ଟୋଲ ଫ୍ରି 1800 266 0018

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, **Cuttack:** JMG Hero - 9289922178, Sunny Hero - 9289922697, Essen Hero - 9289923078, **Angul:** Parbati Hero - 9289922902, **Balasore:** Neelam Hero - 9289922519, **Baripada:** Aditya Hero - 7799766370, **Bhadrak:** Sanjib Hero - 9289922608, **Chandikhol:** S. K. Hero - 9289922900, **Jajpur Road:** Soumik Hero - 9289922611, **Jaleswar:** Sai Hero - 9289922844, **Jatni:** Vishal Hero - 9289922984, **Keonjhar:** Supreme Hero - 9289922182, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Behrampur:** Lakshmi Motors, Dharma Nagar - 9289922184, Lakshmi Automotives, Gajapati Nagar - 9289923187, **Jeypore:** Supreme Hero - 9289922183, **Phulbani:** Narayani Hero - 9289922991, **Raygada:** Ajit Hero - 9289922819, **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Rourkela:** Dua Hero - 9289922179, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Sundergarh:** Robotech Hero - 9289923063, **Dhenkanal:** Som Hero - 9289922614, **Talcher:** Tarini Hero- 9289922736, **Jagatsinghpur:** Sunny Autobikes - 8455004731, **Authorized Hero Sure Dealers: Bhubaneshwar:** Arundhati Motobikes - 7682841658, **Rourkela:** Dua Motors - 6372753989, **Jeypore:** Supreme Sales - 8144822656, **Associate Dealers: Rahama:** Sarala Automobiles - 9937018532, **Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Khamakhyanagar:** Reliance Automobiles - 9938435743, **Chendipada:** Tara Motors - 8018339414, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Laxmipur:** Tarini Motors - 7205862853, **Rajgangpur:** Kedia & Kedia - 9437152881, **Brajrajnagar:** Bina Motors - 9861078290, **Belpahar:** Varsha Motors - 9437058417, **Deogarh:** Jindal Motors - 9437056659, **Bamra:** Choudhury Motors - 9938274720, **Baliapal:** Baba Motors - 8093603116, **Soro:** Twinkle Motors - 9861594852, **Kendrapara:** Baishnabi Motors - 9437089454/9853471301, **Barbil:** Wheels Motors - 9776931870, **Pattamundai:** Mishra Auto - 9853843713, **Basta:** Shivam Motors - 7735958754, **Rairangpur:** Maa Sakambari Motors - 7008581719, **Khuakia:** Binayak Automobiles - 9090444379, **Jajpur Town:** Ayush Automobiles - 9556189870, **Mayurbhanj:** Jk Motors - 9040909925, **Semiliguda:** K P Enterprises - 9437233464, **Parlakhemundi:** Preetam Enterprises - 9438685535, **Nabarangpur:** Arun Sales & Service - 9437174795, **Bhanjanagar:** Rebati Motors - 9438279794/9937015509, **Narsinghpur:** Ambika Motocorp - 9861811411, **Gunpur:** M/s Sai Sharan Automobiles - 9437234012, **Malkangiri:** Kanishka Automobiles - 9437181980, **Kotpad:** Shai Automobiles - 7205593156, **Umerkote:** Bharat Sales - 9937455659/9777765563, **Junagarh:** Shree Bimala, Motors - 9668287479, **Rajakhariar:** Jagdamba Auto Combines - 9937002262, **Boudh:** Bansal Auto - 9437062948, **Nuapada:** Maruti Auto - 9178014999, **Padampur:** Debesh Motors - 9437253970, **Barpalli:** Durga Motors - 9861265979, **Titlagarh:** Sneha Motors - 9853925879, **Mayurbhanj:** Mahaveer Motors - 7326872255/9853290346, **Baliguda:** Sai Automobiles - 9827843657, **Patrapur:** Ronak Motors - 9030985084, **Balipatna:** M/S Jagannath Motors - 7064309702, **Kalimela:** Laxminiyati Motors - 9861002055, **Chandpur:** Apsara -9861418161, **Subdega:** JDJ Automobiles - 8018714096, **Bissam cuttack:** Patnaik Motors - 7008615208, **Basudevpur:** Bidyalalita Automobile - 9827487072, **Telkoi:** Panchamukhi Motors - 9717004926, **Tikabali:** M/S Maa Rudrakali Automobiles - 7846961367, **Kamrda:** Siddhivinayak Motors - 7208675074, **Jagdalpur:** Kiran Sales - 9827654949, **Kesinga:** Annapurna Automobile - 7978787287, **M.Rampur:** Aruna Automobiles - 8114331356.

VML.5794.2025 ORI

DSPL-320

national health authority | PM-JAY



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆୟୁଷ୍ମାନ ଭାରତ
ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା
ଓ
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର
ସମନ୍ୱିତ କାର୍ଯ୍ୟାନ୍ୱୟନ ନିମନ୍ତେ ୧୩ ଜାନୁଆରୀ ୨୦୨୫, ନୂଆଦିଲ୍ଲୀ ଠାରେ
ବୁଝାମଣା ପତ୍ର ସ୍ୱାକ୍ଷରିତ

ଗରିମାମୟ ଉପସ୍ଥିତି

ଶ୍ରୀ ଜେ. ପି. ନଡ୍ଡା
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଶ୍ରୀ ଜୁଏଲ୍ ଓରାମ
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

ଶ୍ରୀ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଡ଼. ମୁକେଶ ମହାଲିଙ୍ଗ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/13/0024/2425

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ